ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 16/2023 Page 20 ₹ 7.00 | SAMBALPUR

୪୯ଶ ଭାଗ ୨୯୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 292 ମୂଲ୍ୟ₹୭/-



**ରୀତୁଙ୍କ ୪ ଗୋଲ୍ ସଫଳତା**
ଜାତୀୟ ସବ୍‌ଜୁନିୟର ବାଳିକା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚଣ୍ଡିଗଡ଼ ବିପକ୍ଷ ମ୍ୟାଚରେ ଓଡ଼ିଶାର ରୀତୁ ବଡେକ୍ ୪ଟି ଗୋଲ୍ ସ୍କୋର କରିଛନ୍ତି।

୦୮

୦୪

**କୌଣସି ପୁରସ୍କାର ଉତ୍ସବରେ ଯୋଗ ଦିଅନ୍ତିନି ଅମୀର**
ଆମୀର ଖାନ୍ କୌଣସି ପୁରସ୍କାର ଉତ୍ସବରେ ଭାଗ ନିଅନ୍ତି ନାହିଁ। 'ଯୋ ଜିତା ୱୁହି ସିକନ୍ଦର' ବେଳେ ପାଇଥିବା ଝଟ୍‌କା ପରେ ସେ ଏହିଭଳି ଶପଥ ନେଇଥିଲେ।



# ସାରା ରାଜ୍ୟରେ ଗଡ଼ିବ 'ଲକ୍ଷ୍ମୀ' ବସ୍

## ରାଜଧାନୀ ସହ ଯୋଡ଼ିହେବ ପଞ୍ଚାୟତ

**ଭୁବନେଶ୍ୱର,୧୫।୯(ଅନିଲ ଦାସ)**

ଆଉ କିଛି ମାସ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗ୍ରାମାଞ୍ଚଳ ଉପରେ ଅଧିକ ଫୋକସ୍ କରିଛନ୍ତି। ଗ୍ରାମାଞ୍ଚଳ ପରିବହନ, ମହିଳା ସଶକ୍ତୀକରଣ, କୃଷି, ଜଳସେଚନ, ପାନୀୟ ଜଳ ଓ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇଛନ୍ତି। ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହ ରାଜ୍ୟରେ ନିରାପଦ ଯାତ୍ରୀ ପରିବହନ ସେବା ଯୋଗାଇ ଦେବା ସକାଶେ ସରକାର 'ଲୋକେଶନ ଆକ୍ସେସିବିଲିଟି ମଲ୍ଟିମୋଡାଲ୍ ଇନିସିଏଟିଭ୍ (ଲକ୍ଷ୍ମୀ) ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଯୋଜନାକୁ ଅନୁମୋଦନ କରାଯାଇଛି।

ଲକ୍ଷ୍ମୀ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କୁ ଗ୍ରାମ ପଞ୍ଚାୟତସ୍ତରରୁ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ପରିବହନ ସେବା ପ୍ରଦାନ କରିବ। ଏହି ଯୋଜନାରେ ସମସ୍ତ ଗ୍ରାମପଞ୍ଚାୟତ, ବ୍ଲକ୍ ମୁଖ୍ୟାଳୟ, ଜିଲା ମୁଖ୍ୟାଳୟ, ରାଜ୍ୟର ପ୍ରମୁଖ ସହର ଏବଂ ଅର୍ଥନୈତିକ ପେଣ୍ଠସ୍ଥଳକୁ ବସ୍ ଯୋଗେ ସଂଯୋଗ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ସାରା ରାଜ୍ୟରେ ଲକ୍ଷ୍ମୀ ବସ୍ ପର୍ଯ୍ୟାୟ କ୍ରମେ ଚଳାଚଳ କରିବ। ଏହି ଯୋଜନାରେ ରାଜ୍ୟ ସରକାର ୧ ହଜାରରୁ ଅଧିକ ବସ୍ ଚଳାଇବାକୁ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ଏହା ଚାଲୁରହିବ। ଏହି ଯୋଜନା ସଫଳ ହେଲେ ଏହାକୁ ଆଉ ୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବସ୍ ଚଳାଚଳ ଆରମ୍ଭ ହେବାର ପ୍ରଥମ ୩ ବର୍ଷରେ ଅର୍ଥାତ୍ ୨୦୨୩-୨୪ରୁ ୨୦୨୫-୨୬ ପର୍ଯ୍ୟନ୍ତ ପ୍ରାୟ ୩,୧୭୮ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଯୋଜନାରେ ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦିଆଯିବ। ମିଶନ ଶକ୍ତି ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଏଥିରେ ସାମିଲ କରାଯିବ। ସେମାନଙ୍କୁ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯିବ। ଏଥିସହିତ କର୍ମକ୍ଷେତ୍ର ଏବଂ ବ୍ଲକଗୁଡ଼ିକରେ ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯିବ। ଏହାଛଡ଼ା ଗ୍ରାମାଞ୍ଚଳର କୃଷିଜାତ ଦ୍ରବ୍ୟକୁ ଉତ୍ପାଦନସ୍ଥଳରୁ ଉପଯୁକ୍ତ ସ୍ଥାନକୁ ଉନ୍ନତ ପରିବହନ ଦ୍ୱାରା ପହଞ୍ଚାଇବା ଏହି ଯୋଜନାର ଅନ୍ୟ ଏକ ଲକ୍ଷ୍ୟ ରହିଛି। ଏହାଦ୍ୱାରା ବିଭିନ୍ନ କୃଷିଜାତ ଏବଂ ଶୀଘ୍ର ନଷ୍ଟ ହୋଇଯାଉଥିବା ସାମଗ୍ରୀକୁ ଉତ୍ପାଦନକାରୀଙ୍କଠାରୁ ନିକଟବର୍ତ୍ତୀ ବଜାରକୁ ନିର୍ଦ୍ଧାରିତ ସମୟରେ ପହଞ୍ଚାଯାଇପାରିବ। ଏହି ଯୋଜନା ଅଧୀନରେ ମଣ୍ଡି ଏବଂ ବାଣିଜ୍ୟିକ କେନ୍ଦ୍ର ବିକାଶ କରାଯିବା ସହିତ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସାମାଜିକ, ଆର୍ଥିକ ଏବଂ ସାମଗ୍ରିକ ଜୀବିକାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପରିବହନ ଏକ ପ୍ରମୁଖ ମାଧ୍ୟମ। ସଡ଼କ ଭିତ୍ତିଭୂମି ସୁଦୃଢ଼ କରାଯାଇଥିଲେ ମଧ୍ୟ ସେହି ଅନୁପାତରେ ସାର୍ବଜନୀନ ପରିବହନ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳକୁ ଉତ୍ତମ ପରିବହନ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

ଲକ୍ଷ୍ମୀ ଯୋଜନା ଅଧୀନରେ ଜିଲା ମୁଖ୍ୟାଳୟ ସହିତ ବ୍ଲକ ଓ ଗ୍ରାମପଞ୍ଚାୟତକୁ ସଂଯୋଗ କରାଯିବ। 'ଜଗନ୍ନାଥ ଏକ୍ସପ୍ରେସ୍' ମାଧ୍ୟମରେ ଜିଲା ମୁଖ୍ୟାଳୟକୁ ଭୁବନେଶ୍ୱର କିମ୍ବା ଭୁବନେଶ୍ୱର ଭାୟା ପୁରୀକୁ ଯୋଗାଯୋଗ ସୁବିଧା ପ୍ରଦାନ କରାଯିବ। 'ଲକ୍ଷ୍ମୀ ଏକ୍ସପ୍ରେସ୍' ମାଧ୍ୟମରେ ଜିଲା ମୁଖ୍ୟାଳୟ କିମ୍ବା ପ୍ରମୁଖ ସହର (ଆନ୍ତଃଜିଲା ଏବଂ ଆନ୍ତଃକ୍ଲଷ୍ଟର) ମଧ୍ୟରେ ଯୋଗାଯୋଗର ସୁବିଧା ଯୋଗାଇ ଦିଆଯିବ । ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୦ଟି ବିଭାଗର ୧୯ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରାଯାଇଛି । ଏଥିରେ ସର୍ବାଧିକ ୬ଟି ଜଳସମ୍ପଦ ବିଭାଗର ହୋଇଥିବା ବେଳେ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୨ଟି ଲେଖାଏ ପ୍ରସ୍ତାବ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାଧାରଣ ପ୍ରଶାସନ, ବାଣିଜ୍ୟ ଓ ପରିବହନ ବିଭାଗର ଗୋଟିଏ ଲେଖାଏ ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

ରାଜ୍ୟରେ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ନୂଆ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ୨୦୨୩-୨୪ ଖରିଫ ବିପଣନ ବର୍ଷରେ ୭୯ଲକ୍ଷ ମେଟ୍ରିକ୍ ଟନ୍ ଧାନ(୫୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ) ସଂଗ୍ରହ କରାଯିବ। ଖରିଫ ବର୍ଷ ୨୦୨୨-୨୩ରେ☞ପୃଷ୍ଠା-୪

**କ୍ୟାବିନେଟ୍ ନିଷ୍ପତ୍ତି**

- **ଉଚ୍ଛେଦ ହେବ ୩୫ ଟୋଲ୍‌ଗେଟ୍**
- **ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪କୁ ମୋହର: ୭୯ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ ଲକ୍ଷ୍ୟ**
- **୧୯ ପ୍ରସ୍ତାବକୁ ମଞ୍ଜୁରୀ**

# ୫ମ କକ୍ଷପଥରେ ଆଦିତ୍ୟ-ଏଲ୍୧




**ବେଙ୍ଗାଲୁରୁ,୧୫।୯(ପି.ଟି.)**

ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ପାଇଁ ଭାରତର ପ୍ରଥମ ମିଶନ ଆଦିତ୍ୟ-ଏଲ୍୧ର ଚତୁର୍ଥ ପୃଥିବୀ କୈନ୍ଦ୍ରିକ କକ୍ଷପଥ ଉତ୍ଥାନ ଶୁକ୍ରବାର ଭୋର ସମୟରେ ସଫଳତାର ସହ ସମ୍ପନ୍ନ ହୋଇଛି। ଏବେ ଏହା ପଞ୍ଚମ କକ୍ଷପଥରେ ପ୍ରବେଶ କରିଛି। ନୂଆ କକ୍ଷପଥର ପୃଥିବୀଠାରୁ ସର୍ବନିମ୍ନ ଦୂରତା ୨୫୬ କିଲୋମିଟର ହୋଇଥିବାବେଳେ ସର୍ବାଧିକ ଦୂରତା ୧,୨୧,୯୭୩ କିଲୋମିଟର ରହିବ। ଏହି ମାନୋଭର ସମୟରେ ଇସ୍ରୋର ମରିସସ୍, ବେଙ୍ଗାଲୁରୁ ଓ ପୋର୍ଟବ୍ଲେୟାରରେ ଥିବା ଗ୍ରାଉଣ୍ଡ ଷ୍ଟେଶନରୁ ମହାକାଶ ଯାନ ଉପରେ ନଜର ରଖାଯାଇଥିଲା। ୧୯ ତାରିଖ ରାତି ୨ଟାରେ ପରବର୍ତ୍ତୀ ମାନୋଭରରେ ଏହା ସିଧା ଏଲ୍୧ ପଏଣ୍ଟ ଦିଗରେ ଗତି କରିବ। ଆଦିତ୍ୟ-ଏଲ୍୧ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରତା ଅତିକ୍ରମ କରିବା ପରେ ସୂର୍ଯ୍ୟ-ପୃଥିବୀର ଲାଗ୍ରାଙ୍ଗିଆନ୍ ପଏଣ୍ଟ (ଏଲ୍୧)ରେ ଅବସ୍ଥାପିତ ହୋଇ ସୂର୍ଯ୍ୟ ସମ୍ପର୍କରେ ଅଧ୍ୟୟନ କରିବ। ମହାକାଶ ଯାନର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ମାନୋଭର ସେପ୍ଟେମ୍ବର ୩, ୫ ଏବଂ ୧୦ ତାରିଖରେ ହୋଇଥିଲା।

**ଆଜିର ସମ୍ପାଦକୀୟ** ନିଷ୍ପତ୍ତିରେ ପ୍ରଶ୍ନବାଚୀ



## ସଂକ୍ଷେପରେ

### ୪୫ ହଜାର କୋଟିର ପ୍ରତିରକ୍ଷା ସରଞ୍ଜାମ କ୍ରୟକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୧୫।୯(ପି.ଟି.):** ଧ୍ରୁବାସ୍ତ୍ର ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର, ୧୨ଟି ଏସ୍‌-୩୦ ଏମ୍‌କେଆଇ ଯୁଦ୍ଧବିମାନ ସମେତ ବିଭିନ୍ନ ଅସ୍ତ୍ର ସିଷ୍ଟମ କ୍ରୟ ଲାଗି ୪୫ ହଜାର କୋଟି ଟଙ୍କାର ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ମଞ୍ଜୁରୀ ଦେଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ମୋଟ ୯ଟି କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହିସବୁ ସରଞ୍ଜାମ ଭାରତୀୟ ତଥା ସ୍ୱଦେଶୀ ଡିଜାଇନରେ ବିକଶିତ ଓ ଉତ୍ପାଦନକାରୀ କମ୍ପାନୀଠାରୁ କିଣାଯିବ। ଏହା ଭାରତୀୟ ପ୍ରତିରକ୍ଷା ଶିଳ୍ପର ବିକାଶରେ ସହାୟକ ହେବା ସହ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୁରକ୍ଷା, ଗତିଶୀଳତା, ଆକ୍ରମଣ ସାମର୍ଥ୍ୟ ବଢ଼ାଇବା ସହ ଯନ୍ତ୍ରୀକୃତ ବଳ ତିଷ୍ଠି ରହିବା ସାମର୍ଥ୍ୟ ବଢ଼ାଇବା ଲକ୍ଷ୍ୟରେ ଡିଏସି ହାଲୁକା ସଶସ୍ତ୍ର ବହୁବିଧ ଉଦ୍ଦେଶ୍ୟମୂଳକ ଯାନ (ଏଲ୍‌ଏଏମ୍‌ଭି) ଏବଂ ଇଣ୍ଟିଗ୍ରେଟେଡ୍‌ ସର୍ଭିଲାନ୍ସ ଆଣ୍ଡ୍‌ ଟାର୍ଗେଟିଂ ସିଷ୍ଟମ (ଇନ୍‌ସାଟ-ଏସ୍‌) କ୍ରୟକୁ ଅନୁମୋଦନ କରିଛି। କମାଣ ଏବଂ ରାଡାରକୁ ତୁରନ୍ତ ପରିବହନ କରି ନିୟୋଜିତ କରିବା ଲାଗି ହାଇମୋବିଲିଟି ଭେହିକଲ୍‌ ଗନ୍‌ ଟୋଇଙ୍ଗ ଭେହିକଲ୍‌ କିଣାଯିବ।

### ଜମି ବିବାଦରୁ ପରିବାରର ୩ ଜଣଙ୍କୁ ହତ୍ୟା

**ଲକ୍ଷ୍ନୌ,୧୫।୯:** ଉତ୍ତରପ୍ରଦେଶର କୌଶମ୍ବିରେ ଜମି ବିବାଦକୁ ନେଇ ପଡୋଶୀଙ୍କ ଗୁଳିରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ମୋହିଉଦ୍ଦିନପୁର ଗ୍ରାମର ହୋରିଲାଲ୍‌ (୬୨), ତାଙ୍କ ଝିଅ ବ୍ରଜକାଳୀ(୨୨) ଏବଂ ଝିଅର ସ୍ୱାମୀ ଶିବସାଗର(୨୬) ଘର ବାହାରେ ଶୋଇଥିବାବେଳେ ସେମାନଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏଥିସହିତ ଉକ୍ତ ପରିବାରର ଦୁଇଟି ଘର ମଧ୍ୟ ଜାଳି ଦିଆଯାଇଛି। ହୋରିଲାଲ୍‌ଙ୍କର ମୋହିଉଦ୍ଦିନପୁର ଗ୍ରାମର ପଣ୍ଡା କ୍ରସିଂ ନିକଟରେ ଏକ ଜମି ରହିଥିବାବେଳେ କେତେଜଣ ସମ୍ପର୍କୀୟ ଏହାକୁ ସେମାନଙ୍କର ବୋଲି ଦାବି କରୁଥିଲେ। ହୋରିଲାଲ୍‌ ଉକ୍ତ ବିବାଦୀୟ ଜମିରେ ଏକ ଘର କରି ଝିଅ-ଜ୍ୱାଇଁଙ୍କ ସହ ସେଠାରେ ରହୁଥିଲେ।

### ଅନନ୍ତନାଗରେ ଗୁଳି ବିନିମୟ ଜାରି

**ଆହତ ଯବାନଙ୍କ ମୃତ୍ୟୁ**

**ନୂଆଦିଲ୍ଲୀ,୧୫।୯(ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ବୁଧବାର ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ସେନା କଲୋନେଲ, ଜଣେ ମେଜର ଏବଂ ଜଣେ ପୋଲିସ ଅଫିସର ଶହୀଦ ହୋଇଥିଲେ। ଏହି ଗୁଳି ବିନିମୟ ବେଳେ ଆହତ ହୋଇଥିବା ଜଣେ ଯବାନ ଶୁକ୍ରବାର ଆଖି ବୁଜିଛନ୍ତି। ଏହାକୁ ମିଶାଇ ଶହୀଦ ଯବାନଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ବୁଧବାରଠାରୁ ଅନନ୍ତନାଗ ଜିଲାରେ ଏନ୍‌କାଉଣ୍ଟର ଜାରି ରହିଛି। ସୁରକ୍ଷା ବଳ ଜିଲାର କୋକେରନାଗ ଜଙ୍ଗଲ ଅଞ୍ଚଳକୁ ଚାରିପଟୁ ଘେରି ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ତଲାସି ଅଭିଯାନକୁ ଜୋର୍‌ଦାର କରିଛନ୍ତି। ଶୁକ୍ରବାର ସକାଳେ ଜଙ୍ଗଲ ଅଞ୍ଚଳରୁ ବିସ୍ଫୋରଣ ଏବଂ ଗୁଳି ବିନିମୟର ଶବ୍ଦ ଶୁଣିବାକୁ ମିଳିଥିଲା, ଯାହା ଅପରାହ୍ନ ପର୍ଯ୍ୟନ୍ତ ଜାରି ରହିଥିଲା। ଆତଙ୍କବାଦୀଙ୍କ ଗୁଳିରେ କଲୋନେଲ ମନପ୍ରୀତ୍‌ ସିଂ, ମେଜର ଆଶିଷ ଏବଂ ଡିଏସ୍‌ପି ହୁମାୟୁନ୍‌ ଭଟ୍ଟ ପ୍ରାଣ ହରାଇଥିବାବେଳେ ଚତୁର୍ଥ ଶହୀଦଙ୍କ ପରିଚୟ ଜଣାପଡ଼ି ନାହିଁ।

# ଜଳବାୟୁ ପରିବର୍ତ୍ତନରୁ ବିନାଶ

## ପରବର୍ତ୍ତୀ ପିଢ଼ି ପାଇଁ ସବୁଠୁ ବଡ଼ ଆହ୍ୱାନ



ଇଣ୍ଡୋନେସିଆର ଦକ୍ଷିଣ ସୁମାତ୍ରା ପ୍ରଦେଶସ୍ଥିତ ଉତ୍ତର ଇନ୍ଦ୍ରାଳୟ ଜଙ୍ଗଲ ଜଳୁଛି।

**କେଉଁଠି ଅନାବୃଷ୍ଟିଜନିତ ମରୁଡ଼ି ତ ପୁଣି କେଉଁ ଭୂଖଣ୍ଡ ଅତିବୃଷ୍ଟିର ବନ୍ୟାରେ ବୁଡ଼ିଗଲାଣି। ଅହେତୁକ ତାପମାତ୍ରା ବୃଦ୍ଧି, ଅମାନିଆ ଜଙ୍ଗଲ ନିଆଁ, ଅଦିନିଆ ଝଡ଼, ଅନିୟନ୍ତ୍ରିତ ନଈର ଉଚ୍ଛୁଳା ପାଣି, ଆକସ୍ମିକ ଭୂକମ୍ପ ଓ ଭୂସ୍ଖଳନ। ପାକିସ୍ତାନରୁ ଆମେରିକା, ଆଫ୍ରିକାରୁ ୟୁରୋପ ସବୁଠି ଦାଉ ସାଧୁଛି ଜଳବାୟୁ ପରିବର୍ତ୍ତନ। ଉତ୍ତର ପିଢ଼ି ସମ୍ମୁଖରେ ସବୁଠୁ ବଡ଼ ଆହ୍ୱାନ ରୂପେ ଛିଡ଼ା ହୋଇଥିବା ଏହି ବିପତ୍ତିକୁ ମଣିଷ ଡାକି ଆଣିଛି। ସୁଖ ସମୃଦ୍ଧି ଖୋଜୁଥିବା ମଣିଷ ହିଁ ଖୋଳୁଛି ନିଜ ମୃତ୍ୟୁର ଗାତ।**

**ନୂଆଦିଲ୍ଲୀ/ୱାଶିଂଟନ,୧୫।୯**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ମାତ୍ର ଦୁଇ ଚାରି ଦିନର ବ୍ୟବଧାନରେ ଉତ୍ତର ଆଫ୍ରିକାର ଦୁଇଟି ରାଷ୍ଟ୍ର ଅଭୂତପୂର୍ବ ବିପର୍ଯ୍ୟୟକୁ ସାମ୍ନା କରିଛି। ମରକ୍କୋର ବିନାଶକାରୀ ଭୂକମ୍ପରେ ୩୦୦୦ରୁ ଊର୍ଦ୍ଧ୍ୱଙ୍କ ମୃତ୍ୟୁ ଘଟିବା ପରେ ଲିବ୍ୟାରେ ଭୂମଧ୍ୟସାଗରୀୟ ଡାନିଏଲ୍‌ ଝଡ଼ ଓ ତଜ୍ଜନିତ ବନ୍ୟାବିପ୍ଳାବ ୨୦ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି। ଗ୍ରୀସ୍‌, ଇଟାଲୀ, ସ୍ପେନ୍‌, ପର୍ତ୍ତୁଗାଲ, ଟ୍ୟୁନିସିଆ ଓ କାନାଡାର ବନାଗ୍ନି ଏବେ ବି ନିର୍ବାପିତ ହୋଇନି। ଭାରତ, ପାକିସ୍ତାନ, ଚାଇନା, ଜାପାନ, ତୁର୍କୀ ଓ ଆମେରିକା ସବୁଠି କରାଳ ବନ୍ୟାରେ ଜଳମଗ୍ନ ବିସ୍ତୃତ ଅଞ୍ଚଳ। ଏସବୁ ବିପତ୍ତି କେବଳ ମଣିଷ ଓ ଜୀବଜନ୍ତୁଙ୍କୁ ମୃତ୍ୟୁ ମୁଖକୁ ଠେଲିଦେଉନାହିଁ, ସମାଜ ପାଇଁ ପରିବେଶଗତ ଓ ଆର୍ଥିକ ଯନ୍ତ୍ରଣା ବୃଦ୍ଧିର କାରଣ ସାଜିଛି। ଯେଉଁ ଦେଶ ଯେତେ ଉନ୍ନତ, ସେହି ଦେଶକୁ ଏପରି ବିପତ୍ତି ପାଇଁ ସେତେ ଅଧିକ ଦାୟୀ କରାଯାଉଛି। କାରଣ ସଭ୍ୟତାର ବିକାଶ, ସହରୀକରଣ ଓ ଶିଳ୍ପାୟନ ନାମରେ ନିଆଯାଉଥିବା ପ୍ରତିଟି ପଦକ୍ଷେପ ବିନାଶର ପଥକୁ ପ୍ରଶସ୍ତ କରିଚାଲିଛି। ଖାଦ୍ୟ ଅସୁରକ୍ଷା, ଜଳବାୟୁ ବିସ୍ଥାପନ, ହିମବାହ ତରଳିବା ଓ ସମୁଦ୍ର ପତ୍ତନ ବୃଦ୍ଧି ଘୋର ମାନବୀୟ ସଙ୍କଟ ସୃଷ୍ଟି କରିଛି।

### ୨୦୨୩-ଅଗଷ୍ଟରେ ୧୭୪ ବର୍ଷର ରେକର୍ଡ ଭଙ୍ଗ

ପରିବେଶ ସମ୍ପର୍କିତ ତଥ୍ୟ ବିଜ୍ଞାନ ଓ ବିଶ୍ଳେଷଣକୁ ଫୋକସ୍‌ କରୁଥିବା ଆମେରିକାର ଅଣଲାଭକାରୀ ସଙ୍ଗଠନ ବର୍କେଲେ ଅର୍ଥର ଡେଟା ଅନୁସାରେ ବାହାରିନ୍‌, ବ୍ରାଜିଲ, ଚାଇନା, ଇରାନ, ଇରାକ, ଜାପାନ, ମେକ୍ସିକୋ, ରୁଷିଆ, ଫିଲିପାଇନ୍ସ ଓ ଶ୍ରୀଲଙ୍କା ସମେତ ୬୫ ଦେଶ (ପୃଥିବୀ ପୃଷ୍ଠର ୧୩%)ରେ ଗତ ଅଗଷ୍ଟ ମାସରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଥିଲା। ୨୦୧୬ର ଅଗଷ୍ଟରେ ପୂର୍ବରୁ ସର୍ବାଧିକ ତାପମାତ୍ରାରେ ରେକର୍ଡ କରାଯାଇଥିବାବେଳେ ଏଥର ନାଟକୀୟ ଭାବେ ୦.୩୧ ଡିଗ୍ରୀ ସେଲ୍‌ସିୟସ୍‌ ବୃଦ୍ଧି ଦେଖାଯାଇଛି। ଗବେଷକଙ୍କ ମତରେ ଭାରତ, ଜାପାନ, ଉତ୍ତର ଆଟ୍‌ଲାଣ୍ଟିକ୍‌, ପୂର୍ବ ବିଷୁବ ପ୍ରଶାନ୍ତ କ୍ଷେତ୍ର, ଉତ୍ତର-ଦକ୍ଷିଣ ଆମେରିକା, କେନ୍ଦ୍ରୀୟ ଆମେରିକା, ଆଫ୍ରିକା ଓ ମଧ୍ୟପ୍ରାଚ୍ୟ ଭଳି ବିଶ୍ୱର ଅବଶିଷ୍ଟ ୮୭% ଭାଗରେ ୧୯୫୧-୧୯୮୦ ତୁଳନାରେ ହାରାହାରି ତାପମାତ୍ରାଠାରୁ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ୨୦୨୩ରେ ଅଗଷ୍ଟ ମାସ ୧୭୪ ବର୍ଷର ରେକର୍ଡ ଭାଙ୍ଗିଥିବା ଗୁରୁବାର ଆମେରିକାର ନ୍ୟାଶନାଲ ଓସେନିକ୍‌ ଆଣ୍ଡ୍‌ ଆଟ୍‌ମୋସ୍ଫିଅରିକ୍‌ ଆଡ୍‌ମିନିଷ୍ଟ୍ରେଶନ୍‌ (ଏନ୍‌ଓଏଏ) ପକ୍ଷରୁ କୁହାଯାଇଛି।

### ବଢ଼ୁଛି ଜଳବାୟୁ ବିସ୍ଥାପନ

ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ୨ ଡିଗ୍ରୀ ସେଲସିଅସ୍‌ ଭିତରେ ସୀମିତ ରଖିବା ପାଇଁ ୨୦୧୫ରେ ହୋଇଥିବା ପ୍ୟାରିସ୍‌ ଚୁକ୍ତିକୁ ପ୍ରାୟ କୌଣସି ଦେଶ ଠିକ୍‌ ଭାବେ ମାନୁ ନ ଥିବାରୁ ଜଳବାୟୁ ପରିବର୍ତ୍ତନର ଭୟାବହ ଦୁଷ୍ପରିଣାମ ମଣିଷକୁ ଭୋଗିବାକୁ ପଡୁଛି। ଲଗାଣ ବର୍ଷା ଓ ମରୁଡ଼ି ଭଳି ପାଣିପାଗର ଅତିଶୟ ଉଠାପକା ଅବସ୍ଥାରେ ପ୍ରତିବର୍ଷ ୨୦ କୋଟି ଲୋକ ଭିଟାମାଟି ଛାଡ଼ି ଅନ୍ୟ ରାଷ୍ଟ୍ରଗୁଡ଼ିକୁ ପଳାୟନ କରିବାକୁ ବାଧ ହେଉଛନ୍ତି। ଆଗକୁ ବିସ୍ଥାପିତ କ୍ଲାଇମେଟ୍‌ ରେଫ୍ୟୁଜିଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଜାତିସଂଘ ପକ୍ଷରୁ ସତର୍କ କରାଯାଇଛି। ମାଇଗ୍ରେଶନ୍‌ ଡେଟା ପୋର୍ଟାଲର ତଥ୍ୟାନୁସାରେ ୨୦୨୨ରେ ୮୮ ଦେଶର ପ୍ରାୟ ୮.୭ ନିୟୁତ ଲୋକ ବିପର୍ଯ୍ୟୟ ଯୋଗୁ ଆଭ୍ୟନ୍ତରୀଣ ବିସ୍ଥାପନର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ପାକିସ୍ତାନ, ଫିଲିପାଇନ୍ସ, ଚାଇନା, ଭାରତ ଓ ନାଇଜେରିଆ ବାସିନ୍ଦା।

### ପ୍ରତି ୨ ଦିନରେ ଜଣେ ପରିବେଶ କର୍ମୀଙ୍କୁ ହତ୍ୟା

ଗତବର୍ଷ ବିଶ୍ୱରେ ଅନ୍ୟୂନ ୧୭୭ ଜଣ ପରିବେଶ କର୍ମୀଙ୍କୁ ହତ୍ୟା କରାଯାଇଥିଲା। ଅର୍ଥାତ୍‌ ପ୍ରତି ୨ ଦିନରେ ଜଣେ କ୍ଲାଇମେଟ୍‌ ଆକ୍ଟିଭିଷ୍ଟ ହତ୍ୟାର ଶିକାର ହୋଇଥିଲେ। ଏହି କ୍ଷେତ୍ରରେ ସବା ଆଗରେ ଥିଲା କଲମ୍ବିଆ, ଯେଉଁଠି ଆମାଜନ୍‌ ଚିରହରିତ୍‌ ଅରଣ୍ୟକୁ ସୁରକ୍ଷା ଦେବାକୁ ଯାଇ ୬୦ ଜଣ ପ୍ରାଣ ହରାଇଥିଲେ। ୨୦୧୨ରୁ ୨୦୨୨ ମଧ୍ୟରେ ବିଶ୍ୱରେ ୧,୯୧୦ ପରିବେଶ ସୁରକ୍ଷାଦାତାଙ୍କୁ ହତ୍ୟା କରାଯାଇଥିବା 'ଗ୍ଲୋବାଲ୍‌ ୱିଟ୍‌ନେସ୍‌' ପକ୍ଷରୁ ସୂଚନା ଦିଆଯାଇଛି।

### ବର୍ଷକରେ ୧,୬୦୦ ଭାରତୀୟଙ୍କ ମୃତ୍ୟୁ

ୱାର୍ଲ୍ଡ ମେଟେରୋଲୋଜିକାଲ୍‌ ଅର୍ଗାନାଇଜେଶନ୍‌ର ବାର୍ଷିକ ରିପୋର୍ଟ କହୁଛି, ୨୦୨୨ରେ ଏକ୍ସଟ୍ରିମ୍‌ ୱେଦରଜନିତ ବିପତ୍ତିରେ ୧,୬୦୦ ଭାରତୀୟଙ୍କ ମୃତ୍ୟୁ ଘଟିଛି। ୭୦୦ ଜଣ ବନ୍ୟା ଓ ଭୂସ୍ଖଳନରେ ପ୍ରାଣ ହରାଇଥିବାବେଳେ ବଜ୍ରପାତରେ ୯୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୧୯୭୦ରୁ ୨୦୨୧ ମଧ୍ୟରେ ବିଶ୍ୱବ୍ୟାପୀ ୧୨,୦୦୦ ବିପର୍ଯ୍ୟୟ ଘଟିଥିଲା। ଏଥିରେ ୨ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪.୩ ଟ୍ରିଲିୟନ୍‌ ଆମେରିକୀୟ ଡଲାର ଆର୍ଥିକ କ୍ଷତି ହୋଇଥିଲା।

## ୫୪ ଦେଶର ୫୦୦ ସ୍ଥାନରେ ବିକ୍ଷୋଭ



**ବ୍ରସେଲ୍ସ,୧୫।୯:** ପୃଥିବୀକୁ ଉତ୍ତପ୍ତ କରୁଥିବା ଜୀବାଶ୍ମ ଇନ୍ଧନକୁ ପର୍ଯ୍ୟାୟକ୍ରମେ ହ୍ରାସ କରିବା ଦାବିରେ ୫୪ ଦେଶରେ ଜଳବାୟୁ ବିକ୍ଷୋଭକାରୀମାନେ ଶୁକ୍ରବାର ରାସ୍ତାକୁ ଓହ୍ଲାଇଛନ୍ତି। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସପ୍ତାହାନ୍ତ ବିକ୍ଷୋଭରେ ସେମାନେ ସାମିଲ ହୋଇଛନ୍ତି। ରବିବାର ନ୍ୟୁୟର୍କରେ ହେବାକୁ ଥିବା ଶୋଭାଯାତ୍ରାରେ ୧୫,୦୦୦ ବିକ୍ଷୋଭକାରୀ ଯୋଗଦେଇପାରନ୍ତି। ବିକ୍ଷୋଭକାରୀଙ୍କ ଉଦ୍ଦେଶ୍ୟ ହେଉଛି ସରକାରମାନଙ୍କ ଉପରେ ଚାପସୃଷ୍ଟି କରିବା। ବନ୍ୟା, ବନାଗ୍ନି ଓ ମରୁଡ଼ି ଆଦି ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ବଢ଼ିଚାଲିଥିବାବେଳେ ଅର୍ଥନୀତି ମଧ୍ୟ ଘୋର ପ୍ରଭାବିତ ହେଉଛି। ଏଥିପାଇଁ ସେମାନେ ପାକିସ୍ତାନଠୁ ନେଇ ନାଇଜେରିଆ ଏବଂ ଜାତିସଂଘ ପର୍ଯ୍ୟନ୍ତ ୫୦୦ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଲାଗି ଯୋଜନା କରିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍‌)ର ଆକଳନ ଅନୁସାରେ ଗତବର୍ଷ ସରକାରମାନେ ତୈଳ, ଗ୍ୟାସ୍‌ ଓ କୋଇଲା ସବ୍‌ସିଡି ବାବଦରେ ରେକର୍ଡ ପରିମାଣର ୭ ଟ୍ରିଲିୟନ୍‌ ଡଲାର ଖର୍ଚ୍ଚ କରିଛନ୍ତି। କିନ୍ତୁ ସୌରଶକ୍ତି ଭଳି ନବୀକରଣୀୟ ଉତ୍ସକୁ ବିଶେଷ ଗୁରୁତ୍ୱ ଦେଇନାହାନ୍ତି। ଜାତିସଂଘର ବିଶ୍ୱତାପନର ଭୟାବହ ପରିଣାମ ଉପରେ ସତର୍କ କରାଇଛି।

## ଗ୍ରେଟାଙ୍କ ନାଁରେ ଦ୍ୱିତୀୟ ମାମଲା



**ଷ୍ଟକ୍‌ହୋମ୍‌,୧୫।୯**

ସୁଇଡେନ୍‌ର କ୍ଲାଇମେଟ୍‌ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗଙ୍କ ବିରୋଧରେ ଶୁକ୍ରବାର ଟ୍ରାଫିକ୍‌ ଅବରୋଧ ଓ ପୋଲିସ ଶୃଙ୍ଖଳା ଅବମାନନା ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଦୁଇମାସ ମଧ୍ୟରେ ଏହା ହେଉଛି ତାଙ୍କ ନାଁରେ ଏହି ଧରଣର ଦ୍ୱିତୀୟ ମାମଲା। ୨୦ ବର୍ଷୀୟା ଗ୍ରେଟାଙ୍କୁ ଜୁଲାଇ ୨୪ରେ ୧,୫୦୦ କ୍ରାଉନ୍ସ (୧୩୪ ଡଲାର) ଜରିମାନା କରାଯାଇଥିଲା। ସୁଇଡେନ୍‌ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନକରି ଯୁବ ପରିବେଶବିତ୍‌ମାନଙ୍କ ପ୍ରତୀକ ପାଲଟିଥିବା ଫ୍ରାଇଡେଜ୍‌ ଫର୍‌ ଫ୍ୟୁଚର ପ୍ରତିଷ୍ଠାତା ଗ୍ରେଟା ସଦ୍ୟ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ସର୍ବାଧିକ ୬ ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ମିଳିପାରେ।

## ରିପୋର୍ଟରେ ଭୁଲ୍‌ ବିବୃତି ଅପରାଧ ନୁହେଁ: ସୁପ୍ରିମକୋର୍ଟ

**ଏଡିଟର୍ସ ଗିଲ୍ଡ ସଦସ୍ୟଙ୍କ ଗିରଫଦାରି ଆଉ ୨ ସପ୍ତାହ ଅଟକିଲା**

**ନୂଆଦିଲ୍ଲୀ,୧୫।୯**

ମଣିପୁର ହିଂସାବେଳେ ସରକାରଙ୍କ ବିରୋଧରେ ଖବର ଛାପିଥିବାରୁ ଏଡିଟର୍ସ ଗିଲ୍ଡ ଓ ଏହାର ୪ ଜଣ ସଦସ୍ୟଙ୍କ ବିରୋଧରେ ମାମଲା ଦାଏର ହୋଇଛି। ସୈନ୍ୟବାହିନୀର ନିବେଦନକ୍ରମେ ଖବର ଛାପିଥିବା ଏକ ସାମ୍ବାଦିକ ସଂଗଠନ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢ଼ାଇଲା କିପରି ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ପ୍ରଶ୍ନ କରିଛନ୍ତି। ମଣିପୁର ହିଂସା ସମ୍ପର୍କିତ ଅନୁସନ୍ଧାନମୂଳକ ଖବର ଛାପିଥିବା ଏଡିଟର୍ସ ଗିଲ୍ଡର ୪ ସଦସ୍ୟଙ୍କ ଗିରଫଦାରି ଉପରେ ଅନ୍ତରୀଣ ସୁରକ୍ଷାକୁ ସର୍ବୋଚ୍ଚ ଅଦାଲତ ଆଉ ୨ ସପ୍ତାହ ବଢ଼ାଇ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଛନ୍ତି, ଏକ ଲେଖାରେ ଭୁଲ୍‌ ବିବୃତି ରହିବା ୧୫୩ ଏ (ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢ଼ାଇବା)ରେ ଅପରାଧ ନୁହେଁ। ତାହା ଭୁଲ୍‌ ମନ୍ତବ୍ୟ ହୋଇପାରେ। ଦେଶର ସାମ୍ବାଦିକମାନେ ଅନେକ ସମୟରେ ଭୁଲ୍‌ ବିବୃତି ଛାପିଥାନ୍ତି। ସବୁ ଖବରଦାତାଙ୍କ ବିରୋଧରେ ମକଦ୍ଦମା କରିପାରିବ କି ବୋଲି ଅଦାଲତ ପ୍ରଶ୍ନ କରିଥିଲେ।



ମେକ୍ସିକୋର ଗୁଆଡାଲାଜାରାରେ ଅନ୍ତର୍ଜାତୀୟ ଚାରୋ ଦିବସ ପାଳନ ବେଳେ ପାରମ୍ପରିକ ବେଶଭୂଷାରେ ନୃତ୍ୟ କରୁଛନ୍ତି ମହିଳା।

## ଚାଇନା ପ୍ରତିରକ୍ଷା ମନ୍ତ୍ରୀ ଗୃହବନ୍ଦୀ ଥିବା ଚର୍ଚ୍ଚା

**ଟୋକିଓ,୧୫।୯**

ଚାଇନାର ପ୍ରତିରକ୍ଷା ମନ୍ତ୍ରୀ ଲି ଶାଙ୍ଗଫୁ ଗୃହବନ୍ଦୀ ରହିଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରତିରକ୍ଷା ମନ୍ତ୍ରୀ କେଉଁଠି ଅଛନ୍ତି ବୋଲି ଜାପାନରେ ଥିବା ଆମେରିକା ରାଷ୍ଟ୍ରଦୂତ ସୋସିଆଲ ମିଡିଆରେ ପ୍ରଶ୍ନ ଉଠାଇଥିଲେ। ୨ ସପ୍ତାହ ହେଲା ଲି'ଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳି ନ ଥିବାରୁ ଏଭଳି ଚର୍ଚ୍ଚା ଜୋର୍‌ ଧରିଛି। ଭିଏତ୍‌ନାମକୁ ସେ ଗସ୍ତରେ ଯାଇଥିବାର ଦେଖାଯାଉ ନାହିଁ। ସିଙ୍ଗାପୁରର ନୌସେନା ମୁଖ୍ୟଙ୍କ ସହ ଲି'ଙ୍କର ବୈଠକ ଧାର୍ଯ୍ୟ ହୋଇଥିଲେ ମଧ୍ୟ ସେ ଅନୁପସ୍ଥିତ ରହିଥିଲେ। ସୋସିଆଲ ମିଡିଆରେ ଉକ୍ତ ପୋଷ୍ଟ



ଲି ଶାଙ୍ଗଫୁ

ସହ ଏକ ହାସ୍‌ଟ୍ୟାଗ୍‌ ରହିଛି ଓ ୱିଲିୟମ ସେକ୍ସପିୟରଙ୍କ ହାମ୍‌ଲେଟ ନାଟକର ଏକ ସଂଳାପ 'ସମ୍‌ଥିଙ୍ଗ୍‌ ଇଜ୍‌ ରୋଟନ୍‌ ଇନ୍‌ ଦି ଷ୍ଟେଟ୍‌ ଅଫ୍‌ ଡେନ୍‌ମାର୍କ' ବୋଲି ଲେଖାଯାଇଛି। ଗତ ୮ ତାରିଖରେ ରହମ୍‌ ଏମାନୁଏଲ୍‌ ଚାଇନା ପ୍ରତିରକ୍ଷା ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ଆଗଥା କ୍ରିଷ୍ଟିଙ୍କ ଉପନ୍ୟାସ ସହ ତୁଳନା କରିଥିଲେ। ତେବେ ଉକ୍ତ ଚର୍ଚ୍ଚା ଉପରେ ଚାଇନା ବହିର୍ବ୍ୟାପାର ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ଲି ଶେଷ ଥର ପାଇଁ ଅଗଷ୍ଟ ୨୯ରେ ବେଜିଂରେ ଦେଖାଯାଇଥିଲେ। ଆଫ୍ରିକୀୟ ଦେଶଗୁଡ଼ିକର ସୁରକ୍ଷା ଫୋରମ୍‌କୁ ସେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ଚାଇନା ପ୍ରତିରକ୍ଷା ମନ୍ତ୍ରୀଙ୍କ ବିରୋଧରେ ତଦନ୍ତ ଚାଲିଥିବା ଆମେରିକା ସରକାର ବିଶ୍ୱାସ କରୁଛନ୍ତି। ତେବେ କି ପ୍ରକାର ତଦନ୍ତ ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଚାଇନା ପ୍ରତିରକ୍ଷା ମନ୍ତ୍ରୀଙ୍କ ରହସ୍ୟମୟ ଉଭାନକୁ ନେଇ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ପ୍ରତି ଅଙ୍ଗୁଳି ଉଠିଛି।

## ଚନ୍ଦ୍ରରେ ଜଳ ସୃଷ୍ଟି ସମ୍ଭବ

**ଚନ୍ଦ୍ରଯାନ-୧ର ତଥ୍ୟ ଅନୁଧ୍ୟାନିକଲେ ବୈଜ୍ଞାନିକ**

**ବେଙ୍ଗାଲୁରୁ,୧୫।୯**

ପୃଥିବୀର ଉଚ୍ଚ ଶକ୍ତିଯୁକ୍ତ ଇଲେକ୍ଟ୍ରୋନ୍‌ଗୁଡ଼ିକରୁ ଚନ୍ଦ୍ର ପୃଷ୍ଠରେ ଜଳ ପ୍ରସ୍ତୁତ କରାଯାଇପାରିବ। ବୈଜ୍ଞାନିକମାନଙ୍କର ଏକ ଟିମ୍‌ ଭାରତର ଚନ୍ଦ୍ରଯାନ-୧ ଲୁନାର ମିଶନ ପଠାଇଥିବା ରିମୋଟ୍‌ ସେନ୍‌ସିଂ ଡେଟା ଅନୁଧ୍ୟାନରୁ ଏହା ଜାଣିବାକୁ ପାଇଛନ୍ତି। ଉକ୍ତ ଆବିଷ୍କାର ନେଚର ଆଷ୍ଟ୍ରୋଲୋଜି ପତ୍ରିକାରେ ପ୍ରକାଶ ପାଇଛି।



ଆମେରିକାର ହାୱାଇ ୟୁନିଭର୍ସିଟିର ବୈଜ୍ଞାନିକମାନେ ଚନ୍ଦ୍ରଯାନ-୧ ପଠାଇଥିବା ତଥ୍ୟ ଉପରେ ଗବେଷଣା ଚଳାଇଥିଲେ। ପୃଥିବୀର ପ୍ଲାଜ୍‌ମା ଶିଟ୍‌ରେ ଥିବା ଇଲେକ୍ଟ୍ରୋନ୍‌ଗୁଡ଼ିକର ଚନ୍ଦ୍ରପୃଷ୍ଠରେ ଜଳବାୟୁ ପ୍ରକ୍ରିୟା ପ୍ରତି ଅବଦାନ ରହିବ। ଏବେ ପ୍ରୋଟୋନ୍‌ ଭଳି ଉଚ୍ଚଶକ୍ତି କଣିକାଯୁକ୍ତ ସୌରବାୟୁ ଚନ୍ଦ୍ରପୃଷ୍ଠରେ ମାଡ଼ ହେଉଛି। ଏହା ଚନ୍ଦ୍ରରେ ଜଳ ସୃଷ୍ଟିରେ ଅନ୍ୟତମ ପ୍ରାଥମିକ ଉପାୟ ହେବ ବୋଲି ବୈଜ୍ଞାନିକମାନେ ଚିନ୍ତା କରୁଛନ୍ତି। ପ୍ଲାନେଟାରି ସାଇଣ୍ଟିଷ୍ଟ ଶୁଇ ଲି'ଙ୍କ ନେତୃତ୍ୱରେ ବୈଜ୍ଞାନିକମାନଙ୍କ ଟିମ୍‌ ଏହି ଅନୁଧ୍ୟାନ ଚଳାଇଥିଲେ।

ଚନ୍ଦ୍ର ପୃଷ୍ଠରେ ସୂର୍ଯ୍ୟକିରଣ ପଡୁ ନ ଥିବା ଅଞ୍ଚଳରେ ଜଳ ବରଫ ଅବସ୍ଥାରେ ଗଚ୍ଛିତ ଥିବା ପୂର୍ବରୁ ଜଣାପଡ଼ିଥିଲା। ଏହି ବରଫ କେଉଁଠୁ ସୃଷ୍ଟି ହୋଇଛି, ତାହା ବୁଝିବାରେ ଏହି ଅଧ୍ୟୟନ ସହାୟକ ହେବ ବୋଲି କୁହାଯାଇଛି। ୨୦୦୮ରେ ଭାରତର ପ୍ରଥମ ଚନ୍ଦ୍ର ମିଶନ ଚନ୍ଦ୍ରଯାନ-୧ ଲଞ୍ଚ ହୋଇଥିଲା। ଚନ୍ଦ୍ରପୃଷ୍ଠରେ ଜଳ ଅଣୁ ସନ୍ଧାନରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩
Bhubaneswar, Saturday, September 16/2023




# ରାଜ୍ୟରେ ପ୍ରତିବର୍ଷ ବାଘ ଗଣନା

**ଭୁବନେଶ୍ୱର, ୧୫।୯ (ଅସମାପିକା ସାହୁ)**

ରାଜ୍ୟରେ ଏବେ ପ୍ରତିବର୍ଷ ବାଘ ଗଣନା ହେବ। ଏଥିପାଇଁ ଶୁକ୍ରବାରଠାରୁ ଭୁବନେଶ୍ୱରର ଚନ୍ଦକା ଗୋଡ଼ିବାରିରେ ପ୍ରଥମ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟାୟକ୍ରମେ ୮ଟି ସର୍କଲର ଏସିଏଫ୍ ଏବଂ ଡିଏଫ୍ଓଙ୍କ ସମେତ ବନ ବିଭାଗ ଅଧିକାରୀ, ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନର ୩ଜଣ ବୈଜ୍ଞାନିକ ☞ପୃଷ୍ଠା-୪

# ଚିକିତ୍ସିତ ହୋଇ ଫେରିବା ବାଟରେ ଦୁର୍ଘଟଣା: ୪ ମୃତ


ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ

**ପଟ୍ଟାମୁଣ୍ଡାଇ/ଆଳି, ୧୫।୯ (କଳ୍ପତରୁ ନାୟକ/ ବନମାଳୀ ସେନାପତି)**

ଏମିତି ବି ଆସେ ମୃତ୍ୟୁ। ଚାହିଁ ଚାହିଁ ଚାଲିଗଲା ଅକାଳରେ ୨ ପରିବାରର ୪ ଜୀବନ। ବେଙ୍ଗାଲୁରୁ ଭିକ୍ଟୋରିଆ ହସ୍ପିଟାଲରେ ଚିକିତ୍ସା କରାଇ ଆମ୍ବୁଲାନ୍ସରେ ଫେରିବା ବାଟରେ ଆନ୍ଧ୍ରପ୍ରଦେଶର ଚିତୋରଠାରେ ରାସ୍ତାରେ ଠିଆ ହୋଇଥିବା ତେଲ ଟ୍ୟାଙ୍କରକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍ୱାମୀ, ଝିଅ, ଶ୍ୱଶୁର, ଦାଦା ଶ୍ୱଶୁରଙ୍କ ମୃତ୍ୟୁ ଘଟିଛି ଓ ଜଣେ ଆହତ ହୋଇଛନ୍ତି। ମୃତ ବ୍ୟକ୍ତିମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଙ୍ଗାରଖ ଗ୍ରାମର ସ୍ୱାମୀ ଉମେଶ ସାହୁ (୪୩), ପତ୍ନୀ ରଶ୍ମିତା ସାହୁ (୩୭) ଓରଫ ଲିଲିମା ଓ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଶ୍ୱଶୁର ତ୍ରିଲୋଚନ ନାୟକ (୫୫), ସାନଭାଇ ବିଜୟ ନାୟକ (୫୩) ବୋଲି ଜଣାପଡ଼ିଛି।

### ବେଙ୍ଗାଲୁରୁରୁ ଭୁବନେଶ୍ୱର ଫେରୁଥିଲେ

ଆଳି ଥାନା ସହିରା ପଞ୍ଚାୟତ ଅଙ୍ଗାରଖ ଗ୍ରାମର ଉମେଶ ଆସାମରେ ରହୁଥିବା ବେଳେ କିଛିଦିନ ପୂର୍ବେ ମାଲେସିଆ ଯିବା ନିମନ୍ତେ ତାଙ୍କର ଚିଠି ଆସିଥିଲା। ଅଗଷ୍ଟରେ ସେ ଘରେ ଥିବା ସମୟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଦେଖିଥିଲେ। ପରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର କିମ୍ସ ଘରୋଇ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନେଇଥିଲେ। ମାସେ ହେବ କିମ୍ସରେ ଚିକିତ୍ସା ହେବା ପରେ ଡାକ୍ତର ଉମେଶଙ୍କ ମସ୍ତିଷ୍କ ଇନ୍ଫେକ୍ସନ ହୋଇଯାଇଥିବା କହି ତାଙ୍କୁ ବେଙ୍ଗାଲୁରୁ ଭିକ୍ଟୋରିଆ ହସ୍ପିଟାଲକୁ ପଠାଇଥିଲେ। ବୁଧବାର ଉମେଶ, ପତ୍ନୀ ରଶ୍ମିତା ଓ ରଶ୍ମିତାଙ୍କ ବାପା ☞ପୃଷ୍ଠା-୪

# ସୃଷ୍ଟି ହେବ ୧୨୭୩ ଇଞ୍ଜିନିୟରିଂ ପଦବୀ

**ଭୁବନେଶ୍ୱର, ୧୫।୯ (ଅନିଲ ଦାସ)**

### ଓଡ଼ିଶା ସ୍ୱାସ୍ଥ୍ୟ ଗୋଇନ୍ଦା ସେବା ନିୟମାବଳୀ, ଓଡ଼ିଶା ସିଭିଲ ସର୍ଭିସେସ୍ ସଂଶୋଧନ ନିୟମକୁ କ୍ୟାବିନେଟ ମଞ୍ଜୁରୀ

ଓଡ଼ିଶା ଇଞ୍ଜିନିୟରିଂ ସର୍ଭିସ ଏବଂ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସର୍ଭିସରେ ୧୨୭୩ଟି ନୂଆ ପଦବୀ ସୃଷ୍ଟି ହେବ। ପୂର୍ତ୍ତ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଓଡ଼ିଶା ଇଞ୍ଜିନିୟରିଂ ସର୍ଭିସରେ କ୍ୟାଡର ପଦବୀ ସଂଖ୍ୟା ୬୪୨ରୁ ୧୦୧୧କୁ ଏବଂ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସର୍ଭିସ କ୍ୟାଡ଼ର ପଦବୀ ସଂଖ୍ୟା ୯୪୪ରୁ ୧୮୪୮କୁ ବୃଦ୍ଧି ପାଇବ। ଏହି କ୍ୟାଡର ପୁନର୍ଗଠନ ପରେ ଓଡ଼ିଶା ଇଞ୍ଜିନିୟରିଂ ସର୍ଭିସରେ ସିଧାସଳଖ ୧୬୬ଟି ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ଏବଂ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସର୍ଭିସରେ ସିଧାସଳଖ ୩୦୯ଟି ଜୁନିୟର ଇଞ୍ଜିନିୟର ନିଯୁକ୍ତି ପାଇପାରିବେ। ଏଥିସହିତ ଇଞ୍ଜିନିୟରମାନଙ୍କ ପଦୋନ୍ନତି ମଧ ଅଧିକ ବ୍ୟାପକ ହୋଇପାରିବ। ପୂର୍ତ୍ତ ବିଭାଗ ଅଧୀନ ସମସ୍ତ ଇଞ୍ଜିନିୟରିଂ ପ୍ରତିଷ୍ଠାନ ଯଥା ଇଞ୍ଜିନିୟରିଂ ସେକ୍ସନରୁ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଅନୁଷ୍ଠାନର ସମ୍ପ୍ରସାରଣ ହେବ । ଏହାବ୍ୟତୀତ ରାଜ୍ୟର ସରକାରୀ ଉଦ୍ୟୋଗ ଯଥା- ଓଡ଼ିଶା ସେତୁ ଓ ନିର୍ମାଣ ନିଗମ, ଇଡ୍କୋ, ବିଡିଏ, ଓଡ଼ିଶା ରାଜ୍ୟ ଗୃହନିର୍ମାଣ ନିଗମ, ଓଡ଼ିଶା ପୋଲିସ ହାଉସିଂ ବୋର୍ଡ ନିଗମ, ସ୍ମାର୍ଟ ସିଟି ପ୍ରକଳ୍ପ, ବିଶ୍ୱବିଦ୍ୟାଳୟ , ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆଦିର ପରିଚାଳନା ନିମନ୍ତେ ଆବଶ୍ୟକ ବୈଷୟିକ କର୍ମଚାରୀ(ସିଭିଲ୍ ଇଞ୍ଜିନିୟର)ମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନୂଆ ଇଞ୍ଜିନିୟର ପଦବୀ ସୃଷ୍ଟି ଯୋଗୁ ରାଜ୍ୟ ସରକାରଙ୍କ ଉପରେ ବାର୍ଷିକ ୫୮.୬୦ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ। ସେହିପରି ଓଡ଼ିଶା ସ୍ୱାସ୍ଥ୍ୟ ଗୋଇନ୍ଦା ଓ ☞ପୃଷ୍ଠା-୪



**ଆଜିର ମନ୍ତବ୍ୟ**

"ବୈଷୟିକ ଅଗ୍ରଗତି ଦେଶର ଅଦାଲତଗୁଡ଼ିକରେ ଗଡ଼ୁଥିବା ମାମଲା ସଂଖ୍ୟା ହ୍ରାସକରି ଲୋକଙ୍କ ଜୀବନକୁ ଆହୁରି ସହଜ କରିପାରିବ।
-ଅର୍ଜୁନରାମ ମେଘୱାଲ, କେନ୍ଦ୍ର ଆଇନମନ୍ତ୍ରୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାନ୍ଦରେ କଳଙ୍କ ସୁରୁଯ ଖୁଣ ଲୋ**
**ଦରିଆ ପାଣି ତ ଲୁଣିଆ**
**କିଏ ଅକଳଙ୍କ ରହିଛି ଏଡ଼େ ଲୋ**
**ହୋଇକି ଅନ୍ଧାର କଣିଆ?**

ଚନ୍ଦ୍ର ଶିତଳତା ପ୍ରଦାନ କରେ, କିନ୍ତୁ ତା' ଦେହରେ ଦାଗ। ସୂର୍ଯ୍ୟ ବିନା ଜୀବଜଗତ ତିଷ୍ଠିବା ଅସମ୍ଭବ। ଏହା ଆଲୋକ ପ୍ରଦାନ କରି ଅନ୍ଧକାରକୁ ଦୂରୀଭୂତ କରିଥାଏ, କିନ୍ତୁ ଏହାର ତେଜ ପ୍ରଖର, ଯାହାକି ସହ୍ୟ କରିବା କଷ୍ଟକର। ସେହିପରି ଦରିଆ ବିଶାଳ ଅଥଚ ଏହାର ଜଳ ଲବଣାକ୍ତ। ଯେଉଁଠି ଗୁଣ ସେଇଠି ଖୁଣ। ଈଶ୍ୱର କାହାକୁ ସବୁ ଭଲ ଦେଇ ନ ଥାନ୍ତି। ସୁନ୍ଦରପଣରେ କେଉଁଠି ନା କେଉଁଠି ଶୂନ୍ୟସ୍ଥାନ ରହିଥାଏ। ଏପରି ସ୍ଥଳେ ମଣିଷ ନିଜକୁ ନିଟୋଳ ପବିତ୍ର ତଥା ସର୍ବଗୁଣ ସମ୍ପନ୍ନ ମନେକରିବା ବୋକାମି ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୋର ଚୋରି କରି ଯୋଉଠି**
**ରାତି ପାହି ଗଲା ସେଇଠି।**

ଚୋର ଅନ୍ଧାର ରାତିରେ ଚୋରି କରେ। କାଳେ ସକାଳ ହୋଇଯିବ ତାକୁ ଲୋକେ ଦେଖିଦେବେ, ସେ ତରତର ହେଉଥାଏ। ତେବେ ଏପରି ଭାବନା ମନରେ ନ ଥିଲେ ଅଚିରେ ଧରାପଡ଼ିଯିବାର ସମ୍ଭାବନା ରହିଥାଏ। ଅସତର୍କ ଭାବେ କାମ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ, ବଡ଼ପୁଅ ଅଟକ

ସୋର, ୧୫।୯
(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ସରସଙ୍ଗ ପଞ୍ଚାୟତ ହାତୀଗଡିଆ ଗ୍ରାମରେ ଜଣେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସୋର ପୋଲିସ ପହଞ୍ଚି ବଡ଼ ପୁଅଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଗ୍ରାମର ରମେଶ ହାଁସଦା(୫୬)ଙ୍କ ସହିତ ତାଙ୍କ ବଡ଼ପୁଅ ବାପୁନୁ ହାଁସଦାଙ୍କର କୌଣସି କାରଣରୁ ଗୁରବାର ଝଗଡା ହୋଇଥିଲା। ରାତିରେ ବାପ ପୁଅ ସାଥୀ ହୋଇ ଶୋଇଥିଲେ। ସକାଳେ ରମେଶ ଉଠିବା ପରେ ପାଣି ମାଗି ପିଇଥିଲେ। ପରେ ଆଉ ଉଠି ନ ଥିଲେ। ଫଳରେ ଅପରାହ୍ନରେ ପରିବାର ଲୋକେ ସୋର ଥାନାକୁ ଖବର ଦେଇଥିଲେ। ଖବରପାଇ ସୋର ପୋଲିସ ପହଞ୍ଚି ରମେଶଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ପୋଲିସ ରମେଶଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ବାପୁନୁଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।


ଅନୁଗୋଳର ଜଣେ ମୂର୍ତ୍ତି କାରିଗର ବିଶ୍ୱକର୍ମାଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ-ବୁବୁ)

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଷଷ୍ଠସ୍ଥ ଚନ୍ଦ୍ରମଙ୍ଗଳ ଯୋଗ ଆପଣଙ୍କୁ ପରିଜନ ସହ ଭ୍ରମଣ ପାଇଁ ଅନୁପ୍ରେରିତ କରିବ। ସାମାଜିକ ସ୍ତରରେ ଅଥବା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବିଦେଶୀଙ୍କ ସକାଶେ ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ବୃଷ** ଭାଗ୍ୟସ୍ଥାନକୁ ରବି ଓ ବୁଧଙ୍କ ଦୃଷ୍ଟି ପ୍ରଭାବରେ ଅର୍ଥ ଓ ସମ୍ମାନ ମିଳିବା ଦିଗରେ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହୋଇପାରେ। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ହେତୁ ଦୀର୍ଘ ଦିନରୁ ଚିନ୍ତା କରିଥିବା କାମଗୁଡ଼ିକ ଆଜି ବାସ୍ତବରେ ଓଲଟା ହେବ। କିନ୍ତୁ ମୃଗଶିରା ନକ୍ଷତ୍ରର ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ଅଷ୍ଟମ ଶନିଙ୍କ ସ୍ଥିତି ଜନିତ ଆଜି ଦିନଟିରେ କୌଣସି ଅତୀତ ଘଟଣାର ସମୀକ୍ଷା କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ରାଶି ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ବିଭିନ୍ନ ସମସ୍ୟା ମଧ୍ୟରେ କୌଣସି ନିଶ୍ଚିତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଆଜିର ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅର୍ଥ ଅଭାବ ଥିଲେ ମଧ୍ୟ ତାହାକୁ ସୁଧାରିନେଇ ପାରିବେ।

**କନ୍ୟା** ମଙ୍ଗଳଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ମଧ୍ୟ କାମ ହାସଲ କଷ୍ଟକର ହେବ। ପୂର୍ବଶତ୍ରୁତା ଯୋଗୁ ପ୍ରତିଟି ପରିସ୍ଥିତି ଗମ୍ଭୀର ରହିବ, ଏଣୁ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆବଶ୍ୟକ ସାହାଯ୍ୟ ମଧ୍ୟ କରିବେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ତୁଳା** ଶୁକ୍ର ପ୍ରଭାବରେ ବିଭିନ୍ନ ଉପାୟ ଅବଲମ୍ବନ କରି ଲୋକସମ୍ପର୍କ ବୃଦ୍ଧି କରିପାରିବେ। ବନ୍ଧୁଙ୍କ ଦ୍ୱାରା କୌଣସି ଖବର ପାଇ ବିସ୍ମିତ ହେବେ। ସରକାରୀ ସ୍ତରରେ ଅଟକି ରହିଥିବା କାମ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରେ ସମ୍ପନ୍ନ ହୋଇଯିବ। ସ୍ୱାସ୍ଥ୍ୟରେ ସାମାନ୍ୟ ଅବନତି ଦେଖାଯିବା ଫଳରେ ଟେନସନ୍ କିଛି ମାତ୍ରାରେ ଲାଗିରହିପାରେ।

**ବିଛା** ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ଖୁସି ହୋଇଯିବେ। ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। ଅନୁରାଧାର ଦୁର୍ଭାବନାଜନିତ ଅନ୍ୟକୁ ସହଜରେ ବିଶ୍ୱାସ କରିପାରିବେ ନାହିଁ।

**ଧନୁ** ଭାଗ୍ୟଭାବରେ ଶୁଭଯୋଗରୁ ମନୋବଳ ଟାଣ ରହିବ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଆଜିର ଦୂରଯାତ୍ରା ସଫଳ ହେବ ଓ ଆଶା ମଧ୍ୟ ପୂରଣ ହେବ। ଉତ୍ତରାଷାଢ଼ା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଅସ୍ଥିରତାହିଁ ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମକର** ଶୁକ୍ରଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରୁ କାମ ହାସଲ ହେବା କାରଣରୁ ମାନସିକ ସ୍ଥିତି ଏକ ପ୍ରକାର ଭଲ ରହିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ। ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** ସ୍ୱଗୃହୀ ଶନିଙ୍କ ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ ଏବଂ ବ୍ୟବସାୟରେ ସଫଳତା ହାସଲ କରିବେ। ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିପାରେ। ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିବ।

**ମୀନ** ଗୁରୁ ପାପଯୁକ୍ତ ହେତୁ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବା କଷ୍ଟକର ହେବ।

ଆଜି ଭାଦ୍ରବ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶନିବାର, ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା, ସେପ୍ଟେମ୍ବର ୧୬ ତାରିଖ, ବିଶ୍ୱ ଓଜୋନ ଦିବସ, ମାସାନ୍ତ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୦ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୩୯ ଗତେ ଘ.୧୦।୧୦ ମଧ୍ୟେ ରାହୁକାଳ ॥

# ଟ୍ରେନରେ କଟି ସ୍ୱାମୀ ମୃତ, ସ୍ତ୍ରୀ ଆହତ

ରୂପସା(ବାଞ୍ଛାନିଧି ଦେ)/
ବସ୍ତା(ହରିଶଙ୍କର ପାଢ଼ୀ)

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପସା ଓ ନୂଆଗାଁ ରେଳଷ୍ଟେଶନ ମଝି ଓଗାଳଷେଣ୍ଢ ପୋଲ ନିକଟରେ ଶୁକ୍ରବାର ଟ୍ରେନରେ କଟି ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଏକ (୬୨)।

ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଓ ସ୍ତ୍ରୀ ପୂର୍ଣ୍ଣିମା ଏକ କାମରେ ବାରାପାଳ ଗ୍ରାମକୁ ଆସିଥିଲେ। ରେଳଧାରଣା ପାରି ହେବା ବେଳେ ଡାଉନ ନୀଳାଚଳ ଏକ୍ସପ୍ରେସ ଟ୍ରେନ ଧକ୍କାରେ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କର ଦୁଇଟି ଯାକ ହାତ କଟିଯାଇଥିଲା। ଟ୍ରେନ୍ ଯୋଗେ ଆହତ ମହିଳାଙ୍କୁ ବସ୍ତା ଷ୍ଟେଶନ ନିଆଯାଇଥିଲା। ସେଠାରୁ ବସ୍ତା ଦମକଳବାହିନୀ ପହଞ୍ଚି ଆହତ ମହିଳାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଛେଳିକୁ ଗିଳିଲା ୧୦ ଫୁଟିଆ ଅଜଗର



ନୀଳଗିରି,୧୫।୯(ପ୍ରଶାନ୍ତ ବିଶ୍ୱାଳ)

ଚାହିଁ ଚାହିଁ ଆଖି ଆଗରେ ଏକ ଛେଳିକୁ ଗିଳିଲା ୧୦ ଫୁଟିଆ ଅଜଗର। ଏଭଳି ଏକ ଘଟଣା ନୀଳଗିରିଥାନା ଅଧୀନ ବାଉଁଶବଣିଆ ପଞ୍ଚାୟତ ଢୋଲପୁର ଗ୍ରାମର ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ରମାକାନ୍ତ ସିଂ ଶୁକ୍ରବାର ସକାଳ ୮ଟା ବେଳେ ଛେଳି ଚରାଇବା ପାଇଁ ଯାଇଥିଲେ। ହେଲେ ନଟା ଭିତରୁ ହଠାତ୍ ଏକ ଅଜଗର ରମାଙ୍କର ଏକ ଛେଳିକୁ ଗିଳି ଦେଇଥିଲା। ପରେ ନିକଟ ଗ୍ରାମର ଲୋକଙ୍କୁ ଡାକି ଏକାଠି କଲା ବେଳକୁ ସାପ ଛେଳିଟିକୁ ସମ୍ପୂର୍ଣ୍ଣ ଭାବରେ ଗିଳିଦେଇଥିଲା। ସ୍ଥାନୀୟ ଲୋକେ କୁଲଡ଼ିହା ବନବିଭାଗକୁ ଅବଗତ କରାଇବାରୁ ବନ କର୍ମଚାରୀ ସାପକୁ ଉଦ୍ଧାର କରି କୁଲଡ଼ିହା ସଂରକ୍ଷିତ ଜଙ୍ଗଲ ନେଇ ଛାଡ଼ିଛନ୍ତି। ଗରିବ ଚାଷୀଜଣଙ୍କ ବନବିଭାଗ କର୍ତ୍ତୃପକ୍ଷଙ୍କୁ କ୍ଷତିପୂରଣ ଦାବି କରିଛନ୍ତି।

# ନିର୍ଦ୍ଧାରିତ ସମୟରେ କାଗଜାତ ନ ଦେଲେ ଦଣ୍ଡିତ ହେବେ ପେନ୍‌ସନ ମଞ୍ଜୁରୀ କର୍ତ୍ତୃପକ୍ଷ

ଭୁବନେଶ୍ୱର,୧୫।୯
(ଅନିଲ ଦାସ)

**କ୍ୟାବିନେଟ୍ ନିଷ୍ପତ୍ତି**

- **୫୦୩ ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ହେବ**
- **ଏନ୍‌ଆଇଏସ୍‌ଟି, ଏସ୍‌ଆଇଟି ହେବ ବିଶ୍ୱବିଦ୍ୟାଳୟ, ଆସିବ ସ୍ୱତନ୍ତ୍ର ଆଇନ**

ଓଡ଼ିଶା ବେସାମରିକ ସେବା (ପେନ୍‌ସନ) ନିୟମାବଳୀ, ୧୯୯୨ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ସଂଶୋଧନ ଦ୍ୱାରା ଅବସର ନେଉଥିବା ସରକାରୀ କର୍ମଚାରୀଙ୍କ ଚୂଡ଼ାନ୍ତ ପେନ୍‌ସନ ପ୍ରଦାନ ପ୍ରକ୍ରିୟାକୁ ସରଳ କରାଯାଇଛି। ସରକାରୀ କର୍ମଚାରୀ ଅବସର ତାରିଖର ୬ ମାସ ପୂର୍ବରୁ ଚୂଡ଼ାନ୍ତ ପେନ୍‌ସନ ମଞ୍ଜୁର ନିମନ୍ତେ ନିର୍ଦ୍ଧାରିତ ପେନ୍‌ସନ ଫର୍ମ ଦାଖଲ କରିବେ। ଏହି ସମୟ ମଧ୍ୟରେ ପେନ୍‌ସନ ମଞ୍ଜୁରୀ କର୍ତ୍ତୃପକ୍ଷ ଅଥବା କାର୍ଯ୍ୟାଳୟ ମୁଖ୍ୟ ଚୂଡ଼ାନ୍ତ ପେନ୍‌ସନ ସ୍ଥିର କରିବେ ଏବଂ ପେନ୍‌ସନ ପ୍ରଦାନ ନିମନ୍ତେ କାଗଜାତ ମହାହିସାବରକ୍ଷକଙ୍କ ନିକଟକୁ ପଠାଇବେ। ଏଥିରେ ଖିଲାପ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା 'ବନ୍ଧ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉନ୍ନତୀକରଣ ଯୋଜନା' ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଯୋଜନା ଚଳିତ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇ ୨୦୨୫-୨୬ରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୨୪୮ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୧୬,୪୦୦ ହେକ୍ଟର ସେଚ ଅଞ୍ଚଳର ପୁନରୁଦ୍ଧାର କରାଯିବ। ଏହି ଯୋଜନାରେ ୫୦୩ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ହେବ। ଜଳଭଣ୍ଡାରଗୁଡ଼ିକର ପରିକଳ୍ପିତ ମହଜୁଦ କ୍ଷମତାର ପୁନରୁଦ୍ଧାର ସହ କୃଷକମାନଙ୍କୁ ସୁନିଶ୍ଚିତ ଜଳସେଚନ ଯୋଗାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା ସମ୍ପୂର୍ଣ୍ଣ ହେଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ପରିକଳ୍ପିତ ଜଳଧାରଣ କ୍ଷମତା ବଢ଼ିବା ସହିତ କେନାଲର ତଳମୁଣ୍ଡ ଯାଏ ନିଶ୍ଚିତ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିବ।

ସେହିପରି ବ୍ରହ୍ମପୁରର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି) ଏବଂ ଭୁବନେଶ୍ୱରସ୍ଥିତ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏସ୍‌ଆଇଟି)କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଆସିବାକୁ ଥିବା ସ୍ୱତନ୍ତ୍ର ଆଇନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

# ଶିଶୁ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୧୫।୯
(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ କୁକୁଡ଼ାଖଣ୍ଡି ଗ୍ରାମରେ ୨୦୧୪ ଜୁନ୍‌ରେ ହୋଇଥିବା ଶିଶୁ ଅପହରଣ ଓ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଶୁକ୍ରବାର ବ୍ରହ୍ମପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ -୧ ଡ. ଇନ୍ଦୁ ଶର୍ମା ଉପଯୁକ୍ତ ପ୍ରମାଣ ମିଳିଥିବାରୁ ମାମଲାର ମୁଖ୍ୟ ଅଭିଯୁକ୍ତ ନୟାଗଡ଼ ଟାଉନ୍ ଥାନା ଅନ୍ତର୍ଗତ ହରିହରପୁରର ଶ୍ରୀଧର ମହାପାତ୍ର ଓରଫ୍ ସିରିୟାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ୨ ବର୍ଷ ୮ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପ୍ରମାଣ ଅଭାବରୁ ଦୋଷୀ ଶ୍ରୀଧରଙ୍କ ସହଯୋଗୀ ଲେଡି ଡନ୍ ତଥା ଯଶୋଦା ପ୍ରଧାନଙ୍କୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଶ୍ରୀଧର ଓ ଯଶୋଦା ୨୦୧୪ ଜୁନ୍ ୨୪ ତାରିଖ ବିଳମ୍ବିତ ରାତିରେ କୁକୁଡ଼ାଖଣ୍ଡି ଗ୍ରାମରେ ଚୋରି କରିବା ଉଦ୍ଦେଶ୍ୟରେ ବୁଲୁଥିଲେ। ସେମାନେ ଗ୍ରାମର କଇରା ପାତ୍ରଙ୍କ ଘରେ ପଶିଥିଲେ। ଘରେ କଇରା, ତାଙ୍କ ସ୍ତ୍ରୀ ଓ ଏକ ବର୍ଷର ପୁଅ ଅଂଶୁମାନ ଶୋଇଥିଲେ। ଅଭିଯୁକ୍ତ ଦ୍ୱୟ କଇରାଙ୍କ ଘରୁ କିଛି ଜିନିଷ ନ ପାଇବାରୁ ଶିଶୁପୁତ୍ର ଅଂଶୁମାନଙ୍କୁ ଅପହରଣ କରି ନେବା ସହ ଏକ ମୋବାଇଲ ଫୋନ ଚୋରାଇ ଆଣିଥିଲେ। ପରଦିନ ସକାଳେ ପୁଅକୁ ନ ପାଇ ଖୋଜାଖୋଜି କରି ନିରାଶ ପରେ କଇରା ଏ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୩/୧୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ୩ ଦିନ ପରେ ଅର୍ଥାତ୍ ୨୮ ତାରିଖରେ କଇରାଙ୍କ ଜଣେ ସମ୍ପର୍କୀୟଙ୍କ ପାଖକୁ ଫୋନ କଲ୍ ଆସିଥିଲା ଯେ ୧୦ ଲକ୍ଷ ଟଙ୍କା ଦେଲେ ଆମେ ଶିଶୁପୁତ୍ରକୁ ହସ୍ତାନ୍ତର କରିବୁ। କଇରା ଓ ସମ୍ପର୍କୀୟ ଏ ନେଇ ଥାନାରେ ଜଣାଇଥିଲେ। ଯୋଜନା ମୁତାବକ ଅପହରଣକାରୀଙ୍କ କହିବା ପ୍ରକାରେ କଇରା ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଜାତୀୟ ରାଜପଥକୁ ଏକ ଆଟାଚିରେ ଟଙ୍କା ନେଇ ଯାଇଥିଲେ। ତତ୍କାଳୀନ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ପୋଲିସ ଟିମ୍ ତାଙ୍କ ସହ ସାଦା ପୋଷାକରେ ଖୋର୍ଦ୍ଧା ଯାଇଥିଲା। ଅପହରଣକାରୀ ଶ୍ରୀଧର ଓ କଇରା ସେଠାରେ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ପୁଅକୁ ଫେରାଇଲେ ଟଙ୍କା ଦେବି ବୋଲି କଇରା କହିଥିଲେ। ଏହି ସମୟରେ ପୋଲିସ ଅଭିଯୁକ୍ତ ଶ୍ରୀଧରଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲା। ଧସ୍ତାଧସ୍ତି ବେଳେ ଏକ ଟ୍ରକ୍ ଆସିଯିବାରୁ ଶ୍ରୀଧର ବାଇକ, ହେଲମେଟ ଓ ମୋବାଇଲ ଫୋନ୍ ଛାଡ଼ି ଚମ୍ପଟ ମାରିଥିଲେ। ପୋଲିସ ସେସବୁ ଜବତ କରିଥିଲା। ଜବତ ମୋବାଇଲ ଫୋନ୍‌ରୁ ଶ୍ରୀଧରଙ୍କ ଫଟୋ ଦେଖି ଏକ ସ୍କେଚ୍ ଜାରି କରିବା ସହ ତାଙ୍କୁ ଗିରଫ କରିବା ପାଇଁ ଜାଲ ବିଛାଇଥିଲା। ସେହିବର୍ଷ ଜୁଲାଇ ୧୯ ତାରିଖରେ ଶ୍ରୀଧରଙ୍କୁ ପୋଲିସ ନୟାଗଡ଼ ହରିହରପୁରରୁ ଗିରଫ କରିଥିଲା। ତାଙ୍କ ସୂଚନା ଆଧାରରେ ପୋଲିସ ଅଭିଯୁକ୍ତା ଯଶୋଦା ଯେ କି ଅନ୍ୟ ଏକ ଚୋରି ମାମଲାରେ ଗିରଫ ହୋଇ ଝାରପଡ଼ା ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ ତାଙ୍କ ପାଖରେ ପହଞ୍ଚିଥିଲା। ଅପହୃତ ଶିଶୁ ସମ୍ପର୍କରେ ପଚରାଯିବାରୁ ସେମାନେ ଟଙ୍କା ନ ପାଇବାରୁ ଶିଶୁକୁ ହତ୍ୟା କରିଥିବା ଜଣାପଡ଼ିଥିଲା। ମୃତଦେହକୁ ଏକ ଆଟାଚିରେ ପୂରାଇ ଏମ୍‌କେସିଜି ଷ୍ଟାଫ୍ କ୍ୱାର୍ଟର୍ସ ଲେନ୍‌ର ପଛପାଖେ ପକାଇ ଦେଇଥିବା ଶ୍ରୀଧର ଜେରାବେଳେ କହିଥିଲେ। ପୋଲିସ ଶ୍ରୀଧର, କଇରାଙ୍କୁ ନେଇ ମେଡିକାଲ ପରିସର ଏକ ବୁଦାଳିଆ ସ୍ଥାନରୁ ଆଟାଚି ଉଦ୍ଧାର କରିବା ସହ ଶିଶୁପୁତ୍ରର ଗଳିତ ମୃତଦେହ ଜବତ କରିଥିଲା। ଡିଏନ୍‌ଏ ଟେଷ୍ଟରୁ ମୃତ ଶିଶୁପୁତ୍ର କଇରାଙ୍କର ବୋଲି ଜଣାପଡ଼ିଥିଲା। ଝାରପଡ଼ା ଜେଲରୁ ଯଶୋଦାଙ୍କୁ ପୋଲିସ ରିମାଣ୍ଡରେ ଆଣି ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରି ଅଂଶୁମାନ ହତ୍ୟା ମାମଲାରେ ଜଡିତ କରିଥିଲା। ପରେ ତାଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୪୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଶ୍ରୀଧରଙ୍କୁ ଓ ଜାମିନରେ ଥିବା ଯଶୋଦାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ମାମଲାର ତଦନ୍ତକାରୀ ଅଧିକାରୀଙ୍କ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ୍‌କୁ ଆଧାର କରି ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ଦୋଷୀଙ୍କୁ ଆଜୀବନ ଜେଲ

## ଭାଇଙ୍କୁ ହତ୍ୟା ମାମଲା

କେନ୍ଦୁଝର,୧୫।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଅତିରିକ୍ତ ଜିଲା ଜଜ ନମିତା ଦାସ ଶୁକ୍ରବାର ଏକ ହତ୍ୟା ଘଟଣାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଜଳ ମୁଣ୍ଡା(୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଜାନୁୟାରୀ ୧୫ରେ ପାଟଣା ଅଞ୍ଚଳର ଜଳ ମୁଣ୍ଡାଙ୍କ ସହିତ କୌଣସି କାରଣରୁ ତାଙ୍କ ଭାଇ ପାଟୁ ମୁଣ୍ଡାଙ୍କ ଝଗଡ଼ା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଜଳ ଏକ ବାଡ଼ିରେ ପାଟୁଙ୍କୁ ଆକ୍ରମଣ କରିଥିଲେ। ପାଟୁ ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବାରିପଦା ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଟଣା ପୋଲିସ ତାଙ୍କ ବାପା ପରଦନ ମୁଣ୍ଡାଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା(ନଂ.୧୫/୧୫)ରୁଜୁ କରି ଜଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୬ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଦେଇଥିବା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ ପାତ୍ର କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩ | Bhubaneswar, Saturday, September 16/2023 | ପୃଷ୍ଠା-୧


# ୩ ଜିଲାରେ ସ୍କ୍ରବ୍ ଟାଇଫସ୍ ଆତଙ୍କ

ଭୁବନେଶ୍ୱର, (ଅଭିଜିତ ଦାସ)/ବଲାଙ୍ଗୀର (ବୀରେନ୍ଦ୍ର ଝାଙ୍କର) /ବରଗଡ (ପ୍ରେମାନନ୍ଦ ଖମାରୀ) /ସୁନ୍ଦରଗଡ,୧୫।୯ (ଜୟ ନାରାୟଣ ମେଣ୍ଟୁଳି)

ରାଜ୍ୟରେ ଏବେ ଡେଙ୍ଗୁ ସହ ଚିନ୍ତା ବଢ଼ାଇଛି ସ୍କ୍ରବ୍ ଟାଇଫସ୍। ଗତ କିଛିଦିନ ହେବ ଚିଗର ନାମକ ବିଷାକ୍ତ ପୋକ କାମୁଡାରୁ ଏହି ସ୍କ୍ରବ ଟାଇଫସ୍ ରୋଗ ରାଜ୍ୟରେ ବ୍ୟାପୁଥିବାବେଳେ ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବାବେଳେ ୬ଜଣଙ୍କ ଜୀବନ ଯାଇଛି। ତେବେ ଏହାକୁ ନେଇ ବରଗଡ, ସୁନ୍ଦରଗଡ ଓ ବଲାଙ୍ଗୀର ଜିଲାରେ ଏକପ୍ରକାର ଆତଙ୍କିତ ପରିସ୍ଥିତି ଲାଗି ରହିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲା ହସ୍ପିଟାଲରେ ଆଣ୍ଟିବାୟୋଟିକ୍ ଓ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ରୋଗରେ ବରଗଡରେ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇଦିନ ତଳେ ସୁନ୍ଦରଗଡରେ ଜଣଙ୍କର ଜୀବନ ଯାଇଛି। ଗତ ୧୩ ତାରିଖ ସୁଦ୍ଧା ବରଗଡ ଜିଲାରେ ୧୭୮ଟି ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୪ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ୧୪ ତାରିଖ ସୁଦ୍ଧା ବଲାଙ୍ଗୀର ଜିଲାରେ ୪୮୦ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୮୦ ଜଣ ଓ ସୁନ୍ଦରଗଡ ଜିଲାରେ ୮୨୩ ରକ୍ତ ନମୁନାରୁ ୧୬୯ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।

## ସତର୍କ କଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ସୁନ୍ଦରଗଡ ଜିଲାର ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ କାହ୍ନୁ ଚରଣ ନାୟକ କହିଛନ୍ତି, ଜିଲାରେ ଜଣେ ମୃତ୍ୟୁ ହୋଇଥିବାବେଳେ ମୃତକଙ୍କ ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ପଠାଯାଇଛି। ବର୍ତ୍ତମାନ ଜିଲାର ମଝାପଡା ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ହସ୍ପିଟାଲରେ ସମସ୍ତ ପ୍ରକାର ସୁବିଧା କରାଯାଇଛି। ଅନ୍ୟପକ୍ଷରେ ସ୍କ୍ରବ୍ ଟାଇଫସ୍ ବ୍ୟାପିବାକୁ ରୋକିବା ସହ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାକୁ ଗତ ୧୩ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲାର ସିଡିଏମ୍ଓଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ହସ୍ପିଟାଲରେ ଟେଷ୍ଟିଂ କିଟ୍ ଓ ଔଷଧ ମହଜୁଦ୍ ରଖିବା ସହ ଡାକ୍ତରୀ ଦଳଙ୍କ ଦ୍ୱାରା ରୋଗର ସର୍ଭେଲାନ୍ସ କରିବାକୁ କୁହାଯାଇଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ସ୍କ୍ରବ ଟାଇଫସ ରୋଗ ବର୍ତ୍ତମାନ ସର୍ଭେଲାନ୍ସ ଭିତରେ ରହିଛି। ଗତବର୍ଷ ୧୦ ହଜାର ସ୍କ୍ରବ୍ ଟାଇଫସ ଟେଷ୍ଟ ହୋଇଥିଲା। ଚଳିତବର୍ଷ ଜୁଲାଇ ସୁଦ୍ଧା ୮ ହଜାରରୁ ଅଧିକ ଟେଷ୍ଟ ହୋଇସାରିଛି। ବର୍ତ୍ତମାନ ରାଜ୍ୟର ପ୍ରାୟ ସବୁ ଜିଲାରୁ ସ୍କ୍ରବ ଟାଇଫସ କେସ୍ ଆସୁଛି। ତେବେ ଗତବର୍ଷ କେନ୍ଦୁଝର ଜିଲାରୁ ସର୍ବାଧିକ କେସ୍ ଆସିଥିବାବେଳେ ଚଳିତବର୍ଷ ବରଗଡ, ବଲାଙ୍ଗୀର ଓ ସୁନ୍ଦରଗଡ ଜିଲାରୁ ଆସୁଛି। ପ୍ରତି ଜିଲାର ଡାକ୍ତରମାନଙ୍କୁ ସତର୍କ ରହିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ସ୍କ୍ରବ ଟାଇଫସ ରୋଗରେ ମୃତ୍ୟୁ ହୋଇଥିବା ମୃତକଙ୍କ ପୋର୍ଟ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି। ଏହି ରୋଗ ସାଧାରଣତଃ ଚିଗର ନାମକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ☞ପୃଷ୍ଠା-୪

# ୭ ଘଣ୍ଟା ଉପାସ ରହିଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ନୀତି ବିଭ୍ରାଟ

- ସେବାନିବୃତ୍ତ ସିଂହାରୀ ସେବକଙ୍କ ପାଇଁ ବିଶୃଙ୍ଖଳା
- ୨ ଥର ହେଲା ବଡ଼ ମହାସ୍ନାନ, ସବୁ ନୀତି ବିଳମ୍ବ
- ଦର୍ଶନ, ମହାପ୍ରସାଦ ନ ପାଇ ଫେରିଲେ ଭକ୍ତ




ପୁରୀ,୧୫।୯(ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ନୀତିରେ ବିଭ୍ରାଟ ଘଟିଛି। ଏପରିକି ଦୁଇଥର ବଡ଼ ମହାସ୍ନାନ କରାଯାଇଛି। ଫଳରେ ଦାରୁଦିଅଁଙ୍କୁ ଦୀର୍ଘ ୭ଘଣ୍ଟା ଉପବାସ ରହିବାକୁ ପଡ଼ିଛି। ସେହିପରି ଜଗତ ଠାକୁରଙ୍କ ଦର୍ଶନ ଓ ମହାପ୍ରସାଦ ନ ପାଇ ଅନେକ ଭକ୍ତଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ଜଣେ ସେବାନିବୃତ୍ତ ସିଂହାରୀ ସେବକଙ୍କ ପାଇଁ ନୀତିରେ ବିଭ୍ରାଟ ଉପୁଜିଥିବା କୁହାଯାଉଥିବାବେଳେ ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବକୁ ଭକ୍ତମାନେ ଦାୟୀ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଣେ ସେବାନିବୃତ୍ତ ସେବାୟତ କିପରି ରତ୍ନସିଂହାସନ ପର୍ଯ୍ୟନ୍ତ ପହଞ୍ଚିଲେ ଏବଂ ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, କମାଣ୍ଡର କିମ୍ବା ଜେଟିପି କେହି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ଏ ନେଇ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଭକ୍ତ ଓ ସେବାୟତଙ୍କ ପକ୍ଷରୁ ଦାବି ହେଉଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ୫.୫୫ରେ ଭିତରଚ୍ଛୁ ମହାପାତ୍ରଙ୍କ ଦ୍ୱାରା ଦ୍ୱାରଫିଟା ନୀତି ହୋଇଥିଲା। ପରେ ୬.୩୫ରେ ଭିତରଶୋଧ, ୬.୫୫ରେ ମଙ୍ଗଳ ଆଳତି, ୭ଟାରେ ରୋଷହୋମ ଓ ୭.୦୫ରେ ମଇଲମ ହୋଇଥିଲା। ମାତ୍ର ତା' ପରଠାରୁ ବିଶୃଙ୍ଖଳା ଯୋଗୁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ପ୍ରାୟ ୭ଘଣ୍ଟା ଧରି ବନ୍ଦ ରହିଥିଲା। ସେବାୟତଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ସିଂହାରୀ ସେବାୟତ ଶଙ୍ଖମିତ୍ର ସିଂହାରୀଙ୍କୁ ସେବାରୁ ନିବୃତ୍ତ କରାଯାଇଥିଲା। ଏହାସତ୍ତ୍ୱେ ସେ ଶୁକ୍ରବାର ଶ୍ରୀମନ୍ଦିରରେ ପହଞ୍ଚି ରତ୍ନସିଂହାସନ ନିକଟକୁ ଯାଇ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳ ଆଳତି କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହେବା ସହ ଉଗ୍ର ରୂପ ନେଇଥିଲା। ସମ୍ପୃକ୍ତ ସିଂହାରୀ ସେବକ ଅନ୍ୟ ଏକ ଜାତିରେ ବିବାହ କରିଥିବାରୁ ନିଯୋଗ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏହାସତ୍ତ୍ୱେ ସେ ମହାପ୍ରଭୁଙ୍କ ସେବା କରିବାରୁ ବିବାଦ ଘନେଇଥିଲା। ଏଥିଯୋଗୁ ନୀତିକାନ୍ତି ସବୁ ସେଇଠୁ ବନ୍ଦ ରହିଥିଲା। ପ୍ରାୟ ୭ଘଣ୍ଟା ଧରି ଏଭଳି ସ୍ଥିତି ଲାଗିରହିଥିଲା। ବିବାଦ ବଢୁଥିବା ଓ ନୀତିକାନ୍ତିରେ ବିଳମ୍ବ ହେଉଥିବା ଖବର ପାଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମନ୍ଦିରକୁ ଯାଇ ସେବାୟତମାନଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ତେବେ ସକାଳ ୮ଟାରେ ଗୋପାଳବଲ୍ଲଭ ନୀତି ହେବା ପରିବର୍ତ୍ତେ ବହୁ ବିଳମ୍ବରେ ଅର୍ଥାତ ସନ୍ଧ୍ୟା ୫ଟା ପରେ ହୋଇଥିଲା। ସେହିପରି ଅନ୍ୟାନ୍ୟ ନୀତିରେ ମଧ ବିଳମ୍ବ ଘଟିଥିଲା। ସପ୍ତପୁରୀ ନୀତି ଦିନ ପରିବର୍ତ୍ତେ ରାତି ପ୍ରାୟ ୭ଟାରେ ହୋଇଥିଲା। ଅପରାହ୍ଣ ୨ଟାରେ ଥରେ ବଡ଼ମହାସ୍ନାନ ହୋଇ ନୀତି ଆଗଉଥିଲା। ତେବେ ଏହି ସମୟରେ କେହି ବାନ୍ତି କରିଦେବାରୁ ନୀତି ବନ୍ଦ ରଖାଯାଇ ପୁଣି ଠାକୁରଙ୍କ ବଡ଼ମହାସ୍ନାନ କରାଯାଇଥିଲା। ଏହି ନୀତି ବିଭ୍ରାଟ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ଅନେକ ଲୋକ ଧୋତି ପିନ୍ଧିକି ଯାଉଛନ୍ତି। ତେଣୁ ଗର୍ଭଗୃହକୁ କିଏ କେତେବେଳେ ଯାଉଛନ୍ତି ତାହା ଜାଣିବା ସମ୍ଭବ ହେଉନାହିଁ। ସମ୍ପୃକ୍ତ ସେବାୟତ କିଭଳି ମନ୍ଦିରକୁ ଯାଇ ପାଳି କଲେ ସେନେଇ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ। ନୀତିକାନ୍ତି ବିଳମ୍ବ ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ନିଯୋଗଗୁଡ଼ିକ ମଧ୍ୟରେ ଯେଉଁ ଭୁଲ ବୁଝାମଣା ହୋଇଥିଲା ତାହା ଆଲୋଚନା କରାଯାଇ ସମାଧାନ କରାଯାଇଛି। ସମ୍ପୃକ୍ତ ସେବକ ବାସନ୍ଦ ନେଇ କୌଣସି ତଥ୍ୟ ଉପସ୍ଥାପିତ ହୋଇନାହିଁ। ତଦନ୍ତରେ ସେ ସବୁ ଜଣାପଡିବ। ମହାପ୍ରଭୁଙ୍କ ମହାସ୍ନାନ ପରେ ନୀତି ପୁଣି ଆଗେଇଥିଲା ବୋଲି ଦାସ ପ୍ରକାଶ କରିଛନ୍ତି। ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ରଙ୍କ ସମେତ ଅନେକ ସେବାୟତ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ☞ପୃଷ୍ଠା-୪




ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି । -ଶ୍ରୀଅରବିନ୍ଦ

# ନିଷ୍ପତ୍ତିରେ ପ୍ରଶ୍ନବାଚୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାରୀ ନିଷ୍ପତ୍ତିରେ ସ୍ଥିରତା ବା ସୁସଙ୍ଗତି ଦାୟିତ୍ୱପୂର୍ଣ୍ଣ ଶାସନର ଏକ ମୌଳିକ ନୀତି । ସରକାରଙ୍କ ପ୍ରତ୍ୟେକ ନିଷ୍ପତ୍ତି ଯତ୍ନର ସହ ବିଚାର କରାଯିବା ପରେ ତାହାକୁ ଗ୍ରହଣ କରାଯିବା ଦେଖାଯାଇଛି ଓ ଏହା ସରକାରଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟରଙ୍କ ଦ୍ୱାରା କରାଯାଇଥିବା ଏକ ପ୍ରମୁଖ ନିଯୁକ୍ତିକୁ ହଠାତ୍ ବଦଳେଇଦିଆଯିବା ଦ୍ୱାରା ବାସ୍ତବରେ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗୃହ, ଜେଲ, ଅପରାଧ ଅନୁସନ୍ଧାନ ଏବଂ ନ୍ୟାୟିକ ପ୍ରଶାସନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍)ଭାବେ ସୁଧୀର ରାଜପାଲଙ୍କ ନିଯୁକ୍ତିକୁ ରାଜ୍ୟ ସରକାର ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ମାତ୍ର କିଛି ଘଣ୍ଟା ମଧ୍ୟରେ ଏହି ଆଦେଶକୁ ପ୍ରତ୍ୟାହାର କରି ରାଜପାଲଙ୍କୁ ବିଦ୍ୟାଳୟ ଶିକ୍ଷା ବିଭାଗ ଏବଂ ସହଯୋଗ ବିଭାଗର ଏସିଏସ୍ ଭାବେ ନିଯୁକ୍ତ କରିବା ସକାଶେ ନୂଆ ନିର୍ଦ୍ଦେଶ ଜାରି କରାଯାଇଥିଲା । ଆଉ ଜଣେ ଆଇଏଏସ୍ ଅଧିକାରୀ ଟି.ଭି.ଏସ୍.ଏନ୍. ପ୍ରସାଦ ଗୃହ ବିଭାଗର ଏସିଏସ୍ ଭାବେ ଦାୟିତ୍ୱ ଗ୍ରହଣ କଲେ । ପର୍ଯ୍ୟବେକ୍ଷକମାନେ ଦର୍ଶାଇଛନ୍ତି ଯେ, ହରିୟାଣା ସରକାରଙ୍କ ପାଇଁ ଅନେକ ପ୍ରଶାସନିକ ଆହ୍ୱାନ ରହିଛି । ଏହା ରାଜପାଲଙ୍କ ନିଯୁକ୍ତିକୁ ଓଲଟପାଲଟ କରିବା ଲାଗି ସରକାରଙ୍କୁ ପ୍ରେରିତ କରିଥାଇପାରେ ବୋଲି ସେମାନେ ସୂଚିତ କରିଛନ୍ତି । ଏଭଳି ନିଷ୍ପତ୍ତି ପରିବର୍ତ୍ତନର ମୂଳ କାରଣକୁ ନେଇ ଅନେକେ ଦ୍ୱନ୍ଦ୍ୱରେ ଅଛନ୍ତି । ତେବେ ଖଟ୍ଟରଙ୍କ ପାଇଁ ବିଶ୍ୱସନୀୟତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ । ନିଷ୍ପତ୍ତି ଶୀଘ୍ର ବଦଳାଇଦେବା ଦ୍ୱାରା ବିଶ୍ୱାସ କ୍ଷୁଣ୍ଣ ହୋଇପାରେ ; ବିଶେଷକରି ଖୁବ୍ ଶୀଘ୍ର ହେବାକୁ ଥିବା ନିର୍ବାଚନରେ ଏହା ଘଟିବାର ସମ୍ଭାବନା ଅଧିକ ।

### ଜି୨୦ର ପଥପ୍ରଦର୍ଶକ

ନିକଟରେ ନୂଆଦିଲ୍ଲୀରେ ଜି୨୦ ଶିଖର ସମ୍ମିଳନୀ ଶେଷ ହୋଇଛି । ଭାରତର କୂଟନୈତିକ ବିଜୟର ବିରାଟ ପରିବର୍ତ୍ତନର ମୁହୂର୍ତ୍ତ ତଥା ଦିଲ୍ଲୀ ଘୋଷଣାନାମାକୁ ଜି୨୦ର ସମସ୍ତ ସଦସ୍ୟ ସମର୍ବସମ୍ମତି କ୍ରମେ ଗ୍ରହଣ କରିବା ଘଟଣା ସ୍ମରଣୀୟ ହୋଇ ରହିବ । ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଛନ୍ତି ଭାରତର ଜି୨୦ର ପଥପ୍ରଦର୍ଶକ ତଥା କୂଟନୈତିକ ଉତ୍କୃଷ୍ଟତାର ପ୍ରକୃତ ସଞ୍ଚାଳକ ଭାବେ ଜଣାଶୁଣା ଅମିତାଭ କାନ୍ତ । ଜଣେ ସରକାରୀ କର୍ମଚାରୀ ତଥା ନୀତି ଆୟୋଗର ଶୀର୍ଷ ନେତୃତ୍ୱ ନେବାରେ ଚିତ୍ତାକର୍ଷକ ରେକର୍ଡ ଥିବାରୁ ଭାରତର ସ୍ୱାର୍ଥ ପାଇଁ ପ୍ରତିନିଧିତ୍ୱ କରିବା ଏବଂ ଏକ ସମନ୍ୱିତ ରଣନୀତି ସୁନିଶ୍ଚିତ କରିବା ଲାଗି ତାଙ୍କୁ ଚୟନ କରାଯାଇଥିଲା, ଯାହାକୁ ସେ ଚମତ୍କାର ଭାବରେ ପ୍ରତିପାଦନ କରିଛନ୍ତି । ଏହି ସଫଳତା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଏସ୍.ଏନ୍. ଜୟଶଙ୍କରଙ୍କ ଯୋଗୁ ହୋଇନାହିଁ, ବରଂ ଅନେକ ଉତ୍ସର୍ଗୀକୃତ ବାବୁଙ୍କ ପାଇଁ ଏହା ସମ୍ଭବ ହୋଇଛି ବୋଲି କାନ୍ତ ନିଜେ ଦର୍ଶାଇଛନ୍ତି । ଆଇଏଏସ୍, ଆଇଏଫ୍ଏସ୍ ଏବଂ ଆଇଆଇଏସ୍ ଅଧିକାରୀଙ୍କ ଏକ ମିଳିତ ମଞ୍ଚ ୨୦୦ ଘଣ୍ଟାରୁ ଅଧିକ ସମୟ ଧରି କରାଯାଇଥିବା ଲଗାତର ବୁଝାମଣା ପ୍ରକ୍ରିୟା, ୩୦୦ ଦ୍ୱିପାକ୍ଷିକ ବୈଠକ ଏବଂ ଏକ ସହଭାଗୀ ଲକ୍ଷ୍ୟ ଦିଗରେ ୧୫ଟି ଚିଠା ସଂଶୋଧନ ପାଇଁ କାର୍ଯ୍ୟ କରିଥିଲେ । କାନ୍ତଙ୍କ ବ୍ୟତୀତ ଏହି କାର୍ଯ୍ୟରେ ଜଡ଼ିତ ଥିବା ଅଧିକାରୀମାନେ ହେଲେ ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ନାଗରାଜ ନାଇଡୁ କାକାନୁର, ଇନମ ଗମ୍ଭୀର, ଆଶିଷ କୁମାର ସିହ୍ନା, ଲିଲି ପାଣ୍ଡେ ଏବଂ ଅଭୟ ଠାକୁର । କାନ୍ତଙ୍କ ଭଳି ଅଧିକାରୀମାନଙ୍କ ଅମଲାତାନ୍ତ୍ରିକ ପ୍ରତିଭାକୁ ବ୍ୟବହାର କରିବା, ଜଟିଳ ଭୌଗୋଳିକ ନୀତିକୁ ସଞ୍ଚାଳନ କରିବା ଏବଂ ବିଶ୍ୱର ସୁରକ୍ଷା ସମସ୍ୟାକୁ ସମାଧାନ କରିବା କ୍ଷମତା ଭବିଷ୍ୟତର ପଥ ନିର୍ଣ୍ଣୟ କରିବ । କୁହାଯାଇପାରେ ଯେ,ଏହି ପଥ ପ୍ରଦର୍ଶକମାନେ ସଫଳତାର ସହିତ ଭାରତୀୟ କୂଟନୀତି ଶିଖରକୁ ଯାଇପାରିଛନ୍ତି ।

### ଚୟନ ଅଭିଯାନ

ଏକ ମାସର ବ୍ୟବଧାନ ପରେ ପବ୍ଲିକ ଏଣ୍ଟରପ୍ରାଇଜେସ ସିଲେକ୍ସନ ବୋର୍ଡ (ପିଇଏସ୍‌ବି) ବିଭିନ୍ନ କେନ୍ଦ୍ରୀୟ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ (ପିଏସ୍‌ୟୁ)ରେ ବୋର୍ଡ ସ୍ତରୀୟ ପଦବୀ ପାଇଁ ଚୟନ ସାକ୍ଷାତକାର ଆରମ୍ଭ କରିଛି । ଅଗଷ୍ଟ ୯, ୨୦୨୩ ରେ ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ୍ ଫର୍ଟିଲାଇଜର ନିର୍ଦ୍ଦେଶକ (ବୈଷୟିକ) ଲାଗି ପିଇଏସ୍‌ବି ଶେଷ ସୁପାରିସ କରିଥିଲା । ସୂତ୍ର ଅନୁଯାୟୀ, ଚଳିତ ମାସ ପାଇଁ ସ୍ଥିର କରାଯାଇଥିବା ଚୟନ ସାକ୍ଷାତକାର ମଧ୍ୟରେ ଅଛି ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ (ଆର୍ ଆଣ୍ଡ୍ ବି) , ମହାନଦୀ କୋଲ୍ଡ ଫିଲ୍ଡର ସିଏମ୍‌ଡି ଏବଂ ପାୱାରଗ୍ରୀଡ୍ (ପିଜିସିଆଇଏଲ୍) ସିଏମ୍‌ଡି ଭଳି ବୋର୍ଡ ସ୍ତରୀୟ ପଦବୀ । ତେବେ ପାୱାର ଗ୍ରୀଡ୍ ମୁଖ୍ୟ କେ.ଶ୍ରୀକାନ୍ତ ୩୧ ଡିସେମ୍ବର ୨୦୨୩ରେ ଅବସର ନେବାକୁ ଥିବାରୁ ଏହି ପଦବୀର ନିଯୁକ୍ତି ଗୁରୁତ୍ୱପୂର୍ଣ୍ଣ । ଅଗଷ୍ଟରେ ବୋର୍ଡ ସ୍ତରୀୟ ପଦବୀ ପାଇଁ କେବଳ ୩ଟି ଚୟନ ସାକ୍ଷାତକାର ହୋଇଥିଲା ଏବଂ ଏହି ସଂଖ୍ୟା ଚଳିତ ବର୍ଷର ସବୁଠୁ କମ୍ । ମୋଟ ଉପରେ ପିଏସ୍ଇବି ଚଳିତ ବର୍ଷ ବୋର୍ଡ ସ୍ତରୀୟ ପଦବୀ ପାଇଁ ୭୩ଟି ଚୟନ ସାକ୍ଷାତକାର ଆୟୋଜନ କରିଛି । ଫେବୃୟାରୀରେ ୧୩, ମାର୍ଚ୍ଚରେ ୧୪,ଏପ୍ରିଲରେ ୯, ମେ ଏବଂ ଜୁନ୍‌ରେ ପ୍ରତ୍ୟେକ ୧୦ଟି ଚୟନ ସାକ୍ଷାତକାର କରାଯାଇଛି । ଅପରପକ୍ଷେ, ଜାନୁୟାରୀରେ ଏହି ସଂଖ୍ୟା ୬ଟି ଥିଲାବେଳେ ଅଗଷ୍ଟରେ ସର୍ବନିମ୍ନ ୩ଟି ଚୟନ ସାକ୍ଷାତକାର କରାଯାଇଛି । ଚୟନ ପ୍ରକ୍ରିୟା ପୁଣି ଥରେ ଗତିଶୀଳ ହୋଇଛି ଏବଂ ଆଶା କରାଯାଏ, ଏହା ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାଠାରୁ ଅଧିକ ପଦକ୍ଷେପ ନେବାର ଏକ ସଙ୍କେତ ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 5 | | | | 6 | 9 | |
| 2 | | | | 8 | 4 | | | |
| | 1 | | | | | 2 | | |
| 7 | | | | 2 | | | | |
| | | | 5 | | 9 | | 2 | |
| | 8 | | 4 | | | | | 7 |
| | | 4 | | 3 | 7 | | 5 | |
| | 6 | | | 5 | | | | |
| | 2 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 2 | 9 | 8 | 1 | 6 | 5 | 4 |
| 8 | 5 | 9 | 2 | 4 | 6 | 7 | 1 | 3 |
| 6 | 4 | 1 | 3 | 5 | 7 | 2 | 8 | 9 |
| 5 | 9 | 8 | 1 | 2 | 3 | 4 | 7 | 6 |
| 2 | 1 | 7 | 4 | 6 | 5 | 9 | 3 | 8 |
| 4 | 6 | 3 | 8 | 7 | 9 | 1 | 2 | 5 |
| 1 | 8 | 6 | 5 | 9 | 2 | 3 | 4 | 7 |
| 3 | 7 | 4 | 6 | 1 | 8 | 5 | 9 | 2 |
| 9 | 2 | 5 | 7 | 3 | 4 | 8 | 6 | 1 |

ଗତକାଲିର ଉତ୍ତର

# ନାଁରୁ କ'ଣ ମିଳିବ



ମାୟାଧର ନାୟକ

ଆମ ଦେଶରେ ବେଶି ଠାକୁରାଣୀ ଠାକୁରଙ୍କ ନାଁରେ ମା'ବାପାମାନେ ସେମାନଙ୍କ ପିଲାଙ୍କ ନାମ ରଖନ୍ତି । ଆଉ ମଧ କିଛି ଆଧୁନିକ ନାଁ ଦିଅନ୍ତି । ବିଦ୍ୟାଭୂଷଣ ନାଁ ଥାଇ ମୂର୍ଖ, ଦିବ୍ୟଲୋଚନ ନାଁ ଥାଇ ଦୃଷ୍ଟି ବାଧିତ, ଗୋରାଚାନ୍ଦ ନାଁ ନେଇ ତ୍ରିପଣ୍ଡ କାଳିଆ ଏଇଭଳି ବହୁ ଉଦାହରଣ ଅଛି । ନାଁ କେବଳ ଚିହ୍ନଟ ପାଇଁ ସେ ମଣିଷ ହେଉ କି ଭୌଗୋଳିକ କ୍ଷେତ୍ରଫଳ ହେଉ । ଥରେ ଯେଉଁ ନାଁରେ ବର୍ଷବର୍ଷ ଧରି ଚିହ୍ନୁଛେ ଡାକୁଛେ ସେ ନାଁ ବଦଳାଇ ଦେଲେ ସମସ୍ତେ ଅଡୁଆରେ ପଡିଯାଆନ୍ତି । ଏବେ ଦେଶର ନାଁ 'ଇଣ୍ଡିଆ' ବଦଳରେ 'ଭାରତ' ଲେଖିବା । ଆମେ ସିନା ପାର୍ଲାମେଣ୍ଟରେ ଏକ ତୃତୀୟାଂଶ ଭୋଟରେ ବଦଳ ନାଁକୁ ଗୃହୀତ କରାଇନେବା, କିନ୍ତୁ ବିଦେଶୀମାନଙ୍କ ସହ ଯେତେ ଚୁକ୍ତିପତ୍ର ହୋଇଛି ସେମାନେ ଇଣ୍ଡିଆ ସ୍ଥାନରେ ଭାରତ ଲେଖିବେ କି ? ଆମେରିକା ପ୍ରଶ୍ନ ଉଠାଇଲାଣି । ଏଭଳି ଉଦ୍ଭଟ ଚିନ୍ତା ଆସିଲା କାହିଁକି ? ବିରୋଧୀମାନେ 'ଇଣ୍ଡିଆ' କଲାପରେ ଏନ୍‌ଡିଏବାଲା ଅଡୁଆରେ ପଡ଼ିଗଲେ କି? ଇଣ୍ଡିଆ ମେଣ୍ଟ କହିଲେଣି – ଆମେ ବି ଇଣ୍ଡିଆ ବଦଳାଇ 'ଭାରତ' ମେଣ୍ଟ ନାଁ ଦେବୁ ।

ଦେଶ ସ୍ୱାଧୀନ ପରେ ୧୯୪୯ବେଳେ ସମ୍ବିଧାନ ପ୍ରଣୟନବେଳେ ବହୁ ନାଁ ଆସିଥିଲା । 'ଭାରତ', ହିନ୍ଦୁସ୍ତାନ, ହିନ୍ଦ୍, ଭାରତଭୂମି, ଭାରତବର୍ଷ ନାଁକୁ ବିଚାରକୁ ନିଆଯାଇଥିଲା । ଶେଷରେ ନିଷ୍ପତ୍ତି ହେଲା ''ଇଣ୍ଡିଆ ଦ୍ୟାଟ୍ ଇଜ୍ ଭାରତ'' । ୟୁନିୟନ୍ ଅଫ୍ ଷ୍ଟେଟ୍‌ସ । ସମ୍ବିଧାନର ଧାରା ୧(୧)ରେ ''ଇଣ୍ଡିଆନ୍ କନ୍‌ଷ୍ଟିଚ୍ୟୁଶନ୍' ରହିଲା । ପ୍ରସିଦ୍ଧ କବି ସେକ୍ସପିୟର ତାଙ୍କ 'ରୋମିଓ ଏବଂ ଜୁଲିଏଟ୍'ରେ ଲେଖିଥିଲେ ହ୍ୱାଟ୍ ଇଜ୍ ଇନ୍ ନେମ୍ ? ନାଁରେ କ'ଣ ଅଛି ? ଆମେ ଯେତେ ନାଁ ବଦଳାଇ ଦେଲେ ବି ଇଣ୍ଡିଆ ଥିଲାବେଳେ ଯେଉଁ ଭୂଖଣ୍ଡ ଥିଲା ଭାରତ ନାଁ ରଖିଲେ ବି ସେଇ ଭୂଖଣ୍ଡ ରହିବ । ନାଁ ବଦଳିଗଲେ କ'ଣ ଲୋକଙ୍କ ଚିନ୍ତାଧାରା – ଅବସ୍ଥା ବଦଳିଯିବ ?

ଦେଶ ବର୍ତ୍ତମାନ ଦୁଇଟି ନାଁରେ ପରିଚିତ । ଇଣ୍ଡିଆନ୍ ଗଭର୍ନମେଣ୍ଟ ଅଫିସିଆଲ୍ ନାଁ ଇଂଲିଶରେ ଇଣ୍ଡିଆ ବିଶ୍ୱସାରା ପ୍ରଚଳିତ, ହିନ୍ଦୀ ନାଁ ଭାରତ ଦେଶ ଭିତରେ ପ୍ରଚଳିତ । ବମ୍ବେକୁ ମୁମ୍ବାଇ, ମାଡ୍ରାସକୁ ଚେନ୍ନାଇ ଭଳି ବର୍ତ୍ତମାନ ଆମେ ବହୁ ରାସ୍ତା, ରେଲଷ୍ଟେଶନ ନାଁ ବଦଳାଇ ଦେଉଛେ ।

ଏବେ ନାମ ବିଧିବଦ୍ଧ ଭାବେ ପରିବର୍ତ୍ତନ ହୋଇନି, କିନ୍ତୁ ଜି ୨୦ ସମ୍ମିଳନୀରେ ପ୍ରେସିଡେଣ୍ଟ ଅଫ୍ ଭାରତ, ପ୍ରାଇମିନିଷ୍ଟର ଅଫ୍ ଭାରତ




ଲେଖିସାରିଲେଣି । ଏହା ଠିକ୍ ଲାଗୁନି । ଏତେ ତରତର କାହିଁକି ? ସେପ୍ଟେମ୍ବର ୧୮ରୁ ୨୨ ସଂସଦର ପାଞ୍ଚ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାହୋଇଛି । ଏ ଅଧିବେଶନରେ ଏକ ଦେଶ ଏକ ନିର୍ବାଚନ ବିଲ୍, ଇଣ୍ଡିଆ ବଦଳରେ ଭାରତ ନାମକରଣ ବିଲ୍ ଆସିବ ବୋଲି କୁହାଯାଉଛି । ସ୍ମରଣଯୋଗ୍ୟ ଯେ,ଅତୀତରେ ନାମ ବଦଳ ବିଲ୍ ଆସିଥିଲା ଏବଂ ତାହା କାଟ୍ ଖାଇଯାଇଥିଲା । ସଂଖ୍ୟା ଦୃଷ୍ଟିରୁ ବିଲ୍ ପାସ୍ ହୋଇଯାଇପାରେ । ଏହାଦ୍ୱାରା ଦେଶର ଲାଭ କ୍ଷତି ମଧ ହିସାବ କରିବାକୁ ହେବ । ଟଙ୍କାରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଛି । ପୁରୁଣା ନୋଟ୍‌କୁ ବନ୍ଦକରି ନୂଆ ନୋଟ୍ ଛପାଇବେ କି ? ପୁଣି ନୋଟବନ୍ଦୀ ହେବ କି ? ଯେଉଁ ସରକାରୀ ସଂସ୍ଥାଗୁଡ଼ିକରେ 'ଇଣ୍ଡିଆ' ନାଁରେ ସରକାରୀ/ବେସରକାରୀ କାର୍ଯ୍ୟ ଚାଲୁଥିଲା ସେସବୁ ବଦଳାଇ 'ଭାରତ' ଲେଖିଲାବେଳକୁ ସମୟ ଓ ଅର୍ଥ ଖର୍ଚ୍ଚ ହେବ । ପ୍ରାୟ ୨୦ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଉଛି । ରାଜକୋଷରୁ ଏତେଟଙ୍କା ଖର୍ଚ୍ଚ କରିବାପାଇଁ ସରକାର ଦେଶବାସୀଙ୍କ ମତାମତ ନେବେନି ? ନୋଟବନ୍ଦୀବେଳେ ଯେଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା ଏକ ଦେଶ ଏକ ନିର୍ବାଚନ, ଇଣ୍ଡିଆ ବଦଳରେ ଭାରତ ବିଲ୍ ପାସ୍ କରି ସମ୍ବିଧାନ ସ୍ୱୀକୃତି ପାଇଗଲେ ଦେଶରେ ନାନା ବିଭ୍ରାଟ ସୃଷ୍ଟି ହେବ । ଅସଲ ବିଲ୍ ଏକ ଦେଶ ଏକ ନିର୍ବାଚନ ସବୁଠୁ ବେଶି ବିଭ୍ରାଟ ସୃଷ୍ଟି କରିବ । ନଭେମ୍ବରରେ ୬ଟି ରାଜ୍ୟରେ ନିର୍ବାଚନ ହେବ । ୨୪ ମହାଭାରତ ଏତେ ସହଜ ହେବନି । କିଛି ରାଜ୍ୟରେ ବର୍ଷେ ଦୁଇବର୍ଷ ପୂର୍ବରୁ ନିର୍ବାଚନ ହୋଇଯାଇଛି । ସେ ସରକାରଗୁଡ଼ିକୁ ରାଷ୍ଟ୍ରପତି ଶାସନ ଜାରିକରି ଭାଙ୍ଗିଦେଇ ଏକ ସଙ୍ଗରେ ୨୪ ଏପ୍ରିଲ-ମେ ବେଳକୁ କେନ୍ଦ୍ରସରକାର ସବୁ ରାଜ୍ୟରେ ନିର୍ବାଚନ କରିବେ । ଏହା ଅସାମ୍ବିଧାନିକ ହୋଇଥିଲେ ସୁପ୍ରିମକୋର୍ଟ ଅଙ୍କୁଶ ଲଗେଇ ଦେଇପାରନ୍ତି ।

ଏବେ ଯାହା ଜଣାପଡିଛି ଏକ ଦେଶ ଏକ ନିର୍ବାଚନ ହେଲେ ୧୦ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ ! ଏକ ସଙ୍ଗେ ଲୋକ ସଭା, ବିଧାନସଭା, ପୌରସଭା, ଜିଲାପରିଷଦ, ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ନିର୍ବାଚନ ହେବ । ଇଭିଏମ୍ ପ୍ରସ୍ତୁତ କରିବାକୁ ହେବ । ସବୁ ରାଜନୈତିକ ଦଳ, ସ୍ୱାଧୀନ ପ୍ରାର୍ଥୀଙ୍କ ଖର୍ଚ୍ଚ କେତେ ଲକ୍ଷକୋଟି ଟଙ୍କା ଖର୍ଚ୍ଚ ହେବ ତାହାର ହିସାବ କେହି ଦେଇପାରିବେ ନାହିଁ । ୨୪ ସାଧାରଣ ନିର୍ବାଚନରେ ଏକ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବା କିଛି ଅସମ୍ଭବ ନୁହେଁ । ଏ ଯୁଦ୍ଧ କୌଣସି ବିଦେଶୀ ଶକ୍ତି ବିରୋଧରେ ନୁହେଁ, ନିଜ ନିଜ ଭିତରେ ରାଜନୈତିକ କ୍ଷମତା ଲାଗି ହେବ ।

ଏକଦେଶ ଏକ ନିର୍ବାଚନ, ପୁଣି ଇଣ୍ଡିଆ ନାଁ ବଦଳାଇ 'ଭାରତ – ଏ ଦୁଇଟି ବିଲ୍‌କୁ ସରକାର ସ୍ୱତନ୍ତ୍ର ଅଧିବେଶନରେ ପାସ୍ କରେଇନେଇପାରନ୍ତି, ହେଲେ ଦେଶର ଅର୍ଥନୀତି ଧ୍ୱଂସମୁଖୀ ହେବ । ବିଶ୍ୱବ୍ୟାପୀ ଯେଉଁ ଅର୍ଥନୈତିକ ମାନ୍ଦାବସ୍ଥା ଚାଲିଛି – ଆମ ଦେଶ ସେଥିରୁ ବାଦ୍ ଯିବନି । ପୁଣି ଆଗକୁ ରୋଗ-ଭୋକ ମାଡିଆସୁଛି ସେଥିରୁ ମୁକୁଳିବା ପାଇଁ ଅର୍ଥର ଅଭାବ ପଡିବ ।

୧୯୬୦ ପୂର୍ବ ପର୍ଯ୍ୟନ୍ତ ଏକ ସଙ୍ଗେ ଲୋକ ସଭା, ବିଧାନସଭା ନିର୍ବାଚନ ହୋଇଆସୁଥିଲା । ୧୯୬୦ ଶେଷବେଳକୁ ସମ୍ବିଧାନର ୩୫୬ ଧାରାକୁ ପ୍ରୟୋଗକରି ରାଜ୍ୟସରକାରକୁ ଭାଙ୍ଗିଦେଲେ । ସେ ରାଜ୍ୟରେ ନିର୍ବାଚନ ହେଲା । ଏହାଦ୍ୱାରା ଗଣତନ୍ତ୍ର, ସଂଘୀୟବ୍ୟବସ୍ଥା କ୍ଷତିଗ୍ରସ୍ତ ହେଲା । ଏକ ସଙ୍ଗେ ନିର୍ବାଚନ ଅର୍ଥ 'ଘୋଡ଼ା ବେପାର' । ନେତାମାନେ ଏ ଦଳ ସେ ଦଳ ଡେଇଁବେ । ଦେଶରେ ଦଳବଦଳ ଡିଆଁଡିଇଁ କରୁଥିବାବେଳେ 'ବିଶ୍ୱଗୁରୁ' ପଦବୀକୁ ଚାଇନା ଛଡାଇନେଲାଣି । ବିଶ୍ୱ ଜିଡିପିରେ ଚାଇନାର ୨୦ ଟ୍ରିଲିଅନ୍ ଡଲାର, ଆମେରିକାର ୨୫ ଟ୍ରିଲିଅନ୍ ଡଲାର, ଜାପାନର ୫ ଟ୍ରିଲିଅନ୍ ଡଲାର, ଇଣ୍ଡିଆର ୩ ଟ୍ରିଲିଅନ୍ ଡଲାର ପଛକୁ ପଛ ଆଉ ସବୁଦେଶ ଅଛନ୍ତି । ଆମ ଜିଡିପି ଖସୁଥିଲା ବେଳେ ଚାଇନା ମାଡିଚାଲିଛି । ଚାଇନାର ଉତ୍ପାଦନ ଦ୍ରବ୍ୟ ସାରା ବିଶ୍ୱ ବଜାରକୁ ଦଖଲ କରିନେଇଛି । ଏବେ ଚାଇନା ପ୍ରକୃତ ବିଶ୍ୱଗୁରୁ ! ସମୃଦ୍ଧ ଅର୍ଥନୀତିକୁ ଛାଡି କୌଣସି ଦେଶ ଆଗକୁ ଯାଇପାରିବ ନାହିଁ । ରାଜନୀତିରେ ସବୁଦେଶରେ ହଟଚମଟ ସୃଷ୍ଟି ହୁଏ । ଆମ ଦେଶରେ ମଧ ହଟଚମଟ ସୃଷ୍ଟି ହେଉଛି । ଏହି ପ୍ରଚାରରେ ଭୋକ ମରିବନି କି ରୋଗ ଭଲ ହୋଇଯିବନି । ରାଜକୋଷରୁ ଅଯଥା ଖର୍ଚ୍ଚ ନ କରି ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, ଖାଦ୍ୟ ଯୋଜନାରେ ମନଦେବା ସବୁଠୁ ଶ୍ରେୟସ୍କର ।

**ଯାଜପୁର ରୋଡ, ଯାଜପୁର**
**ମୋ: ୯୮୬୧୦୩୪୧୬୩**

# ଆମ ସଂସ୍କୃତିର କେତୋଟି ବିଚାର



ଉମାଶଙ୍କର ପ୍ରସାଦ

ଆମ ସଂସ୍କୃତିର ଏକ ସ୍ୱାତନ୍ତ୍ର୍ୟ ହେଉଛି 'ତେନତ୍ୟକ୍ତେନ ଭୁଞ୍ଜିଥା' ଅର୍ଥାତ୍ ତ୍ୟାଗପୂର୍ବକ ଉପଭୋଗ କର । ଏକାକୀ ଉପଭୋଗ ନ କରି ସମୂହ ଭାବରେ ଦୁଃଖ ସୁଖକୁ ବାଣ୍ଟିନେବା ପାଇଁ ଆମକୁ ପିଲାଟି ଦିନରୁ ଶିଖା ହୋଇଛି । ଯେଭଳି 'ପ୍ରସାଦ ବାଣ୍ଟିଣ ଖାଇବ, ଅଳ୍ପ ବହୁତ ନ କହିବ', 'ଏକତାର ବଳ ବା ଦଳର ବଳ' । ଏପରି ଅନେକ ଆପ୍ତବାକ୍ୟରେ ଆମ କୈଶୋର ସମୃଦ୍ଧ । କଣିକାଏ ନିର୍ମାଲ୍ୟରେ ବୈକୁଣ୍ଠ ପ୍ରାପ୍ତି ବୋଲି ସେଇ ବିଶ୍ୱାସରେ ଆମେ ବଞ୍ଚିଛୁ ଆଜିଯାଏ । ତେବେ ଏଭଳି ସମୂହ ଭାବନା ତ୍ୟାଗର ନାମାନ୍ତର ନୁହେଁ କର୍ତ୍ତବ୍ୟର ଅନ୍ୟତମ ରୂପ । ତେବେ ତ୍ୟାଗ ଆଉ କର୍ତ୍ତବ୍ୟକୁ ନେଇ ଦୁଇ କିମ୍ବଦନ୍ତୀ ପୁରୁଷ ଯେ କି ଗାନ୍ଧୀ ଓ ମାର୍କସ । ମାର୍କସ କହିଲେ 'ନ ଥିଲା ଲୋକ ଥିଲା ଲୋକଙ୍କଠୁ ଛଡ଼େଇ ନିଅନ୍ତୁ କିନ୍ତୁ ଗାନ୍ଧୀ କହିଲେ, ଥିଲାବାଲା ନ ଥିଲାବାଲା ଲୋକଙ୍କୁ ଆପଣାର ମଣି ହାତଧରି ତଳୁ ଉପରକୁ ଉଠାଇ ନେଲେ ରକ୍ତାକ୍ତ ବିପ୍ଳବକୁ ଏଡ଼ାଇ ଦିଆ ଯାଇପାରନ୍ତା ଓ ସାମୂହିକ ସଦ୍‌ଭାବ ପ୍ରତିଷ୍ଠା ସହଜ ହୋଇପାରନ୍ତା । ତେବେ ଏ କଥା ଆଜିର ସମାଜରେ କେତେଦୂର ସମ୍ଭବ ? ତେବେ ଏବକାର ସମାଜରେ କେତୋଟି ବିଚାର ଉପରେ ଆଲୋଚନା କରିବା । ଆଜି ଆଉ କେହି ଚିଠି ଲେଖିବାକୁ ପସନ୍ଦ କରୁ ନାହାନ୍ତି । ତେଣୁ ଚିଠି ଲେଖା ସାତସପନ ହେଲାଣି । ଚିଠି ଯେ କେତେ ପ୍ରତୀକ୍ଷାର ଅନ୍ତ ଘଟାଏ ଏ କଥା ଆମ ପିଲାଏ ଜାଣି ପାରୁନାହାନ୍ତି । ୩ ଏପ୍ରିଲ ୧୯୭୩ରେ ବିଜ୍ଞାନୀ ମାର୍ଟିନ କୁପର ପ୍ରଥମେ 'ମୋଟୋରୋଲା' ମୋବାଇଲ ପ୍ରସ୍ତୁତ କରିବା ସହ ତାଙ୍କର ଜଣେ ପ୍ରତିଦ୍ୱନ୍ଦ୍ୱୀ ଡ. ଜୋଏଲସ୍ ଏଙ୍ଗେଲଙ୍କ ସହ କଥା ହୋଇଥିଲେ । ସେହିପରି ପ୍ରଥମେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ନୋକିଆ ହ୍ୟାଣ୍ଡ ସେଟ୍‌ରେ କେନ୍ଦ୍ରୀୟ ଦୂରସଂଚାର ମନ୍ତ୍ରୀ ସୁଖରାମଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ସେହି ଦିନଠାରୁ ମୋବାଇଲ ତାର କାୟା ବିସ୍ତାର କରିବା ସହ ଆଜିର ଯୁବପିଢ଼ି ତଥା ସମସ୍ତଙ୍କୁ ହ୍ୱାଟ୍‌ସ ଆପ, ଏସ୍ଏମ୍ଏସ୍, ଇନ୍‌ଷ୍ଟାଗ୍ରାମ ଓ ଟୁଇଟର ଭିତରେ ସୀମିତ କରି ଦେଇଛି । ଡାକଘର ଆଉ ସମ୍ପର୍କର ସେତୁ ହୋଇ ରହିନାହିଁ ।

ଏହି ମୋବାଇଲର ବ୍ୟବହାର ଫଳରେ ବର୍ଣ୍ଣଶୁଦ୍ଧିର ସଙ୍କଟ ବଢ଼ିବାରେ ଲାଗିଛି । ଓଡ଼ିଆ ଭାଷାକୁ ନେଇ ବହୁତ ସଭା ସମିତି ଆଲୋଚନା ଚକ୍ର ହେଉଛି । ଆକାର, ଇ, ଈ ର ପାର୍ଥକ୍ୟ, ଶ, ଷ,ସ ର ବ୍ୟବହାରକୁ ନେଇ ନାନା ମତ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି । କେଉଁ ବନାନକୁ ସାଧାରଣ ଲୋକେ ବ୍ୟବହାର କରିବେ, ଏମିତି ସର୍ବସମ୍ମତ ମତ ବାହାରିପାରୁନି, ମାତ୍ର ମୋବାଇଲରେ ବନାନ ଅଛି କି? ଆମ ଭାଷା ଯେ କେତେ ବିପଦଗ୍ରସ୍ତ ଏକଥା ଆମେ ଜାଣି ଅଜଣା ହେଉଛୁ । ଏହା ହେଉଛି ବର୍ତ୍ତମାନ ସଂସ୍କୃତିର ବିଚାର । ଆଜି ଏଇ ଭାଷାରୁ ସମସ୍ତ ସମସ୍ୟା ମନରେ ଉଙ୍କି ମାରୁଛି ! ପିଲାଙ୍କ ଭିତରେ ନିଜ ବିଦ୍ୟାଳୟକୁ ନେଇ କଥାବାର୍ତ୍ତା ''ତୁମ ସ୍କୁଲରେ ସୁଇମିଂ ପୁଲ୍ ଅଛି ? ଆମ ସ୍କୁଲରେ ହର୍ଷ ରାଇଡିଂ ଟ୍ରେନିଂ ଦିଆଯାଉଛି । ମୋ ଜାଣିବାରେ ଷଷ୍ଠ ଦଶକ ଶେଷ ପର୍ଯ୍ୟନ୍ତ ଗାଁର ହାଇସ୍କୁଲରେ ଇଂଲିଶ ପଢ଼ା ଖୁବ୍ ଭଲ ହେଉଥିଲା । ତେବେ ଆଜି କାହିଁକି ଓଡ଼ିଆ ସ୍କୁଲରେ ସେହି ନାମକରା ପିଲାଙ୍କ



ପୁଅ ଝିଅ ବା ନାତି ନାତୁଣୀମାନେ ପଢୁନାହାନ୍ତି ? ଯିଏ ବି ଭଲ ପିଲା ପଢୁଛନ୍ତି ସେମାନେ ନିଜ ଭିତରେ କାହିଁକି ଇଂଲିଶ ମାଧ୍ୟମ ସ୍କୁଲରେ ପଢ଼ିଲେନି ବୋଲି ହୀନମନ୍ୟତା ନେଇ ବଢୁଛନ୍ତି ।

ଆମ ସନାତନ ସଂସ୍କୃତିରେ ପରିଷ୍କାର ପରିଚ୍ଛନ୍ନତାର ସ୍ଥାନ ଉଚ୍ଚରେ । ସେଦିନ ଜଗଜ୍ଜନନୀ ମା' ଲକ୍ଷ୍ମୀ ଠାକୁରାଣୀ ଗାଁ ଭ୍ରମଣରେ ଯିବା ସମୟରେ କାହାର ଦୁଆରେ ଶୁଚି ନ ଦେଖି ଶ୍ରୀୟା ଚଣ୍ଡାଲୁଣିର ଶୁଦ୍ଧପୂତ ପରିଷ୍କାର ପରିଚ୍ଛନତା କୁଡ଼ିଆ ଭିତରେ ଉଭା ହୋଇଥିଲେ । ଆଜି ଆଉ ଲିପା ପୋଛା ନାହିଁ । ଯଦି ଘରେ କାମବାଲା ନ ଆସିଥାଏ ଓ ବଡ଼ ବଡ଼ ବାବୁଙ୍କ ସହାୟକ ଅନୁପସ୍ଥିତ ରହେ ତେବେ ସେ ଘର ୩/୪ ଦିନ ଧରି ଓଳା ନ ହୋଇ ରହିଥାଏ । ବାବୁ, ବାବୁଆଣୀମାନେ ତିନିମହଲା କୋଠାରୁ ଅଳିଆ ପଲିଥିନ ରାସ୍ତା ଉପରକୁ ଫୋପାଡ଼ି ଦେଇ ପରିବେଶ ପ୍ରଦୂଷଣ କରୁଛନ୍ତି । ହେଲେ ସେମାନଙ୍କ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି, ଏହା ହେଉଛି ଆଜିର କଳି ଯୁଗର ପ୍ରଭାବ ! ଘର ସଫା ସୁତରା ରଖିବା ମଫସଲିଆ ବିଚାର ନୁହେଁ । ଏଥିରେ ସ୍ୱାସ୍ଥ୍ୟରକ୍ଷା ସହିତ ମନସ୍ତତ୍ତ୍ୱ ମଧ ସଂଶ୍ଳିଷ୍ଟ ।

ଆଜିର ନାରୀ ସମାଜ ନିଜର ବିପର୍ଯ୍ୟୟ ପାଇଁ ନିଜେ ଦାୟୀ । ଦିନେ ଝିଅର ଚାଲିଚଳଣି ଜାମା ଲୁଗାରେ ପରିବାରର ଚାଲିଚଳଣି ଫୁଟି ଉଠୁଥିଲା । ପରିବାରର ସମ୍ପଦ କନ୍ୟାରତ୍ନଟି ପରମ୍ପରାରେ ରକ୍ଷାକର୍ତ୍ତା ଥିଲା । ଆଉ ଆଜି ଯେତେ ନୂଆ ନୂଆ ଚଳଚ୍ଚିତ୍ର ଆସୁଛି ସେତେ ନୂଆ ପୋଷାକ ସିଲେଇ ହେଉଛି । ଆଉ ସମ୍ଭ୍ରାନ୍ତ ବଂଶର ପୁଅ ଝିଅମାନେ ଉକ୍ତ ପୋଷାକଟିକୁ ଯଥାଶୀଘ୍ର ଆଣିବା ଦରକାର ହୋଇପଡିଛି, କାଳ ବିଳମ୍ବ ହେଲେ ଷ୍ଟାଇଲ ବଦଳିବାର ଭୟ ଅଛି । କିନ୍ତୁ ସେମାନେ ବିଚାର କରିବା ଦରକାର ଯେଉଁ, ଜୋତା, ପୋଷାକ, ଚଷମାର ଶୈଳୀ ଏତେ କ୍ଷଣସ୍ଥାୟୀ ତା' ପଛରେ ଏତେ ଊର୍ଦ୍ଧ୍ୱଶ୍ୱାସରେ ଧାଇଁବାର ମାନେ କ'ଣ ଅଛି ? ତଥ୍ୟ ଜାଣିବାର ଅଧିକାର କଥା ଭାଷଣରେ କହୁଥିବା ମଣିଷମାନେ ନିଜ ଜେଜେବାପା, ମାଆଙ୍କ ନାମ ଜାଣନ୍ତିନି, ନିଜର ଗୋତ୍ର ବି ଜାଣନ୍ତିନି ! ଆଜିକାର ପିଲାମାନେ କ୍ଷୀର ପ୍ୟାକେଟ୍‌ରୁ ଆସେ ବୋଲି ଜାଣନ୍ତି । ତେବେ ବିଚାର କରନ୍ତୁ ଆମ ସଂସ୍କୃତି ଓ ସଭ୍ୟତା କେତେ ନିମ୍ନସ୍ତରକୁ ଗଲାଣି ।

ଆଜିର ପିଲାଏ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ । ଏହି ବ୍ୟବସ୍ଥା ଖୁବ୍ ଭଲ କିନ୍ତୁ ସେଥିରେ ଆମେ ଯେଉଁ ତଥ୍ୟ ରଖିବା ସେତିକି ତ ଆମକୁ ଉପଲବ୍ଧ ହେବ ! ତେବେ ଏହି ବ୍ୟବସ୍ଥା ଆମ ବିଚାରକୁ ପ୍ରଭାବିତ କରୁଛି, ଅନେକ ତଥ୍ୟ ଆମ ହାତ ପାଖକୁ ଆସୁଛି ସହଜରେ । ମାତ୍ର ତଥ୍ୟ ତ ଜ୍ଞାନ ନୁହେଁ ! ଆସନ୍ତୁ ପାଠ କଥା ବିଚାର କରିବା- ବିଦ୍ୟା ପରା ନମ୍ରତା ଦିଏ । ''ନମ୍ରନ୍ତି ଫଳିନଃ ବୃକ୍ଷା ନମ୍ରନ୍ତି ଗୁଣିନୋ ଜନାଃ'' ଫଳ ଭାରରେ ବୃକ୍ଷଟି ନଇଁଯାଏ । ଏହି ଫଳନ୍ତି ବୃକ୍ଷ ଅନ୍ୟର ଫୋପଡ଼ ସହେ । ତେବେ ଗଛ କ'ଣ ଫୋପଡ଼କୁ ଡରି ଫଳ କାମନା କରେ ନାହିଁ କି? ଆଜି ଅତି ପାଠୁଆ ପୁଅ ସମସ୍ତଙ୍କ ସ୍ୱପ୍ନକୁ ପୁଞ୍ଜିକରି ବିଦେଶଯାଏ, ଆଉ ଘର ମାଟି ମାଡ଼ିବାକୁ ସଙ୍କୋଚ ବୋଧ କରେ ! ଆଜୀବନ ଦୁଃଖ କଷ୍ଟ ସହି ଯେଉଁ ବାପ ମାଆ ତାକୁ ଭେଣ୍ଡା କରିଥାନ୍ତି , ସେମାନଙ୍କ ପାଇଁ ବିଦେଶୀ ପୁଅ କିଛି ଅର୍ଥ ପଠାଇ ନିଜର ବଡ଼ପଣ ଦେଖାଇ ହୁଏ । ତେବେ ଆସନ୍ତୁ ଆମର ଏହି ବିଚାର ଧାରାକୁ ପରିବର୍ତ୍ତନ କରି ଆମ ସଂସ୍କୃତି ଓ ପରମ୍ପରାର ରକ୍ଷା କରିବା ।

ମୋ-୯୬୩୭୦୬୭୫୫୬୨

## ଏଇ ଭାରତରେ

ପାର୍କିନସନରେ ପୀଡ଼ିତ, ବୟସ ୬୨, ତଥାପି ପ୍ରତିଦିନ ଖେଚୁଡ଼ି ପ୍ରସ୍ତୁତ କରି ୧୦୦ ଜଣ ରୋଗୀଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି କିରନ କମଦାର । ସେ ମହାରାଷ୍ଟ୍ରର ପାଲଘରସ୍ଥିତ ଡି.ଏମ୍. ପେଟିଟ୍ ଗଭର୍ନମେଣ୍ଟ ହସ୍ପିଟାଲରେ ରୋଗୀମାନଙ୍କୁ ଖେଚୁଡ଼ି ଖାଇବାକୁ ଦେଉଛନ୍ତି । ଏହି କାର୍ଯ୍ୟ ସେ ୩ ବର୍ଷ ହେଲା କରି ଆସୁଛନ୍ତି । ସବୁଠୁ ବଡ଼ କଥା ହେଉଛି, ରୋଗୀଙ୍କୁ ଖାଦ୍ୟ ଦେବାରେ ଗୋଟିଏ ଦିନ ବି ବନ୍ଦ କରିନାହାନ୍ତି । ହସ୍‌ପିଟାଲକୁ ଆଖପାଖ ୧୫ଟି ଗାଁରୁ ରୋଗୀମାନେ ଆସନ୍ତି । ଅପରାହ୍ନ ୨ଟାରେ ଓପିଡି ବନ୍ଦ ହେବା ପରେ ସେମାନେ କିରନଙ୍କ ବାଟକୁ ଚାହିଁ ବସିଥାନ୍ତି । ସେ ମଧ ଠିକ୍ ସମୟରେ ଏକ ଟ୍ରଲିରେ ଖାଦ୍ୟ ନେଇ ପହଞ୍ଚିଯାଇଥାନ୍ତି । ତାଙ୍କ ଘର ପାଖରୁ ହସ୍ପିଟାଲ ୪ କି.ମି. ଦୂର ହେଲେ ମଧ ପ୍ରତିଦିନ ସେ ଠିକ୍ ସମୟରେ ସେଠାରେ ପହଞ୍ଚିଯାଆନ୍ତି । ପରେ ହସ୍ପିଟାଲର ପ୍ରତ୍ୟେକ ରୁମ୍‌କୁ ଯାଇ ରୋଗୀମାନଙ୍କୁ ଖେଚୁଡ଼ି ଦେଇଥାନ୍ତି । ସେ ନିୟମିତ ସକାଳ ୫ଟାରୁ ଉଠି ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଏହି କାର୍ଯ୍ୟରେ ତାଙ୍କ ସ୍ୱାମୀ ଓ ପରିବାର ସଦସ୍ୟମାନେ ସହଯୋଗ କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ସେପ୍ଟେମ୍ବର ୧୯୯୮

- ବାନାଞ୍ଚଳ ବିଲ୍‌କୁ ବିହାର ସରକାର ବିରୋଧ କରିବା ପରିପ୍ରେକ୍ଷୀରେ ରାବ୍ରୀଦେବୀଙ୍କ ନେତୃତ୍ୱରେ ପରିଚାଳିତ ଆର୍‌ଜେଡି ସରକାରଠାରୁ ଜେଏମ୍ଏମ୍ (ଏସ୍)ର ସମର୍ଥନ ପ୍ରତ୍ୟାହାର ।
- ଆସାମର କୋକ୍ରାଝର ଜିଲାରେ ମୁଖ୍ୟତଃ ବୋଡୋ ଉଗ୍ରପନ୍ଥୀ ଓ ସାନ୍ତାଳ ଅଧିବାସୀଙ୍କ ମଧ୍ୟରେ ଜାତିଆଣ ଦଙ୍ଗା ଘଟି ୨୬ ନିହତ ।
- ଉଭୟ ଇସ୍ରାଏଲ ଓ ଆମେରିକାର ମିଳିତ ସହଯୋଗରେ ନିର୍ମିତ ଆରୋ-୨ ନାମକ କ୍ଷେପଣାସ୍ତ୍ର ତେଲ ଆଭିଭ କ୍ଷେପଣାସ୍ତ୍ର ଘାଟିରୁ ସଫଳ ପରୀକ୍ଷଣ ।

## ଚିରନ୍ତନୀ

ଖୋଜୁଥିଲୁ ଦିନେ କିଶୋର-କୁସୁମ-ପଥେ
ଲଭିବାକୁ ପରା ମଳୟ ପରଶେ ମୋତେ ?
ମୁଁ ସେହି ଜୀବନ ନୁହେଁ ନୁହେଁ ଆନ କେହି
ବାସ୍ତବ ରୂପ ଦେଖ ମୋର ଆଖି ଫେଇ ।
-(ଜୀବନର ସ୍ୱର୍ଣ୍ଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମୋ ବସ୍ ସେବା ପ୍ରଚଳନ ହେଉ

ମହାଶୟ,

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ସାତପଡ଼ା, ଚିଲିକାକୁ ପ୍ରାୟ ୩ ଦିଗରୁ ଘେରିରହିଛି ବଙ୍ଗୋପସାଗରର ସୁବର୍ଣ୍ଣ ଜଳରାଶି । ସେଥିପାଇଁ ପୃଥିବୀର ପ୍ରାୟ ସବୁ ପ୍ରାନ୍ତରରୁ ପର୍ଯ୍ୟଟକମାନେ ଚିଲିକାକୁ ଆସିଥାନ୍ତି ଓ ଏହାର ମନୋରମ ଦୃଶ୍ୟକୁ ଅତି ପାଖରୁ ଉପଭୋଗ କରିଥାନ୍ତି । ଏହା ପୁରୀଠାରୁ ପ୍ରାୟ ୬୦ କି.ମି. ଦୂରରେ ଅବସ୍ଥିତ । ତେଣୁ ପୁରୀକୁ ଆସୁଥିବା ପ୍ରାୟ ସମସ୍ତ ପର୍ଯ୍ୟଟକଙ୍କର ଏଠାକୁ ଆଗମନ ନିଶ୍ଚିତ ରୂପେ ହୋଇଥାଏ । କିନ୍ତୁ କ୍ଷୋଭର ବିଷୟ ଏହିକି ଯେ, ଏଠାକୁ ଆସୁଥିବା ଅଗଣିତ ପର୍ଯ୍ୟଟକମାନଙ୍କର ସୁଗମନାଗମନ ପାଇଁ ସରକାରଙ୍କ ତରଫରୁ କୌଣସି ବିଶେଷ ବନ୍ଦୋବସ୍ତ କରାଯାଇନାହିଁ । ତେଣୁ ସରକାର ଲୋକପ୍ରିୟତା ଏବଂ ଯାତ୍ରୀ ସେବା କ୍ଷେତ୍ରରେ ଶୀର୍ଷରେ ପହଞ୍ଚିଥିବା ରୁଟ୍ ପରିଚାଳନାଗତ ମୋ ବସ୍ ସେବାକୁ ସୁଲଭ ଯାତ୍ରୀ ପରିବହନ ପାଇଁ ରାଜଧାନୀ ଭୁବନେଶ୍ୱରଠାରୁ ସାତପଡା ଏବଂ ପୁରୀଠାରୁ ସାତପଡା ବନ୍ଦୋବସ୍ତ କରିବା ଅତ୍ୟନ୍ତ ଆବଶ୍ୟକ ମନେହୁଏ । ଏହାଦ୍ୱାରା ସାତପଡାକୁ ଯାତ୍ରୀ ପରିବହନ ସୁଗମ ହୋଇପାରିବା ସହ ସରକାରଙ୍କର ରାଜସ୍ୱ ବୃଦ୍ଧି ମଧ୍ୟ ହୋଇପାରିବ । ତେଣୁ ସରକାର ଏ ଦିଗରେ ଉଚିତ ପଦକ୍ଷେପ ନେଇ ଯାତ୍ରୀମାନଙ୍କର ସାତପଡ଼ା ଯାତ୍ରାକୁ ସୁଗମ କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ ।

**- ଧର୍ମରାଜ ପଟ୍ଟନାୟକ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୬ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ରାସ୍ତାରେ ଜଳିଗଲା ବାଇକ୍

ଆଗରପଡ଼ା, ୧୫।୯(ସୁଶାନ୍ତ କୁମାର ଦାଶ): ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିରଠାରେ ଶୁକ୍ରବାର ପୂର୍ବାହ୍ନରେ ରାସ୍ତାରେ ଏକ ବାଇକ୍ ଜଳିଯାଇଛି। ଆଗରପଡ଼ା ଥାନା ଅଧୀନ ରଇଁତିରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର କୁମାର ରାଉଳ ଏବଂ ମୁଣ୍ଡଳୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ରାଉତ ବାଇକ୍‌ରେ ଆଗରପଡ଼ା ବଜାର ଅତିକ୍ରାନ୍ତ କରୁଥିବା ବେଳେ ଉକ୍ତ ବିଦ୍ୟାମନ୍ଦିରଠାରେ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ସେମାନେ ବାଇକ୍‌ରୁ ଡେଇଁ ପଡ଼ିଥିଲେ। ଖବରପାଇ ଆଗରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଗାଡ଼ିଟି ମାତ୍ର ଦେଢ଼ବର୍ଷ ହେବ କିଣିଥିବା ବେଳେ ଠିକ୍ ସମୟରେ ଶୋରୁମ୍‌ରେ ସର୍ଭିସିଂ କରନ୍ତି। ଏହା କମ୍ପାନୀର କୌଣସି ତ୍ରୁଟି ଏବଂ କ୍ଷତିପୂରଣ ବାବଦରେ କମ୍ପାନୀ ଅଧିକାରୀଙ୍କୁ ଜଣାଇବେ ବୋଲି ଗଜେନ୍ଦ୍ର କହିଛନ୍ତି।

### ବାଇକ୍ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ

ପଡିଆ, ୧୫।୯(ଭାସ୍କର ରାଓ): କୌଣସି ଏକ କାମରେ କାଲଧାପଲି ଗ୍ରାମକୁ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣା ଘଟି ୨ ଜଣ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ସେମାନେ ହେଲେ ପଡିଆ ପଞ୍ଚାୟତ ଅନ୍ତର୍ଗତ କମାର ଗ୍ରାମର ମୁନା କାରାମି (୨୨) ଓ ନାଗରାଜଗୁଡା ଗ୍ରାମର କୋରାପୁ ରମେଶ (୨୭)। ଉଭୟେ ଗୁରୁବାର କୌଣସି କାମରେ କାଲଧାପଲି ଗ୍ରାମକୁ ବାଇକ୍‌ରେ ଯାଇ ସେଠାରୁ ରାତି ୭ଟାରେ ଫେରୁଥିଲେ।। କମାରଗୁଡା ଗ୍ରାମ ନିକଟସ୍ଥ ନନ୍ଦାଗୁଡା ଗ୍ରାମ ନିକଟରେ ନୀଳଗିରି ଚାରା ବୋଝେଇ ହୋଇ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରାକ୍ଟର ସହ ଏମାନଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମୁନା ଓ କୋରାପୁଙ୍କ ଘଟଣା ସ୍ଥଳେ ମୃତ୍ୟୁ ହୋଇଥିଲା। ଖବରପାଇ ପଡିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

### ଅଟୋ ଓଲଟି ବାପା ମୃତ, ପୁଅ ଗୁରୁତର

ଆସିକା,୧୫।୯ (ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା କୋଟିନଡା ଥାନା ଅନ୍ତର୍ଗତ ଭେଟନଇ-ଭେଜିପୁଟ ମଧ୍ୟରେ ଗୁରୁବାର ରାତିରେ ଏକ ଅଟୋ ରିକ୍ସା ଓଲଟି ପଡିଥିଲା। ଏଥିରେ ଅଟୋ ଚାଳକ ଯୁଧିଷ୍ଠିର ପାତ୍ର (୫୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ରାକେଶ କୁମାର ପାତ୍ର ଗୁରୁତର ଆହତ ହୋଇଛନ୍ତି। ସେମାନେ ନୟାଗଡ ଜିଲା ଓଡଗାଁ ଥାନା ଅନ୍ତର୍ଗତ କୁରାଳ ଗ୍ରାମର ବୋଲି ଜଣାପଡିଛି। ବ୍ରହ୍ମପୁରରୁ ବଜାର କାମ ସାରି ବାପ-ପୁଅ ଅଟୋରେ ଫେରୁଥିଲେ। ଦ୍ରୁତଗତି ଯୋଗୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତାକଡ ଚାଷଜମିକୁ ଓଲଟି ପଡିଥିଲା। ଫଳରେ ଅଟୋ ତଳେ ଚାପି ହୋଇ ଯୁଧିଷ୍ଠିରଙ୍କ ମୃତ୍ୟୁ ଘଟିଥିଲା ବେଳେ ରାକେଶ ଗୁରୁତର ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଯୁଧିଷ୍ଠିରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଆହତ ରାକେଶ କୋଟିନଡା ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୫୬/୨୩ରେ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ୨ ମୃତ, ୨୩ ଆକ୍ରାନ୍ତ

## ଦଶମନ୍ତପୁର ବ୍ଲକର ୬ ପଞ୍ଚାୟତରେ ଝାଡ଼ାବାନ୍ତି


ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତ।

ଦଶମନ୍ତପୁର,୧୫।୯(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୬ଟି ପଞ୍ଚାୟତରେ ଝାଡାବାନ୍ତି ଦେଖାଦେଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ୨୩ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ମୃତକ ହେଲେ ମୁର୍କାର ପଞ୍ଚାୟତର ଆଉଟଦୋରା ଗ୍ରାମର ମନ ନାଚିକା (୬୦) ଓ ଅରତ ୱାଡେକା। ମନଙ୍କ ୧୦ତାରିଖରେ ମୃତ୍ୟୁ ଘଟିଥିବା ବେଳେ ୧୪ ତାରିଖରେ ଅରତଙ୍କ ଝାଡାବାନ୍ତିରେ ମୃତ୍ୟୁ ହୋଇଛି। ଫଟକିଜାମ ଗ୍ରାମ ଆଦିବାସୀ ସାହିର କେଶବ ମୁଦୁଲି(୭୦)ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରାନ୍ତମାନେ ହେଲେ ପରଜାବେଡାପଦର ପଞ୍ଚାୟତ ସେମ୍ଧି ଗ୍ରାମର ସୁମିତ୍ରା ଟାକ୍ରି ଏବଂ ସୁକାନ୍ତି ଟାକ୍ରି, ଦଶମନ୍ତପୁର ପଞ୍ଚାୟତ ଗୌଡକନ୍ତି ଗ୍ରାମର ସନାଇ ଗୌଡ, ମହୁଗାଁ ଗ୍ରାମର କୋମଲୋଚନ ପୂଜାରୀ, ଅଇଲା ଗୌଡ, ଡୁମ୍ବାଗୁଡ଼ା ପଞ୍ଚାୟତ ହାତୀମୁଣ୍ଡା ଗ୍ରାମର ଜୁନେସ ବିଶୋୟୀ, ବେଲଗଛ ଗ୍ରାମର ରୋଷାଇ ମିଣିଆକା, ଭିତର ବାଗ୍ରି ଗ୍ରାମର ସୁକାନ୍ତି କମାର, ନାଲମାରି ଗ୍ରାମର କବିତା ଜାନୀ ଓ ପିଙ୍କି ଜାନି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମର ଅନ୍ୟ ୨ ଜଣ ଆକ୍ରାନ୍ତଙ୍କୁ ସେହି ଗ୍ରାମର ସମାଜିକ କର୍ମୀ ଲୋଚନ ବିଶୋୟୀ ଔଷଧ କିଣି ନେଇ ଦେବାରୁ ଏହାକୁ ଖାଇ ସେମାନେ ସୁସ୍ଥ ଅଛନ୍ତି। ସେହିପର ମୁର୍କାର ପଞ୍ଚାୟତ ପୋଖାର ଗ୍ରାମର ସେବତୀ ମିଣିଆକାଓ ବିରିଗୁଡ଼ା ଗ୍ରାମର ଅଜିନ୍ଦ୍ର ମୁଦୁଲି, ପିଣ୍ଡାପଦର ପଞ୍ଚାୟତ ନାରଗଛ ଗ୍ରାମର ଜାନା ସାଉଁନ୍ତା, ଚିକାମ୍ବ ପଞ୍ଚାୟତ ଫଟକିଜାମ ଗ୍ରାମ ଆଦିବାସୀ ସାହିର ୯ ଜଣ ଜୁନେସ୍ ଜାନି, ଉଜଳା ଜାନି, ମନ ମୁଦୁଲି, ପାଇକିଣି ଜାନ, ବଦଳି ଜାନି, ନମିତା ପରଜା, ବବିତା ଜାନି, ବୃନ୍ଦା ସାଉଁନ୍ତା ଏବଂ ମଞ୍ଜୁଳା କମାରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପାର୍ଥ ସାରଥୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୦୮ ଆମ୍ବୁଲାନ୍ସରେ ଆଣି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଯାଉଛି। ତେବେ ଝାଡାବାନ୍ତି ରୋଗର ସୂଚନା ପାଇ ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ହୁଇକା ରୋଗୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଫଟକିଜାମ, ନାଲମାରି ଓ ଆଉଟଦୋରା ଗ୍ରାମରେ ମେଡିକାଲ ଟିମ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବଣ୍ଟନ କରିଛନ୍ତି।

# ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୧୫ ଗ୍ରାମ ସୁନା ମିଳିଲା


କର୍ମଚାରୀମାନେ ଗଣିତ କରୁଛନ୍ତି।

## ମା'ତାରିଣୀ ହୁଣ୍ଡି ଗଣତି

ଘଟଗାଁ,୧୫।୯ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ଶୁକ୍ରବାର ଖୋଲାଯାଇ ଗଣତି କରାଯାଇଛି। ଗଣତି ଅନୁଯାୟୀ, ୧୮ଲକ୍ଷ ୬୫ ହଜାର ୩୯୭ ଟଙ୍କା, ୧୫ ଗ୍ରାମ ୫୯୦ ମିଲିଗ୍ରାମ ସୁନା ଓ ୫୮୭ ଗ୍ରାମ ୪୪୦ ମିଲିଗ୍ରାମ ରୁପା ମିଳିଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀ ଉପେନ୍ଦ୍ର କୁମାର ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇଥିଲା। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ଦେହୁରୀ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ତରଣୀସେନ ରାଉତ, ହରିହର ମହାନ୍ତ ନାରାୟଣ ମୁଖି, ଚନ୍ଦନ ବେହେରା, ଚକ୍ରଧର ନାଏକ, ବିଷ୍ଣୁ ଚରଣ ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ, ସିପୁନ ସାହୁ ପ୍ରମୁଖ ଗଣତି କରିଥିଲେ।

# ଭାରତୀୟ ପ୍ରଜାତନ୍ତ୍ରର ଅନନ୍ୟ ପରମ୍ପରା ରହିଛି: ଧର୍ମେନ୍ଦ୍ର



ପୁସ୍ତକ ଉନ୍ମୋଚନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଯୋଗଗୁରୁ ବାବା ରାମ ଦେବ ଓ ଅନ୍ୟମାନେ।

## 'ସାଠ୍ କେ ହେମନ୍ତ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଉତ୍ତରପ୍ରଦେଶର ବାରାଣସୀଠାରେ ବିଶିଷ୍ଟ ସାମ୍ବାଦିକ, ଲେଖକ ଓ ସାହିତ୍ୟିକ ହେମନ୍ତ ଶର୍ମାଙ୍କ ଉପରେ ଲିଖିତ ସଂକଳନ 'ସାଠ୍ କେ ହେମନ୍ତ' ପୁସ୍ତକର ଉନ୍ମୋଚନ ସମାରୋହରେ ଯୋଗଦେଇଛନ୍ତି। ଶର୍ମାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧର୍ମେନ୍ଦ୍ର କହିଛନ୍ତି, ଭାରତୀୟ ପ୍ରଜାତନ୍ତ୍ରର ଅନନ୍ୟ ପରମ୍ପରା ରହିଛି। ଏହି ପରମ୍ପରାରେ କାଶୀ ହେଉଛି ଏକ ମଞ୍ଚନସ୍ଥଳ। କାଶୀ ଏକ ପୁରାତନ ଜୀବନ୍ତ ସଭ୍ୟତା। ଦୁନିଆକୁ ଅନେକ କିଛି ଦେଇଥିବା ଏହି ପବିତ୍ର ସ୍ଥାନ ଗୁରୁର ପରମ୍ପରାକୁ ଜନ୍ମ ଦେଇଛି। ହେମନ୍ତ ଶର୍ମାଙ୍କ ଉପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସରସଂଘ ଚାଳକ ମୋହନ ଭାଗବତଙ୍କଠାରୁ ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବିଶିଷ୍ଟ ବ୍ୟକ୍ତି 'ସାଠ୍ କେ ହେମନ୍ତ' ପୁସ୍ତକରେ ନିଜର ଟିପ୍ପଣୀ ଦେଇଛନ୍ତି। ଶର୍ମାଙ୍କ ଉପରେ ଏହି ସଂକଳନ ପ୍ରକାଶନ ହେବା ଖୁସିର ବିଷୟ। ତେବେ ତାଙ୍କର ବ୍ୟକ୍ତିତ୍ୱକୁ କିଛି କ୍ଷଣରେ ପ୍ରକାଶ କରାଯାଇପାରିବ ନାହିଁ। ଉନ୍ମୋଚିତ ପୁସ୍ତକଟି ଭାରତୀୟ ଜ୍ଞାନ ପରମ୍ପରାରେ ଏକ ନୂଆ ଅଧ୍ୟାୟ କିପରି ଯୋଡିବ, ଏହା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ। ଏହି ପୁସ୍ତକଟି ଆଦୃତ ହେବା ନେଇ ଧର୍ମେନ୍ଦ୍ର କାମନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ରାମଦେବ, ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଓ ଏମ୍‌ପି ପ୍ରଫେସର ରାମଗୋପାଳ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜା ପାଇଁ ବିଏମ୍‌ସି ଆଦାୟ କରିବନି ଗ୍ରାଉଣ୍ଡ ରେଣ୍ଟ

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ଚଳିତ ବର୍ଷ ପାର୍ବଣ ସମୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ସାର୍ବଜନୀନ ପୂଜା ଉତ୍ସବ ପାଇଁ ଗ୍ରାଉଣ୍ଡ ରେଣ୍ଟ ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପୂଜା ସମିତି ଓ ସ୍ଥାନୀୟ ବିଧାୟକଙ୍କ ଅନୁରୋଧକ୍ରମେ ଜନସାଧାରଣଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବନାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଆସନ୍ତା ପାର୍ବଣ ଋତୁ ସମୟରେ ସରକାରୀ ଜାଗାରେ ସାମୟିକ ଭାବେ ଆୟୋଜିତ ହେଉଥିବା ବିଭିନ୍ନ ପୂଜା ଉତ୍ସବ ପାଇଁ କୌଣସି ଗ୍ରାଉଣ୍ଡ ରେଣ୍ଟ ଆଦାୟ କରାଯିବ ନାହିଁ। ଚଳିତ ବର୍ଷ ଆଗାମୀ ଦିନରେ ଗଣେଶ ପୂଜା, ଦୁର୍ଗାପୂଜା, କାଳୀପୂଜା, ଲକ୍ଷ୍ମୀପୂଜା ଓ କାର୍ତ୍ତିକେଶ୍ୱରପୂଜା ଆଦି ପୂଜା ଅନୁଷ୍ଠିତ ହେବାର ଅଛି। ଏସବୁ ପୂଜା ପାଇଁ କୌଣସି ଗ୍ରାଉଣ୍ଡ ରେଣ୍ଟ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆଦାୟ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ପ୍ରଧାନ ଶିକ୍ଷକଙ୍କୁ ୨୦ ବର୍ଷ ଜେଲ

## ୫ ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲା

ବଲାଙ୍ଗୀର/ଦେଓଗାଁ, ୧୫।୯(ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ପୋକ୍‌ସୋ କୋର୍ଟରେ ଶୁକ୍ରବାର ୫ ଜଣ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଥିଲା। ପୋକ୍‌ସୋ କୋର୍ଟ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ବୁଦ୍ଧିଆ (୫୯)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟରେ ଆହୁରି ୨ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ବଲାଙ୍ଗୀର ଜିଲା ଦେଓଗାଁ ଥାନା ମୁରସିଂ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ୫ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଉଥିବା ନେଇ ଦେଓଗାଁ ଥାନାରେ ଗତ ୨୫ ଅଗଷ୍ଟ ୨୦୨୨ରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ସେହିଦିନ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବୁଦ୍ଧିଆଙ୍କୁ ପୋଲିସ ଗିରଫ କରିଥିଲା। ପରେ ତାଙ୍କ ବିରୋଧରେ ପୋଲିସ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୫୪, ୩୫୪ (ଏ), ୩୭୬ ଏବି, ୩୭୬ (୨) ଏବଂ ୬ ଓ ୮ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୧୪୯/୨୨) ରୁଜୁ କରିଥିଲା। ଏହି ମାମଲାର ବିଚାର କରି ପୋକ୍‌ସୋ କୋର୍ଟ ବିଚାରପତି ଗଡ଼ନାୟକ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବୁଦ୍ଧିଆଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହାସହିତ ପୀଡ଼ିତା ଜଣେ ଛାତ୍ରୀଙ୍କୁ ୪ ଲକ୍ଷ ଏବଂ ଅନ୍ୟ ୪ ପୀଡ଼ିତାଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ମାମଲାକୁ ପୋକ୍‌ସୋ କୋର୍ଟ ଆଡ୍‌ଭୋକେଟ୍ ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ। ଦୋଷୀ ସାବ୍ୟସ୍ତ ପ୍ରଧାନ ଶିକ୍ଷକ ଗିରଫ ହେଲା ଦିନଠାରୁ ବଲାଙ୍ଗୀର ଜିଲା ମୁଖ୍ୟ କାରାଗାରରେ ରହିଥିବା ଜଣାପଡ଼ିଛି।

# ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

## ମାହାଙ୍ଗା ଅନୁସୂଚିତ ଜାତି ଯୁବକ ହତ୍ୟା ମାମଲା

କଟକ,୧୫।୯ (କାର୍ତ୍ତିକ ସାହୁ)

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ନୁର୍ତ୍ତାଙ୍ଗ ଗ୍ରାମର ଅନୁସୂଚିତ ଜାତି ଯୁବକଙ୍କୁ ସଂଘବଦ୍ଧ ହତ୍ୟା କରାଯିବା ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରମୋଦ ବିଶ୍ୱାଳଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଅଭିଯୁକ୍ତ ଜାମିନରେ ଗଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା ସହ ଅପରାଧ ଘଟାଇବା ଆଶଙ୍କା ରହିଛି। ତେଣୁ ବିଚାରପତି ବି. ପି. ରାଉତରାୟଙ୍କ ଜଣିକିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କରାଯିବ ନାହିଁ ବୋଲି ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଡିସେମ୍ବର ୧୩ ତାରିଖ ରାତି ୯ଟାରେ ନୁର୍ତ୍ତାଙ୍ଗ ଗ୍ରାମର ବିକାଶ କୁମାର ଜେନା ଓ ପରେଶ କୁମାର ଜେନା ଧାନ କଟା ପାଇଁ ଲୋକ ଯୋଗାଡ଼ କରିବାକୁ ଜଁକୋଟି ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବାବେଳେ ନୁର୍ତ୍ତାଙ୍ଗ ଗ୍ରାମର ପ୍ରମୋଦ ବିଶ୍ୱାଳ ୭ରୁ ଅଧିକ ସହଯୋଗୀଙ୍କ ସହାୟତାରେ ବିକାଶଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିକାଶଙ୍କ ମୃତ୍ୟୁ ଘଟିଥିଲା। ହେଲେ ପରେଶ ଅଳ୍ପକେ ବର୍ତ୍ତି ଯାଇଥିଲେ। ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା। ବିକାଶଙ୍କ ଭାଇ ମାନସ ଏନେଇ ମାହାଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୭ଜଣଙ୍କୁ ଗିରଫ କରିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ପ୍ରମୋଦ ସେବେଠାରୁ ଫେରାର ଥିଲେ। ପୁଣି ୨୦୨୧ରେ ନୁର୍ତ୍ତାଙ୍ଗ ଗ୍ରାମରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଡବଲ ମର୍ଡର ଘଟଣା ଘଟିଥିଲା। ଏହି ହତ୍ୟାକାଣ୍ଡରେ ମଧ୍ୟ ପ୍ରମୋଦ ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ଏହାପରେ ପୋଲିସ ପ୍ରମୋଦଙ୍କୁ ଗିରଫ କରିଥିଲା। ଏଥିସହ ଦୁଇଟି ହତ୍ୟା ମାମଲାରେ ପ୍ରମୋଦଙ୍କ ନାମରେ ପୋଲିସ ଚାର୍ଜଶିଟ ଦାଖଲ କରିଥିଲା। ପ୍ରାୟ ୩ବର୍ଷ ହେବ ପ୍ରମୋଦ ଜେଲରେ ଥାଇ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ପ୍ରତିପକ୍ଷଙ୍କ ପକ୍ଷରୁ ଆଇନଜୀବୀ ରାକେଶ କୁମାର ମଲ୍ଲିକ ମାମଲା ପରିଚାଳନା କରୁଥିଲେ।

# ସହପାଠୀଙ୍କୁ ପଢ଼ାଉଛନ୍ତି ମେଧାବୀ

## ଆନ୍ଦୋଳନରେ ଶିକ୍ଷୟିତ୍ରୀଶିକ୍ଷକ

ବଇଣ୍ଡା,୧୫।୯(ପରିକ୍ଷିତ ସାହୁ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନ କ୍ରମେ ୩ ଦଫା ଦାବି ପୂରଣ ପାଇଁ ଅନୁଗୋଳ ଜିଲା ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଶିକ୍ଷୟିତ୍ରୀଶିକ୍ଷକମାନେ ବ୍ଲକଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନରେ ଆଠମଲ୍ଲିକ ବ୍ଲକର ୧୯୩ ବିଦ୍ୟାଳୟର ୫୭୬ ଜଣ ଏବଂ କିଶୋରନଗର ବ୍ଲକର ୧୬୩ ବିଦ୍ୟାଳୟର ୩୫୨ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଛନ୍ତି। ଫଳରେ ଏସବୁ ସ୍କୁଲରେ ପାଠପଢା ଗୁରୁତର ପ୍ରଭାବିତ ହୋଇଛି। ଏପରି କି ଅନେକ ସ୍କୁଲରେ ଜଣେ ହେଲେ ବି ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ସେଠାରେ ଶିକ୍ଷାଦାନ ଏକ ପ୍ରକାର ଠପ୍ ହୋଇଯାଇଛି। ଏପରି କେତେକ ବିଦ୍ୟାଳୟରେ ସହପାଠୀମାନଙ୍କୁ ମେଧାବୀ ଛାତ୍ରୀଛାତ୍ରମାନେ ପାଠ ପଢାଉଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ଗତ ୮ ତାରିଖରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନ ଚଳାଇଥିବାରୁ ଏହି ୨ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। କିଶୋରନଗର ବ୍ଲକର ୧୬୧ ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏ ଶିକ୍ଷକ ପାଠ ପଢାଇବା ପାଇଁ ଆସୁଥିବା ଜଣାପଡିଛି। ଅନ୍ୟ ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକର ଅନେକ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ଆସି ପଢାଉଥିବାବେଳେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରମାନେ ସେମାନଙ୍କ ସହପାଠୀଙ୍କୁ ପାଠ ପଢାଉଥିବା ଦେଖିବାକୁ ମିଳିଛି। ଏ ନେଇ କିଶୋରନଗର ବ୍ଲକ ଶିକ୍ଷକ ସଂଘ ସଭାପତି ଦିଲୀପ ପ୍ରଧାନ ଓ ଆଠମଲ୍ଲିକ ବ୍ଲକ ଶିକ୍ଷକ ସଂଘ ସଭାପତି ପଦ୍ମନାଭ ରାଉତ କହିଛନ୍ତି, ସରକାର ଶିକ୍ଷକଙ୍କ ଦାବିକୁ ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ।


ଆଠମଲ୍ଲିକ ବ୍ଲକର ଏକ ସ୍କୁଲରେ ସହପାଠୀମାନଙ୍କୁ ଜଣେ ମେଧାବୀ ଛାତ୍ରୀ ପଢ଼ାଉଛନ୍ତି।

# କେନ୍ଦୁଝରରେ ବ୍ୟାପୁଛି ସ୍କ୍ରବ୍ ଟାଇଫସ୍

## ଜିଲା ମୁଖ୍ୟ ଚିକିତ୍ସାଳୟ

- ବ୍ୟସ୍ତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ

କେନ୍ଦୁଝର,୧୫।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ସ୍କ୍ରବ୍ ଟାଇଫସ ରୋଗୀଙ୍କ ସଂଖ୍ୟା ବଢୁଛି। ବିଶେଷ କରି ଚାଷୀ, ମୂଲିଆ ଲୋକମାନେ ବେଶି ଏହି ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଜିଲାରେ ୬୦୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ତ୍ତମାନ ୧୦ରୁ ଊର୍ଦ୍ଧ୍ୱ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ଡେଙ୍ଗୁ ଜ୍ୱରକୁ ନେଇ ଲୋକେ ଭୟଭୀତ ହୋଇପଡୁଥିବା ବେଳେ ଏବେ ଏହି ଅଜଣା ରୋଗର ଭୟ ସମସ୍ତଙ୍କ ଚିନ୍ତା ବଢ଼ାଇଦେଇଛି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ଚନ୍ଦ୍ର ପୃଷ୍ଟିଙ୍କ ସୂଚନା ମୁତାବକ, ରୋଗୀଙ୍କ ଜ୍ୱର ଅଧିକ ରହିଲେ ଏବଂ ଜ୍ୱର ଭଲ ନ ହେଲେ ଏହାର ପରୀକ୍ଷା କରାଯାଉଛି। ଏହା ସ୍କ୍ରବ୍‌ଟାଇଫସ ପଜିଟିଭ ଜଣାପଡ଼ିଲେ ଚିକିତ୍ସା କରାଯାଉଛି। ଏହି ରୋଗରେ ଆକ୍ରାନ୍ତ ରୋଗୀଙ୍କ ଦେହର ତାପମାତ୍ରା ଅଧିକ ରହୁଛି। ଗତ ଜୁନ୍‌ରୁ ଏପର୍ଯ୍ୟନ୍ତ ସମୁଦାୟ ୧୭୩୧ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ଯାଞ୍ଚ କରାଯାଇଛି। ଏଲିସା ଓ ଷ୍ଟ୍ରିପ୍ ପ୍ରକ୍ରିୟାରେ ଯାଞ୍ଚ କରାଯାଇଥିବା ବେଳେ ସେଥିରୁ ୬୨୭ ଜଣଙ୍କ ପଜିଟିଭ ବାହାରିଛି। ଅଦ୍ୟାବଧି କେହି ଗୁରୁତର କିମ୍ବା ମୃତ୍ୟୁବରଣ କରି ନ ଥିବା ବେଳେ ମାଗଣାରେ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବାରୁ ରୋଗୀ ସୁସ୍ଥ ହୋଇ ଘରକୁ ଫେରୁଥିବା ସିଡିଏମ ପୃଷ୍ଟି କହିଛନ୍ତି। ଶୁକ୍ରବାର ଜିଲା ମୁଖ୍ୟ ଡାକ୍ତରଖାନାରେ ପାଖାପାଖି ବିଭିନ୍ନ ୱାର୍ଡରେ ୧୦ ଜଣ ରୋଗୀ ଚିକିତ୍ସିତ ଥିବା ସୂଚନା ଦେଇଛନ୍ତି। ଏଥିପାଇଁ ଭୟଭିତ ନ ହେବା ପାଇଁ ରୋଗୀଙ୍କ ସମ୍ପର୍କୀୟଙ୍କୁ କୁହାଯାଉଛି।

ପ୍ରକାଶ ଯେ, ଏକ ପ୍ରକାରର କୀଟ କାମୁଡ଼ିଲେ ଏହି ରୋଗ ହେଉଛି। ଏହାବ୍ୟତୀତ ଜଙ୍ଗଲ ବା ବିଲରେ ଯାତାୟାତ କରୁଥିବା ଲୋକଙ୍କୁ ଏହି କୀଟ କାମୁଡ଼ିବା ଦ୍ୱାରା ଏଭଳି ରୋଗ ହେଉଛି। ଯୋଡ଼ା, ତେଲକୋଇ, ହରିଚନ୍ଦନପୁର, ବାଂଶପାଳ ଆଦି ବଣପାହାଡ଼ ଘେରା ଅଞ୍ଚଳରେ ଅଧିକ ଆକ୍ରାନ୍ତ ହେଉଥିବା ସୂଚନା ମିଳିଛି।


ଡାକ୍ତରଖାନାରେ ଚିକିତ୍ସାଧୀନ ଜଣେ ରୋଗୀ।

## ୨୧ ହଜାର କୋଟିର ଅତିରିକ୍ତ ବଜେଟକୁ ମନ୍ତ୍ରୀ ପରିଷଦର ଅନୁମୋଦନ

**ଭୁବନେଶ୍ୱର,୧୫।୯(ଅନିଳ ଦାସ):** ଆସନ୍ତା ୨୨ ତାରିଖରେ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ଖର୍ଚ୍ଚ ଦାବିକୁ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ। ଏଥିରେ ପ୍ରାୟ ୨୧ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ। ଏହାକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରିପରିଷଦ ବୈଠକରେ ଅନୁମୋଦନ କରାଯାଇଛି।

## ଟ୍ରାଫିକ ସମସ୍ୟା ଅସମ୍ଭାଳ, ଲୋକେ ହୀନସ୍ତା

**ଯୋଡ଼ା,୧୫।୯(ମାନସ ମହାନ୍ତି )**


ରାସ୍ତାରେ ଅଟକି ରହିଥିବା ଗାଡ଼ି।

- ଅଧାପନ୍ତରିଆ ୫୨୦ ନମ୍ବର ଜାତୀୟ ରାଜପଥ
- ଲହଣ୍ଡା-କଳାପାହାଡ଼ ରାସ୍ତାରେ ୧୫ ଘଣ୍ଟା ଯାତାୟାତ ଠପ୍

କେନ୍ଦୁଝର ଜିଲା ଯୋଡ଼ା ଦେଇ ଯାଇଥିବା ରିମୁଳି-ରାଜାମୁଣ୍ଡା ୫୨୦ ନଂ. ଜାତୀୟ ରାଜପଥର ଲହଣ୍ଡା ରେଳ ଓଭରବ୍ରିଜ୍ ତଳ ରାସ୍ତା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ଉକ୍ତ ସ୍ଥାନରେ ଟ୍ରାଫିକ୍ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ଲୋକେ ହୀନସ୍ତା ହେଉଛନ୍ତି। ଲହଣ୍ଡା-କଳାପାହାଡ଼ ରାସ୍ତାରେ ଗୁରୁବାର ରାତିରୁ ଶୁକ୍ରବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖଣିଜ ବୋଝେଇ ଭାରିଯାନଗୁଡ଼ିକ ସମ୍ପୂର୍ଣ୍ଣ କବ୍‌ଜା କରି ରଖିଥିବାରୁ ଯୋଡ଼ା, ବଡ଼ବିଲ ଅଞ୍ଚଳକୁ ୧୫ ଘଣ୍ଟା ଯାତାୟାତ ଠପ୍ ହୋଇଯାଇଥିଲା। ଟ୍ରାଫିକ ଜାମ୍‌ରେ ସ୍କୁଲ ବସ୍, ଆମ୍ବୁଲାନ୍ସ, ଏପରିକି ବାଇକ୍ ଆରୋହୀ ଘଣ୍ଟା ଘଣ୍ଟା ଧରି ଅସହାୟ ଭାବେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଥିଲା। ପୋଲିସ ସହାୟତାରେ ଦୀର୍ଘ ସମୟ ପରେ ପରିସ୍ଥିତିରେ ସୁଧାର ଆସିଥିଲା।

ଯୋଡ଼ା ଖଣି ଅଞ୍ଚଳକୁ ଏହି ଜାତୀୟ ରାଜପଥ ସଂଯୋଗ ହୋଇଥିବାରୁ ଟ୍ରକ୍ ଯୋଗେ ରାଜ୍ୟ ଓ ରାଜ୍ୟ ବାହାରକୁ ଖଣିଜ ପରିବହନ ହୋଇଥାଏ। ଯୋଡ଼ା ଖଣି ମଣ୍ଡଳ ସମେତ ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି କ୍ଷେତ୍ରରୁ ମଧ୍ୟ ଏହି ଜାତୀୟ ରାଜପଥ ଦେଇ ଖଣିଜ ପରିବହନ କରାଯାଉଛି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ଗୁଆଲିଠାରୁ ଯୋଡ଼ା ଓ ରିମୁଳି ମଧ୍ୟରେ ଟ୍ରକ୍ ପାର୍କିଂ ସ୍ଥଳ ନିର୍ମାଣ କରାଯାଇ ନ ଥିବାରୁ ଟ୍ରକ୍ ରାସ୍ତା କଡ଼ରେ ପାର୍କିଂ କରୁଛନ୍ତି। ସିଙ୍ଗଲ ୱେ ରାସ୍ତା କଡ଼ରେ ଟ୍ରକ୍ ପାର୍କିଂ କରାଯାଉଥିବାରୁ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ଦେଖାଯାଉଛି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଜାତୀୟ ରାଜପଥର ଲହଣ୍ଡା, କଳାପାହାଡ଼, ବିଲେଇପଦା ପର୍ଯ୍ୟନ୍ତ ପୂର୍ବରୁ ଥିବା ସିଙ୍ଗଲ ରୋଡ୍ ପ୍ରାୟ ୨ କି.ମି. ବ୍ୟାପି ରାସ୍ତା ଏଯାବତ ନିର୍ମାଣ ହୋଇ ପାରିନାହିଁ। ଏଥିରେ ରେଳ ଓଭର ବ୍ରିଜ ବାଧକ ସାଜିଥିବା କୁହାଯାଉଛି। ଅଣଓସାରିଆ ରାସ୍ତା ଯୋଗୁ ଗୁରୁବାର ରାତି ପ୍ରାୟ ୯ଟାରୁ ଶୁକ୍ରବାର ୧୨ଟା ପର୍ଯ୍ୟନ୍ତ ଖଣିଜ ବୋଝେଇ ଭାରିଯାନଗୁଡ଼ିକ ରାସ୍ତାରେ ଅଟକି ରହିଥିଲା। ବିଶେଷ ଭାବେ ରେଲୱେ ଓଭରବ୍ରିଜ ତଳ ଅଣଓସାରିଆ ରାସ୍ତା ଯୋଗୁ ଗୋଟିଏ ପଟୁ ଅନ୍ୟ ପଟକୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଜାତୀୟ ରାଜପଥ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଗତ ପ୍ରାୟ ୨ ବର୍ଷ ହେବ ଅଟକି ରହିଛି। ବିଲେଇପଦାଠାରେ ଏକ ଅଣ୍ଡର ପାସ ନିର୍ମାଣ, ଯୋଡ଼ା କଳାପାହାଡ଼ଠାରେ ଏକ ସର୍ଭିସ ରୋଡ୍ ଏବଂ ଯୋଡ଼ା କଳାପାହାଡ଼ରୁ ଲହଣ୍ଡା ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ନିର୍ମାଣ କରିବା ପାଇଁ ଦାବି ହେଉଥିଲେ ହେଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଚୁପ୍ ରହିଛନ୍ତି। ଜାତୀୟ ରାଜପଥର ୪ ଲେନ୍ ନିର୍ମାଣ ଘୋଷଣା ପ୍ରହସନରେ ପରିଣତ ହୋଇଛି ବୋଲି ସ୍ଥାନୀୟ ଦେଓଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା କହିଛନ୍ତି। ଏହା ଯୋଡା ଖଣି ଅଞ୍ଚଳର ମୁଖ୍ୟ ରାସ୍ତା ହୋଇଥିବାରୁ ଜାତୀୟ ରାଜପଥର ୪ଲେନ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

## କୌଣସି ପୁରସ୍କାର ଉତ୍ସବରେ ଯୋଗ ଦିଅନ୍ତିନି ଅମୀର

**ମୁମ୍ବାଇ:** ବଲିଉଡରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ଅନେକ ବ୍ଲକବଷ୍ଟର ଫିଲ୍ମ ଦେଇଥିବା ଆମୀର ଖାନ୍ କୌଣସି ପୁରସ୍କାର ଉତ୍ସବରେ ଭାଗ ନିଅନ୍ତି ନାହିଁ। କାରଣ ୩୧ ବର୍ଷ ତଳେ ତାଙ୍କ ସହ ଏମିତି କିଛି ଘଟିଥିଲା, ଯାହା ପରେ ସେ କୌଣସି ପୁରସ୍କାର ଉତ୍ସବକୁ ଯୋଗଦେବେ ନାହିଁ ବୋଲି ସେ ଶପଥ ନେଇଥିଲେ।



୧୯୯୨ରେ ଆମୀରଙ୍କ ଫିଲ୍ମ 'ଯୋ ଜିତା ୱହି ସିକନ୍ଦର' ମୁକ୍ତିଲାଭ କରିଥିଲା। ଏହି ଫିଲ୍ମ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା। ଏହି ହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଆମୀର ଖାନ। ଏହି ଫିଲ୍ମ ନିର୍ମାଣ ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏଥିସହିତ ଏହି ଫିଲ୍ମରୁ ୬.୬୦କୋଟି ସଂଗ୍ରହ କରାଯାଇଥିଲା। ସମାଲୋଚକମାନେ ବି ଏହି ଫିଲ୍ମରେ ଆମୀରଙ୍କ ଅଭିନୟକୁ ପ୍ରଶଂସା କରିଥିଲେ। ତେଣୁ ସେ ଶ୍ରେଷ୍ଠ ଅଭିନେତା ଆଖ୍ୟା ପାଇବେ ବୋଲି ଆଶାବାଦୀ ଥିଲେ। ମାତ୍ର ଆମୀରଙ୍କୁ ପୁରସ୍କାର ମିଳି ନ ଥିଲା। ସେହିଦିନଠାରୁ ସେ କୌଣସି ପୁରସ୍କାର ଉତ୍ସବରେ ଯୋଗଦେବେନି ବୋଲି ଶପଥ ନେଇଥିଲେ।

## କ୍ଷତିପୂରଣ ଦାବି କଲା ସୁଆର ମହାସୁଆର ନିଯୋଗ

**ନୀତି ବିଭ୍ରାଟ ପାଇଁ ୬, ୩୨, ୫୦୦ ଶହ ଟଙ୍କା କ୍ଷତି**

**ପୁରୀ, ୧୫।୯(ଅଜିତ ମହାନ୍ତି):** ସେବାରୁ ନିବୃତ୍ତ ଥିବା ସିଂହାରୀ ସେବାୟତ ଶୁକ୍ରବାର ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ମଙ୍ଗଳ ଆଳତି କରିବା ଘଟଣା ନେଇ ବିବାଦ ସୃଷ୍ଟି ହୋଇଛି। ଏଥିଯୋଗୁ ମହାପ୍ରଭୁ ୭ଘଣ୍ଟା ଉପବାସ ରହିଥିଲେ। ମହାପ୍ରଭୁଙ୍କ ନୀତି ବିଶୃଙ୍ଖଳା ଯୋଗୁ ସୁଆର ମହାସୁଆର ନିଯୋଗ ବ୍ୟାପକ କ୍ଷତି ସହିଥିବା ଅଭିଯୋଗ କରିଛି। ନୀତି ବିଶୃଙ୍ଖଳା ପାଇଁ ଭୋଗ ପ୍ରସ୍ତୁତି ହୋଇପାରି ନ ଥିଲା। ଫଳରେ ସୁଆର ମହାସୁଆରମାନେ ବହୁତ କ୍ଷତି ସହିଥିଲେ। ନୀତି ବିଳମ୍ବ କାରଣରୁ ସବୁ ବରାଦି ଭୋଗ ଅର୍ଡର ନିଯୋଗ ପକ୍ଷରୁ ବାତିଲ କରାଯିବା ସହ ଲୋକଙ୍କୁ ଟଙ୍କା ଫେରସ୍ତ କରାଯାଇଥିଲା। ଏଥିପାଇଁ ନିଯୋଗର ୬ଲକ୍ଷ ୩୨ ହଜାର ୫ଶହ ଟଙ୍କା କ୍ଷତି ହୋଇଥିବା ଦର୍ଶାଯାଇଛି। ସୁଆର ମହାସୁଆର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଚିଠି ମାଧ୍ୟମରେ କ୍ଷତିପୂରଣ ସମ୍ପର୍କରେ ସୂଚନା ଦିଆଯାଇଛି। ନିଯୋଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଶୁକ୍ରବାର ସାତପୁରୀ ଅମାବାସ୍ୟା ଥିବାରୁ ବହୁତ ମାତ୍ରାରେ ବରାଦି ଅର୍ଡର ରଖାଯାଇଥିଲା। ତେବେ ନୀତି ବିଭ୍ରାଟ କାରଣରୁ ଭୋଗ ରନ୍ଧା ନ ହେବା ଯୋଗୁ ସସସ୍ତ ଅର୍ଡର ଫେରସ୍ତ କରାଯାଇଛି। ଫଳରେ ସୁପକାରମାନଙ୍କର ୬ଲକ୍ଷ ୩୨ ହଜାର ୫୦୦ ଟଙ୍କା କ୍ଷତି ହୋଇଛି। ତେଣୁ ପ୍ରଶାସନ ଉପଯୁକ୍ତ କ୍ଷତିପୂରଣ ଦେବାକୁ ନିଯୋଗ ସମ୍ପାଦକ ନାରାୟଣ ମହାସୁଆର ନିବେଦନ କରିଛନ୍ତି।

## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ବୋଲଗଡ଼,୧୫।୯(ଦେବବ୍ରତ ହୋତା):** ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଫାଣ୍ଡି ଅନ୍ତର୍ଗତ କଳାଙ୍ଗ ଗ୍ରାମର ଅନତି ଦୂରରେ ଥିବା ହାଇସ୍କୁଲ ନିକଟରୁ ଶୁକ୍ରବାର ପୋଲିସ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ କଳାଙ୍ଗ ଗ୍ରାମର ଦୁର୍ଯ୍ୟୋଧନ ସାହୁ (୬୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସ୍କୁଲ୍ ପିଲାଙ୍କ ଭ୍ୟାନ୍ ଓଲଟିଲା

**ସୁନାବେଡା, ୧୫।୯(କୃତ୍ତିବାସ ପ୍ରଧାନ):** ଅଳ୍ପକେ ବର୍ତ୍ତିଲେ ସ୍କୁଲ୍ ଛାତ୍ର ଠ ଘଟଣା ଘଟିଛି ସୁନାବେଡା ହାଲ୍ ଟାଉନସିପ୍ ୱାଇ ଜୋନ୍ ନିକଟରେ ଶୁକ୍ରବାର ସକାଳୁ ଏକ ଘରୋଇ ସ୍କୁଲ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟିପଡିଛି। ତେବେ ସୌଭାଗ୍ୟ ବଶତଃ ଭ୍ୟାନରେ ଥିବା ପିଲାମାନଙ୍କ କିଛି କ୍ଷତି ହୋଇନାହିଁ। ସବୁଦିନ ପରି ଶୁକ୍ରବାର ଭ୍ୟାନଟି ୱାଇ ଜୋନରେ ପହଞ୍ଚି ପିଲାଙ୍କୁ ସ୍କୁଲ ନେଇଥିଲା। ତେବେ କିଛି ବାଟ ଯିବା ପରେ ଭ୍ୟାନଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ହାଲ୍ ପ୍ରଶାସନ ପକ୍ଷରୁ ୱାଇ ଜୋନ୍ ନିକଟରେ ୨୬ନଂ. ଜାତୀୟ ରାଜପଥକୁ ଯୋଡୁଥିବା ହାଲ୍‌ର ଦୁଇଟି ରାସ୍ତା ମଧ୍ୟରୁ ଗୋଟିଏ ରାସ୍ତାକୁ ଦୀର୍ଘ ବର୍ଷ ହେବ ବନ୍ଦ କରି ରଖାଯାଇଛି। ଫଳରେ ଏଠାରେ ଗାଡିଗୁଡିକ ଏକ ଅଣ ଓସାରିଆ ରାସ୍ତା ଦେଇ ଅପର ପାର୍ଶ୍ୱ ରାସ୍ତାକୁ ଯାଉଛନ୍ତି। ଯାହା ଦ୍ୱାରା ବିଭିନ୍ନ ସମୟରେ ଏପରି ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ପୂର୍ବରୁ ମଧ୍ୟ ଏପରି କିଛି ଦୁର୍ଘଟଣା ଘଟିଥିବା ନଜୀର ରହିଛି। ଦୁର୍ଘଟଣା ଖବର ପାଇ ହାଲ୍ ସୁରକ୍ଷା କର୍ମୀ ଓ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଓଲଟିଥିବା ଭ୍ୟାନ୍ କୁ ଉଠାଇଥିଲେ। ଯଥାଶୀଘ୍ର ବନ୍ଦ ଥିବା ରାସ୍ତା ଓ ଗେଟ୍ ଖୋଲିବାକୁ ଟାଉନସିପ୍ ଲୋକେ ଦାବି କରିଛନ୍ତି।

## କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଖଣି ପରିଦର୍ଶନ

**ସମ୍ବଲପୁର,୧୫।୯(ବି.ଶଙ୍କର)**

**ଏମ୍‌ସିଏଲ୍ ମୁଖ୍ୟାଳୟରେ ସମୀକ୍ଷା ବୈଠକ**


କୋଲ ଇଣ୍ଡିଆ ଅଧ୍ୟକ୍ଷ ଏମ୍‌ସିଏଲ୍‌ର ବିଭିନ୍ନ ଖଣି ଅଞ୍ଚଳ ପରିଦର୍ଶନ କରି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ପିଏମ୍ ପ୍ରସାଦ ଶୁକ୍ରବାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାସ୍ଥିତ ମହାନଦୀ କୋଲଫିଲ୍ଡ ଲିଃ (ଏମ୍‌ସିଏଲ୍)ର ବିଭିନ୍ନ ଖଣି ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅଧ୍ୟକ୍ଷ ପ୍ରସାଦ ବସୁନ୍ଧରା ଓ ମହାଲକ୍ଷ୍ମୀ ଅଞ୍ଚଳରେ ଖଣିରୁ ଖନନ ହେଉଥିବା କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଏହି ଗସ୍ତ ସମୟରେ ସେ କୁଲଦା ଓ ଗର୍ଜନବାହାଲ ଓପନକାଷ୍ଟ ଖଣି ଯାଞ୍ଚ କରିଥିଲେ। ଉଲ୍ଲେଖନୀୟ ପ୍ରଦର୍ଶନ ଓ ନିରାପତ୍ତା କ୍ଷେତ୍ରରେ ଉତ୍ସର୍ଗ ପାଇଁ ଅଧ୍ୟକ୍ଷ ପ୍ରସାଦ କର୍ମଚାରୀମାନଙ୍କୁ ପ୍ରଶଂସା ସହ ପୁରସ୍କୃତ କରିଥିଲେ। ସିଆରମାଲ ଓପନ୍‌କାଷ୍ଟ କୋଇଲା ଖଣି ଓ ମହାଲକ୍ଷ୍ମୀ ଅଞ୍ଚଳରେ ଥିବା ସରଦେଗା ରେଳପଥ ପରିଦର୍ଶନ କରିଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ସିଭିଓ ପି.କେ. ପଟେଲ, ବୈଷୟିକ ନିର୍ଦ୍ଦେଶକ ଜେ.କେ. ବୋରା, ଅର୍ଥ ନିର୍ଦ୍ଦେଶକ ଏ.କେ. ବେହୁରା, ବୈଷୟିକ ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ଏ.ଏସ୍. ବାପଟ ଉପସ୍ଥିତ ଥିଲେ। ଖଣି ଅଞ୍ଚଳ ବୁଲି ଦେଖିବା ପରେ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ସଚିବ ଅମୃତଲାଲ ମୀନାଙ୍କ ଅଧ୍ୟକ୍ଷତାରେ ବୁର୍ଲା ଜାଗୃତି ବିହାରସ୍ଥିତ ଏମ୍‌ସିଏଲ୍ ମୁଖ୍ୟାଳୟ ସମ୍ମିଳନୀ କକ୍ଷଠାରେ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ କୋଇଲା କ୍ଷେତ୍ର, ଉତ୍ପାଦନ ଓ କୋଇଲା ପ୍ରେରଣ, କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ବୌଦ୍ଧ ଜିଲାର ୨୦୨ ବିଦ୍ୟାଳୟରେ ଝୁଲୁଛି ତାଲା

**ବୌଦ୍ଧ, ୧୫।୯(ଅଜିତ୍ କୁମାର ବାରିକ)**

**ଆନ୍ଦୋଳନରେ ଶିକ୍ଷକ, ପାଠପଢ଼ା ଠପ୍**

୩ ଦଫା ଦାବି ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଆନ୍ଦୋଳନ ଡାକରା ଯୋଗୁ ସାରା ରାଜ୍ୟରେ ଶିକ୍ଷାଦାନ ପୂରା ବେହାଲ ହୋଇପଡ଼ିଛି। ବିଦ୍ୟାଳୟକୁ ନ ଯାଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଶିକ୍ଷକ ଆନ୍ଦୋଳନ ଯୋଗୁ ବୌଦ୍ଧ ଜିଲାରେ ପାଠପଢ଼ା ଠପ୍ ହୋଇଯାଇଥିବା ବେଳେ ୨୦୨ଟି ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏହି ଆନ୍ଦୋଳନରେ ଜିଲାର ବିଭିନ୍ନ ବର୍ଗର ପ୍ରାୟ ୧୫ ଶହ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଛନ୍ତି।

ଶିକ୍ଷା ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ଥିବା ୬୪୦ଟି ବିଦ୍ୟାଳୟ ମଧ୍ୟରୁ ୨୦୨ଟି ବିଦ୍ୟାଳୟରେ ତାଲା ଝୁଲୁଛି। କଣ୍ଟାମାଳ ବ୍ଲକରେ ଥିବା ୨୨୧ ବିଦ୍ୟାଳୟରୁ ୫୭ଟି ଓ ବୌଦ୍ଧ ବ୍ଲକରେ ଥିବା ୨୨୬ ବିଦ୍ୟାଳୟରୁ ୬୪ଟିରେ ତାଲା ପଡ଼ିଥିବା ଜଣାପଡ଼ିଛି। ସେହିପରି ହରଭଙ୍ଗା ବ୍ଲକର ୧୯୩ ବିଦ୍ୟାଳୟରୁ ୮୧ଟିରେ ତାଲା ଝୁଲୁଥିବା ଜଣାପଡ଼ିଛି। ତାଲା ପଡ଼ିଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନଭୋଜନ ମଧ୍ୟ ବନ୍ଦ ରହିଛି। କଣ୍ଟାମାଳ ବ୍ଲକରେ ଥିବା ୮୩୪ ଶିକ୍ଷକଙ୍କ ମଧ୍ୟରୁ ୪୦୦ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ବୌଦ୍ଧ ବ୍ଲକରେ ୭୬୦ ଶିକ୍ଷକଙ୍କ ମଧ୍ୟରୁ ୪୬୬ ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ହରଭଙ୍ଗା ବ୍ଲକରେ ୬୫୬ ଶିକ୍ଷକଙ୍କ ମଧ୍ୟରୁ ୪୦୦ରୁ ଅଧିକ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିବା ଜଣାପଡ଼ିଛି। ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଛାତ୍ରୀଛାତ୍ର ବିଦ୍ୟାଳୟ ନ ଯାଇ ଘରେ ବସି ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପୁରୁଣା ପେନ୍‌ସନ ପୁନଃ ପ୍ରଚଳନ, କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସମେତ ଅନ୍ୟାନ୍ୟ ଦାବି ନେଇ ଗତ ୭ ତାରିଖଠାରୁ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।



ହରଭଙ୍ଗା ବିଇଓ ଅଫିସ୍ ଆଗରେ ଶିକ୍ଷକମାନେ ଧାରଣାରେ ବସିଛନ୍ତି।

## ମାନସିକ ନଡ଼ିଆ ବିକ୍ରି ଟେଣ୍ଡର ନିୟମ ବଦଳିଲା

**ଘଟଗାଁ,୧୫।୯(ରାଜେନ୍ଦ୍ର ପଟ୍ଟନାୟକ)**

**ଘଟଗାଁ ମା' ତାରିଣୀ ମନ୍ଦିର**
- ୧ ବର୍ଷ ପରିବର୍ତ୍ତେ ୩ ବର୍ଷିଆ ହେବ ନିଲାମ
- ଖୋଲା ବିକ୍ରିକୁ ବ୍ୟବସାୟୀ ଆସୁନାହାନ୍ତି

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ମାନସିକ ଭୋଗ ନଡ଼ିଆ ବିକ୍ରିପାଇଁ କୌଣସି ଟେଣ୍ଡରଧାରୀ ଅଂଶଗ୍ରହଣ କରୁ ନ ଥିବାରୁ ଗୋଦାମରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ନଡ଼ିଆ ଗଚ୍ଛିତ ହୋଇଛି। ମନ୍ଦିର ପ୍ରଶାସନ ବର୍ଷକ ପାଇଁ ୪ ଥର ଟେଣ୍ଡର ଡାକିବା ସହିତ ନିଲାମ ପ୍ରକ୍ରିୟା କରିଥିଲେ। ଏଥିରେ କେହି ଅଂଶଗ୍ରହଣ କରୁ ନ ଥିବାରୁ ଭୁବନେଶ୍ୱର ଦେବୋତ୍ତର କମିଶନର ନିୟମ ବଦଳାଇଛନ୍ତି। ୧ ବର୍ଷ ପରିବର୍ତ୍ତେ ୩ ବର୍ଷ ପାଇଁ ଟେଣ୍ଡର ଆହ୍ୱାନ କରିବା ଲାଗି ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଗତ ୧୦ ତାରିଖଠାରୁ ଭୋଗ ନଡ଼ିଆ ଖୋଲା ବଜାର ବିକ୍ରି ଆରମ୍ଭ ହୋଇଛି। ୪ ଟଙ୍କା ୬୦ ପଇସାରେ ବିକ୍ରି ହେଉଥିବା ବେଳେ ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମାତ୍ର ଖୋଲା ବଜାରକୁ କେହି ବ୍ୟବସାୟୀ ଆସୁ ନ ଥିବାରୁ ଆଶାନୁରୂପକ ନଡ଼ିଆ ବିକ୍ରି ହେଉନାହିଁ। କେବଳ ନଡ଼ିଆକୋରା ବ୍ୟବସାୟୀ ୨୦୦୦ରୁ ୨୫୦୦ ମଧ୍ୟରେ ନଡ଼ିଆ ବାଛି କିଣୁଥିବା ଦେଖିବାକୁ ମିଳୁଛି। ନଡ଼ିଆ ଗଚ୍ଛିତ ପରିମାଣକୁ ନଜରରେ ରଖି ଦେବୋତ୍ତର କମିଶନର ଭୋଗ ନଡ଼ିଆ ଟେଣ୍ଡର ପାଇଁ ୪.୬୫ ପଇସା ମୂଲ୍ୟ ଧାର୍ଯ୍ୟ କରି ୧ ବର୍ଷ ପରିବର୍ତ୍ତେ ୩ ବର୍ଷ ଟେଣ୍ଡର ଆହ୍ୱାନ ପାଇଁ ଜଣାଇଛନ୍ତି। ଏ ସମ୍ପର୍କରେ ମନ୍ଦିର ପ୍ରଶାସନ ୨୦୨୩ ଅକ୍ଟୋବର ୧୦ରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମାନସିକ ଭୋଗ ନଡ଼ିଆ ସମସ୍ତ ପ୍ରକାର ନଡ଼ିଆ ବିକ୍ରି ପାଇଁ ଟେଣ୍ଡର ନୋଟିସ କରିଛନ୍ତି। ଏଥିରେ ଭାଗନେବାକୁ ହେଲେ ଟେଣ୍ଡରଧାରୀ ମନ୍ଦିର କାର୍ଯ୍ୟାଳୟରୁ ୫୦୦ ଟଙ୍କା ମୂଲ୍ୟରେ ଟେଣ୍ଡର ଫର୍ମ ଓ ନିୟମାବଳୀ କ୍ରୟକରି ଅମାନତ ଦେୟ ବାବଦକୁ ୧ ଲକ୍ଷ ଟଙ୍କା ଡ୍ରାଫ୍ଟ କରି ମା' ତାରିଣୀଙ୍କ ନାମରେ ଦେବୋତ୍ତର କମିଶନର କାର୍ଯ୍ୟାଳୟ ଭୁବନେଶ୍ୱରକୁ ପଠାଇବା ପାଇଁ କୁହାଯାଇଛି। ନଚେତ ପୋଷ୍ଟାଲରେ ନିଜେ କାର୍ଯ୍ୟାଳୟରେ ଦେଇପାରିବେ ବୋଲି ଉଲ୍ଲେଖ ରହିଛି। ଏହି ନୂତନ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଅକ୍ଟୋବର ୨୬ ତାରିଖ ଦିନ ଧାର୍ଯ୍ୟ ହୋଇଛି। ତେବେ ମନ୍ଦିର ପ୍ରଶାସନ ୧ ବର୍ଷ ପରିବର୍ତ୍ତେ ୩ ବର୍ଷ ପାଇଁ ଅବଧି ବୃଦ୍ଧିକରି ଟେଣ୍ଡର ଆହ୍ୱାନ କରିବା ପ୍ରଥମ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ବେଗୁନିଆ,୧୫।୯(ହରପ୍ରସନ୍ନ ପଣ୍ଡା):** ପୋଖରୀରେ ବୁଡ଼ିଯିବାରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆ ଥାନା ଭୁଆଶୁଣିପାଟଣା ଗ୍ରାମର ଇନ୍ଦ୍ରମଣି ଜାଲି(୭୬)। ସୂଚନା ମୁତାବକ, ଘର ନିକଟ ଏକ ପୋଖରୀକୁ ଶୁକ୍ରବାର ପୂର୍ବାହ୍ନରେ ସ୍ନାନ କରିବା ପାଇଁ ଇନ୍ଦ୍ରମଣି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ଇନ୍ଦ୍ରମଣିଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩) ରୁଜୁକରି ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟରେ ପ୍ରତିବର୍ଷ ...

ପ୍ରଶିକ୍ଷଣ ଦେଉଛନ୍ତି। ଏହାପରେ ଅକ୍ଟୋବର ୧୫ରୁ ୩୧ ତାରିଖ ପର୍ଯ୍ୟନ୍ତ ବାଘ ଚଲାପଥ ସର୍ଭେ ହେବ। ଏହାସହ ପାଦଚିହ୍ନ ସର୍ଭେ ମଧ କରାଯିବ। ନଭେମ୍ବର ପ୍ରଥମ ସପ୍ତାହରୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ପ୍ରାୟ ୧ ହଜାର କ୍ୟାମେରା ଟ୍ରାପ୍ ୮ଟି ସର୍କଲରେ ଲଗାଯିବ। ବାଘଙ୍କ ମଳର ନମୁନା ସଂଗ୍ରହ କରାଯାଇ ଡିଏନ୍‌ଏ ସାମ୍ପଲିଂ କରାଯିବ। ଜାନୟାରୀ ୩୧ ସୁଦ୍ଧା ବାଘର ଠିକ୍ ସଂଖ୍ୟା ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶୀଲ କୁମାର ପୋପଲି ସୂଚନା ଦେଇଛନ୍ତି।

### ସୃଷ୍ଟି ହେବ ୧୨୭୩ ...

ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ସେବା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୨୩କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଏହି ପରିସଂଖ୍ୟାନ ସହାୟକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା କରିବେ। ଏହି ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ କମ୍ପ୍ୟୁଟର ପରିବର୍ତ୍ତେ ସ୍ନାତକ ଡିଗ୍ରୀ ସହ ଗଣିତ କିମ୍ବା ପରିସଂଖ୍ୟାନ ସହିତ କମ୍ପ୍ୟୁଟର ଅଭିଜ୍ଞତାକୁ ବାଧ୍ୟତାମୂଳକ କରାଯାଇଛି। ଏହି ପଦବୀ ପାଇଁ ଆବେଦନ ବୟସ ୧୮ରୁ ୨୧ବର୍ଷକୁ ବୃଦ୍ଧି କରାଯାଇଛି। ସେହିପରି ଷୋଡ଼ଶ ବିଧାନସଭାର ତ୍ରୟୋଦଶ ଅଧିବେଶନରେ ଆହୂତ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏଥିସହିତ ଓଡ଼ିଶା ଜିଏସ୍‌ଟି ଆଇନ-୨୦୧୭ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଅନଲାଇନ୍ ମନି ଗେମିଂ ଯୋଗାଣ ପାଇଁ ଭାରତ ବାହାରେ ଥିବା କୌଣସି ସ୍ଥାନରୁ ଭାରତର ଜଣେ ବ୍ୟକ୍ତିଙ୍କୁ ବାଧ୍ୟତାମୂଳକ ପଞ୍ଜୀକରଣ ନେବା ପାଇଁ ବ୍ୟବସ୍ଥା କରାଯିବ।

କ୍ୟାବିନେଟ୍ ବୈଠକରେ ଓଡ଼ିଶା ସିଭିଲ ସର୍ଭିସେସ୍ (ଯୋଗାଣ ନିରୀକ୍ଷକଙ୍କର ନିଯୁକ୍ତି ପ୍ରକ୍ରିୟା ଏବଂ ଚାକିରୀ ସର୍ତ୍ତାବଳୀ) ସଂଶୋଧନ ନିୟମ- ୨୦୨୩ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ନିୟମରେ ଥିବା ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପଦବୀ ପୂରଣ ହେବ। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ସହିତ ପରାମର୍ଶ କରି ଆୟୋଗ ନିଷ୍ପତ୍ତି ନେବେ। ନିଯୁକ୍ତ ପ୍ରତ୍ୟେକ ବ୍ୟକ୍ତି ଏହି ପଦବୀରେ ଯୋଗଦେବା ଦିନଠାରୁ ୨ ବର୍ଷ ପର୍ଯ୍ୟନ୍ତ ପ୍ରୋବେଶନରେ ରହିବେ। ଏହାଦ୍ୱାରା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନ ଯୋଗାଣ ନିରୀକ୍ଷକ କ୍ୟାଡରର କାର୍ଯ୍ୟ ତଥା ସୁପରିଚାଳନା ତ୍ୱରାନ୍ୱିତ ହୋଇପାରିବ।

### ୭ ଘଣ୍ଟା ଉପାସ ...

ସେମାନେ ପ୍ରଶାସନ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ଅପରପକ୍ଷରେ ସେବା ନିବୃତ୍ତ ବା ବାସନ୍ଦ ନେଇ ସେ ନିଯୋଗ ପକ୍ଷରୁ କିଛି ଚିଠି ପାଇ ନ ଥିବା ସମ୍ପୃକ୍ତ ସେବାୟତ ଶଙ୍ଖମିତ୍ର ସିଂହାରୀ କହିଛନ୍ତି। ତାଙ୍କର ଆଜି ପାଳି ଥିବାରୁ ସେ ପାଳି ଖଟିବାକୁ ଯାଇଥିଲେ। ସେ ଅନ୍ୟ ଜାତିରେ ବିବାହ କରିଥିବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

ସେ ଶାଢ଼ିବନ୍ଧା ସେବକଙ୍କ ଝିଅଙ୍କୁ ବିବାହ କରିଥିବା ଶଙ୍ଖମିତ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅନେକଥର ମହାପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବ ହେଉଥିବା ବେଳେ କେବଳ ତଦନ୍ତ ଓ ତର୍ଜମା କଥା କହି ଶ୍ରୀମନ୍ଦିର ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଛଡାଇ ଦେଉଛି। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ପରବର୍ତ୍ତୀ ସମୟରେ ପୁଣି ମହାପ୍ରଭୁଙ୍କ ନୀତିରେ ବିଭ୍ରାଟ ଘଟୁଛି ଓ ବିଭିନ୍ନ ନୀତି ବିଳମ୍ବ ହେଉଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ନୀତିକାନ୍ତିରେ ବିଭ୍ରାଟ କରୁଥିବା ସେବାୟତ ଏବଂ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ଅନେକ ଭକ୍ତ ମତ ଦେଇଛନ୍ତି।

### ସାରା ରାଜ୍ୟରେ ...

୭୯.୧୬ଲକ୍ଷ ମେଟ୍ରିକ ଟନ୍ ଧାନ(୫୩.୫୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ) ସଂଗ୍ରହ କରାଯାଇଥିଲା। ଚଳିତବର୍ଷ ଅକ୍ଟୋବର ପହିଲାରୁ ୨୦୨୪ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪ ବଳବତ୍ତର ରହିବ। ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ ଧାନ ଓ ୨୦୨୪ ମେ' ଓ ଜୁନ୍‌ରେ ରବି ଋତୁ ଧାନ ସଂଗ୍ରହ କରାଯିବ। ପଞ୍ଜୀକୃତ ଚାଷୀମାନେ ଯଦି ଧାର୍ଯ୍ୟଲକ୍ଷ୍ୟ ୭୯ଲକ୍ଷ ମେଟ୍ରିକ ଟନ୍‌ଠୁ ଅଧିକ ଧାନ ମଣ୍ଡିକୁ ଆଣିବେ ତାହାକୁ ରାଜ୍ୟ ସରକାର କ୍ରୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। କେବଳ ପଞ୍ଜୀକୃତ ଚାଷୀଙ୍କଠୁ ବଳକା ଧାନ ସଂଗ୍ରହ କରାଯିବ। ଧାନ ବିକ୍ରି ପାଇଁ ଆଧାର ଏକମାତ୍ର ପରିଚୟପତ୍ର ହେବ। ଚାଷୀଙ୍କ ବାୟୋମେଟ୍ରିକ ଚିହ୍ନଟୀକରଣ ବ୍ୟବସ୍ଥା କରାଯିବ। ଚାଷୀଙ୍କୁ କୁଇଣ୍ଟାଲ ପିଛା ସାଧାରଣ ଧାନ ଓ ଗ୍ରେଡ୍-ଏ' ଧାନ ପାଇଁ ଯଥାକ୍ରମେ ୨୧୮୩ ଟଙ୍କା ଓ ୨୨୦୩ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯିବ। ଖିଲାପି ମିଲରଙ୍କୁ ଚଳିତଥର ଧାନ ସଂଗ୍ରହ ପାଇଁ ଅନୁମତି ଦିଆଯିବ ନାହିଁ। ପି-ପାସ୍ ମାଧ୍ୟମରେ ଚାଷୀଙ୍କୁ ୪୮ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୁହାଯାଇଛି । ରାଜ୍ୟରେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତଥା ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଦ୍ୱାରା ପରିଚାଳିତ ୩୫ଟି ଟୋଲ୍‌ଗେଟ୍‌କୁ ଉଚ୍ଛେଦ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି ।

### ୩ ଜିଲାରେ ସ୍କ୍ରବ୍...

ରହିବା, ମୁଣ୍ଡ ବିନ୍ଧା ହେବା। ପୋକ କାମୁଡିବାର ୩ ସପ୍ତାହ ମଧ୍ୟରେ ଜ୍ୱର ହୁଏ । ୧୦ ଦିନ ଭିତରେ ଜ୍ୱର ଭଲ ହେବା କଥା। ଯଦି ଜ୍ୱର ଭଲ ନ ହୁଏ, ରୋଗ ଜଟିଳ ହେଲେ ମୃତ୍ୟୁ ଆଶଙ୍କା ରହିଛି। ଏହା ଯୋଗୁ ନିମୋନିଆ, କିଡନୀ, ଲିଭର ଓ ବ୍ରେନ୍ ଆଫେକ୍ଟ ହେବାର ଅଧିକ ଆଶଙ୍କା ରହିଛି। ଏଣୁ ବିଲ ବାଡିରେ କାମ କରୁଥିବା ଲୋକ, ଜଙ୍ଗଲ ଯାଉଥିବା ଲୋକ ଫୁଲ୍ ହାତ ଶାର୍ଟ ପିନ୍ଧନ୍ତୁ ଓ ସତର୍କ ରୁହନ୍ତୁ ବୋଲି ଡା. ମିଶ୍ର ପରାମର୍ଶ ଦେଇଛନ୍ତି।

### ଚିକିତ୍ସିତ ହୋଇ ଫେରିବା ...

ତ୍ରିଲୋଚନ, ଦାଦା ବିଜୟଙ୍କୁ ନେଇ କିମ୍ସର ଏକ ଆମ୍ବୁଲାନ୍ସ ବେଙ୍ଗାଲୁରୁ ଭିକ୍ଟୋରିଆ ହସ୍ପିଟାଲ ଯାଇଥିଲା। ସେଠାରେ ଡାକ୍ତର ଉମେଶଙ୍କ ମସ୍ତିଷ୍କ ଇନ୍‌ଫେକ୍ସନ ହୋଇନାହିଁ ବରଂ କିଡ୍‌ନୀ ନଷ୍ଟ ହୋଇଥିବା କହି ଗୁରୁବାର ଫେରାଇ ଦେଇଥିଲେ। ସେମାନେ ଉକ୍ତ ଆମ୍ବୁଲାନ୍ସରେ ଫେରୁଥିବା ବେଳେ ଶୁକ୍ରବାର ଭୋରୁ ବେଙ୍ଗାଲୁରୁ-ତିରୁପତି ଜାତୀୟ ରାଜପଥ ଆନ୍ଧ୍ରପ୍ରଦେଶର ଚିତୋର ଜିଲା ତାୱାନାମପାଲ୍ଲୀ ମଣ୍ଡଳ ଅନ୍ତର୍ଗତ ତେଲ୍ଲାଗୁଣ୍ଡଲାପାଲ୍ଲୀ ଅଞ୍ଚଳରେ ରାସ୍ତାରେ ଠିଆ ହୋଇଥିବା ଗୋଟିଏ ତେଲ ଟ୍ୟାଙ୍କରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲିଲିମା, ଉମେଶ, ତ୍ରିଲୋଚନ ଓ ବିଜୟଙ୍କ ମୃତ୍ୟୁ ହୋଇଥିଲା ବୋଲି ବିଜୟଙ୍କ ପରିବାର ପକ୍ଷରୁ ଜଣାପଡ଼ିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଓ ଆହତଙ୍କୁ ଚିତୋର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଏହାକୁ ନେଇ ଆଳି ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।


ଉମେଶ ସାହୁ


ରଶ୍ମିତା ସାହୁ


ତ୍ରିଲୋଚନ ନାୟକ


ବିଜୟ ନାୟକ

# ସାମିଲ ନ ହୋଇ ପାଠ ପଢ଼ାଉଛନ୍ତି ଗଣଶିକ୍ଷା ମନ୍ତ୍ରୀଙ୍କ ଶିକ୍ଷୟିତ୍ରୀ ପତ୍ନୀ

## ଆନ୍ଦୋଳନରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଶିକ୍ଷକ



ଶିକ୍ଷୟିତ୍ରୀ ରଞ୍ଜିତା ସୋରେନ ପିଲାଙ୍କୁ ପାଠ ପଢ଼ାଉଛନ୍ତି।

ବାରିପଦା୧୫।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନିଖିଳ ଉତ୍କଳ ଶିକ୍ଷକ ଫେଡେରେଶନ ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ମୟୂରଭଞ୍ଜ ଜିଲାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକମାନେ ୩ ଦଫା ଦାବି ନେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବୁଧବାରଠାରୁ ସେମାନେ ସମୂହ ଛୁଟିରେ ରହିଛନ୍ତି। ଫଳରେ ପାଠପଢ଼ା ଠପ୍ ହୋଇ ଯାଇଥିବା ବେଳେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସ୍ତ୍ରୀ ରଞ୍ଜିତା ସୋରେନ ଶିକ୍ଷାଦାନରେ ବ୍ରତୀ ରହିଛନ୍ତି। ପ୍ରତିଦିନ ସେ ବାରିପଦା ସହରସ୍ଥିତ ବିଜୟରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟକୁ ଆସି ନିଜର କର୍ତ୍ତବ୍ୟ ପାଳନ କରୁଛନ୍ତି। ଶିକ୍ଷକଙ୍କ ଆନ୍ଦୋଳନକୁ ସେ ସମର୍ଥନ କରୁଥିବା ବେଳେ ଆନ୍ଦୋଳନରେ ସାମିଲ ନ ହୋଇ ଦାୟିତ୍ୱ ତୁଲାଉଥିବା କହିଛନ୍ତି।

ସମଗ୍ର ରାଜ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ୩ ଦଫା ଦାବିକୁ ନେଇ ସ୍ୱର ଉତ୍ତୋଳନ କରିଛନ୍ତି। ଫଳରେ ମୟୂରଭଞ୍ଜ ଜିଲାର ଅଧିକାଂଶ ସ୍କୁଲରେ ତାଲା ଝୁଲୁଛି। ପାଠପଢ଼ା ସାଙ୍ଗକୁ ମଧ୍ୟାହ୍ନଭୋଜନ ମଧ୍ୟ ବନ୍ଦ ରହିଛି। ଏପରି ସ୍ଥଳେ ମନ୍ତ୍ରୀଙ୍କ ସ୍ତ୍ରୀ ରଞ୍ଜିତା ଶିକ୍ଷକ ଆନ୍ଦୋଳନରେ ସାମିଲ ନ ହୋଇ ସ୍କୁଲରେ ପାଠ ପଢ଼ାଉଛନ୍ତି। ବିଦ୍ୟାଳୟର ଅନ୍ୟ ଶିକ୍ଷକମାନେ ଅନୁପସ୍ଥିତ ଥିବା ବେଳେ ସେ ସ୍କୁଲର ସମସ୍ତ କାର୍ଯ୍ୟ ତୁଲାଇବାରେ ଲାଗିଛନ୍ତି। ଏ ନେଇ ରଞ୍ଜିତା କୁହନ୍ତି, ଶିକ୍ଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ସ୍ୱାମୀଙ୍କ ସହ ଘରେ ଆଲୋଚନା କରିଥାନ୍ତି। ଶିକ୍ଷକଙ୍କ ଦାବି ଯୁକ୍ତିଯୁକ୍ତ ବୋଲି କହିବା ସହିତ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତାହାକୁ ସେ ଅପେକ୍ଷା କରିଛନ୍ତି। ସଂଘର ସମସ୍ତେ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ରଞ୍ଜିତାଙ୍କ କାର୍ଯ୍ୟଶୈଳୀକୁ ନେଇ ନାନା ପ୍ରତିକ୍ରିୟା ପ୍ରକାଶ ପାଉଛି। ଏ ନେଇ ସଂଘ କାର୍ଯ୍ୟକର୍ତ୍ତାଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ଆନ୍ଦୋଳନକୁ ଓହ୍ଲାଇଲେ ସରପଞ୍ଚ

## ଅଧିକାରୀଙ୍କ ଅତ୍ୟଧିକ ହସ୍ତକ୍ଷେପକୁ ବିରୋଧ ସହ ୧୫ ଦଫା ଦାବି

ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)

ପଞ୍ଚାୟତ ପରିଚାଳନାରେ ସରପଞ୍ଚଙ୍କ କ୍ଷମତାକୁ ସଙ୍କୁଚିତ କରାଯାଉଛି। ଅଧିକାରୀଙ୍କ ହସ୍ତକ୍ଷେପ ବୃଦ୍ଧି ପାଉଛି। ଏହାକୁ ବିରୋଧ କରିବା ସହ ୧୫ ଦଫା ଦାବି ନେଇ ସରପଞ୍ଚମାନେ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାଜ୍ୟ ସରପଞ୍ଚ ମହାସଂଘ ଆହ୍ୱାନକ୍ରମେ ସମସ୍ତ ଜିଲାରୁ ଶହ ଶହ ସରପଞ୍ଚ ରାଜଧାନୀରେ ଏକାଠି ହେବା ପରେ ମାଷ୍ଟରକ୍ୟାଣ୍ଟିନରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ଅଭିମୁଖେ ଯାଇଥିଲେ। ବିକ୍ଷୋଭ ପ୍ରଦର୍ଶନ ସହ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ସରପଞ୍ଚମାନେ କାର୍ଯ୍ୟକ୍ଷେତ୍ରରେ ଓ ଲୋକଙ୍କୁ ସେବା ଯୋଗାଇବା ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରୁଥିବାରୁ ସଂଘର କାର୍ଯ୍ୟକାରୀ ସଭାପତି ବୀରବର ସାହୁ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ତପନ କୁମାର ଚକ୍ରବର୍ତ୍ତୀ କହିଛନ୍ତି, ୮ ଘଣ୍ଟା ପରିଶ୍ରମ କରି ଜଣେ ଦିନମଜୁରିଆ ଯେତିକି ପାରିଶ୍ରମିକ ପାଉଛନ୍ତି ୨୪ ଘଣ୍ଟା ଲୋକଙ୍କୁ ସେବା ପ୍ରଦାନ କରୁଥିବା ସରପଞ୍ଚମାନେ ସେମାନଙ୍କଠାରୁ କମ୍ ପ୍ରାପ୍ୟ ପାଉଛନ୍ତି। ତେଣୁ ସରପଞ୍ଚଙ୍କ ମାସିକ ଭତ୍ତା ୨୩୫୦ ପରିବର୍ତ୍ତେ ୩୦ ହଜାର ଟଙ୍କା କରାଯାଉ ଓ ଅବସର ପରେ ପେନ୍‌ସନ୍ ୫ହଜାର ଟଙ୍କା ଦିଆଯାଉ। ସେହିପରି ଉନ୍ନତିମୂଳକ କାମ ପାଇଁ ଆସୁଥିବା ୫୦ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚରେ ବିଡିଓଙ୍କ କାଉଣ୍ଟର ସାଇନ ରଦ୍ଦ କରାଯାଉ, ପଲ୍ଲିସଭା ଓ ଗ୍ରାମସଭା ମାଧ୍ୟମରେ ସବୁ ଯୋଜନା ଓ କାର୍ଯ୍ୟକ୍ରମ ହେଉ, ୱାର୍ଡସଭ୍ୟଙ୍କ ଦ୍ୱାରା ଆସୁଥିବା ଅନାସ୍ଥା ପ୍ରସ୍ତାବକୁ ବନ୍ଦ କରାଯାଉ, ବସୁଧା ଓ ଗ୍ରାମ ଆଲୋକୀକରଣ ଯୋଜନାରେ ଆସୁଥିବା ଅର୍ଥରେ ବିଜୁଳି ବିଲ୍ ଦେବା ସମ୍ଭବ ହେଉ ନ ଥିବାରୁ ସ୍ୱତନ୍ତ୍ର ଅନୁଦାନ ଦିଆଯାଉ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆସୁଥିବା ଅର୍ଥର ତଦାରଖ ଦାୟିତ୍ୱ ପଞ୍ଚାୟତକୁ ଦିଆଯାଉ, ସରପଞ୍ଚଙ୍କୁ ସ୍ୱାସ୍ଥ୍ୟ କାର୍ଡ ଓ ମୃତ୍ୟୁ ହେଲେ ପରିବାରକୁ ୫୦ଲକ୍ଷ ଟଙ୍କା ସହାୟତା ପ୍ରଦାନ, ସରପଞ୍ଚ ଓ ପିଇଓଙ୍କ ଯୁଗ୍ମ ପାସ୍‌ବୁକ୍‌ରେ ଅର୍ଥ ଦେଣନେଣ, ଗ୍ରାମପଞ୍ଚାୟତ ଅର୍ଥରେ ଖର୍ଚ୍ଚ ହେଉଥିବା ସମସ୍ତ କାର୍ଯ୍ୟକୁ ପଞ୍ଚାୟତ ଦ୍ୱାରା ପରିଚାଳନା, ପଞ୍ଚାୟତର ସମସ୍ତ ବିକାଶମୂଳକ କାମ ଯଥା ଗାଁ ହାଟ ବଜାର ଗୃହ, କଲ୍ୟାଣମଣ୍ଡପ, ପଞ୍ଚାୟତ ଗୃହ ଇତ୍ୟାଦି ନିର୍ମାଣ କାର୍ଯ୍ୟ ପାଇଁ ପଞ୍ଚାୟତ ସମିତିକୁ ଅର୍ଥ ନ ଦେଇ ପଞ୍ଚାୟତକୁ ଦିଆଯାଉ, ପଞ୍ଚାୟତରେ ଥିବା ସମସ୍ତ ଗୋଚର ଓ ଅନାବାଦୀ ଜମିର ରକ୍ଷଣାବେକ୍ଷଣ ଦାୟିତ୍ୱ ସରପଞ୍ଚଙ୍କୁ ମିଳୁ, ରାଜଧାନୀରେ ସରପଞ୍ଚ ଭବନ କରାଯାଉ, ସ୍ୱତନ୍ତ୍ର ପରିଚୟପତ୍ର ମିଳୁ, ସ୍ୱତନ୍ତ୍ର ହାତପାଣ୍ଠି ୫ ଲକ୍ଷ ଦିଆଯାଉ, ପିଇଓ ଏବଂ ଜିଆର୍‌ଏସ୍‌ଙ୍କୁ ଛୁଟି ମଞ୍ଜୁର କ୍ଷମତା ସରପଞ୍ଚଙ୍କୁ ଦିଆଯାଉ। ଏ ସମସ୍ତ ଦାବି ନେଇ ୨ ମାସ ତଳେ ସମସ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ମାତ୍ର ଏନେଇ ମୁଖ୍ୟମନ୍ତ୍ରୀ କୌଣସି ପଦକ୍ଷେପ ନେଇ ନ ଥିବାରୁ ରାଜ୍ୟର ସମସ୍ତ ସରପଞ୍ଚ ଭୁବନେଶ୍ୱରରେ ଗଣଧାରଣାରେ ବସି ବିକ୍ଷୋଭ କରିବାକୁ ବାଧ୍ୟ ହେଉଥିବା ସଂଘ ସଭାପତି ଜ୍ୟୋତିର୍ମୟୀ ଦେହୁରୀ କହିଛନ୍ତି।




୧୫ ଦଫା ଦାବି ନେଇ ରାଜ୍ୟ ସରପଞ୍ଚ ମହାସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନରୁ ବିଧାନସଭା ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

# ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହେଲା ସ୍କୁଟି

## ଜଣେ ଛାତ୍ର ମୃତ, ୨ ଗୁରୁତର

ଚାନ୍ଦବାଲି, ୧୫।୯ (କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି କଲେଜ ପାଖ ଇନ୍‌ଡୋର ଷ୍ଟାଡିୟମ ନିକଟରେ ଶୁକ୍ରବାର ଦିନ ପ୍ରାୟ ସାଢ଼େ ୧୨ଟା ବେଳେ ଏକ ବିଦ୍ୟୁତ୍ ଖୁଣ୍ଟି ସହ ସ୍କୁଟି ଧକ୍କା ହୋଇ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଛାତ୍ର ଗୁରୁତର ହୋଇଛନ୍ତି। ମୃତକ ହେଲେ ଚାନ୍ଦବାଲି କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ସତ୍ୟବ୍ରତ ନାୟକ। ତାଙ୍କ ଘର କାଣ୍ଡଗରଡ଼ି ଗାଁରେ। ଗୁରୁତର ଥିବା ପୀରହାଟ ଥାନା ଅଧୀନ ଚାରିବାଟିଆ ଗାଁର ବିଜୟ ପରିଡ଼ା ଓ ଚାନ୍ଦବାଲି ଏନ୍‌ଏସି ଅଧୀନ ପାଞ୍ଚପଡ଼ାର ଲକି ଦାସ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁଯାୟୀ, ୩ ଛାତ୍ର ଗୋଟିଏ ସ୍କୁଟିରେ କଲେଜରୁ ଘରକୁ ଫେରୁଥିଲେ। କଲେଜ ରୋଡ୍ ଇନ୍‌ଡୋର ଷ୍ଟାଡିୟମ ନିକଟରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ୩ଜଣଙ୍କୁ ଉଦ୍ଧାର କରି ଚାନ୍ଦବାଲି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସତ୍ୟବ୍ରତଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ବିଜୟ ଓ ଲକିଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ଆଜି ସରିବ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ

ଭୁବନେଶ୍ୱର, ୧୫।୯ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷରେ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଶନିବାର ଆବେଦନ ପ୍ରକ୍ରିୟା ଶେଷହେବ। ଛାତ୍ରୀଛାତ୍ର ରାତି ୧୧ଟା ୪୫ ଭିତରେ ଆବେଦନ କରିପାରିବେ। ୨୨ ତାରିଖ ମଧ୍ୟାହ୍ନ ୧୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୨୩ ତାରିଖ ସକାଳ ୯ଟାରୁ ୨୬ ତାରିଖ ଅପରାହ୍ନ ୫ଟା ଭିତରେ(ଛୁଟିଦିନ ବ୍ୟତୀତ) ନାମ ଲେଖାଇବେ। ବଳକା ଥିବା ସିଟ୍‌ରେ ନାମଲେଖା ପାଇଁ ଅକ୍ଟୋବର ୩ ଅପରାହ୍ନ ୨ଟାରେ ପୁନର୍ବାର ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୬ ତାରିଖରେ ନାମ ଲେଖାଇବେ।

ସେପଟେ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ସ୍ୱଟ୍ ନାମଲେଖା ପାଇଁ ଶୁକ୍ରବାର ମେଧା ତାଲିକା ପ୍ରକାଶ ପାଇଛି। ମନୋନୀତ ଛାତ୍ରୀଛାତ୍ର ୧୬ରୁ ୧୮ ତାରିଖ ଅପରାହ୍ନ ୪ଟା ଭିତରେ ନାମ ଲେଖାଇବାକୁ କୁହାଯାଇଛି।


**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଡିଏସ୍‌ବିଏମ୍-ଟିସିସି-ଏଲ୍‌ସିସି-ସିମେନ୍ସ-୦୪, ତାରିଖ: ୧୩।୦୯।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ମେକାନିକାଲ୍ ଇଞ୍ଜିନିୟର (ଡିଜେଲ), ବଣ୍ଡମୁଣ୍ଡା, ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୦୩ ବର୍ଷ ପାଇଁ ଡିଏସ୍‌ବିଏମ୍/ଏସ୍‌ଇଆର୍‌ର ୧୧ ଗୋଟି ଏଚ୍‌ଏଚ୍‌ପି ଡିଜେଲ୍ ଲୋକୋମୋଟିଭ୍‌ରେ ଲାଗିଥିବା ଏସି-ଏସି ଟ୍ରାକ୍ସନ୍ କଣ୍ଟ୍ରୋଲ୍ ସିଷ୍ଟମ୍‌ରେ ମେସର୍ସ ସିମେନ୍ସ ମେକ୍ ଆଇଜିବିଟି ଆଧାରିତ ଟ୍ରାକ୍ସନ୍ କଣ୍ଟ୍ରୋଲ୍ କନ୍‌ଭର୍ଟର୍ (ଟିସିସି) ଏବଂ ଲୋକୋମୋଟିଭ୍ କଣ୍ଟ୍ରୋଲ୍ କମ୍ପ୍ୟୁଟର (ଏଲ୍‌ସିସି)ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । **ଟେଣ୍ଡର ମୂଲ୍ୟ:** ₹୨,୪୧,୮୧,୭୪୦ ୧୮% ଜିଏସ୍‌ଟି ସହିତ; **ବିଡ୍ ଅମାନତ:** ₹୨,୭୦,୯୦୦/- । **ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଏମ୍‌ଇ/ସିକେପି, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ତା୦୬।୧୦।୨୦୨୩ରିଖ ୧୧.୦୦ ଘଟିକାରେ । ଟେଣ୍ଡର **http://www.ireps.gov.in** ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । **(PR-606)**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2023-T-175

**କାର୍ଯ୍ୟର ନାମ:** ମଣ୍ଡଳ ରେଳ ପ୍ରବନ୍ଧକ କମ୍ପ୍ଲେକ୍ସ, ସମ୍ବଲପୁରରେ ମଣ୍ଡଳ କଣ୍ଟ୍ରୋଲ୍ (Control) ଭବନ ନିମନ୍ତେ ଇଲେକ୍ଟ୍ରିକାଲ ସୁଇଚ୍ ପ୍ରକୋଷ୍ଠଗୁଡ଼ିକ ଠାରେ ସ୍ୱୟଂକ୍ରିୟ ଅଗ୍ନି ଅନୁସନ୍ଧାନ (Fire detection) ଏବଂ ଗ୍ୟାସ ଦମନ (Supression) ପ୍ରଣାଳୀ ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 23,01,279.80, EMD /ବିଡ୍ ସୁରକ୍ଷା ଜମା (₹) : 46,000/-, କାର୍ଯ୍ୟ ଶେଷ ହେବା ଅବଧି: ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ 04 (ଚାରି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.10.2023 ରିଖ 1630 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ସମ୍ବଲପୁର

PR-580/O/23-24

See Career Appointment on every Wednesday & Saturday

**FARMERS PRODUCERS ORGANIZATION, NABARANGPUR**
**WALK-IN INTERVIEW**

For the Post of CEO (Chief Executive Officer) and Accountant of the Farmers Producers Organisation on contractual basis is scheduled to be held on 27th September 2023 (Wednesday) Time- 09.30 A.M. at FARMERS INFORMATION CENTRE, RMC Office Campus, Gandhi Nagar, Nabarangpur.

The details are as follows

1. The schedule is tentative and subject to change at any stage depending upon the availability of selection panel.
2. For details of the advertisement, eligibility criteria, application form please visit the district portal i.e. www.nabarangpur.nic.in. Fill the prescribed application form and bring the same on the date of Interview (N.B. if necessary written Exam. will be conducted on the same day).
3. The BoDs of the FPOs reserves the right to cancel / vary the vacancies without assigning reason thereof.

Sd./- Chairperson of FPO-Umerkote, Raighar, Jharigam, Dabugam, Nabarangpur, Kosagumuda, Nandahandi & Papadahandi

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
**Corporate Office: Burla, Dist-Sambalpur (Odisha)-768017**
**NOTICE INVITING TENDER**
**Tender Notice No. TPWODL/HS/O/SU/040 Date: 14.09.2023**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package:

**RC for Supply and Installation of 1.5 Ton Inverter Split AC at PAN TPWODL, Odisha.**

Interested bidders to submit Tender Participation Fee and Authorization Letter through email on or before **25th September 2023, 17:00 Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com**. Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

**Sd./- Chief-Contracts and Stores**

**DISTRICT PROJECT OFFICE**
**SAMAGRA SHIKSHA, NABARANGPUR**
No.2331/Civil/2023 Dated 15.09.2023
**NOTICE INVITING TENDER (NIT)**

Sealed tenders are invited from the reputed & credible Manufacturers/authorized firms for supply of 728 numbers of incinerator and 728 numbers of Vending Machine for schools of Nabarangpur District in two bid systems (Technical & Financial Bid).

The detailed BID document is available in the website: **www.osepa.gov.in** & **www.nabarangpur.nic.in**. Interested and eligible agency/firm may download BID DOCUMENT from the above website and apply accordingly.

Sd./-DEO-cum-District Project Coordinator
Samagra Shiksha, Nabarangpur

**SHREE JAGANNATH EXPRESSWAYS PVT. LTD.**
**QUOTATIONS CALL NOTICE**

Dear Suppliers and Contractors,
We are pleased to announce a tender opportunity for the disposal of Scrap materials. M/s Shree Jagannath Expressways Pvt. Limited invites qualified and experienced contractors to submit bids for the collection and disposal of Scrap materials as outlined below:-

**Tender Details :-**

**Tender Title** :- Scrap Materials Disposal
**Dead line for submission** – 26th September 2023
**Location** :- Shree Jagannath Expressways Pvt. Ltd., Administrative Building, Toll Plaza Complex, Vill- Bandalo, PO- Kotasahi, PS-Tangi, Cuttack- 754022
**Scope of Work** :- There are scrap materials like Electrical Street light HPSV full fittings, MS Sign boards, MS Scraps, Electronic Panels, Vehicles, Portacabin, Chair, Tables and many more......
**Tender Documents**:- Tender documents and including details specification can be obtained from our office at Admin Building, Bandalo Toll Plaza starting date 16th September 2023.
**Contact Information**:- For inquiries and clarification, Please contact on this Number 9938855375 & Email -kshetramohan.parida@maplehighways.com
**Tender Evaluation**:- Bids are evaluated based on bidding Cost, Experience, Compliance and Regulations.
We look forward to receiving your competitive bids and working with a reputable contractor for this important project.

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No.CAD-2106
**TENDER ALERT**

**1)E-Tender Call Notice No. TW-IT/OT/02/2023-24:** CGM (IT), OPTCL invites bids in e-tender mode only from reputed eligible bidders for procurement of Desktops, All-In-One PCs, Laptops, Heavy Duty Multifunction Printers, Multifunction Printers and Multifunction Printer (Colour) for Head-quarter office and Field offices of OPTCL and Buyback of obsolete IT items.

**2)E-Tender Call Notice No.TW-IT/OT/03/2023-24:** CGM (IT), OPTCL invites bids in e-tender mode only from reputed eligible bidders for procurement of consultancy service towards implementation of ISMS (Information Security and Management System) leading to ISO 27001:2022 certification at OPTCL/ SLDC/ GRIDCO for 03 years 06 months with an estimated cost of Rs.1,97,85,834/-

Interested bidders may visit **http://www.optcl.co.in** & **http://www.tenderwizard.com/OPTCL** for further details.

OIPR-04011/11/0086/2324 HIPR-30/2023-24
/optcl.odisha /optcl_odisha

**OFFICE OF THE PRINCIPAL**
**P. I. DEGREE COLLEGE, JUNAGARH**
**DIST- KALAHANDI**
Adv.No.:763/PIM(J)/KLD/2023 Date:15.09.23

**TENDER CALL NOTICE**

Tenders are invited for procurement of +3 Books (as per CBCS State Model Syllabus), Bench-cum-Dual Desk under Non-Civil head of OHEPEE. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit- **www.pidcjunagarh.co.in.**

Sd./-Principal
P.I.Degree College, Junagarh

**OFFICE OF THE REGULATED MARKET COMMITTEE, BARGARH**
**AT-GORUHAT, PO-BARGARH, DIST-BARGARH (ODISHA), PIN-768028**
No. 1265/RMC Dated.15.09.23
Quotation Call Notice No.1194 Dt.16.08.23
**Corrigendum**

1. The term & condition entered in No.15(d) will read as the bidder must have to submit supply experience of any materials and one single work order worth minimum of Rs.75,00,000/-(Rupees Seventy Five lakhs) in any last three financial year as capability certificate from any Govt. OR Semi-Govt. Organisation.
2. The terms & condition entered in No.15 (h) will read as follows:- All bidders will have to show their operation of weighbridge through Computer System, weighbridge, Indicator, Printer and key board.
3. The submission of bidding documents is hereby extended upto Dt 22.09.23, 01.00 PM and the Quotation will open on Dt.22.09.23 at 03.00 PM.

Sd./- Secretary,
Regulated Market Committee, Bargarh,
Dist-Bargarh

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2088 OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.4451/RE/OSIC Dt.14.09.2023**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. "Supply, installation & commissioning of High Mast Light and Solar light at different Market Yard under RMC, Sambalpur", "Supply & installation of 30 Watt, 4' Hanging Batten LED Light fittings and 36 Watt, 4' wall mounted LED batten fittings with replacement of conventional fluorescent tube light fittings at all the corridors, Sub-Divisional offices, Filter House, Staircases and other locations of the RPH, Rengali" and "Supply and installation of Solar Pump set in OTELP PLUS Units at ITDAs of the FY 2023-24". Tender details can be downloaded from the OSIC website www.osicltd.in. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)
OIPR-14073/11/0052/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, CUTTACK**
**e-mail: serw_ctc@yahoo.com**
No.O-1031
No. Tender Online RWC-22/23 Letter No. 3222 Date: 12.09.2023

**e-Procurement NOTICE**

1. Name of the work : Construction of Road works.
2. Class of contractor
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licencing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licencing authorities.
   c) Estimated cost more than Rs.20.00 Lakhs & upto Rs.3.00 Crore : B Class (of Odisha PWD) & relevant class of other licencing authorities.
3. Time for completion : As specified in the Column-6 of the Annexure.
4. Detail Projects : As per Annexure attached
5. Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC - 17/23 | 18.09.2023 at 11.30 A.M. | 03.10.2023 upto 05.00 P.M. | 03.10.2023 upto 02.00 P.M. | 04.10.2023 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**
OIPR-25097/11/0025/2324 **Sd./- Chief Construction Engineer, Rural Works Circle, Cuttack**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲୋକ ସଭା, ରାଜ୍ୟ ବିଧାନସଭା ନିର୍ବାଚନ ଉପରେ ଆଲୋଚନା ହେବ

**ହାଇଦ୍ରାବାଦ,୧୫।୯**

### ଆଜି ନୂଆ ସିଡବ୍ଲ୍ୟୁସିର ପ୍ରଥମ ବୈଠକ

ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ନବଗଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ପ୍ରଥମ ବୈଠକ ଶନିବାର ହାଇଦ୍ରାବାଦରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ଦଳର ବରିଷ୍ଠ ନେତାମାନେ ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକ ସଭା ନିର୍ବାଚନ ସମ୍ପର୍କରେ ବିଚାର ବିମର୍ଶ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏହା ବ୍ୟତୀତ କନ୍ୟାକୁମାରୀରୁ କଶ୍ମୀର ଭାରତ ଯୋଡ଼ୋ ଯାତ୍ରାର ସଫଳତା ପରେ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା (ଭାରତ ଯୋଡ଼ୋ ଯାତ୍ରା ୨.୦) ଆରମ୍ଭ କରିବା ନେଇ କମିଟି ଆଲୋଚନା କରିପାରେ ବୋଲି କୁହାଯାଉଛି। ଖାର୍ଗେଙ୍କ ଅଧ୍ୟକ୍ଷତାରେ ଦଳର ଶୀର୍ଷ ନୀତି ନିର୍ଦ୍ଧାରକ ସଂସ୍ଥା ସିଡବ୍ଲ୍ୟୁସିର ପୁନର୍ଗଠନ କରାଯାଇଥିଲା। ଏଥିରେ ୩୯ ନିୟମିତ ସଦସ୍ୟ ରହିଛନ୍ତି। ଦୁଇଦିନ ଚାଲିବାକୁ ଥିବା ଏହି ବୈଠକର ଦ୍ୱିତୀୟ ଦିନରେ ସବୁ ରାଜ୍ୟର କଂଗ୍ରେସ ସଭାପତି ଏବଂ ବିଧାୟକ ଦଳ ନେତା ଯୋଗଦେବେ। ୧୭ ସନ୍ଧ୍ୟାରେ ତେଲଙ୍ଗାନା ଜାତୀୟ ସଂହତି ଦିବସ ପାଳନ ଅବସରରେ କଂଗ୍ରେସ ହାଇଦ୍ରାବାଦରେ ଏକ ମେଗା ରାଲିର ଆୟୋଜନ କରୁଛି। ସେଠାରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଦଳ ପକ୍ଷରୁ ୫ ଗ୍ୟାରେଣ୍ଟି ଘୋଷଣା କରାଯିବ। ନିର୍ବାଚନ ହେବାକୁ ଥିବା ତେଲଙ୍ଗାନାରେ ଦଳର ପ୍ରଚାରକୁ ବଢ଼ାଇବା ଉଦ୍ଦେଶ୍ୟରେ ହାଇଦ୍ରାବାଦରେ ସିଡବ୍ଲ୍ୟୁସିର ପ୍ରଥମ ବୈଠକ ବସୁଛି। ନିର୍ବାଚନରେ ବିଆର୍‌ଏସ୍ ସରକାରକୁ କ୍ଷମତାରୁ ହଟାଇବା ଲାଗି ବାର୍ତ୍ତା ଦିଆଯିବ। ସିଡବ୍ଲ୍ୟୁସି ବୈଠକରେ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ସମେତ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ପରାସ୍ତ କରିବା ନିମନ୍ତେ ରଣକୌଶଳ ସ୍ଥିର କରାଯିବ ବୋଲି ଜଣାପଡ଼ିଛି।



ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁ ଶର୍ମାଙ୍କୁ ରିହାତିରେ ଜମି ଯୋଗାଣର ତଦନ୍ତ ଦାବି ନେଇ କଂଗ୍ରେସ ବିଧାୟକମାନେ ଗୌହାଟୀଠାରେ ଶୁକ୍ରବାର ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରୁଛନ୍ତି।

# କଂଗ୍ରେସରେ ଜୟଦେବ ନିର୍ବାଚନମଣ୍ଡଳୀର ନେତା, କର୍ମୀ

**ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟକରି ଜୟଦେବ ନିର୍ବାଚନମଣ୍ଡଳୀର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆର୍ତ୍ତତ୍ରାଣ କାଣ୍ଡିଙ୍କ ସମେତ ବିଭିନ୍ନ ଦଳରୁ ଆସିଥିବା ବହୁ କର୍ମୀ ଶୁକ୍ରବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ସଭାପତି ସସମ୍ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ଗ୍ରହଣ କରିଛନ୍ତି। ସେମାନଙ୍କ ଯୋଗଦାନ ଜୟଦେବ ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ସୁଦୃଢ଼ କରିବ ବୋଲି ଶରତ କହିଛନ୍ତି। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ରାଉତରାୟ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଦଳ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଆର୍ତ୍ତତ୍ରାଣ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ସେ ତାକୁ ନିଷ୍ଠାର ସହ ପାଳନ କରିବେ।


## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ମୁଦ୍ରା ଫାଇନାନ୍ସ**
**PM**
**ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
**Mob. 7382841797**

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
**Mob:7656825212**
**7656825011**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବାଚସ୍ପତି ନିର୍ବାଚନ ବର୍ଜନ କରିବ ଭାଜପା: ନାଉରୀ

### ନୂଆଁଖାଇ ପରଦିନ ଥିବାରୁ ଏଭଳି ନିଷ୍ପତ୍ତି

**ସମ୍ବଲପୁର,୧୫।୯ (ଶୁଭାଶିଷ ପାଢ଼ୀ)**



ଖବରଦାତା ସମ୍ମିଳନୀରେ ବିଧାୟକ ନାଉରୀ ନାୟକ ଓ ଅନ୍ୟମାନେ।

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପରଦିନ ଅର୍ଥାତ୍ ସେପ୍ଟେମ୍ବର ୨୧ରେ ସରକାର ବିଧାନସଭାର ବାଚସ୍ପତି ପଦ ପାଇଁ ନିର୍ବାଚନ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ଭାବାବେଗ ସହିତ ଜଡିତ ଏହି ପର୍ବକୁ ଲୋକେ ଉତ୍ସାହର ସହ ପାଳନ କରିଥାନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଜାଣିଶୁଣି ୨୧ ତାରିଖ ନିର୍ବାଚନ ରଖିଛନ୍ତି। ଏହାକୁ ଭାଜପା ବର୍ଜନ କରୁଛି। ବାଚସ୍ପତି ନିର୍ବାଚନରେ କୌଣସି ଭାଜପା ବିଧାୟକ ଯୋଗଦେବେ ନାହିଁ ବୋଲି ସମ୍ବଲପୁର କଟେରିଷ୍ଟିତ ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାଏକ କହିଛନ୍ତି। ସେ ଆହୁରି କହିଛନ୍ତି, ସେପ୍ଟେମ୍ବର ୧୮ରେ ନାମାଙ୍କନ ପତ୍ର ଦାଖଲ ଓ ୨୧ରେ ନିର୍ବାଚନ ହେବ ବୋଲି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏହାକୁ ପୂର୍ବରୁ ବିରୋଧ କରାଯିବା ସହ ସମୟ ପରିବର୍ତ୍ତନ କରିବାକୁ କୁହାଯାଇଥିଲା। ହେଲେ ସରକାର ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ନୂଆଁଖାଇର ଯେତିକି ଗୁରୁତ୍ୱ ରହିଛି ପରଦିନ ଅର୍ଥାତ୍ ନୂଆଁଖାଇ ଭେଟ୍‌ଘାଟ୍‌ର ମଧ୍ୟ ସେତିକି ମହତ୍ତ୍ୱ ରହିଛି। ତେଣୁ ପଶ୍ଚିମ ଓଡ଼ିଶାର କୌଣସି ବିଧାୟକ ଭୁବନେଶ୍ୱର ଯାଇ ବିଧାନସଭାରେ ଉପସ୍ଥିତ ରହିବା ସମ୍ଭବପର ନୁହେଁ। ଏଭଳି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଜିଦ୍‌ଖୋର୍ ମନୋବୃତ୍ତିକୁ ଦର୍ଶାଉଛି। ଅପରପକ୍ଷେ ଶାସକ ଦଳର ବିଧାୟକମାନେ ମଧ୍ୟ ଏହି ପ୍ରସଙ୍ଗରେ କାହିଁକି ଚୁପ୍ ଅଛନ୍ତି ବୋଲି ନାଉରୀ ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, କ୍ଷେତ୍ରୀୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଉପସ୍ଥିତ ଥିଲେ।

# କାରିଗରଙ୍କ ପାଇଁ 'ବିଶ୍ୱକର୍ମା ଯୋଜନା' ଆରମ୍ଭ କରିବ କେନ୍ଦ୍ର: ପ୍ରତାପ

**ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)**

### ଓଡ଼ିଶାର ୩ ସ୍ଥାନରେ ଶୁଭାରମ୍ଭ ହେବ, ଯୋଗଦେବେ ୩ କେନ୍ଦ୍ରମନ୍ତ୍ରୀ

କାରିଗରମାନେ ସମାଜର ସୌନ୍ଦର୍ଯ୍ୟକରଣ କରୁଛନ୍ତି। କିନ୍ତୁ ତାଙ୍କ ବିଷୟରେ କେହି ଚିନ୍ତାକରୁ ନ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବିଶ୍ୱକର୍ମା ଯୋଜନା'ର ଘୋଷଣା କରିଛନ୍ତି। ଏହି ଯୋଜନା ଦ୍ୱାରା ଗ୍ରାମୀଣ ଓ ସହରାଞ୍ଚଳର ପାରମ୍ପରିକ କାରିଗର ଓ ଶିଳ୍ପକାରମାନେ ଉପକୃତ ହେବେ। କୌଳିକ ବୃତ୍ତିକୁ ଆପଣାଇ ଯେଉଁମାନେ ଜୀବିକାର୍ଜନ କରୁଛନ୍ତି ସେମାନଙ୍କ କୌଶଳ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ 'ବିଶ୍ୱକର୍ମା ଯୋଜନା'ରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏଭଳି ଅଭିନବ ଓ କ୍ରାନ୍ତିକାରୀ ଯୋଜନା ଦ୍ୱାରା ସାଧାରଣ କାରିଗରମାନେ ଉପକୃତ ହେବେ। ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟର ବିଚାର ଉପରେ ଆଧାରିତ 'ବିଶ୍ୱକର୍ମା ଯୋଜନା' ଦ୍ୱାରା ସମାଜର ତଳସ୍ତର ଲୋକମାନେ ଲାଭାନ୍ୱିତ ହେବେ ବୋଲି ଭାଜପା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି, ସମାଜର ତଳସ୍ତରର ଲୋକଙ୍କ ଆବଶ୍ୟକତା ପୂରଣ, ସେମାନଙ୍କୁ ଆତ୍ମନିର୍ଭର କରାଇବା ଏବଂ ରାଷ୍ଟ୍ରୀୟ ବିକାଶରେ ସହଭାଗିତାକୁ ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଆସୁଛନ୍ତି। ଏଥିପାଇଁ ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀ 'ବିଶ୍ୱକର୍ମା ଯୋଜନାର' ଆରମ୍ଭ କରିବେ। ଏହାସହ ଦେଶର ବିଭିନ୍ନ ସ୍ଥାନରେ ଉକ୍ତ ଯୋଜନାର ଏକା ସାଙ୍ଗରେ ଶୁଭାରମ୍ଭ ହେବ। ଓଡ଼ିଶାର ୩ ସ୍ଥାନ ଯଥା ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଜନ୍ ବାର୍ଲା, ପୁରୀରେ ମହେନ୍ଦ୍ର ଭାଇ ମୁଞ୍ଜାପରା ଏବଂ ଭୁବନେଶ୍ୱରରେ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ରହି ଉକ୍ତ ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନାରେ କାରିଗରମାନଙ୍କୁ ପିଏମ୍ ବିଶ୍ୱକର୍ମା ସାର୍ଟିଫିକେଟ ଓ ଆଇଡି କାର୍ଡ ମିଳିବ। ଏଥିରେ ମାତ୍ର ୫ ପ୍ରତିଶତ ରିହାତିମୂଳକ ସୁଧ ହାରରେ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ୨ୟ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ ବୋଲି ପ୍ରତାପ କହିଛନ୍ତି।


# Classified Everyday
**0674-2580101, 2549949**



REAL ESTATE

**SALE**

3BHK flat sale Esplanade back side (Rasulgarh) and Kalinga Nagar. 8457092465. D-1324

Duplex sale at Bhubaneswar @ 57lakhs only. Contact- 9777433701. D-75213

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ **30' road, boundary,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। **7894216209.** D-75215

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

Bhubaneswar ଜଟଣୀ– ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

Outright and Sharing land available for Duplex/ Apartment Projects around Bhubaneswar/ Cuttack/ Khordha/ Puri. 8984071303. D-1319

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

**Patia (KIIT) ଦାରୁଠେଙ୍ଗ ODM Global School** ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। **9337830407.** D-75212

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦–୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146





1300sqft. single house at Pragati Enclave Chandrasekhar Bhubaneswar, with garage, for residence / corporate guesthouse contact 7978605216 D-75302

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly open SPA positively health benefits with expert therapist. 9938843929. D-75147

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75037

Full body massage in homely atmosphere in all therapy. Mob: 8114881641. D-73443





All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I Sri Yashasvi Baneswar Mishra, Age:-22 S/o- Managovinda Mishra, At- AM1-01, Little Row, Covent Garden, Adhalia, Cuttack, Odisha-754001 change my name from YASHASVI B MISHRA to YASHASVI BANESWAR MISHRA for my class 10 mark certificate of CBSE Board and my Degree Certificate of Engineering College & all purpose. D-1325

I, Tushar Ranjan Ratha, S/o Debaraj Ratha, At-Arjunpur, P.O.- Villigram, P.S- Nimapara, Dist.- Puri, by virtue of the affidavit sworn before the Executive Magistrate, Bhubaneswar on dtd. 20.5.2023 bearing No.- (60AA559159) on the deed of "Adoption Acknowledgement & Gift" executed earlier vide Registration No.-11521200383 dt. 7.3.2012 in Office Subregistrar, Nimapara, I shall be henceforth known as Tushar Ranjan Ratha, S/o Debaraj Ratha instead of Tushar Ranjan Sarangi, S/o Narayan Sarangi for all purpose. D-46565

By virtue of an affidavit sworn before the Notary Public, Sambalpur, I, Pankajini Nayak, W/o. Late Haraprasad Nayak, R/o. Modipara, Ps. Town, Dist. Sambalpur-768002 declare that my actual name is Pankajini Nayak which was mentioned in my Aadhaar card. But in other documents my name has been mentioned as Pankajini Naik. That Pankajini Nayak and Pankajini Naik are the names of same and single person. D-1326

I MAHENDRA CHAUDHURI, S/o Late Manika Chaudhuri residing at- Nigamananda Lane, Simlipada, Angul Town, P.O/ Dist.- Angul, Odisha, 759122, declare by this affidavit No- 2206, date- 07.09.2023. That now onwards I shall be known as MAHENDRA KUMAR CHOUDHRY for all future purposes. D-1321

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

I, ANITA CHAUDHURI, W/o Mahendra Kumar Choudhry residing at Nigamananda Lane, Simlipada, Angul Town, P.O/ Dist.-Angul, Odisha, 759122, declare by this affidavit No.- 2205, date- 07.09.2023. That now onwords I shall be known as ANITA CHOWDHARY for all future purposes. D-1322

I, MOHINI DEVI CHAUDHURI, W/o Late Manika Chaudhuri residing at Nigamananda Lane, Simlipada, Angul Town, P.O/ Dist.- Angul, Odisha, 759122, declare by this affidavit No.-2204, date- 07.09.2023. That now onwards I shall be known as MOHINIDEVI CHOWDHARY for all future purposes. D-1323

ଧରିତ୍ରୀ
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**LEGAL NOTICE**

In the Court of Senior Civil Judge, Talcher,
Publication Notice
U/O 5 Rule 20 CPC
Succession misc case- 03/ 2022
ଅତୁଲ୍ୟ ନାଏକ ଓ ଅନ୍ୟମାନେ .... petitioner
Vrs
ଏରିଆ ପର୍ସୋନାଲ ମ୍ୟାନେଜର, ଏନ.ଏସ.ସି.ଏଚ. ଏମ.ସି.ଏଲ ....... Op
ଦରଖାସ୍ତ U/S ୩୭୨ ହିନ୍ଦୁ ସକ୍‌ସେସନ ଆକ୍ଟ

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଦରଖାସ୍ତକାରୀ ଅତୁଲ୍ୟ ନାଏକ, ସ୍ୱା–କୁତାର୍ଥ ନାଏକ, କୁତାର୍ଥ ନାଏକ, ପିତା– ୰ ଲକ୍ଷ୍ମଣ ନାଏକ, ସା– ଭାଲୁଗାଡ଼ିଆ, ପୋ– କୁମୁଣ୍ଡା, ଥାନା– କୋଲିୟରୀ, ଜିଲ୍ଲା– ଅନୁଗୋଳ, ସିଭିଲ ଜଜ ସିନିୟର ଡିଭିଜନ ତାଳଚେରଙ୍କ ଅଦାଲତରେ ଉପରୋକ୍ତ ମକଦ୍ଦମା ଦାଖଲ କରିଛନ୍ତି। ଏଥିରେ ଏରିଆ ପର୍ସୋନାଲ ମ୍ୟାନେଜର, ଏନ.ଏସ.ସି.ଏଚ. ଡେରା, ଏମ.ସି.ଏଲ ତାଳଚେରଙ୍କୁ ପକ୍ଷ କରିଛନ୍ତି। ଉପରୋକ୍ତ ଦରଖାସ୍ତକାରୀମାନେ ଗୋକୁଳା ନାଏକଙ୍କର ଉତ୍ତରାଧିକାରୀ ବୋଲି ଅଭିଯୋଗ କରିଛନ୍ତି ଏବଂ ତାଙ୍କର ବକେୟା ରାଶି ଟ.୧୦,୦୦,୦୦୦/– ଅପରପକ୍ଷ ଏମ.ସି. ଏଲଙ୍କଠାରୁ ପାଇବା ନିମନ୍ତେ ଦରଖାସ୍ତ କରିଛନ୍ତି। ଏଣୁ ଏହି ଖବରକାଗଜ ମାଧ୍ୟମରେ ଜଣାଇଦିଆଯାଉଛି ଯେ, ଏଥିରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଯଥାଶୀଘ୍ର ଉଚିତ ସମୟ ମଧ୍ୟରେ ଉପରୋକ୍ତ ଅଦାଲତରେ ଜଣାଇବା ହେବେ। ଅନ୍ୟ ପକ୍ଷେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./– ସିନିୟର ସିଭିଲ ଜଜ, ତାଳଚେର
ଧ–୧୩୧୬

**ମନେ ପଡ଼ନ୍ତି**

ସ୍ମୃତିରେ ...
**ଗାନ୍ଧୀ ମଣିଷ ଦୋଳଗୋବିନ୍ଦ**



**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**
ତା: ୧୬.୦୯.୨୦୨୩
(ଶନିବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଦେବରାଜ, ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୁଦ୍ଧ ଦେବ ମିଶ୍ର
ଧ–୧୩୧୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଶିକ୍ଷାବିତ୍ ସ୍ୱର୍ଗତ ଶତ୍ରୁଘ୍ନ ଭୁତିଆ**
ଉତର କୁଞ୍ଜକାନ୍ତ, ଢେଙ୍କାନାଳ ଟାଉନ
ଆବିର୍ଭାବ-୧୧।୦୮।୧୯୪୩
ତିରୋଧାନ- ୨୮।୦୮।୨୦୨୨
ତାହୁଁ ତାହୁଁ ଏକବର୍ଷ ବିତିଗଲାଣି। ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସଚ୍ଚୋଟତା, ପରୋପକାରିତା, ସ୍ନେହ, ଶ୍ରଦ୍ଧା ଚିରସ୍ମରଣୀୟ ହୋଇ ରହିବ ଏବଂ ଆମମାନଙ୍କୁ ସତ୍‌ମାର୍ଗରେ ପରିଚାଳିତ କରିବ। ଆପଣଙ୍କର ଅମ୍ଳାନ ଓ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏହା ହିଁ ଈଶ୍ୱରଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।**
ଧ–୭୪୦୯୩

# ପାପୁଲିଏ ଛାଇ

## ଗଳ୍ପ

**ମହାଶ୍ୱେତା ସାହୁ**

ହରେକୃଷ୍ଣ... କୃଷ୍ଣ... କୃଷ୍ଣ... ହରେକୃଷ୍ଣ...ର ଧ୍ୱନି ତାଳରେ ଜଣେ ପାଗଳ ପରି ନାଚୁଥିଲା। ଅଷ୍ଟପ୍ରହରୀ ଚାଲିଥିଲା। ରବି ସେଇଠି ଅନେଇଲା କଟାସ ପରି ସଭିଙ୍କୁ ତନ୍ନତନ୍ନ କରି। ସବୁ ଅଚିହ୍ନା ଲୋକ ଭିତରେ ସେ ଖୋଜୁଥିଲା ଗୋଟେ ଚିହ୍ନା ମୁହଁ।

ସେ ଗୋଟିଏ ମୁହଁ ଉଣ୍ଡାଳିବାରେ ବ୍ୟସ୍ତଥିଲା, ଆକୁଳ ଭାବେ ନାଚିନାଚି ଖୋଜୁଥିଲା କୀର୍ତ୍ତନର ସବୁ କୋଣଅନୁକୋଣରେ। ତା'ର ଏ ଦୃଷ୍ଟି ଅନ୍ୟମାନଙ୍କୁ ସାମାନ୍ୟ ଅସଜଡ଼ା ମଧ୍ୟ କରିଦେଲା। ଠରାଠରି ହେଲେ କେଇଜଣ।

– ତୁ' ଚୋରଟା କିରେ? ତୋର ଏଠି କାମ କ'ଣ? କୋଉଠୁ ଆଇଚୁ ତୁ'? ଅସଂଖ୍ୟ ପ୍ରଶ୍ନବାଣ ଥିଲା ସନ୍ଦିଗ୍ଧ ରୁକ୍ଷ କଣ୍ଠରେ।

ରବି ନିରୁତ୍ତର ହୋଇ ପଥର ପରି ବସିପଡ଼ିଲା ତଳେ। ଯେମିତି ତା' ଓଠର ଭାଷା ହଜିଯାଇଛି, କେଉଁଠି ତା'ର ଅଲିଅଳ ରାଜଜେମା ହଜିଯିବା ପରେ। ସେ ସେମିତି ମୁଣ୍ଡ ପୋତି ବସି ରହିଲା। ଦି'ଟା ଟୋକା ତାକୁ ବତାଫାଳିଆରେ ଦି'ପାହାର ଦେଇ ଧମକାଇଲେ ସବୁ ସତ ଉକ୍‌କାଳି ଦେବାକୁ। ମାତ୍ର ରବି ସେମିତି ବସିରହିଲା ମୁଣ୍ଡ ପୋତି। ଯେମିତି ତା' ଗଣ୍ଡିରୁ ଚେର ଲମ୍ବିଯାଇଛି ପାତାଳକୁ। ତାକୁ ସେ ଉପାଡ଼ି ଉଠିପାରୁନାହିଁ ନିଜ ବସିବା ଥାନରୁ।

ବ୍ୟାକୁଳ ଭାବେ ଅନେଇଲା ସଭିଙ୍କୁ। କିଏ ତାକୁ ଗୋଟେ ଧକ୍କା ଦେଲା ଜୋର୍‌ରେ। ସେ ଓଲଟି ପଡ଼ିଲା ଭୂଇଁରେ ଓଲଟ ଅସରପା ପରି ଚାରିକାତ ମେଲାଇ। ନାକରୁ ଧାରେ ରକ୍ତ ବୋହି ଆସିଲା, ସେ ନାକରୁ ବୋହି ଆସୁଥିବା ରକ୍ତଧାରକୁ କାନ୍ଧ ଗାମୁଛାରେ ପୋଛିଲା। କହିଲା– "ଗଣ୍ଡେ ଖାଇବାକୁ ଦିଅ! ପ୍ରଚୁର ଭୋକ...।"

ଗହଳି ଆଡ଼େଇ ଗୋଟେ ସ୍ତ୍ରୀଲୋକ ବଢ଼ାଇ ଦେଲା କଦଳୀପତ୍ର ଓ ତା' ଉପରେ ଅରୁଆଭାତ, ଡାଲମା ଓ ଟମାଟୋ ଖଜୁରିକୋଳି ଖଟା। ତୋଫା ଧଳାଭାତରୁ ଗୋଟେ ମହମହ ଅପୂର୍ବ ବାସ୍ନା ତାକୁ ବିଭୋର କରିପକାଇଲା। ସେ କାହାକୁ ଅନେଇଲା ନାହିଁ। ମୁହଁ ମାଡ଼ି ଭାତ ଖାଇଚାଲିଲା ଖାଇଚାଲିଲା– ଯେମିତି ବର୍ଷ ବର୍ଷ ଧରି ସେ ଖାଇନାହିଁ।



ସ୍ତ୍ରୀଲୋକଟି ତା'ର ରୁଣ୍ଡୁଖୁଣ୍ଡୁ କରୁଥିବା ପୁଳାଏ ନାଳି ପାଣିଚୁଡ଼ି ପିନ୍ଧାହାତରେ ବାଢ଼ି ଚାଲୁଥିଲା ଥରକୁ ଥର ଭାତ। ପୁଳାଏ ନାଳିଚୁଡ଼ି ଭିତରେ ସୁନାର ବାଲା ଦି'ଟା ଗୋରା ହାତରେ ଅପୂର୍ବ ଦିଶୁଥିଲା। ମଝି ଆଙ୍ଗୁଠିରେ ଧଳା ପଥରବସା ମୁଦି, ଯାହା ଚିକ୍‌ଚିକ୍ କରୁଥିଲା ଆଲୁଅରେ। ସେ ସ୍ତ୍ରୀଲୋକଟାର ମୁହଁକୁ ଦେଖୁ ନ ଥିଲା। ତା'ର ହାତକୁ ଲକ୍ଷ୍ମୀଠାକୁରାଣୀଙ୍କ ହାତ ଭାବି ତା' ହାତକୁ ଧରି ପ୍ରଣାମ କଲା।

ସ୍ତ୍ରୀଲୋକଟା ନୋଟାଏ ପାଣି ଆଣି ଥୋଇଲା ରବି ଆଗରେ। ଢକଢକ କରି ପାଣିତକ ପିଇଲା ରବି। ଅଇଁଠାପତ୍ରକୁ ଗୁଡ଼ାଇ ଧରି ବାହାରିଗଲା ରାସ୍ତାକୁ। ରାସ୍ତାରେ ଗଦାଏ କୁକୁର ବଳକା ଖାଦ୍ୟ ପାଇବା ଆଶାରେ ଜୋର୍ ଜୋର୍ ଭୁକୁଥିଲେ। ରବି ସେଠି ପତ୍ରଟାକୁ ଫିଙ୍ଗିଦେଇ ଭୁକୁଥିବା, ଯୁଦ୍ଧ ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କୁକୁରମାନଙ୍କ ଭିତରୁ ନିଜକୁ ଜଣେ କରି ଖୋଜିଲା– ସେ କିଏ?

ରବି ଚାଲୁଥିଲା, ତା' ପାଦ ଥକୁ ନ ଥିଲା। ବୋଧହୁଏ ପାଦ ତା'ର ତିଆରି ଯେମିତି ଚାଲିବା ପାଇଁ। ନିଜକୁ ବୁଝାଇବା ପାଇଁ ବ୍ୟାକୁଳତାର ସହ ଗୀତ ଗାଇଲା–

"କାହା ବୋଲେ ଗଲା ପୁତ୍ର ବାହୁଡ଼ି ନଇଲା ଲୋ କୋଇଲି... ଖଣ୍ଡକ୍ଷୀର ଦେବି ମୁଁ କାହାକୁ... ଖାଇବାର ପୁତ୍ର ଗଲା ମଥୁରାପୁରକୁ ଲୋ କୋଇଲି..." କଇଁ କଇଁ ହୋଇ କାନ୍ଦି ଉଠିଲା... ଗଲା ବର୍ଷ ବର୍ଷ ଧରି ହାତପାଦ ଜାକି ସ୍ତ୍ରୀ ତା'ର ଚୁଲିମୂଳେ ନିଜକୁ ହଜେଇ ଦେଇଛି।

ତା' ଆଖିରେ କରୁଣା, ଦୟା, ଘୃଣା, ମମତା, କୋହ, ମୋହ, ରାଗ ଅଭିମାନ ସବୁ ନିର୍ବାପିତ। କିଛି ତା'ର ଲୋଡ଼ାନାହିଁ। ଜୀବନତକ ଅଛି ଖାଲି ଜିଇକି– ଆଉ ସେ ନିଜେ ମଧ୍ୟ। ପୁତ୍ରୀ ଗଲା ପରଠାରୁ ସେ ମଧ୍ୟ ଜୀବନ ଜିଇବାର ଆଶ୍ରା ପାଉନି।

ଖରସ୍ରୋତାର ବନ୍ଧ ତଳେ ତା'ର ଘର। ନୁଆଁଣିଆ ଚାଳମାଟିର ଘର। ପୁଳାଏ ମାଟି ଖସିପଡ଼ିଛି ତା'ର କାନ୍ଥରୁ। କାନ୍ଥ ତଳକୁ ତା'ର ତାଟିବାଡ଼ ବରଡ଼ାଘେରା ରୋଷେଇ ଘର। ଦି'ଟା ଚୁଲି। ବଡ଼ ଚୁଲିରେ ଧାନ ଉଷାଏଁ, ଗାଈଗୋରୁ ପାଇଁ କୁଳୁଛି କରେ। ଛୋଟ ଚୁଲିରେ ରୋଷେଇ।

ରୋଷେଇ ଘର ତାଟି ଦେଇ ମାଡ଼ିଯାଇଚି ମଥାନ ଉପରକୁ ପୁଳାଏ ଜହ୍ନି, ପୋଇ, କଖାରୁର ଡଙ୍କପତ୍ର। ଦୁଆର ଟପିଲେ ପଡ଼େ ବିରାଟ କୃଷ୍ଣଚୂଡ଼ା ଗଛ ଓ ତା'ର ନାଲି ନାଲି ପୁଳାଏ ଫୁଲ ଭିତରୁ ଛିଟିକି ପଡ଼େ ସୁନାରଙ୍ଗ ପରି ସୂର୍ଯ୍ୟଦେବତାଙ୍କ କିରଣ। ତା'ରି କଡ଼ରୁ ଦିଶେ ଜହ୍ନର ମୁହଁ।

ଘର ପଛପଟେ ଗୋଟେ ପାଳଧୁଆ ଗଛ। ବୈଶାଖ ମାସର ଖଣ୍ଡିଆଭୂତ ଉଡ଼ାଇ ନେଇଚି ତା'ର ସମସ୍ତ ସବୁଜିମାକୁ। ତା'ର ଐଶ୍ୱର୍ଯ୍ୟଭରା ସବୁଜିମା ପତ୍ରମଣ୍ଡଳକୁ। ଥୁଣ୍ଟା ପରି ଅପେକ୍ଷା କରିଛି ରବି ପରି କାହାର ଫେରିବାକୁ।

ଚୁଲି ପାଖରେ ନିର୍ମଳାର କାନ୍ଦଣା ଛାତି ବିଦାରିଦିଏ। ଏ କାନ୍ଦଣାର ସମୟ ନ ଥାଏ। ବାରବର୍ଷ ବିବାହ ପରେ ଗୋଟିଏ କନ୍ୟା ସନ୍ତାନ ପ୍ରାପ୍ତି। ତା'ର ମରୁଭୂମି ଜୀବନରେ ବନ୍ୟା ଆସିଥିଲା ପରି ମନେହେଉଥିଲା। କେତେ ପୂଜାପାଠ, ବାରବ୍ରତ ପରେ ଝିଅ ଆସିଲା, ଅପରୂପା ସୁନ୍ଦରୀ... ଚନ୍ଦ୍ର ପରି ବଢୁଥିଲା।

କାର୍ତ୍ତିକ ପୂନେଇଁ ଡଙ୍ଗା ବୁଡ଼ାଇ ଗଲା ଯେ, ଆଉ ଫେରିଲା ନାହିଁ ଘରକୁ। କିଏ କହିଲା ନଦୀରେ ବୁଡ଼ିଗଲା... କିଏ କହିଲା କିଏ ତାକୁ ନେଇଗଲା। ତା'ର ଖୋଜ କି ଖବର ଆଜିଯାଏ ମିଳିଲା ନାହିଁ। ଏହା ଭିତରେ ବର୍ଷେ ପାର କରିଗଲାଣି। ପାଗଳ ପରି ରବି ଖୋଜେ ପ୍ରତି ଗାଁ... ଗାଁ...।

ତାକୁ ବାରବାର ଶୁଭେ ତା' ଝିଅର ଡାକ– ବାପା... ବାପା... ବୋଲି। ରବି ଓ ନିର୍ମଳା ଦୁହେଁ ଅନେକ ଦିନରୁ ମରିଯାଇଛନ୍ତି ଯେମିତି। ନିର୍ମଳା ରୋଷେଇ କରି ଗାଁ ଯାକ ଡାକେ, କାଳେ କୋଉଠି ଖେଳୁଖେଳୁ ଭୁଲିଯାଇଥିବା ରାସ୍ତାରୁ ପୁଣି ଫେରି ଆସିବ ଘରକୁ। ପ୍ରତିଦିନ ଖିରି ହୁଏ ତା' ଘରେ। ତା' ଝିଅର ପ୍ରିୟ। କୋଉଠି ଭୋଜିଭାତ ହେଲେ ଧାଇଁଯାଏ ଖିରି ଆଣିବା ପାଇଁ।

ରବି ସେ ପାଇଁ ପ୍ରତି ଗାଁର ଅଷ୍ଟପ୍ରହରୀ, ଭୋଜିଭାତରେ ଖୋଜେ ତା' ଝିଅକୁ। ମାଡ଼ଖାଏ, ଅପମାନ, ତିରସ୍କାର... ତା' ଝିଅ ଆଗରେ ଏସବୁ ମୂଲ୍ୟହୀନ। କିଏ ପାଗଳ କହେ, କିଏ କହେ ଚୋର... ତାକୁ ଫରକ ପଡ଼େନି।

ପ୍ରତି ରାତିରେ ପୋଖରୀ କୂଳରେ ନିର୍ମଳାର କାନ୍ଦ ଫଟାଇଦିଏ ଗାଁର ମା'ମାନଙ୍କୁ। ପ୍ରତି ରାତିରେ ଖିରି ଏକ ପୋଖରୀ ଭିତରେ ପକାଇଲା ବେଳେ ବାହୁନି ବାହୁନି ଯେଉଁ କାନ୍ଦ କାନ୍ଦେ, ଲାଗେ ରାତିର ଛାତି ସହ ଶୁଣିବା ଲୋକର ଛାତି ମଧ୍ୟ ଫାଟିଯାଉଛି।

ବେଳେବେଳେ ଆସେ ମନ୍ଦିର ବେଢ଼ାକୁ। ହତବାକ୍ ପରି ଗପେ ଝିଅର ଜନ୍ମଠାରୁ ତା'ର ହଜିବା ପର୍ଯ୍ୟନ୍ତ, ତା'ର ସ୍ମୃତି। ଖଣ୍ଡେ କନାରେ ତିଆରି ମଳିଚିଆ କଣ୍ଢେଇକୁ କାନି ପକାଇ ଶୁଆଇଦିଏ। ସେଇଠି ଶୋଇ ଶୋଇ କହେ– ଝିଅ ମୋର ଡାକୁଛି...। ରଡ଼ିକରି କମ୍ପମାନ କରେ ନଈକୂଳେ। ଆକାଶରେ କଳାଘୁମର ମେଘ, ଆଲୁରା ମୁଣ୍ଡରେ ଫୁରୁଫୁରୁ ଧଳା କେଶ। ଛାତି ଶୂନ୍ୟ।

କୋଳଶୂନ୍ୟ। ପୁଣି ଫେରେ ଘରକୁ, ପାଳଧୁଆ ଗଛର ଗଣ୍ଡିରେ ମୁଣ୍ଡ ପିଟି କାନ୍ଦେ। ନିଜକୁ ନିଜେ ବୁଝାଇ ଗାଇଉଠେ– "କାହା ବୋଲେ ଗଲାପୁତ୍ର ବାହୁଡ଼ି ନଇଲା... ଲୋ କୋଇଲି... ଖଣ୍ଡକ୍ଷୀର ଦେବି ମୁଁ କାହାକୁ।" ଏ ଶୂନ୍ୟତା ସାରା ଗାଁକୁ ଗ୍ରାସେ... ପ୍ରତି ରାତି ଶୂନ୍ୟ ପ୍ରହରରେ ଏହି ଧ୍ୱନି, ପୁଣି ଶାନ୍ତ ପଡ଼ିଯାଏ।

ମୋ: ୮୩୨୭୭୫୭୬୧୯

## ପୁସ୍ତକ ପରିଚୟ

### ଯଶଧାରିଣୀ ଯଶୋଧାରା




**ଲେଖକ:** ଶଶିକାନ୍ତ ମିଶ୍ର
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ. ୨୨୦/-

ବୁଦ୍ଧପତ୍ନୀ ଯଶୋଧାରାଙ୍କ ଜୀବନ କାହାଣୀକୁ କେନ୍ଦ୍ରରେ ରଖି ଆଲୋଚ୍ୟ ଉପନ୍ୟାସଟି ପରିକଳ୍ପିତ। ମୋଟ ୨୯ଟି ପରିଚ୍ଛେଦରେ ୧୭୬ ପୃଷ୍ଠାର ପାଠ୍ୟ ହେଉଛି ଉପନ୍ୟାସଟିର କଳେବର। ମଧ୍ୟରାତ୍ରି, ମ୍ଳାନଚନ୍ଦ୍ରର ଆଭାରେ ବିଧୌତ କପିଳବାସ୍ତୁର ରାଜପ୍ରାସାଦ। ଆକାଶରେ ବିଚ୍ଛୁରିତ ଅସଂଖ୍ୟ ତାରା। ପ୍ରାସାଦର ପ୍ରଦୀପଗୁଡ଼ିକ ପ୍ରାୟ ନିର୍ବାପିତ। ନିଦ୍ରାଚ୍ଛନ୍ନ ସଶସ୍ତ୍ର ପ୍ରହରୀ। ନିସ୍ତବ୍ଧ ନିରବତା। ଶୟନକକ୍ଷରେ ନିଦ୍ରିତା ପତ୍ନୀ ଯଶୋଧାରା ଓ ଶିଶୁପୁତ୍ର ରାହୁଳଙ୍କୁ ପିଠିକରି ପ୍ରାସାଦ ଛାଡ଼ୁଛନ୍ତି ବୁଦ୍ଧ। ଏଇଠୁ ଆରମ୍ଭ ହୋଇଛି ଉପନ୍ୟାସର କାହାଣୀ ଓ ସରିଛି ସେଇଠି, ଯେତେବେଳେ ବୁଦ୍ଧଙ୍କ ପାଖରେ ପହଞ୍ଚାଇଛନ୍ତି ଆନନ୍ଦ ଯଶୋଧାରାଙ୍କ ପରିନିର୍ବାଣପ୍ରାପ୍ତିର ଖବର। ଚୈତନ୍ୟର ମହାସାଗରରେ ଲୀନ ବୁଦ୍ଧ ଓ ଯଶୋଧାରା, ଏକ ଓ ଅଭିନ୍ନ। ଜୀବନଚକ୍ରରେ ଜୀବନର ଲୀଳାଖେଳା, ସାଧନା ଓ ଜୀବନ୍ମୁକ୍ତି– ଏହାରି ଭିତରେ ଉପନ୍ୟାସଟି ଏକ ବିରାଟ ବିସ୍ମୟ ହୋଇ ପାଠକଙ୍କୁ ମୁଗ୍ଧ ଓ ରୋମାଞ୍ଚିତ କରେ। ଆଧ୍ୟାତ୍ମିକ ଉପଲବ୍ଧିର ଏକ ସୁଦୀର୍ଘ ଯାତ୍ରା ଭିତରେ ବୁଦ୍ଧ, ଯଶୋଧାରା, ସ୍ୱୟଂ ଲେଖକ ଓ ଉପନ୍ୟାସର ଅଗଣିତ ପାଠିକାପାଠକ ଏକ ସମୂହ ଅଖଣ୍ଡ ଆନନ୍ଦଗର୍ଭୀ ପୁଲକରେ ଏକ ହୋଇଯାଆନ୍ତି– ଏହାହିଁ ଉପନ୍ୟାସଟିର ଫଳଶ୍ରୁତି। ଆଶା, ବହିଟି ଜନାଦୃତି ଲାଭ କରିବ ଓ ବହୁଦିନଯାଏଁ ମାନବସ୍ମୃତିକୁ ବିହ୍ୱଳ କରିରଖିବ।

### ସମକାଳୀନ ଓଡ଼ିଆ କଥାସାହିତ୍ୟରେ ଦଳିତ ଚେତନା




**ଲେଖକ:** ଡ. ଦେବ ପ୍ରସାଦ ସାମଲ
**ପ୍ରକାଶକ:** ପ୍ରବାହ, ଯାଜପୁର-୭
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ. ୨୦୦/-

ଆଲୋଚ୍ୟ ପୁସ୍ତକଟି ଦଳିତ ସାହିତ୍ୟ ସମ୍ବନ୍ଧିତ ଏକ ଗବେଷଣାଗ୍ରନ୍ଥ, ଯାହାକୁ କ୍ଷୁଦ୍ର-ଗବେଷଣା-ପ୍ରକଳ୍ପ ମାଧ୍ୟମରେ ଲେଖକ ପ୍ରସ୍ତୁତ କରିଛନ୍ତି। 'ପ୍ରାକ୍‌କଥନ'ରେ କହିଛନ୍ତି: "ସମକାଳୀନ ଓଡ଼ିଆ ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ଦଳିତ ସାହିତ୍ୟର ଚିନ୍ତା ଚେତନାର ଅନ୍ୱେଷଣ ଏହି ଗବେଷଣା ନିବନ୍ଧର ଲକ୍ଷ୍ୟ। ପ୍ରକଳ୍ପଟି ମୋଟ ଚାରିଟି ପରିଚ୍ଛେଦରେ ସମାହିତ। ତା' ସହିତ ରହିଛି ଉପସଂହାର, ପରିଶିଷ୍ଟ ଓ ଗ୍ରନ୍ଥସୂଚୀ। ପ୍ରଥମ ଅଧ୍ୟାୟରେ ଦଳିତ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ପରିସର, ଦ୍ୱିତୀୟରେ ସମକାଳୀନ ଓଡ଼ିଆ ସାହିତ୍ୟରେ ଦଳିତ ଚେତନା (କବିତା, ନାଟକ, ଏକାଙ୍କିକା, ଆତ୍ମକଥା, ପ୍ରଥମ ଓ ଆଲୋଚନା ଅନ୍ତର୍ଭୁକ୍ତ), ତୃତୀୟରେ ସମକାଳୀନ ଓଡ଼ିଆ ଉପନ୍ୟାସରେ ଦଳିତ ଚେତନା ଓ ଚତୁର୍ଥ ଅଧ୍ୟାୟରେ ସମକାଳୀନ ଓଡ଼ିଆ ଗଳ୍ପରେ ଦଳିତ ଚେତନା ଆଲୋଚିତ ହୋଇଛି। ଉପସଂହାରରେ ଲେଖକ କହିଛନ୍ତି: "ଦଳିତ ସାହିତ୍ୟ ହେଉଛି ଏକ ପ୍ରତିରୋଧୀ ସାହିତ୍ୟ। ସାହିତ୍ୟ ଏଠାରେ ସମାଜ ପରିବର୍ତ୍ତନର ଅସ୍ତ୍ର ଭାବରେ ନିୟୋଜିତ। ଜାତି ବ୍ୟବସ୍ଥା ବିରୋଧୀ ସମାଜ ବ୍ୟବସ୍ଥାର ପ୍ରତିଷ୍ଠା ଏଠାରେ ଅଭିଳଷିତ। x x ଓଡ଼ିଆ ସାହିତ୍ୟର ପ୍ରାୟ ପ୍ରତ୍ୟେକ ବିଭାଗରେ ସମକାଳରେ ଏହି ଧାରା ପ୍ରବାହିତ।" ସମକାଳର ଭାରତୀୟ ଓ ଓଡ଼ିଆ ଦଳିତ ଉପନ୍ୟାସ ଏବଂ ଗଳ୍ପ ସମ୍ପର୍କରେ ତଥ୍ୟନିଷ୍ଠ ଆକଳନରେ ସମୃଦ୍ଧ ଏହି ପୁସ୍ତକଟି ପାଠକ ଓ ଗବେଷକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଏ।

## କାଳକାଳକୁ



"ଅପରିପକ୍ୱ କବି ଅନୁକରଣ କରନ୍ତି ଓ ପରିପକ୍ୱ କବି ଅନୁକରଣକୁ ନିଜସ୍ୱ କରିଦିଅନ୍ତି।"
– ଟି.ଏସ୍. ଏଲିୟଟ୍

ଥୋମାସ୍ ଷ୍ଟର୍ନସ ଏଲିୟଟ୍‌ଙ୍କ ଜନ୍ମ ୨୬ ସେପ୍ଟେମ୍ବର ୧୮୮୮ରେ, ଆମେରିକାର ମସୌରୀରେ ଓ ପରଲୋକ ୪ ଜାନୁୟାରୀ ୧୯୬୫ରେ ଲଣ୍ଡନରେ। ଏକାଧାରରେ କବି, ପ୍ରାବନ୍ଧିକ, ନାଟ୍ୟକାର, ସମ୍ପାଦକ ଓ ପ୍ରକାଶକ ଏହି ଅମିତ ଶକ୍ତିଧାରୀ ଲେଖକଙ୍କର ପ୍ରଖ୍ୟାତ ପୁସ୍ତକଗୁଡ଼ିକ ମଧ୍ୟରୁ କତିପୟ ହେଉଛି– 'ଦ ଲଭ୍ ସଂଗ୍ ଅଫ୍ ଜେ. ଆଲଫ୍ରେଡ୍ ପ୍ରୁଫକ୍' (୧୯୧୫), 'ମର୍ଡର ଇନ୍ ଦ କ୍ୟାଥେଡ୍ରାଲ୍' (୧୯୩୫), 'ଦ ୱେଷ୍ଟ ଲ୍ୟାଣ୍ଡ୍' (୧୯୨୨) ଓ 'ଦ ହଲୋ ମ୍ୟାନ୍' (୧୯୨୫)। ବିଂଶ ଶତାବ୍ଦୀର ଆଧୁନିକ ଇଂଲିଶ୍ କବିତାରେ ଏଲିୟଟ୍ ଥିଲେ ଉଜ୍ଜ୍ୱଳତମ ମଧ୍ୟମଣି। ଭାଷା-ପରିଚାଳନା ଓ ଶୈଳୀନ୍ୟାସର ଅନନ୍ୟ ପଦ୍ଧତି ଦ୍ୱାରା ସେ ଇଂଲିଶ୍ କବିତାକୁ ଦେଇଥିଲେ ଅଭିନବ ଶୌର୍ଯ୍ୟ। ବିଶ୍ୱ ସାହିତ୍ୟକୁ ବିରଳ ଅବଦାନ ପାଇଁ ୧୯୪୮ରେ ତାଙ୍କୁ ମିଳିଥିଲା ପୃଥିବୀର ଶ୍ରେଷ୍ଠ ସାରସ୍ୱତ-ଗୌରବ 'ନୋବେଲ ପୁରସ୍କାର'। ସେ କହନ୍ତି: "ଗତବର୍ଷର ଶବ୍ଦରେ ଥାଏ ଗତବର୍ଷର ଭାଷା, ଅଲଗା ବର୍ଷର ଶବ୍ଦରେ ଥାଏ ଏକ ନୂଆ ସ୍ୱରର ଅପେକ୍ଷା।"

## କବିତା

### ଯାଦୁଘର

**ଡ. ପ୍ରସନ୍ନ କୁମାର ମହାନ୍ତି**

ଏଡ଼େ ବଡ଼ କୋଠାଘର
ଏଇଟା କାହାର?

– ଥିଲେ ବଡ଼ ଶିଳ୍ପପତି
ଆଉ ନାହାଁନ୍ତି।
ଆଉ ରାଜଉଆସ ପରି
ସେ ପାଖ ଘରଟା?

– ବଡ଼ ରାଜନେତା ଥିଲେ
ଗଲାବର୍ଷ ଚାଲିଗଲେ।
କାଂଥସାରା ବାବାରେ
କେତେ ମାନପତ୍ର, ପୁରସ୍କାର
କାହାର? କାହାର?

– ଥିଲେ ବଡ଼ କବି
ଏବେ ଗଲେ ସ୍ୱର୍ଗଦ୍ୱାର।
ଏ ଚିକ୍‌କଣିଆ କିଏ କି
ରାଜା ମାର୍କେ ଚେହେରା
ଫଟୋରେ କି ଠାଣି!

– ସିନେମାର ସୁପରଷ୍ଟାର୍
ସିଏ କେବେଠୁ ଗଲେଣି!
କେଡ଼େ ବିରାଟ ଆଶ୍ରମ
ଆଶ୍ରମ କି କୋଣାର୍କ ମଂଦିର
କିଏ ଏଇ ଆଶ୍ରମର ବାବା?

– ଖଣି ଭଳି ବାହାରିଲା ଟଂକା ସୁନା
ବାବାଂକର ହୃଦ୍‌ଘାତରେ କାଳ ହେଲା
ଆଉ ଏବେ ଆଶ୍ରମରେ ତାଲା!
ଆଉ ଏ କୁଡ଼ିଆଟା
ଏଡ଼େ ଶୂନ୍‌ଶାନ୍, ଘରେ କେହି ନାଇଁ?

– ଯାଇଛଂତି କିସା ଗୌତମୀ
ମୁଠାଏ ସୋରିଷ ପାଇଁ!

ମୋ: ୯୪୩୭୩୫୭୦୫୦

### ଏଣ୍ଡୁଅ

**ମଧୁସୂଦନ ଦାଶ**

ମୁଣ୍ଡ ଟେକେ, ଟୁଂଗାରେ ବି
ଅତର୍କିତ ଆକ୍ରମଣ ଆଂଶକା କରି।
ରଂଗ ବଦଳାଏ
ଆଉ କାହାର ରଂଗ ବଦଳା ଦେଖି।
ମୃତବତ୍ ପଡ଼ିରହେ
ମୃତ୍ୟୁକୁ ସାମ୍‌ନା କରି।
ପଡ଼େ ଉଠେ, ଉଠେ ପଡ଼େ
ସବୁ ଭୟକୁ ଡରି ଡରି।
ତା'ର ବଂଚିବା ଯେତିକି
ମରିବା ବେଶି
ଜିତିବା ଯେତିକି ହାରିବା ବେଶି।
ମୁଁ ବି ଜିଏ ଏଣ୍ଡୁଅ ଜୀବନ।

ମୋ' ସ୍ୱାର୍ଥ ହାସଲ ପାଇଁ
ମୁଣ୍ଡ ଟୁଂଗାରେ, ମୁଣ୍ଡ ହଲାଏ ବି।
ମୋ' ସ୍ୱପ୍ନକୁ ରଙ୍ଗ ଦେବା ପାଇଁ
ମୁଁ ମୋ' ରଙ୍ଗ ବଦଳାଏ।
ମୁଁ ବି ପଡ଼େ ଉଠେ
ଉଠେ ପଡ଼େ, ମୋ' ପାପର
ଓଜନକୁ ବୋହି ନ ପାରି।

ମୁଁ ବଞ୍ଚେ କମ୍, ମରେ ବେଶି
ହସେ କମ୍, କାନ୍ଦେ ବେଶି।

ମୋ: ୯୪୩୭୩୩୨୪୯୮

### ପ୍ରେମିକା

**ସୁନନ୍ଦା ମହାନ୍ତି**

ଗାଁ ମୋ' ପ୍ରେମିକା
ତା' ମୁଠାଏ ମାଟି ବାସ୍ନାରେ
ହୃଦୟ ପୁଲକିତ
ବର୍ଷା ଯେତେ କଚାଡ଼ୁ, ଗରଜୁ
ମାଟିର ବାସ୍ନା ସେତେ ପୁଲକିତ।

ମାଆ ମୋ' ପ୍ରେମିକା
ତା' ଶାଢ଼ି ପଣତର ତୃଷ୍ଣା
କରୁଥାଏ ଜୀବନସାରା ଆହ୍ଲାଦିତ
ଯେତେ ପଚାର ନ ପଚାର
ଛାଡ଼ ହାତ ନ ଦିଅ ଭାତ।

ମାଆ ମମତା ଉହ୍ଲେଇରେ ଢଳା
ଅମୃତ ଘୃତ,
ବାସଭରା ପାରିଜାତ
ମାଆ ଆଉ ଗାଁ ପରି
ପ୍ରେମିକା ପଣରେ ଏଯାବତ୍
ବରଗଛ ଓହଳରେ
ଆଖି ଥାଏ ଲାଖି
ଡାଳ ପତ୍ର ଫୁଲ ଫଳ ଦେଇ
ଛାଇ ଦେବା ଦସ୍ତୁରରେ।

ପ୍ରେମିକା ପଣରେ ଭରପୂର
ବରଗଛର ହଳଦୀବସନ୍ତ
ମାଆ ଶାଢ଼ି ଜାଣି
ବଡ଼ମନ୍ଦିର ନେତ
ଗାଁ'ର ମାଟି ଗୋଡ଼ି
ପାଣି ପବନ ନଇ
ମର୍ତ୍ତ୍ୟ ବ୍ରହ୍ମକମଳ, ସ୍ୱର୍ଗ ପାରିଜାତ
କୈବଲ୍ୟ ନିର୍ମାଲ୍ୟ ଗୀତା ଭାଗବତ।

ମୋ: ୯୦୪୦୯୭୭୩୨୭

### ଗୀତି-କବିତା

### ପ୍ରିୟା, ତୁମେ ମୋର

**ଅଧ୍ୟାପକ ବିଷ୍ଣୁମୋହନ**

ପ୍ରିୟା ହୃଦୟର
ଫଗୁଣ ମୋହର
ଥାଅ ପଛେ ଯେତେ ଦୂର,
ଚିର ଈପ୍‌ସିତ
ଆଶାର କିରଣ
ମିଳନ ମଧୁର ସୁର।

ସୁପ୍ତମନର ଦୃପ୍ତ ଛବି ଗୋ
ଆଖିର କଜଳ ଧାର,
ବେଦନାର ବୋଝ
ଯାହା ଅଛି ସବୁ
କରିବି ହୃଦୟ ହାର।

ବାଦଲ ବରଷା ପରି
ଆମେ ଦୁହେଁ
ଏକ ବିନା ଅନ୍ୟ ନାହିଁ,
ମହାଯାତ୍ରାରେ ଲୋତକ ତୁମର
ଫୁଲର ହାର ମୋ' ପାଇଁ।

ଏ/୫୮, କ୍ରିଷ୍ଣାଗାର୍ଡନ୍-୨
ଖଣ୍ଡଗିରି, ଭୁବନେଶ୍ୱର-୧୦

## ଲଘୁ ଗଳ୍ପ

# ପ୍ରାର୍ଥନା

**ଅନୁଲିପ୍ତା ମିଶ୍ର**

ଆମ ଦୁହିଁଙ୍କର ନିତିଦିନିଆ ଯିବାଆସିବା ବାଟ ଥିଲା ସେଇଟା। ସୁମିତ୍ରାକୁ ନେଇ ତା' ଅଫିସରେ ଛାଡ଼ି ମୁଁ ମୋ' ଅଫିସ ଯାଏ। ସବୁଦିନ ପରି ସେଦିନ ମଧ୍ୟ ଠେଲାଗାଡ଼ିରେ ବରା, ପିଆଜି ଓ ଅନ୍ୟାନ୍ୟ ଛଣାଜିନିଷ ବିକୁଥିବା ସେ ଲୋକଟିକୁ ଦେଖି ସୁମିତ୍ରା ଦୁଃଖୀ ହୋଇ କହିଲା, "ଦେଖ ତ ଆଜି ବି କେହି ଲୋକ ନାହାନ୍ତି। ହେଲେ କେତେ ଖାଦ୍ୟ ଜିନିଷ ତିଆରି କରି ରଖିଛି ଲୋକଟି। କେତେବେଳେ ବିକ୍ରି ହବ ଏସବୁ!"

ସୁମିତ୍ରାର ଏଇ ସରଳତା, ଅନ୍ୟର ଦୁଃଖରେ ଦୁଃଖୀ ହେବା ଓ ଅପର ପାଇଁ ଚିନ୍ତା କରିବା ଗୁଣସବୁ ମତେ ଖୁବ୍ ଭଲ ଲାଗେ।

ବଜାର ପାଖରୁ ଟିକେ ଦୂରରେ ଆମ ଯିବା ବାଟରେ କିଛିଦିନ ହେବ ଏ ଠେଲାଗାଡ଼ିବାଲାକୁ ଆବିଷ୍କାର କଲୁ ଆମେ ଦୁହେଁ। ବେଳେବେଳେ ଲୋକଟି ଛଣାଛଣି କରି ଗରାଖଙ୍କୁ ଅପେକ୍ଷା କରି ବସିଥାଏ ତ କେବେ ଛଣାଛଣିରେ ଲାଗିଥାଏ। କିନ୍ତୁ ଜଣେ ବି ଗରାଖ ସେଠି ନଥା'ନ୍ତି। ବଜାର ଭିତରେ ଥିବା ଠେଲାଗାଡ଼ି ପାଖରେ ଅସମ୍ଭବ ଭିଡ଼ ଥିଲାବେଳେ ଏଠି କାହାରିକୁ ନଦେଖି ସୁମିତ୍ରା ଦୁଃଖୀ ହୋଇଯାଏ।

ସୁମିତ୍ରା କଥାଶୁଣି ମତେ ହସ ଲାଗେ...

ସୁମିତ୍ରା କୁହେ, "ଆଚ୍ଛା ଲୋକଟାର କ'ଣ ବୁଦ୍ଧି ନାହିଁ, ବଜାର ଭିତରେ ଠିଆ ନ ହୋଇ ଏଠି କାଇଁ ଠିଆ ହୋଇଛି ଯେ! କିଛି ତ ବିକ୍ରି ହଉନି ତା'ର।"

ମୁଁ ଥଟ୍ଟା କରି କୁହେ, "ମୁଁ ଏଇଠି ଗାଡ଼ି ରଖୁଛି। ଯାଅ ତୁମେ ତାକୁ ବୁଦ୍ଧି ଦେଇ ଆସ।" ଏଥର ସୁମିତ୍ରା ରାଗିଯାଏ।

ପ୍ରଥମେ ମୁଁ ଭାବୁଥିଲି ସୁମିତ୍ରା ଏସବୁ ମଜାରେ କହୁଛି, କିନ୍ତୁ ପରେ ଜାଣିପାରିଲି ସୁମିତ୍ରା ସତରେ ସେ ଲୋକଟା ପାଇଁ ଦୁଃଖ କରୁଛି।

ଦିନେ ଅଫିସ ଗଲାବେଳେ ଠେଲାଗାଡ଼ି ଆଗରେ ଲୋକଟିଏ ଖାଉଥିବାର ଦେଖି ସୁମିତ୍ରାର ଖୁସି କହିଲେ ନସରେ। ଅଫିସରେ ପହଞ୍ଚିବା ପର୍ଯ୍ୟନ୍ତ ତା' ଖୁସି ସଂକ୍ରମିତ ହେଉଥିଲା ମୋ' ଯାଏଁ।

ମୁଁ ସୁମିତ୍ରାକୁ ବୁଝାଏ, "ଏବେ ଲୋକ ନାହାନ୍ତି... ଆଗରୁ ଆସି ଖାଇଥିବେ କିମ୍ବା ପରେ ଆସି ଖାଇବେ।"

ସୁମିତ୍ରା ଅସନ୍ତୁଷ୍ଟ ହୋଇ କୁହେ, "ସବୁ ତ ଥୁଆହୋଇଛି। ଦଶଟା ପରେ କିଏ ଆସି ଏସବୁ ଖାଇବ ଯେ!"

ସେଦିନ ସେଇ ସମାନ ଅବସ୍ଥା ଦେଖି ସୁମିତ୍ରା ଯେତେବେଳେ ଦୁଃଖ ପ୍ରକାଶ କଲା ମୁଁ ସାମାନ୍ୟ ରାଗିଯାଇ କହିଲି, "ତୁମେ ତ କିଛି କରିପାରିବନି। ତା'ର ବିକ୍ରି ହେଲା କି ନ ହେଲା ତୁମର ଏତେ ଚିନ୍ତା କାହିଁକି?"

ସୁମିତ୍ରା କିଛି ନ କହି ଚୁପ୍ ରହିଲା।



ପରଦିନ ଅଫିସ ଗଲାବେଳେ ମଧ୍ୟ ସୁମିତ୍ରା ସେ ବିଷୟରେ କିଛି କହିଲାନି।

କିଛିଦିନ ପରେ ମୁଁ ହଠାତ୍ ଅନୁଭବ କଲି ସେ ଠେଲାଗାଡ଼ି ଆଗରେ ଖାଇବାକୁ ଲୋକଙ୍କ ଭିଡ଼ ଜମୁଛି। ଲୋକମାନେ ଖୁସି ମନରେ ଖାଉଛନ୍ତି ଓ ଖାଇବା ନଉଛନ୍ତି। ଲୋକଙ୍କ ଭିଡ଼ରେ ସେ ଠେଲାଗାଡ଼ି ମାଲିକର ମୁହଁ ଆମକୁ ଆଉ ଦୃଶ୍ୟ ହେଉ ନ ଥିଲା।

ଏସବୁ ଦେଖି ସୁମିତ୍ରା ନିଶ୍ଚୟ ଖୁସି ହେଉଥିବ, କିନ୍ତୁ କେଜାଣି କାହିଁକି ମତେ ସେ ବିଷୟରେ କିଛି କହୁ ନ ଥିଲା।

କିନ୍ତୁ ସେଦିନ ଅଫିସ ଗଲାବେଳେ ନିଜକୁ ଅଟକାଇନପାରିପଚାରିଲି, "ଆଚ୍ଛାତୁମେକ'ଣଯାଦୁ କଲ କି ସୁମିତ୍ରା! ଏଠି ଏଥର ଭିଡ଼ ଜମିଲାଣି ଯେ!"

କିଛି ସମୟ ଚୁପ୍ ରହିବା ପରେ ସୁମିତ୍ରା କହିଲା– "ତୁମେ କହୁଥିଲ ପରା ମୁଁ କିଛି କରିପାରିବିନି।"

"ନିଷ୍କପଟ ହୃଦୟରେ ପୂର୍ଣ୍ଣ ବିଶ୍ୱାସ ରଖି ଈଶ୍ୱରଙ୍କୁ ପ୍ରାର୍ଥନା କଲେ ଈଶ୍ୱର ନିଶ୍ଚୟ ଡାକ ଶୁଣନ୍ତି। ମୋ' ଡାକ ବି ଶୁଣିଲେ।"

ତେବେ ତୁମେ କ'ଣ ସେ ଅଜଣା ଲୋକଟା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲ।

"ଆମେ ସମସ୍ତେ ତ ଈଶ୍ୱରଙ୍କ ସନ୍ତାନ। ଜଣା ଅଜଣା କ'ଣ? କିଏ ଜାଣେ କୋଉଠି ଆମ ପାଇଁ ବି କିଏ ପ୍ରାର୍ଥନା କରୁଥିବ।"

କହୁଥିଲା ସୁମିତ୍ରା...

ଅଫିସରେ ପହଞ୍ଚିବା ପର୍ଯ୍ୟନ୍ତ ସୁମିତ୍ରାର କଥା ମୋ' କାନରେ ପ୍ରତିଧ୍ୱନିତ ହେଉଥିଲା– "ନିଷ୍କପଟ ହୃଦୟରେ ପୂର୍ଣ୍ଣ ବିଶ୍ୱାସ ରଖି ଈଶ୍ୱରଙ୍କୁ ପ୍ରାର୍ଥନା କଲେ ସେ ନିଶ୍ଚୟ ଡାକ ଶୁଣନ୍ତି।"

ମୋ: ୯୯୩୮୪୦୦୨୦୫

# ୧୯୭୯: ୱେଷ୍ଟଇଣ୍ଡିଜ ଟାଇଟଲ ବଜାୟ ରଖିଲା

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ସେହି ଇଂଲଣ୍ଡରେ ୧୯୭୯ରେ ଅନୁଷ୍ଠିତ ହୋଇଥିଲା। ୯ରୁ ୨୩ ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରୁଡେନ୍ସିଆଲ୍ କପ୍‌ରେ ୱେଷ୍ଟଇଣ୍ଡିଜ ଆଧିପତ୍ୟ ବଜାୟ ରଖି ପୁଣି ଟାଇଟଲ ହାସଲ କରିଥିଲା। ପ୍ରତିଯୋଗିତାର ପ୍ରଥମ ଦୁଇ ସଂସ୍କରଣରେ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାରେ ୮ ଦଳକୁ ନେଇ ମୋଟ ୧୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସଂସ୍କରଣ ଅପେକ୍ଷା ଏଥର ନୂଆ କଥା ଥିଲା କାନାଡା କ୍ୱାଲିଫାୟର ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ୧୯୭୫ରେ ଖେଳିଥିବା ଇଷ୍ଟଆଫ୍ରିକା ସ୍ଥାନରେ ଏହି ଦଳକୁ ସୁଯୋଗ ମିଳିଥିଲା। ଟୁର୍ଣ୍ଣାମେଣ୍ଟର ଫର୍ମାଟ ସମାନ ଥିଲା। ଦୁଇ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଭାରତର ପ୍ରଦର୍ଶନ ଏହି ବିଶ୍ୱକପ୍‌ରେ ଅତ୍ୟନ୍ତ ଦୟନୀୟ ରହିଥିଲା। ଗ୍ରୁପ୍ 'ବି'ରେ ଦଳ ୩ଟି ଲିଗ୍ ମ୍ୟାଚ ଖେଳି ସବୁଥିରେ ପରାଜିତ ହୋଇଥିଲା। ଏହି ଗ୍ରୁପ୍‌ରୁ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ଏବଂ ଗ୍ରୁପ୍ 'ଏ'ରୁ ଇଂଲଣ୍ଡ ଓ ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରିଥିଲେ। ଲିଗ୍ ପର୍ଯ୍ୟାୟରୁ କଟି ଯାଇଥିବା ଅନ୍ୟ ୩ ଦଳ ହେଲେ ଅଷ୍ଟ୍ରେଲିଆ, କାନାଡା ଓ ଶ୍ରୀଲଙ୍କା। ସେମିଫାଇନାଲରେ ପାକିସ୍ତାନକୁ ୪୩ ରନରେ ହରାଇ ୱେଷ୍ଟଇଣ୍ଡିଜ ଏବଂ ନ୍ୟୁଜିଲାଣ୍ଡକୁ ୯ ରନରେ ହରାଇ ଇଂଲଣ୍ଡ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ଲର୍ଡ୍ସରେ ଅନୁଷ୍ଠିତ ଫାଇନାଲରେ ଇଂଲଣ୍ଡକୁ ୯୨ ରନରେ ହରାଇ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହୋଇଥିଲା। ୱେଷ୍ଟଇଣ୍ଡିଜର ଗର୍ଡନ ଗ୍ରିନିଜ୍ ୨୫୩ ରନକରି ଟପ୍ ସ୍କୋରର ହୋଇଥିଲେ। ଏହି ଦଳର ଭିଭିଆନ ରିଚାର୍ଡ୍ସ ୨୧୭ ଓ ଇଂଲଣ୍ଡର ଗ୍ରାହାମ୍ ଗୁଚ୍ ୨୧୦ ରନକରି ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ସେହିପରି ଇଂଲଣ୍ଡର ମାଇକ ହେଣ୍ଡ୍ରିକ ୧୦ ଉଇକେଟ ନେଇ ସର୍ବାଧିକ ଉଇକେଟ ହାସଲକାରୀ ହୋଇଥିଲେ। ୩ ଜଣ ଖେଳାଳି ୯ ଉଇକେଟ ଲେଖାଏ ପାଇଥିଲେ ହେଁ ନ୍ୟୁଜିଲାଣ୍ଡର ବ୍ରାଏନ ମ୍ୟାକକେନି ଓ ପାକିସ୍ତାନର ଅସିଫ ଇକବାଲ ତାଳିକାର ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧୯ ଦିନ**


୧୯୭୯ରେ ବିଶ୍ୱକପ ବିଜୟୀ ୱେଷ୍ଟଇଣ୍ଡିଜ ଦଳ।

# ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଦୁବାଇ, ୧୫ା୯ (ପି.ଟି.): ଏସିଆ କପ୍ ଫାଇନାଲରେ ପ୍ରବେଶ କରିବା ପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ର୍‍ୟାଙ୍କିଂ ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଟୁର୍ଣ୍ଣାମେଣ୍ଟର ସୁପର ଫୋର ପର୍ଯ୍ୟାୟରୁ ବିଦାୟ ନେଇଥିବା ପାକିସ୍ତାନ ୧୧୫ପଏଣ୍ଟ ସହ ପ୍ରଥମ ସ୍ଥାନରୁ ଖସି ତୃତୀୟ ସ୍ଥାନକୁ ଚାଲିଆସିଛି। ଭାରତ(୧୧୬)ଠାରୁ ଦୁଇ ପଏଣ୍ଟ ବ୍ୟବଧାନ ଆଗରେ ଅଷ୍ଟ୍ରେଲିଆ ବର୍ତ୍ତମାନ ନମ୍ବର ୱାନ ସ୍ଥାନ ଅଧିକାର କରିଛି। ଏହି ଦୁଇ ଦଳ ଅକ୍ଟୋବର ୮ରେ ଚେନ୍ନାଇଠାରେ ସେମାନଙ୍କର ବିଶ୍ୱକପ୍ ଓପନର ପୂର୍ବରୁ ସେପ୍ଟେମ୍ବର ୨୨ରୁ ଭାରତରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବେ। ଭାରତ ରବିବାର ଆୟୋଜକ ଶ୍ରୀଲଙ୍କା ବିପକ୍ଷରେ ଏସିଆ କପ୍ ଫାଇନାଲ ଖେଳିବ।

# ଓଡ଼ିଶାର ବୃହତ୍ ବିଜୟ

**ଜାତୀୟ ସବ୍‌ଜୁନିୟର ବାଳିକା ଫୁଟ୍‌ବଲ**

ଭୁବନେଶ୍ୱର, ୧୫ା୯
(ବିଜୟ ରଣା)

କର୍ଣ୍ଣାଟକର ବେଲ୍‌ଗାଁଓଠାରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ବାଳିକା ଫୁଟ୍‌ବଲ ୨୦୨୩-୨୪ (ଟିଅର୍-୨ ଗ୍ରୁପ୍ ପର୍ଯ୍ୟାୟ)ର ଏକ ମ୍ୟାଚରେ ଓଡ଼ିଶା ୮-୦ ଗୋଲ୍‌ରେ ଚଣ୍ଡିଗଡ଼କୁ ପରାସ୍ତ କରି ବିପୁଳ ବିଜୟ ହାସଲ କରିଛି। ଦଳ ପକ୍ଷରୁ ରୀତୁ ବଡେକ୍ (୯ମ, ୨୫ତମ, ୩୫+୧ତମ, ୬୨ତମ ମିନିଟ) ବ୍ୟକ୍ତିଗତ ୪ଟି ଗୋଲ୍ ସ୍କୋର କରିଥିବା ବେଳେ ଅଧିନାୟକ ଆଞ୍ଚଲ ସିଂ ୧୧ଶ, ୫୧ତମ ଓ ୬୦ତମ ମିନିଟରେ ତିନୋଟି ଗୋଲ୍ ଦେଇଥିଲେ। ବନ୍ଦନା ନାୟକ ୨୮ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ଓଡ଼ିଶା ଦଳର ଏହି ପ୍ରଦର୍ଶନକୁ ନେଇ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟଗଣ ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚଗୁଡ଼ିକ ଲାଗି ଶୁଭକାମନା ଜଣାଇଛନ୍ତି।



ଆଞ୍ଚଲ ସିଂ



ରୀତୁ ବଡେକ୍

# ଏସିଆନ ଗେମ୍ସରେ କିଟ୍ ଓ କିସ୍‌ର ୧୪ ଖେଳାଳି

**ଗୋଟିଏ ଶିକ୍ଷାନୁଷ୍ଠାନରୁ ଏତେ ସଂଖ୍ୟକ କ୍ରୀଡ଼ାବିତ୍ ଭାଗନେବା ଭାରତରେ ପ୍ରଥମ**

ଭୁବନେଶ୍ୱର, ୧୫ା୯
(ତପନ ସ୍ୱାଇଁ)

ଚାଇନାର ହାଙ୍ଗଝୋଠାରେ ଚଳିତ ମାସ ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତାରେ କିଟ୍ ଓ କିସ୍‌ର ୧୪ଜଣ କ୍ରୀଡ଼ାବିତ୍ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଦେଶର ଗୋଟିଏ ଶିକ୍ଷାନୁଷ୍ଠାନରୁ ଏତେ ସଂଖ୍ୟକ କ୍ରୀଡ଼ାବିତ୍ ଏସିଆନ ଗେମ୍ସରେ ଅଂଶ ଗ୍ରହଣ କରିବା ଏହା ପ୍ରଥମ ବୋଲି ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି। ତାଙ୍କ ସୂଚନା ଅନୁସାରେ କିଟ୍ ଛାତ୍ରୀ ସି.ଏ. ଭବାନୀ ଦେବୀ ଫେନ୍‌ସିଂ (ମହିଳା) ବର୍ଗରେ ଉଭୟ ବ୍ୟକ୍ତିଗତ ଓ ଦଳଗତ ସାବ୍‌ରେ ଇଭେଣ୍ଟରେ ଭାଗ ନେବାକୁ ଯାଉଥିବାବେଳେ ଭାରତୀୟ ହକି ଦଳରେ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ସେହିପରି ସନ୍ତରଣରେ ସାଜନ ପ୍ରକାଶ, ନୌଚାଳନାର ମହିଳା ଲାଇଟୱେଟ୍ ଡବଲ୍ ସ୍କଲ ରୋଇଂରେ ଆଶିଂକା ଭାରତୀ, ଆଥ୍‌ଲେଟିକ୍ସର ୨୦ କି.ମି. ୱାକ୍‌ରେ ପ୍ରିୟଙ୍କା (ମହିଳା) ଓ ସନ୍ଦୀପ କୁମାର (ପୁରୁଷ), ଜାଭେଲିନ୍ ଥ୍ରୋରେ କିଶୋର ଜେନା ଓ ତେଜିନ୍ଦର ପାଲ୍ ଭାରତର ପ୍ରତିନିଧିତ୍ୱ କରିବେ। ସେହିପରି ମହିଳା ରଗ୍‌ବୀ ୭ଏସ୍ ଦଳରେ କିସ୍‌ର ୪ ଛାତ୍ରୀ ଡୁମୁନି ମାରାଣ୍ଡି, ତାରୁଲତା ନାଏକ, ମାମା ନାଏକ ଏବଂ ହୁପି ମାଝି ସ୍ଥାନ ପାଇଛନ୍ତି। ଡେକାଥଲନରେ ତେଜସ୍ୱୀ ଶଙ୍କର ଏବଂ ୨୦୦ମିଟର ଦୌଡ଼ରେ ଅମ୍ଲାନ ବୋରଗୋହେନ ମନୋନୀତ ହୋଇଛନ୍ତି। ଏସିଆନ ଗେମ୍ସ ପାଇଁ ମନୋନୀତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ। ଏହି କ୍ରୀଡ଼ାବିତ୍‌ମାନେ କେବଳ କିଟ୍ ଓ କିସ୍ ପାଇଁ ନୁହନ୍ତି ସମଗ୍ର ଓଡ଼ିଶାର ଗର୍ବ ଓ ଗୌରବ ବୋଲି ସେ କହିଛନ୍ତି। ସେ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏସିଆନ ଗେମ୍ସରେ ଅଂଶ ଗ୍ରହଣ କରିବାକୁ ଯାଉଥିବା ଓଡ଼ିଶାର ଖେଳାଳିଙ୍କ ପାଇଁ ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଥିବାବେଳେ ଏଥିରେ କିଟ୍ ଓ କିସ୍‌ର ୭ଜଣ ଅଛନ୍ତି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଭଲ ପାଇବା ଓ ପ୍ରତିବଦ୍ଧତା ଯୋଗୁ ଆଜି ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶାକୁ ଏକ କ୍ରୀଡ଼ା ହବ୍‌ରେ ପରିଣତ କରିବା ପଛରେ କିଟ୍ ଓ କିସ୍‌ର ମଧ୍ୟ ଯୋଗଦାନ ରହିଛି ବୋଲି ଅଚ୍ୟୁତ କହିଥିଲେ। କିଟ୍ ଓ କିସ୍‌ରେ ଥିବା ଅନ୍ତର୍ଜାତୀୟ ମାନର ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ଏବଂ ଅଭିଜ୍ଞ ଓ ଦକ୍ଷ କୋଚ୍ ବିଶେଷକରି କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗୁ କିଟ୍ ଓ କିସ୍‌ରୁ ୫ହଜାରରୁ ଊର୍ଦ୍ଧ୍ୱ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳି ସୃଷ୍ଟି ହୋଇପାରିଛନ୍ତି। ଏହି ଅନୁଷ୍ଠାନରୁ ୧୩ଜଣ ଅଲିମ୍ପିଆନ୍ ବାହାରି ପାରିଛନ୍ତି। ଏହା ବ୍ୟତୀତ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ସହ ଭାରତରେ ଏକ କ୍ରୀଡ଼ା ବାତାବରଣ ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଅଚ୍ୟୁତ ଧନ୍ୟବାଦ ଜଣାଇଛନ୍ତି। କିସ୍‌ର କ୍ରୀଡ଼ା ପରାମର୍ଶଦାତା ଉପେନ୍ଦ୍ର କୁମାର ମହାନ୍ତି ଭାରତୀୟ ଦଳରେ ଓଡ଼ିଶା ରଗ୍‌ବୀ ଖେଳାଳିଙ୍କ ପ୍ରାଧାନ୍ୟ ଉପରେ ଆଲୋକପାତ କରିଥିଲେ।



ଖବରଦାତା ସମ୍ମିଳନୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

# ଭାରତର ଭଲ ପ୍ରଦର୍ଶନ ନେଇ ଶ୍ରଦ୍ଧାଞ୍ଜଳି ଆଶାବାଦୀ

ଭୁବନେଶ୍ୱର, ୧୫ା୯
(ତପନ ସ୍ୱାଇଁ)

୧୭ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆନ କପ୍ ଯୋଗ୍ୟତାର ଦ୍ୱିତୀୟ ପର୍ଯ୍ୟାୟ ଥାଇଲାଣ୍ଡରେ ଅନୁଷ୍ଠିତ ହେବ। ସେଥିପାଇଁ ଭାରତୀୟ ଦଳ ଶନିବାର ଗୋଆରୁ ମୁମ୍ବାଇ ବାଟଦେଇ ଥାଇଲାଣ୍ଡ ଯାତ୍ରା କରିବ। ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍ ପାଇଁ ଏଏଫ୍‌ସି ଯୋଗ୍ୟତା ହାସଲ ନିହାତି ଆବଶ୍ୟକ। ତେଣୁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଶକ୍ତିଶାଳୀ ଦଳ ଗଠନ ପାଇଁ ପ୍ରୟାସ ଜାରି ରଖିଛି। ଥାଇଲାଣ୍ଡ ଯାତ୍ରା କରୁଥିବା ଭାରତୀୟ ଦଳରେ ୨୩ ଖେଳାଳିଙ୍କ ସହ କୋଚ୍ ଓ ଅଫିସିଆଲଙ୍କୁ ମିଶାଇ ମୋଟ ୨୯ ଜଣ ରହିଛନ୍ତି। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବେ ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଅଛନ୍ତି। ଟ୍ରେନିଂ ବହୁତ ଭଲ ହୋଇଛି। ପିଲାମାନେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନରେ ବ୍ୟଗ୍ର। ତେଣୁ ଭାରତୀୟ ଦଳର ଭଲ ପ୍ରଦର୍ଶନ ପାଇଁ ମୁଁ ଆଶାବାଦୀ ଅଛି ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ଦଳର ପ୍ରଶିକ୍ଷଣ ଓ ଶିବିର ପରିଚାଳନା ପାଇଁ ଏଆଇଏଫ୍‌ଏଫ୍ ସମସ୍ତ ବ୍ୟବସ୍ଥା କରିଥିବାରୁ ଶ୍ରଦ୍ଧାଞ୍ଜଳି କୃତଜ୍ଞତା ଜଣାଇଛନ୍ତି। ଏଏଫ୍‌ସି ମହିଳା ଏସିଆନ କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଯୋଗ୍ୟତାରେ ଭାରତ ଏହାର ପ୍ରଥମ ମ୍ୟାଚ କୋରିଆ ସହିତ ୧୯ ତାରିଖରେ ଖେଳିବ। ଏହାପରେ ଥାଇଲାଣ୍ଡକୁ ୨୧ ଓ ଇରାନକୁ ୨୩ ତାରିଖରେ ଭେଟିବ। ଭଲ ଗୋଲ ବ୍ୟବଧାନରେ ଗ୍ରୁପ୍ ଚାମ୍ପିୟନ ହେଲେ ଭାରତ ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟ ଅତିକ୍ରମ କରିପାରିବ। ପ୍ରକାଶଯୋଗ୍ୟ ଯେ, ଗତବର୍ଷ ଭାରତ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ଅତିକ୍ରମ କରିଥିବାରୁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ପ୍ରଶଂସିତ ହୋଇଥିଲେ।


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

# ଫାଇନାଲରେ ଥିକ୍ସାନାଙ୍କ ଖେଳିବା ନେଇ ସନ୍ଦେହ

କଲମ୍ବୋ, ୧୫ା୯(ପି.ଟି.)

ଭାରତ ବିପକ୍ଷ ଏସିଆ କପ୍ ଫାଇନାଲରେ ଶ୍ରୀଲଙ୍କା ସ୍ପିନର ମାହିଶଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗୁରୁବାର ପାକିସ୍ତାନ ବିପକ୍ଷରେ ଶ୍ରୀଲଙ୍କାର ଦୁଇ ଉଇକେଟ ବିଜୟ ମ୍ୟାଚ ବେଳେ ଫିଲ୍ଡିଂ କରୁଥିବା ବେଳେ ଏହାର ରହସ୍ୟମୟ ସ୍ପିନରଙ୍କ ଡାହାଣ ପଟ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି ହୋଇଛି। ଶନିବାର ସ୍କାନ କରାଯିବା ପରେ ତାଙ୍କ ଇଞ୍ଜୁରିର ସ୍ପଷ୍ଟ ଚିତ୍ର ମିଳିଯିବ। ଶ୍ରୀଲଙ୍କା ବର୍ତ୍ତମାନ ୱାନିନ୍ଦୁ ହସରଙ୍ଗା, ଦୁଷ୍ମନ୍ତ ଚାମିରା, ଲାହିରୁ ମଦୁଶାନକା ଓ ଲାହିରୁ କୁମାରାଙ୍କ ଭଳି ଖେଳାଳିଙ୍କ ବିନା ଟୁର୍ଣ୍ଣାମେଣ୍ଟ ଖେଳୁଥିବା ବେଳେ ଥିକ୍ସାନାଙ୍କ ଇଞ୍ଜୁରୀ ଶ୍ରୀଲଙ୍କାର ଚିନ୍ତା ବଢାଇ ଦେଇଛି। ଶ୍ରୀଲଙ୍କା ରବିବାର ଭାରତ ବିପକ୍ଷରେ ଫାଇନାଲ ମ୍ୟାଚ ଖେଳିବ।

# ମରକ୍କୋ ବିପକ୍ଷରେ ଭାରତ ଫେଭରାଇଟ୍

ଲକ୍ଷ୍ନୌ,୧୫ା୯(ପି.ଟି.)

ଶନି ଓ ରବିବାର ଦୁଇଦିନ ଧରି ଏଠାରେ ଖେଳାଯିବାକୁ ଥିବା ମରକ୍କୋ ବିପକ୍ଷ ଡେଭିସ୍ କପ୍ ମ୍ୟାଚରେ ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଛି। ରୋହନ ବୋପାନ୍ନାଙ୍କର ଏହା ଡେଭିସ୍ କପ୍ ଫେୟାରୱେଲ ମ୍ୟାଚ। ସେ ଦୀର୍ଘ ୨୧ ବର୍ଷ ଧରି ଏହି ପ୍ରତିଯୋଗିତାରେ ଖେଳି ଆସୁଥିଲେ। ଗତ ମାର୍ଚ୍ଚରେ ଡେନ୍‌ମାର୍କଠାରୁ ୨-୩ରେ ହାରିଥିବା ଭାରତୀୟ ଦଳରେ ବହୁ ପରିବର୍ତ୍ତନ କରାଯାଇଛି। କାର୍ଯ୍ୟସୂଚୀ ଅନୁସାରେ ଶନିବାର ସିଙ୍ଗଲ୍ସ ମୁକାବିଲାରେ ଭାରତର ଶଶି କୁମାର ମୁକୁନ୍ଦ ମରକ୍କୋର ୟାସିନ ଡ୍ଲିମି ଏବଂ ସୁମିତ ନାଗାଲ ପ୍ରତିପକ୍ଷ ଆଡାମ ମୋନ୍ଦିରଙ୍କୁ ଭେଟିବେ। ସେହିପରି ରବିବାର ଗୋଟିଏ ମ୍ୟାଚରେ ଭାରତର ରୋହନ ବୋପ୍ପାନା-ୟୁକି ଭାମ୍ବ୍ରି ଯୋଡ଼ି ମରକ୍କୋର ଏଲିଅଟ୍ ବେଞ୍ଚିଟ୍ରିଟ୍-ୟୁନିସ ଲାଲାମି ଲାରୋସି ଯୋଡ଼ିଙ୍କୁ ଏବଂ ୟାସିନ ଡ୍ଲିମି ବନାମ ସୁମିତ ନାଗାଲ ଏବଂ ଶଶିକୁମାର ମୁକୁନ୍ଦ ବନାମ ଆଡାମ ମୋନ୍ଦିରଙ୍କ ମଧ୍ୟରେ ରିଭର୍ସ ସିଙ୍ଗଲ୍ସ ଖେଳାଯିବ। ଭାରତର ସିଙ୍ଗଲ୍ସ ଖେଳାଳିଙ୍କୁ ଚ୍ୟାଲେଞ୍ଜ ଦେବା ଭଳି ମରକ୍କୋ ଦଳରେ କେବଳ ଜଣେ ମାତ୍ର ଅଛନ୍ତି ସେ ହେଉଛନ୍ତି ଏଲିଅଟ୍ ବେଞ୍ଚିଟ୍ରିଟ୍। କିନ୍ତୁ ଇଞ୍ଜୁରି ଯୋଗୁ ଭ୍ରମଣକାରୀ ଦଳ ତାଙ୍କୁ ଖେଳାଇବ ନାହିଁ। ୬'୪'' ଉଚ୍ଚତା ବିଶିଷ୍ଟ ଏହି ୨୪ ବର୍ଷୀୟ ଖେଳାଳି ଶୁକ୍ରବାର ଏଟିପି ସିଙ୍ଗଲ୍ସ ତାଲିକାର ୪୬୫ତମ ସ୍ଥାନରେ ଅଛନ୍ତି। ୨୦୨୦ ଫେବୃୟାରୀରେ ସେ କିନ୍ତୁ କ୍ୟାରିୟର ଶ୍ରେଷ୍ଠ ୧୯୮ତମ ସ୍ଥାନରେ ରହିଥିଲେ। ବେଞ୍ଚିଟ୍ରିଟ୍ ଟପ୍ ୧୦୦ ଖେଳାଳିଙ୍କ ବିପକ୍ଷରେ ବିଜୟ ହାସଲ କରିପାରିଛନ୍ତି। ତନ୍ମଧ୍ୟରେ ଜଣେ ଟପ୍ ୫୦ ଖେଳାଳି ମଧ୍ୟ ରହିଛନ୍ତି। ସେ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇଛନ୍ତି। ମାତ୍ର ଶେଷ ମୁହୂର୍ତ୍ତରେ ତାଙ୍କୁ ୟୋନ୍‌ସ ଲାଲାମି ଲାରୋସିଙ୍କ ସହ ଡବଲ୍ସ ଖେଳିବା ଲାଗି ମନୋନୀତ କରାଯାଇଛି। ବେଞ୍ଚିଟ୍ରିଟ୍‌ଙ୍କୁ ଯଦି ପ୍ରଥମ ଦିବସରେ ଖେଳାଯାଇଥାନ୍ତା ତେବେ କିଛିଟା ଲଢେଇ ଦେଖିବାକୁ ମିଳିଥାନ୍ତା। ବେଞ୍ଚିଟ୍ରିଟ୍ ୨୦୧୯ରେ ୟୁଏସ ଓପନ ଏବଂ ୨୦୨୦ରେ ଫିନ୍‌ଲାଣ୍ଡର ଏମିଲ ରୁସୁଭୋରିଙ୍କ ଭଳି କ୍ୱାଲିଟି ଖେଳାଳିଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ୨୦୧୮ରେ ସେ ଜଣେ ୱାଇଲ୍ଡ କାର୍ଡ ହିସାବରେ ଫ୍ରେଞ୍ଚ ଓପନ ଖେଳିଥିଲେ। ସେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ ମଧ୍ୟ ଫ୍ରେଞ୍ଚ ଟେନିସ ଖେଳାଳି ଗେଲ୍ ମନଫିଲ୍ସଙ୍କୁ କଡ଼ା ଟକ୍କର ଦେଇଥିଲେ। ବର୍ତ୍ତମାନ ଭ୍ରମଣକାରୀ ଦଳର ନମ୍ବର ୱାନ ଖେଳାଳି ହେଉଛନ୍ତି ୨୦ ବର୍ଷୀୟ ୟାସିନ ଡ୍ଲିମି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୧୨+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩ (୧୨+୮= ୨୦ ପୃଷ୍ଠା) Bhubaneswar, Saturday, September 16/2023 Page 20 ₹ 7.00 | SAMBALPUR



## ମା'ଙ୍କ ପାଇଁ କାମ ମାଗୁଛନ୍ତି ଇଶା

ବଲିଉଡ ଅଭିନେତ୍ରୀ ହେମାମାଳିନୀ ପୁଣିଥରେ ବଡ଼ ପରଦାକୁ ଫେରିବାକୁ ଚାହୁଁଛନ୍ତି। ଝିଅ ଇଶା ଏହି ସୂଚନା ଦେବା ସହ ମାଆଙ୍କ ପାଇଁ କାମ ମାଗିଛନ୍ତି।

୦୨

୦୮

## ଶୁବମନ ଗିଲ୍‌ଙ୍କ ଶତକ

ବାଂଲାଦେଶ ବିପକ୍ଷ ଏସିଆକପ୍ ସୁପର-୪ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଶୁବମନ ଗିଲ୍।





ଜମ୍ମୁ-କଶ୍ମୀରର ଅନନ୍ତନାଗସ୍ଥିତ କୋକେରନାଗରେ ଶୁକ୍ରବାର ଆତଙ୍କବାଦୀଙ୍କ ସହ ଯବାନଙ୍କ ଗୁଳି ବିନିମୟବେଳେ ମାର୍ଚ୍ଚ ଫାଷ୍ଟ।

# ଅବିବାହିତ, ବିଧବା ଝିଅ ମୃତ ବାପାଙ୍କ ସମ୍ପତ୍ତି ପାଇବାକୁ ହକ୍‌ଦାର

## ଛାଡ଼ପତ୍ର ପାଇଥିବା ଝିଅ ବଞ୍ଚିତ ହେବେ: ହାଇକୋର୍ଟ

ନୂଆଦିଲ୍ଲୀ,୧୫।୯

ଜଣେ ଅବିବାହିତ କିମ୍ବା ବିଧବା ହୋଇଥିବା ଝିଅ ସେମାନଙ୍କ ସ୍ୱର୍ଗବାସୀ ବାପାଙ୍କ ସମ୍ପତ୍ତି ଉପରେ ଅଧିକାର ଦାବି କରିପାରିବେ। ତେବେ ଛାଡ଼ପତ୍ର ପାଇଥିବା ଝିଅ ଭରଣପୋଷଣ ପାଉଥିବାରୁ ସେ ବାପଘର ସମ୍ପତ୍ତି ଉପରେ ଦାବି କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଏକ ପିଟିଶନ୍‌କୁ ଖାରଜ କରିଦେବା ଅବସରରେ କହିଛନ୍ତି। ଛାଡ଼ପତ୍ର ପାଇଥିବା ଜଣେ ମହିଳା ତାଙ୍କ ମାଆ ଏବଂ ଭାଇଙ୍କଠାରୁ ଭରଣପୋଷଣ ଦାବି କରିଥିବାବେଳେ ପରିବାର ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଫାମିଲି କୋର୍ଟଙ୍କ ରାୟକୁ ମହିଳା ଜଣକ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହିନ୍ଦୁ ପୋଷ୍ୟ ଗ୍ରହଣ ଏବଂ ଭରଣପୋଷଣ ଆଇନର ଧାରା ୨୧ ଅନୁଯାୟୀ କେବଳ ନିର୍ଭରଶୀଳ ସଦସ୍ୟ ଭରଣପୋଷଣ ଦାବି କରିପାରିବେ। ଏଥିରେ ୯ ପ୍ରକାର ସମ୍ପର୍କକୁ ମୃତ ବାପାଙ୍କ ସମ୍ପତ୍ତି ପାଇବାକୁ ହକ୍‌ଦାର ବୋଲି କୁହାଯାଇଥିବାବେଳେ ଛାଡ଼ପତ୍ର ପାଇଥିବା ଝିଅଙ୍କୁ ରଖାଯାଇ ନାହିଁ ବୋଲି ବିଚାରପତି ସୁରେଶ କୁମାର କୈତ୍ ଏବଂ ନୀନା ବଂଶଲ କ୍ରିଷ୍ଣାଙ୍କ ଖଣ୍ଡପୀଠ କହିଛନ୍ତି।





ଆବେଦନକାରୀ ମହିଳାଙ୍କ ବାପାଙ୍କର ୧୯୯୯ରେ ପରଲୋକ ଘଟିଥିଲା। ବାପାଙ୍କର ୪ ଉତ୍ତରାଧିକାରୀ ହେଲେ ତାଙ୍କ ସ୍ତ୍ରୀ, ପୁଅ ଏବଂ ୨ ଝିଅ। ହେଲେ ତାଙ୍କୁ ଉତ୍ତରାଧିକାର ଭାଗ ମିଳି ନ ଥିବା ସେ ଅଭିଯୋଗ କରିଥିଲେ। ମହିଳା ଜଣକ ସମ୍ପତ୍ତିରୁ ଭାଗ ପାଇବାକୁ ଦାବି ନ କଲେ, ତାଙ୍କୁ ଭରଣପୋଷଣ ବାବଦକୁ ମାସିକ ୪୫,୦୦୦ ଟଙ୍କା ଦେବାକୁ ମାଆ ଏବଂ ଭାଇ ରାଜି ହୋଇଥିଲେ। ୨୦୧୪ ନଭେମ୍ବର ପର୍ଯ୍ୟନ୍ତ ସେ ନିୟମିତ ଭରଣପୋଷଣ ପାଇଆସୁଥିଲେ। ତା ପରେ ବାପଘର ଭରଣପୋଷଣ ଦେବା ବନ୍ଦ କରିଦେଇଥିଲେ ବୋଲି ମହିଳା ଜଣକ ଅଭିଯୋଗରେ ଦର୍ଶାଇଛନ୍ତି। ସ୍ୱାମୀ ତାଙ୍କଠାରୁ ଅଲଗା ହୋଇଯିବା ପରେ ୨୦୦୧ ସେପ୍ଟେମ୍ବରରେ ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିଲା। ସେତେବେଳେ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇବା କଥା ପରିବାର ଅଦାଲତ ବିଚାରକୁ ନେଇ ନ ଥିଲେ। ଏହା ପରେ ସ୍ୱାମୀଙ୍କର କୌଣସି ଖବର ମିଳୁ ନ ଥିବାରୁ ମହିଳା ଜଣକ ଭରଣପୋଷଣ ପାଇଁ ଦାବି କରିପାରି ନାହାନ୍ତି। ଏହା ଏକ ଜଟିଳ ସ୍ଥିତି ହେଲେ ମଧ୍ୟ ହିନ୍ଦୁ ଭରଣପୋଷଣ ଆଇନରେ ଛାଡ଼ପତ୍ର ପାଇଥିବା ଝିଅ ବାପଘରୁ ଭରଣପୋଷଣ ପାଇବାକୁ ହକ୍‌ଦାର ନୁହନ୍ତି ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି।

# ରାଜ୍ୟରେ ଡେଙ୍ଗୁ ସ୍ଥିତି ସଙ୍ଗିନ

## ୬ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଭୁବନେଶ୍ୱର,୧୫।୯(ଅଭିଜିତ ଦାସ)





ରାଜ୍ୟରେ ଡେଙ୍ଗୁ ସ୍ଥିତି ଦିନକୁ ଦିନ ସଙ୍ଗିନ ହେବାରେ ଲାଗିଛି। ଜ୍ୱର ହେଲେ ଲୋକଙ୍କୁ ଡେଙ୍ଗୁ ଭୟ ଘାରୁଛି। ଘରେ ଘରେ ଜ୍ୱର ବ୍ୟାପୁଥିବାବେଳେ ଡାକ୍ତରଖାନାରେ ଭିଡ଼ ଜମୁଛି। ଟିକେଟ କାଉଣ୍ଟରଠାରୁ ଆରମ୍ଭ କରି ଡାକ୍ତରଙ୍କ ଚାମ୍ବର ଓ ଟେଷ୍ଟିଂ ସେଣ୍ଟରରେ ଜ୍ୱର ରୋଗୀଙ୍କ ଲମ୍ବା ଧାଡ଼ି ଲାଗୁଛି। ସ୍ଥିତି ଏପରି ହେଉଛି ଅଧିକାଂଶ ରୋଗୀ ଏତେ ସମୟ ଅପେକ୍ଷା ନ କରି କେବଳ ମେଡିସିନ୍ ଧରି ଘରକୁ ଫେରୁଥିବା ଦେଖିବାକୁ ମିଳୁଛି। ପୁଣି ଯେତିକି ନମୁନା ପରୀକ୍ଷା ହେଉଛି ସେଥିରୁ ଡେଙ୍ଗୁ ପଜିଟିଭ୍ ହାର ମଧ୍ୟ ବଢ଼ି ଚାଲିଛି। ଏଥିରୁ ଡେଙ୍ଗୁ ମୁକାବିଲା କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ଗ୍ରହଣ କାଟୁ କରୁ ନ ଥିବା ବାରି ହୋଇପଡୁଛି। ସ୍ଥିତି ନିୟନ୍ତ୍ରଣରେ ଥିବା ବିଭାଗ କହୁଥିବାବେଳେ ଇତିମଧ୍ୟରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ପାର୍ କରିଛି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଖୋର୍ଦ୍ଧା ଜିଲା ଡେଙ୍ଗୁ ହଟସ୍ପଟ୍ ପାଲଟିଥିବାବେଳେ ଏହା ତଳକୁ ଥିବା ପୁରୀ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ବଢ଼ିବାରେ ଲାଗିଛି।

ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟର ବିଭିନ୍ନ ଜିଲାରେ ୧୪ ତାରିଖ ସୁଦ୍ଧା ୭୭,୦୦୧ ରକ୍ତ ନମୁନା ପରୀକ୍ଷଣ ହୋଇଥିବାବେଳେ ସେଥିରୁ ୬୦୬୮ ଡେଙ୍ଗୁ ପଜିଟିଭ ବାହାରିଛି। ଗତବର୍ଷ ୩ ହଜାର ୪୮୨ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟାରେ ୨ ଗୁଣା ବୃଦ୍ଧି ହୋଇଛି। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨ ହଜାର ୬୦୪ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୀ ଜିଲାରେ ୬୭୨, କଟକରେ ୫୫୭, ବାଲେଶ୍ୱରରେ ୫୬୨, ଜଗତସିଂହପୁରରେ ୩୦୮ ଓ ନୟାଗଡ ଜିଲାରେ ୨୨୪ ଡେଙ୍ଗୁ ରୋଗୀ ରହିଛନ୍ତି। ୧୦ଟି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ତଳକୁ ଥିବାବେଳେ ବୌଦ୍ଧ ଜିଲାରେ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଇତି ମଧ୍ୟରେ ପୁରୀ ଓ ବାଲେଶ୍ୱର ଜିଲାରେ କ୍ରମଶଃ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗଛି। ଅନ୍ୟପକ୍ଷରେ ଅଧିକାଂଶ ଡେଙ୍ଗୁ ରୋଗୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ନୟାପଲ୍ଲୀ, ଶହୀଦନଗର ଓ ୟୁନିଟ-୯ ଅଞ୍ଚଳରେ ଚିହ୍ନଟ ହୋଇଥିବାବେଳେ ଉଭୟ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେପରି ଦୃଢ଼ ଓ ସଫଳ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହେଉଛି। ଚଳିତବର୍ଷ ଜୁନ୍‌ରୁ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଡେଙ୍ଗୁ ରୋକିବା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ମଧ୍ୟ ଆକ୍ରାନ୍ତଙ୍କ ଉପରେ ରୋକ୍ ଲାଗିପାରୁନାହିଁ। ସେହିପରି ପୂର୍ବରୁ ସେପ୍ଟେମ୍ବର ଯାଏ ସତର୍କତା ଜାରି କରାଯାଇଥିବାବେଳେ ଏବେ ବିଭାଗ ପକ୍ଷରୁ ଅକ୍ଟୋବର ଯାଏ ସଚେତନ ରହିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

## ଆଜି ୪ ଓଡ଼ିଆ ପାଇବେ 'କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଅମ୍ରିତ ପୁରସ୍କାର'

ଭୁବନେଶ୍ୱର,୧୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ପରଫର୍ମିଙ୍ଗ ଆର୍ଟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶାର ୪ ବରିଷ୍ଠ କଳାକାର ପାଇବେ 'କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଅମ୍ରିତ ପୁରସ୍କାର'। ଶନିବାର କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ୍ ଧନଖର ପୁରସ୍କୃତ କରିବେ। ସର୍ବଭାରତୀୟ ସ୍ତରରେ ୮୪ଜଣ ବର୍ଷୀୟାନ କଳାକାର ଏହି ପୁରସ୍କାର ପାଉଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶାର ୪ଜଣ ହେଲେ - ନାଟକ କ୍ଷେତ୍ରରେ ଅନନ୍ତ ମହାପାତ୍ର, ଲୋକସଙ୍ଗୀତ ବ୍ରହ୍ମବୀଣା ପାଇଁ ଆନନ୍ଦ ବାଗ, ଛଉନୃତ୍ୟ ପାଇଁ ସିଦ୍ଧେଶ୍ୱର ଦାସ ଓ ଗୋଟିପୁଅ ନୃତ୍ୟ ପାଇଁ ଗୋବିନ୍ଦ ଚନ୍ଦ୍ର ପାଲ୍। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ତାମ୍ରପାତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଏ ନେଇ ଏକାଡେମୀ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଜାତୀୟ ପୁରସ୍କାର ପାଇ ନ ଥିବା ୭୫ବର୍ଷରୁ ଊର୍ଦ୍ଧ୍ୱ ବୟସର କଳାକାରଙ୍କୁ ଏହି ପୁରସ୍କାର ଦିଆଯାଉଛି।

# ସିପା, ଲିପାଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣକଲେ ବେଙ୍ଗାଲୁରୁ ଦମ୍ପତି

କଟକ,୧୫।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଶିଶୁକନ୍ୟା ସିପା ଓ ଲିପାଙ୍କୁ ମିଳିଲା ନୂଆ ଠିକଣା। ବେଙ୍ଗାଲୁରୁର ରାହୁଲ ଆଇଜାକ୍ ଓ ଆଞ୍ଜେଲିନ କୁଚିବିଲା କଟକସ୍ଥିତ ବସୁନ୍ଧରାରୁ ଆଇନଗତ ଭାବେ ସିପା ଓ ଲିପା ଦୁଇ ଭଉଣୀଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏଥିପାଇଁ ବେଙ୍ଗାଲୁରୁ ଦମ୍ପତିଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅତିରିକ୍ତ ଜିଲାପାଳ (ଉନ୍ନୟନ ଓ ରାଜସ୍ୱ) ଉମାକାନ୍ତ ରାଜଙ୍କ ଉପସ୍ଥିତିରେ ଶିଶୁକନ୍ୟାଦ୍ୱୟଙ୍କୁ ସେମାନଙ୍କ ନୂତନ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଥିଲା। ଶିଶୁକନ୍ୟାଦ୍ୱୟଙ୍କୁ ପରିବାର, ମାତାପିତା ଓ ପରିଚୟ ମିଳିପାରିଥିବାରୁ ଅତିରିକ୍ତ ଜିଲାପାଳ ରାଜ୍ ସନ୍ତୋଷ ବ୍ୟକ୍ତ କରିଥିଲେ। ରାହୁଲ ଓ ଆଞ୍ଜେଲିନଙ୍କ ଏଭଳି କାର୍ଯ୍ୟ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ସେ ମତ ଦେଇଥିଲେ।



ସିପା ଓ ଲିପାଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଥିବା ବେଙ୍ଗାଲୁରୁ ଦମ୍ପତି।

ସୂଚନାଯୋଗ୍ୟ, ୨୦୨୧ରେ ଜଗତପୁର ଅଞ୍ଚଳରୁ ଶିଶୁକନ୍ୟାଦ୍ୱୟଙ୍କୁ ବସୁନ୍ଧରା ପକ୍ଷରୁ ଉଦ୍ଧାର କରାଯାଇଥିଲା। ଜଣଙ୍କର ବୟସ ଅଢ଼େଇବର୍ଷ ହୋଇଥିବାବେଳେ ଅନ୍ୟ ଜଣଙ୍କ ବୟସ ୪ ବର୍ଷ। ୨୦୨୨ ଜାନୁୟାରୀ ୧୦ରେ ରାହୁଲ ଓ ଆଞ୍ଜେଲିନ ଉଭୟ ଶିଶୁକନ୍ୟାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ପାଇଁ ଆବେଦନ କରିଥିଲେ। ଏହାପରେ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସଂସାଧନ କର୍ତ୍ତୃପକ୍ଷ ବିନା ଆପତ୍ତିରେ ଏହି ଦମ୍ପତିଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ କରିବା ନିମନ୍ତେ ଗତ ଜୁଲାଇ ୧୫ରେ ଅନୁମତି ପ୍ରଦାନ କରିଥିଲେ। ସିପା ଓ ଲିପାଙ୍କ ବାପା ପେସାରେ ଜଣେ ମାର୍କେଟିଂ ମ୍ୟାନେଜର ଓ ମାତା ବରିଷ୍ଠ ପରିସଂଖ୍ୟାନ ପରିଚାଳନା ଅଧିକାରୀ ଭାବେ କାର୍ଯ୍ୟରତ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ରାହୁଲ ଓ ଆଞ୍ଜେଲିନ କହିଛନ୍ତି, ସିପା ଏବଂ ଲିପା ସେମାନଙ୍କୁ ଖୁବ୍ ଭଲ ପାଉଛନ୍ତି। ସେମାନେ ମଧ୍ୟ ଦୁଇ ଶିଶୁକନ୍ୟାଙ୍କୁ ଅଧିକ ଭଲ ପାଉଛନ୍ତି। ସିପା ଓ ଲିପାଙ୍କର ନୂତନ ଜୀବନ ଯାତ୍ରାରେ ପ୍ରଶାସନର ସହଯୋଗ ଏକ ନୂତନ ପ୍ରେରଣା ଯୋଗାଇବ।




# ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ ବୃଦ୍ଧିକୁ ଗୁରୁତ୍ୱ

## ଜିଏସ୍‌ଏସ୍‌ଇ୨୦୨୩ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୯ (ଅଭୟ ଦାଶ)



ମୁମ୍ବାଇଠାରେ ଆୟୋଜିତ ଗ୍ଲୋବାଲ ଷ୍ଟେନ୍‌ଲେସ୍-ଷ୍ଟିଲ୍ ଏକ୍ସପୋ-୨୦୨୩ (ଜିଏସ୍‌ଏସ୍‌ଇ୨୦୨୩)ର ଉଦ୍‌ଘାଟନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏକ ମହତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ବିଶେଷକରି ରାଜ୍ୟ ମଧ୍ୟରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ ବୃଦ୍ଧିକୁ ଗୁରୁତ୍ୱ ପ୍ରଦାନ ସହ ଓଡ଼ିଶା ସରକାର ଏକ ସ୍ୱତନ୍ତ୍ର ସବ୍‌ସିଡି ଯୋଜନା ମଧ୍ୟ ପ୍ରଣୟନ କରିଛନ୍ତି ବୋଲି ଶର୍ମା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜିଏସ୍‌ଏସ୍‌ଇ-୨୦୨୩ ଉଦ୍‌ଘାଟନୀ ଉତ୍ସବରେ ହେମନ୍ତ ଶର୍ମାଙ୍କ ସମେତ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଜିଏସ୍‌ଏସ୍‌ଇ ପରିଚାଳନା କମିଟିର ସଦସ୍ୟ ତଥା ଇସ୍ପାତ ମନ୍ତ୍ରଣାଳୟର ପୂର୍ବତନ ସଚିବ ଡ. ଅରୁଣା ଶର୍ମା ଏବଂ ଭିରଗୋ କମ୍ୟୁନିକେଶନ ଏବଂ ଏକ୍ସିବିସନର ନିର୍ଦ୍ଦେଶିକା ଅନୀଥା ରଘୁନାଥ ପ୍ରମୁଖଙ୍କ ଦ୍ୱାରା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ କହିଛନ୍ତି, ଷ୍ଟେନ୍‌ଲେସ୍ ଷ୍ଟିଲ୍ ସର୍ବତ୍ର ଅଛି ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ ଏବଂ ଜି ୨୦ ପରି ଏକ ବଡ଼ କାର୍ଯ୍ୟକ୍ରମ ପାଇଁ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବ୍ୟବହାର ରାସ୍ତାର ଶୋଭା ବଢ଼ାଇଛି। ଏପରିକି ନିକଟରେ ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ସମୟରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଚନ୍ଦ୍ରରେ ପହଞ୍ଚିବାର ସାକ୍ଷୀ ହେବା ଏକ ଐତିହାସିକ ମୁହୂର୍ତ୍ତ ଥିଲା। ସେ ତାଙ୍କ କମ୍ପାନୀ ଦ୍ୱାରା ଓଡ଼ିଶାର ଇଣ୍ଡଷ୍ଟ୍ରିଆଲ୍ ପାର୍କ ଇନ୍-ମେକିଂ ଉପରେ ମତ ଦେଇ କହିଛନ୍ତି, ଶିଳ୍ପକୁ ମଜଭୁତ କରିବାର ଦୃଷ୍ଟିକୋଣ ସହ ଏହା ଭାରତର ପ୍ରଥମ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ୍ ପାର୍କ। ସେହିଭଳି ହେମନ୍ତ ଶର୍ମା କହିଛନ୍ତି, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏବଂ ଖଣିଜ କ୍ଷେତ୍ର ପାଇଁ ଓଡ଼ିଶା ଉଲ୍ଲେଖନୀୟ ଅବଦାନ ଦେଉଛି। ଭାରତରେ ଲୁହାପଥର ଏବଂ ବକ୍ସାଇଟ୍‌ର ଏକ ବୃହତମ ଉତ୍ପାଦକ ହେବା ପ୍ରକୃତରେ ଏକ ଉଲ୍ଲେଖନୀୟ ସଫଳତା ।

ଉକ୍ତ କାର୍ଯ୍ୟକ୍ରମରେ ଇସ୍ପାତ ମେଣ୍ଟ ଦ୍ୱାରା 'ଭାରତର ଅମୃତ କାଳ' ଶୀର୍ଷକ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିଷୟ ଉପରେ ଏକ ସ୍ୱତନ୍ତ୍ର ରିପୋର୍ଟ ଉନ୍ମୋଚିତ ହୋଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୫।୯

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଶୁକ୍ରବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧୯.୬୩ ପଏଣ୍ଟ ବଢି ୬୭,୮୩୮.୬୩ ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୯.୨୫ ପଏଣ୍ଟ ବୃଦ୍ଧି ଘଟି ୨୦,୧୯୨.୩୫ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ଜିଓ ଟ୍ରୁ ୫ଜିର କ୍ୟାମ୍ପସ ଅଭିଯାନ

ଭୁବନେଶ୍ୱର,୧୫।୯




ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ଟ୍ରଷ୍ଟ ଫଣ୍ଡ କଲେଜ (ବରଗଡ), ତାଳଚେର ଅଟୋନମସ କଲେଜ (ତାଳଚେର), ବିନାୟକ ଆଚାର୍ଯ୍ୟ କଲେଜ (ବ୍ରହ୍ମପୁର) ଏବଂ ଦେବରାୟ ନୟାପଲ୍ଲୀ କଲେଜ (ଭୁବନେଶ୍ୱର) ଆନୁଷ୍ଠାନିକ ଭାବେ ରିଲାଏନ୍ସ ଜିଓର ଜିଓ ଟ୍ରୁ ୫ଜି କ୍ୟାମ୍ପସ ଅଭିଯାନରେ ସାମିଲ ହୋଇଛନ୍ତି। ଏହା ପୂର୍ବରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ରାଜଗାଙ୍ଗପୁର ଏସ ଡି ମହିଳା ମହାବିଦ୍ୟାଳୟ, କଟକ ଡ୍ରିମ୍ସ, କୋଣାର୍କ ଭଗବତୀ କଲେଜ, ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ, ଖୋର୍ଦ୍ଧା ଗୀତା କଲେଜ, ରାଉରକେଲା ଏସ.କେ.ଡ଼ିଏଭି ପଲିଟେକ୍ନିକ କଲେଜ, ଭଦ୍ରକ ଅଟୋନମସ କଲେଜ ଏବଂ କେନ୍ଦୁଝର ଜିଲ୍ଲା ରେକୁଟିଆ ସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଭଳି ଅନେକଗୁଡିଏ ଶିକ୍ଷାନୁଷ୍ଠାନ ଉକ୍ତ ଅଭିଯାନରେ ସାମିଲ ହୋଇସାରିଛନ୍ତି। ଏପରିକି ନିକଟରେ ରିଲାଏନ୍ସ ଜିଓର ଓଡିଶା ୟୁନିଟ ପକ୍ଷରୁ 'ଜିଓ ଟ୍ରୁ ୫ଜି' କ୍ୟାମ୍ପସ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ବିଶେଷ କରି ଶିକ୍ଷା କ୍ଷେତ୍ରରେ ଟ୍ରୁ-୫ଜିର ବ୍ୟାପକ ସୁଯୋଗ ଓ ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଓ ପକ୍ଷରୁ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ପରିସରଗୁଡ଼ିକରେ ଜିଓ ଟ୍ରୁ-୫ଜି ରୂପାନ୍ତରଣ ଯାତ୍ରା ଜାରି ରହିଛି। ସେହିଭଳି ଏହି ଶିକ୍ଷାନୁଷ୍ଠାନଗୁଡିକରେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମରେ ରିଲାଏନ୍ସ ଜିଓ ପକ୍ଷରୁ ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ତୃପକ୍ଷଙ୍କୁ ୫ଜି ସେବା ସମ୍ପର୍କିତ ସୂଚନା ଓ ବିଭିନ୍ନ ବ୍ୟବହାରିକ ପ୍ରୟୋଗ ପ୍ରଦର୍ଶିତ କରାଯାଇଥିଲା।

## ୟୁଏଆଇଏଲ୍‌ର ପ୍ରୋଜେକ୍ଟ 'କୁଶଳୀ'

ଭୁବନେଶ୍ୱର,୧୫।୯

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ ସଂସ୍ଥା ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ (ୟୁଏଆଇଏଲ୍)ର ପ୍ରୋଜେକ୍ଟ 'କୁଶଳୀ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମେସର୍ସ ଗଣେଶ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ସହଯୋଗରେ ଉକ୍ତ ପ୍ରକଳ୍ପ ଆରମ୍ଭ ହୋଇଛି। ବିଶେଷକରି ଗ୍ରାମାଞ୍ଚଳରେ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଏହାର ମୂଳ ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୨ ଏପ୍ରିଲ ୧୩ରେ ରାୟଗଡ଼ା ଜିଲାର କାଶୀପୁର ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମ ଏବଂ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଆରମ୍ଭ ହୋଇଥିବା ଉକ୍ତ ପ୍ରକଳ୍ପ ବେଶ୍ ପ୍ରଭାବଶାଳୀ ହୋଇପାରିଛି। ଏପରିକି ଏ ପର୍ଯ୍ୟନ୍ତ ୧୫୦ ଯୁବକ ଏହାଦ୍ୱାରା ଉପକୃତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ସମ୍ପ୍ରତି ଡ୍ରାଇଭର ଭାବେ ନିଯୁକ୍ତି ପାଇଛନ୍ତି। ଏ ସମ୍ପର୍କରେ ଉତ୍କଳ ଆଲୁମିନାର ୟୁନିଟ୍ ହେଡ୍ ଆଣ୍ଡ ପ୍ରେସିଡେଣ୍ଟ ମଜହର ବେଗ୍ କହିଛନ୍ତି, ଏହା ଜରିଆରେ ଆମେ କେବଳ ଅତ୍ୟାବଶ୍ୟକ ଡ୍ରାଇଭିଂ କୁଶଳତା ଯୋଗାଇ ଦେଉନାହୁଁ, ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଏବଂ ଆତ୍ମବିଶ୍ୱାସ ଭାବ ଅନ୍ତର୍ନିବିଷ୍ଟ କରିପାରିଛୁ। ସେମାନଙ୍କର ସଫଳତା ଉକ୍ତ କାର୍ଯ୍ୟକ୍ରମର ପ୍ରଭାବ ଏବଂ ଦୀର୍ଘସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ ଏହାର ସାମର୍ଥ୍ୟର ନିଦର୍ଶନ ହୋଇଛି। ଉଭୟ ଲିଖିତ ଜ୍ଞାନ ଏବଂ ବ୍ୟବହାରିକ ଅନୁଭୂତି ଉପରେ ଦୃଷ୍ଟିନିବଦ୍ଧକରି ଏହି ଏକ ମାସ ଅବଧିର ତାଲିମ କାର୍ଯ୍ୟକ୍ରମ ଏହା ସୁନିଶ୍ଚିତ କରୁଛି ଯେ ଅଂଶଗ୍ରହଣକାରୀମାନେ ନିରାପଦ ଗାଡ଼ି ଚାଳନା କୌଶଳ ଶିକ୍ଷା ଲାଭ କରୁଛନ୍ତି। ଏହି ପାଠ୍ୟକ୍ରମରେ ମୌଳିକ କାର୍ ନିୟନ୍ତ୍ରଣ କୁଶଳତା, ଗାଡ଼ି ଚାଳନା କୌଶଳ ଏବଂ ଟ୍ରାଫିକ ନିୟମ ଓ ନିୟାମକ ବ୍ୟବସ୍ଥା ସମ୍ପର୍କରେ ଗଭୀର ଭାବେ ବୁଝିବା ବିଷୟ ଆଦି ରହିଛି। ଏହି କାର୍ଯ୍ୟକ୍ରମ ପୂର୍ଣ୍ଣାଙ୍ଗ କରିବା ପରେ ଅଂଶଗ୍ରହଣକାରୀଙ୍କୁ ଗାଡ଼ି ଚାଳନା ଲାଇସେନ୍ସ ପ୍ରଦାନ କରାଯାଉଛି।




ନୂଆଦିଲ୍ଲୀର ହୋଟେଲ ତାଜମହଲଠାରେ 'ଉତ୍ତରାଖଣ୍ଡ ଗ୍ଲୋବାଲ ଇନ୍‌ଭେଷ୍ଟର ସମିଟ୍: କର୍ଟେନ ରେଜର' ଶୀର୍ଷକ କାର୍ଯ୍ୟକ୍ରମ ନିକଟରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମ ଡେଷ୍ଟିନେଶନ ଉତ୍ତରାଖଣ୍ଡ-ଗ୍ଲୋବାଲ୍ ଇନ୍‌ଭେଷ୍ଟର୍ସ ସମ୍ମିଳନୀ-୨୦୨୩ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡ ସରକାର ଆଇଟିସି, ମହିନ୍ଦ୍ରା ହୋଲିଡେଜ୍ ଆଣ୍ଡ ରେସର୍ଟ ଇଣ୍ଡିଆ ଲିମିଟେଡ୍ ଏବଂ ଇ-କୁବେର ଭଳି ସଂସ୍ଥା ସହ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧାମି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## କ୍ରମ୍ପଟନ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୫।୯

କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌ର ନୂତନ ଉତ୍ପାଦକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି କମ୍ପାନୀର ଗ୍ରାଇଣ୍ଡିଂରେ ଆଶ୍ୱସ୍ତ ଦେଉଥିବା ପାୱାର ଟ୍ରେନ୍ ମଟରଚାଳିତ ଡୁରୋ ଇଲାଇଟ ପ୍ଲସ୍, ଡୁରୋ ରୟାଲ, ବୋଲ୍ଟମିକ୍ସ ପ୍ରୋ , ବୋଲ୍ଟମିକ୍ସ କୁଲକୁ ବଜାର ପ୍ରବେଶ କରାଯାଇଛି। ଏପରିକି ଆଧୁନିକ ଭାରତୀୟ ରୋଷେଇକୁ ପୁନଃ ପରିଭାଷିତ କରିବା ପାଇଁ ପ୍ରସ୍ତୁତ ଏହି ଅତ୍ୟାଧୁନିକ ଗ୍ରାଇଣ୍ଡରର ଆକାର ଏବଂ କାର୍ଯ୍ୟରେ ବିଶେଷତ୍ୱ ରହିଛି। ସେହିଭଳି ଡୁରୋ ରୟାଲ ଏବଂ ବୋଲ୍ଟମିକ୍ସ ପରିସର ମୂଳରେ ଏକ ଚିନ୍ତାପୂର୍ବକ ଇଞ୍ଜିନିୟରିଂ କାର୍ଯ୍ୟ କରାଯାଇଥିବା ବେଳେ ଆଧୁନିକ ଭାବେ ଡିଜାଇନ ହୋଇଛି, ଯାହା ସ୍ଥାୟିତ୍ୱ ପ୍ରଦାନ କରିଥାଏ ଏବଂ ସମ୍ପ୍ରସାରିତ ବ୍ୟବହାର ବେଳେ ମଧ୍ୟ ନିରବଚ୍ଛିନ୍ନ ପ୍ରଦର୍ଶନ କରିଥାଏ ଏବଂ ଲମ୍ବା ସମୟ ଧରି ଗ୍ରାଇଣ୍ଡିଂ ଅଧିବେଶନରେ ହଠାତ୍ ବନ୍ଦ ହୋଇଯାଏ ନାହିଁ। ଏ ସମ୍ପର୍କରେ କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌ର ପିଏଲ୍ ହେଡ୍ (ଛୋଟ ଘରୋଇ ଉପକରଣ) କେତନ ଚୌଧରୀ କହିଥିଲେ, ଘର ରନ୍ଧାର କଳାରେ ବିପ୍ଳବ ଆଣି କ୍ରମ୍ପଟନ ନିରନ୍ତର ଭାବେ ଏହାର ଟେକ୍ନୋଲୋଜିକାଲ ବିଶେଷଜ୍ଞତା ଦ୍ୱାରା ଆଧୁନିକ ରୋଷେଇକୁ ନିର୍ମାଣ କରିଛି। ଆମର ଗ୍ରାହକମାନଙ୍କୁ ଗଭୀର ଭାବେ ବୁଝିବାର ସମର୍ଥନରେ ଆମ ନବୀନତମ ମିକ୍ସର ପରିସର ଆଧୁନିକ ଜୀବନଶୈଳୀ ଅନୁରୂପ ଅଭିନବତ୍ୱ ବିତରଣ କରିବାରେ ଅବିଚଳିତ ଭାବେ ଧ୍ୟାନ କେନ୍ଦ୍ରିତ କରିଛି। ତେଣୁ ଯେକୌଣସି ବ୍ୟଞ୍ଜନର ପ୍ରାମାଣିକ ସ୍ୱାଦକୁ ସୁନିଶ୍ଚିତ କରିବାକୁ ସମାନ ଭାବେ ସୂକ୍ଷ୍ମ ଗ୍ରାଇଣ୍ଡିଂର କଳାରେ ସଠିକତା ଆଣିବା ପାଇଁ ଆମେ ସାହସିକ ପଦକ୍ଷେପ ନେଇଛୁ । ନା କେବଳ ଉତ୍ପାଦ ପ୍ରସ୍ତୁତ କରିବାରେ ବରଂ ବ୍ୟଞ୍ଜନରେ ଉନ୍ନତ ଆଣୁଥିବା ଓ ସ୍ୱାଦ କଳିକୁ ପ୍ରସନ୍ନ କରୁଥିବା ରୋଷେଇ ଅନୁଭୂତିରେ ମଧ୍ୟ ଏହି ଅଭିନବତ୍ୱ ଦୈନନ୍ଦିନ ଜୀବନର ଅନୁଭୂତିକୁ ଭଲରୁ ଭଲ କରିବାର ଆମର ପ୍ରକୃତି ଅନୁରୂପ ହୋଇଥାଏ।

## ବିଶ୍ୱ ଓଜୋନ ଦିବସ

# ଓଜୋନ ରହିଲେ ଜୀବନ ରହିବ

'ଓଜନ' ଓ 'ଓଜୋନ' - ଏହି ଶବ୍ଦ ଦୁଇଟା ପରସ୍ପରଠାରୁ ସମ୍ପୂର୍ଣ୍ଣ ଅଲଗା । 'ଓଜନ' କହିଲେ ମାପକୁ ବୁଝାଏ, କିନ୍ତୁ 'ଓଜୋନ' ହେଉଛି ବାଷ୍ପ, ଯେଉଁ ବାଷ୍ପ ବାୟୁମଣ୍ଡଳରେ ରହି ଆମ ଜୀବନକୁ ରକ୍ଷା କରୁଛି । ଆମେ ବଞ୍ଚିବା ପାଇଁ ଅମ୍ଳଜାନ ବାଷ୍ପ ଗ୍ରହଣ କରୁ । ଅମ୍ଳଜାନ ବାଷ୍ପରେ ଅମ୍ଳଜାନ ଅଣୁ ଥାଏ । ପ୍ରତ୍ୟେକ ଅମ୍ଳଜାନ ଅଣୁରେ ଦୁଇଟା ଅମ୍ଳଜାନ ପରମାଣୁ (କଣିକା) ଥାଏ । କିନ୍ତୁ ଦୁଇଟା ବଦଳରେ ତିନିଟା ଅମ୍ଳଜାନ କଣିକା ମିଶିଲେ ଓଜୋନ ବାଷ୍ପ ତିଆରି ହୁଏ । ଓଜୋନ ବାଷ୍ପରେ ଓଜୋନ ଅଣୁ ଥାଏ । ଓଜୋନ ବାଷ୍ପକୁ ପ୍ରକୃତି ତିଆରି କରିଛି ଓ ଆମ ପାଇଁ ବାୟୁମଣ୍ଡଳରେ ରଖିଛି । ବାୟୁମଣ୍ଡଳର ସମତାପ ମଣ୍ଡଳରେ ଭୂଇଁଠାରୁ ୮ କି.ମି. ରୁ ୫୦ କି.ମି. ଉଚ୍ଚତା ଭିତରେ ଓଜୋନ ବାଷ୍ପର ମୋଟା ସ୍ତର ରହିଛି । ତାହାକୁ ଆମେ 'ଓଜୋନ ସ୍ତର' ବୋଲି କହୁ । ଆଲୋକ ଓ ଉତ୍ତାପ ସହିତ ସୂର୍ଯ୍ୟକିରଣରେ ଅନେକ ପ୍ରକାର ରଶ୍ମି ପୃଥିବୀକୁ ଆସୁଛି । ସବୁ ରଶ୍ମି ଆମ ପାଇଁ ଉପକାରୀ ନୁହେଁ । କେତେକ ଅତି ମାରାତ୍ମକ । ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନର ସ୍ତର ଭୂପୃଷ୍ଠକୁ ଛାଡେ ନାହିଁ । ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣି-ଖ' (ୟୁ.ଭି.-ବି) । ଏହି ବିକିରଣ ଆମ ଶରୀରରେ ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ପରଳ ସୃଷ୍ଟି କରିପାରେ । ଏହି ବିକିରଣ ମଧ୍ୟ କୃଷି ଉତ୍ପାଦନ ଉପରେ କୁପ୍ରଭାବ ପକାଇଥାଏ । ସୂର୍ଯ୍ୟ କିରଣରେ ଏହି ଅତିବାଇଗଣି ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ । ମାଛ ଯାଆଁଳା ଠିକ୍ ଭାବରେ ବଢ଼ିପାରନ୍ତି ନାହିଁ । ଅତିବାଇଗଣି ବିକିରଣ ଦ୍ୱାରା ଘର, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡ଼ିଯାଏ । ପ୍ରତିବର୍ଷ ପ୍ରାୟ ୧,୩୦,୦୦୦ ବ୍ୟକ୍ତି ଚର୍ମକର୍କଟ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ଓ ୬୬,୦୦୦ ବ୍ୟକ୍ତି ଚର୍ମକର୍କଟରେ ପ୍ରାଣ ହରାନ୍ତି । ତେଣୁ 'ଅତିବାଇଗଣି-ଖ' ବିକିରଣ ଆମ ପାଇଁ ବିପଦ । କିନ୍ତୁ ବାୟୁମଣ୍ଡଳରେ ଥିବା ଓଜୋନସ୍ତର ଏହି ମାରାତ୍ମକ ବିକିରଣକୁ ଶୋଷିନିଏ । ଓଜୋନସ୍ତର ନଥିଲେ ପୃଥିବୀପୃଷ୍ଠରେ ହୁଏତ ଆଜିର ଜୀବଜଗତ ସମ୍ଭବ ହୋଇପାରି ନଥାନ୍ତା । ତେଣୁ ଓଜୋନସ୍ତର ଆମର ରକ୍ଷାକାରୀ ଚଦର ପରି କାର୍ଯ୍ୟ କରୁଛି ।



**ଓଜୋନ ସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର । ଏହାକୁ ସାଇତି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । କେବଳ ଆଜି ନୁହେଁ, ସବୁ ଦିନ ଏହାକୁ ମନେ ରଖିବା ।**

୧୯୧୩ ମସିହାରେ ଓଜୋନ ସ୍ତର ଅଛି ବୋଲି ଜଣାପଡ଼ିଲା । ୧୯୭୦ ଦଶକରେ ଜଣାପଡ଼ିଲା ଯେ ବାୟୁମଣ୍ଡଳରେ ରହିଥିବା ଓଜୋନ ବାଷ୍ପର ସ୍ତର ପତଳା ହେଉଛି । ପତଳା ସ୍ତରକୁ 'ଓଜୋନ ଗର୍ତ୍ତ' (ଓଜୋନ୍ ହୋଲ୍) ବୋଲି କୁହାଗଲା । ଏହା ସମସ୍ତଙ୍କୁ ଭୟଭୀତ କରିଥିଲା । ସ୍ତର ପତଳା ହେବା ପଛରେ ରହିଥିବା କାରଣ ଖୋଜା ଚାଲିଲା । ଅନେକ କାରଣ ଭିତରୁ ମୁଖ୍ୟ କାରଣ ଥିଲା ସି.ଏଫ୍.ସି. (କ୍ଲୋରୋ-ଫ୍ଲୋରୋ-କାର୍ବନ୍) ବାଷ୍ପର ବହୁଳ ବ୍ୟବହାର । ବିଭିନ୍ନ ସୌଖୀନଦ୍ରବ୍ୟ, ଫୋମ୍, ଏରୋସୋଲ ସ୍ପ୍ରେ, ରେଫ୍ରିଜରେଟର ଓ ଏ.ସି. ଇତ୍ୟାଦିରେ ଏହି ସି.ଏଫ୍.ସି. ବାଷ୍ପ ବ୍ୟବହାର କରାଯାଏ । ଆମେ ବ୍ୟବହାର କରୁଥିବା ସି.ଏଫ୍.ସି. ବାଷ୍ପ ଦ୍ୱାରା ଓଜୋନ ବାଷ୍ପର ଅଣୁ ଭାଙ୍ଗିଯାଏ ଓ ବାୟୁମଣ୍ଡଳର ଓଜୋନ ସ୍ତର ନଷ୍ଟ ହୁଏ । ସି.ଏଫ୍.ସି. ବାଷ୍ପ ବ୍ୟତୀତ ମିଥାଇଲ ବ୍ରୋମାଇଡ୍ କୀଟନାଶକର ବ୍ୟବହାର ମଧ୍ୟ ଓଜୋନସ୍ତରକୁ ନଷ୍ଟ କରିବାରେ ସହାୟତା କରେ । ହାଲୋନ୍, କାର୍ବନ୍-ଟେଟ୍ରା କ୍ଲୋରାଇଡ୍, ମିଥାଇଲ କ୍ଲୋରୋଫର୍ମ, ହାଇଡ୍ରା କ୍ଲୋରୋଫ୍ଲୋରୋକାର୍ବନ୍ ଇତ୍ୟାଦିର ଉପସ୍ଥିତି ମଧ୍ୟ ଓଜୋନ ସ୍ତରକୁ ନଷ୍ଟ କରୁଛି । ତେଣୁ ଓଜୋନସ୍ତରକୁ ନଷ୍ଟ କରୁଥିବା ବିଭିନ୍ନ କାରକଗୁଡିକ ସମ୍ପର୍କରେ ଆମେ ସମସ୍ତେ ଜାଣିବା ଜରୁରୀ । ଆମେ ସଚେତନ ହେଲେ ଏହି ବାଷ୍ପର ବ୍ୟବହାର ଉପରେ କଟକଣା ଲାଗିପାରିବ । ସେହି ସଚେତନତା ସୃଷ୍ଟି କରିବା ସକାଶେ ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ୧୯୯୫ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ ସାରା ପୃଥିବୀରେ 'ବିଶ୍ୱ ଓଜୋନ ଦିବସ' ନାମରେ ପାଳନ କରାଯାଇ ଆସୁଛି । ଏବେ ମାରାତ୍ମକ ସି.ଏଫ୍.ସି. ବାଷ୍ପ ବଦଳରେ କମ୍ ବିପଦପୂର୍ଣ୍ଣ ବାଷ୍ପ ଏଚ୍. ସି.ଏଫ୍.ସି. ବ୍ୟବହୃତ ହେଉଛି ।

ଆଜି ବାୟୁମଣ୍ଡଳରେ ଓଜୋନ ବାଷ୍ପର ସ୍ତରକୁ ସୁରକ୍ଷିତ ରଖିବା ପଛରେ ଯାହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି, ତାହାର ନାମ 'ମଂଟ୍ରିଲ ପ୍ରୋଟକଲ' । ୧୯୮୭ ମସିହା ସେପ୍ଟେମ୍ବର ୧୬ ତାରିଖରେ ୩୬ଟି ଦେଶକୁ ନେଇ କାନାଡାର ମଂଟ୍ରିଲ୍‌ଠାରେ ଏକ ଚୁକ୍ତି (ରାଜିନାମା) ସ୍ୱାକ୍ଷରିତ ହୋଇଥିଲା । ଏହି ରାଜିନାମାକୁ କୁହାଯାଏ 'ମଂଟ୍ରିଲ ପ୍ରୋଟକଲ' । ଓଜୋନ କ୍ଷୟକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏଥିରେ ବର୍ଣ୍ଣନା କରାଯାଇଥିଲା । ଏହି ଚୁକ୍ତିକୁ ସମ୍ମାନ ଜଣାଇ ସାରା ପୃଥିବୀରେ ଓଜୋନସ୍ତରକୁ ନଷ୍ଟ କରୁଥିବା ରାସାୟନିକ ଦ୍ରବ୍ୟଗୁଡିକର ଉତ୍ପାଦନକୁ ବନ୍ଦ ରଖାଯାଇଛି । ସେଥିପାଇଁ ଆଜି ଓଜୋନସ୍ତରକୁ ସୁରକ୍ଷିତ ରଖାଯାଇ ପାରିଛି । ସେହି ଚୁକ୍ତିକୁ ସମ୍ମାନ ଜଣାଇ ୨୦୨୩ ମସିହାରେ ବିଶ୍ୱ ଓଜୋନ ଦିବସ ପାଇଁ ଏକ ବାର୍ତ୍ତା ରଖାଯାଇଛି, ଯାହାକୁ ଇଂଲିଶରେ କୁହାଯାଉଛି - 'ଫିକ୍‌ସିଙ୍ଗ୍ ଦ ଓଜୋନ୍ ଲେୟାର ଆଣ୍ଡ ରିଡ୍ୟୁସିଙ୍ଗ୍ କ୍ଲାଇମେଟ୍ ଚେଞ୍ଜ' । ତେଣୁ ଆଜି ବାର୍ତ୍ତା ମାଧ୍ୟମରେ ଓଜୋନ ସ୍ତରକୁ ସୁସ୍ଥ କରିବା ସହିତ ଜଳବାୟୁର ପରିବର୍ତ୍ତନକୁ କମ୍ କରିବା ସକାଶେ ପୃଥିବୀବାସୀଙ୍କୁ ଆହ୍ୱାନ ଦିଆଯାଉଛି । ୧୯୮୦ ମସିହାରେ ଏହି ସ୍ତର ଯେଉଁ ଅବସ୍ଥାରେ ଥିଲା, ୨୦୬୬ ମସିହା ସୁଦ୍ଧା ସେହି ଅବସ୍ଥାକୁ ଆଣିବା ପାଇଁ ଚେଷ୍ଟା କରାଯାଉଛି । ୨୧୦୦ ମସିହା ସୁଦ୍ଧା ବାୟୁମଣ୍ଡଳର ହାରାହାରି ତାପମାତ୍ରାକୁ ଅଧଡିଗ୍ରୀ ସେଲସିୟସ୍ କମ୍ କରିବା ଯୋଜନା ରହିଛି । ବାୟୁମଣ୍ଡଳର ହାରାହାରି ତାପମାତ୍ରାରେ ଅଧଡିଗ୍ରୀ ସେଲସିୟସ୍ କମିଗଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ । ଦୀର୍ଘ ବର୍ଷ ଧରି 'ମଂଟ୍ରିଲ ଚୁକ୍ତି' ଆମର ସ୍ୱାସ୍ଥ୍ୟ ଓ ପରିବେଶକୁ ଉପଶମ କରିଆସିଛି । ଆଜି ୨୦୨୩ ପରେ ମଧ୍ୟ ଅନେକ ଦ୍ରବ୍ୟର ଉତ୍ପାଦନକୁ ବନ୍ଦ ରଖିବାର ପ୍ରସ୍ତାବ ରହିଛି । 'ମଣ୍ଟ୍ରିଲ ପ୍ରୋଟୋକଲ'ରେ କେତେକ ସୁଧାର ଅଣାଯାଇ କମ୍ ବିପଦପୂର୍ଣ୍ଣ ବାଷ୍ପ ଏଚ୍. ସି.ଏଫ୍.ସି.ର ଉତ୍ପାଦନ ଓ ବ୍ୟବହାରକୁ ମଧ୍ୟ ଆହୁରି କମ୍ କରାଯାଉଛି । 'ମଣ୍ଟ୍ରିଲ ପ୍ରୋଟୋକଲ' ନ ଥିଲେ ଆଜି ବାୟୁମଣ୍ଡଳର ତାପମାତ୍ରା ମଧ୍ୟ ଆହୁରି ବୃଦ୍ଧିପାଇଥାନ୍ତା ।

ପ୍ରତିବର୍ଷ ବାର୍ତ୍ତା ବଦଳିପାରେ, ପ୍ରତିବର୍ଷ କାର୍ଯ୍ୟ ବଦଳିପାରେ, କିନ୍ତୁ ସବୁ ବାର୍ତ୍ତା ଓ କାର୍ଯ୍ୟ ପଛରେ ଗୋଟିଏ ଉଦ୍ଦେଶ୍ୟ ରହିଥିବ । ତାହା ହେଉଛି - ଓଜୋନ ସ୍ତରର ସୁରକ୍ଷା । ଓଜୋନ ସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର । ଏହାକୁ ସାଇତି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । କେବଳ ଆଜି ନୁହେଁ, ସବୁ ଦିନ ଏହାକୁ ମନେ ରଖିବା । ଏହି ବିଷୟରେ ଆମେ ନିଜେ ସଚେତନ ହେବା ଓ ଅନ୍ୟକୁ ସଚେତନ କରିବା । ନ ହେଲେ ଆମର ସୁନ୍ଦର ପୃଥିବୀ ଗ୍ରହ ବାସ ଉପଯୋଗୀ ରହିପାରିବ ନାହିଁ । ଓଜୋନ ସ୍ତର ନ ରହିଲେ, ଆମେ ରହିବା ନାହିଁ ।

**-ଡ. କମଳାକାନ୍ତ ଜେନା,**
ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ଫୁରସତ୍

## ମା'ଙ୍କ ପାଇଁ କାମ ମାଗୁଛନ୍ତି ଈଶା



**ମୁମ୍ବାଇ:** ବଲିଉଡ ଇଣ୍ଡଷ୍ଟ୍ରିର ନାମୀ ନାୟିକା ହେମାମାଳିନୀ କିଛି ଦଶକ ଧରି ଅଭିନୟର ଯାଦୁରେ ଦର୍ଶକଙ୍କ ନିକଟତର ହେବା ସହ ରାଜନୀତିରେ ନିଜ ପାଇଁ ତିଆରି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ଶେଷଥର ପାଇଁ ତାଙ୍କୁ ୨୦୨୦ରେ ମୁଭି 'ଶିମଲା ମିର୍ଚ୍ଚ'ରେ ଦେଖିବାକୁ ମିଳିଥିଲା। ଏବେ ପୁଣିଥରେ ବଡ ପରଦାକୁ ଫେରିବାକୁ ଚାହୁଁଛନ୍ତି ଡ୍ରିମ୍‌ଗର୍ଲ। ଏକଥା ହେମା ନୁହେଁ ତାଙ୍କ ଝିଅ ଈଶା ଏକ ସାକ୍ଷାତକାରରେ କହିଛନ୍ତି। ତାଙ୍କ ମାଆ ଏବେ ଭଲ ରୋଲ୍ ଓ ସ୍କ୍ରିପ୍ଟ ଅପେକ୍ଷାରେ ଅଛନ୍ତି। ନିକଟରେ ଏକ ଇଣ୍ଟରଭ୍ୟୁରେ ଈଶା ତାଙ୍କ ମାଆଙ୍କ ବଡ ପରଦା ଲେଉଟାଣିକୁ ନେଇ କଥା ହୋଇଥିଲେ। ପୂର୍ବରୁ ହେମାମାଳିନୀ ଏହାକୁ ଗୁରୁତ୍ୱ ଦେଉ ନ ଥିବାବେଳେ ଏବେ ପୁଣିଥରେ ବଡ ପରଦାକୁ କମ୍‌ବ୍ୟାକ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଯଦି ଡ୍ରିମ୍‌ଗର୍ଲ କମ୍‌ବ୍ୟାକ କରନ୍ତି ତେବେ ଏହା ତାଙ୍କ ପ୍ରଶଂସକଙ୍କ ପାଇଁ ସବୁଠାରୁ ବଡ ସରପ୍ରାଇଜ ହେବ।

## ଏକସଙ୍ଗେ ୭ ଯୁବତୀଙ୍କୁ ବିବାହ



**କାମ୍ପାଲା:** ଉଗାଣ୍ଡାର ଜଣେ ବ୍ୟବସାୟୀ ଗୋଟିଏ ଦିନରେ ୭ ଯୁବତୀଙ୍କୁ ବିବାହ କରି ଚର୍ଚ୍ଚାକୁ ଆସିଛନ୍ତି। ସେହି ବ୍ୟବସାୟୀଙ୍କ ନାମ ହବିବ ଏନ୍ସିକୋନେ(୪୩)। ସେ ଜଣେ ପ୍ରସିଦ୍ଧ ଟ୍ରାଡିଶନାଲ ହିଲର। ଝିଅମାନେ ତାଙ୍କ ପ୍ରସ୍ତାବରେ ରାଜି ହେବା ପରେ ହବିବ ଏକ ଗ୍ରାଣ୍ଡ ରିସେପ୍ସନ ଆୟୋଜନ କରିଥିଲେ, ଯାହାଙ୍କ ମହାନତା ଅତିଥିମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏକ ରିପୋର୍ଟ ଅନୁଯାୟୀ, ହବିବ ତାଙ୍କର ପ୍ରତ୍ୟେକ ସ୍ତ୍ରୀଙ୍କୁ ଏକ ନୂଆ କାର୍ ଉପହାର ଦେଇଛନ୍ତି। ସେ ତାଙ୍କ ଶାଶୁ ଏବଂ ଶ୍ୱଶୁରଙ୍କୁ ଅନେକ ଉପହାର ମଧ୍ୟ ଦେଇଛନ୍ତି। ତାଙ୍କ ୭ ସ୍ତ୍ରୀଙ୍କ ମଧ୍ୟରେ ଦୁଇ ଭଉଣୀ ମଧ୍ୟ ଅଛନ୍ତି। ଏହା ହବିବଙ୍କ ପ୍ରଥମ ବିବାହ ନୁହେଁ। ତାଙ୍କର ପୂର୍ବରୁ ଜଣେ ସ୍ତ୍ରୀ ଅଛନ୍ତି। ତାଙ୍କ ନାମ ମୁସାନୁସା। କନ୍ୟାମାନଙ୍କ ସହ କନ୍ୟାଯାତ୍ରୀମାନେ ୪୦ ଲିମୋ ଏବଂ ୩୦ ମୋଟରସାଇକେଲରେ ବିବାହ ମଣ୍ଡପରେ ପହଞ୍ଚିଥିଲେ। ରିସେପ୍ସନ ପରେ ହବିବ ଏକ ବଡ଼ ଗାଡିରେ କନ୍ୟାମାନଙ୍କ ସହିତ ତାଙ୍କ ଘରେ ପହଞ୍ଚିଥିଲେ। ରିସେପ୍ସନରେ ହବିବ ତାଙ୍କ ସ୍ତ୍ରୀଙ୍କୁ ପ୍ରଶଂସା କରି ଅତିଥିମାନଙ୍କୁ କହିଥିଲେ, 'ମୋର ପତ୍ନୀମାନେ ପରସ୍ପର ପ୍ରତି ଈର୍ଷା କରନ୍ତି ନାହିଁ। ଏକ ବଡ଼ ଖୁସି ପରିବାର ଗଠନ ପାଇଁ ସମସ୍ତଙ୍କୁ ଏକାଥରକେ ବିବାହ କରିଥିବା ହବିବ କହିଛନ୍ତି।

# କଳାହାଣ୍ଡି ଜିଲାରେ ୧୫୬୭ ସ୍କୁଲରେ ତାଲା

ଭବାନୀପାଟଣା/ କର୍ଲାମୁଣ୍ଡା, ୧୫।୯(ଉତ୍ତମ କୁମାର ଦାଶ/ ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲାର ୧୩ଟି ବ୍ଲକର କାର୍ଯ୍ୟରତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନେ ୩ ଦଫା ଦାବି ନେଇ ଗତ ବୁଧବାରଠାରୁ ଆନ୍ଦୋଳନ ଜାରି ରଖିଛନ୍ତି। ଏଥିପାଇଁ ବିଦ୍ୟାଳୟରେ ତାଲା ପଡ଼ିଥିବାବେଳେ ସ୍ଥାନୀୟ ଛାତ୍ରୀଛାତ୍ରମାନେ ପାଠପଢାରୁ ବଞ୍ଚିତ ହୋଇଛନ୍ତି। ଜିଲାରେ ସମୁଦାୟ ୧୯୨୩ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏପରିସ୍ଥଳେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ଶୁକ୍ରବାର ସୁଦ୍ଧା ୧୫୬୭ ସ୍କୁଲରେ ତାଲା ପଡିଥିବାବେଳେ ଅବଶିଷ୍ଟ ୩୫୬ ସ୍କୁଲ ଚାଲୁଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି। ଜିଲାର ୧୩ଟି ବ୍ଲକର ୩ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକମାନେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରି ଦାବି ପୂରଣ ପାଇଁ ଆନ୍ଦୋଳନକୁ ଜୋରଦାର କରିଛନ୍ତି। ଶିକ୍ଷକମାନଙ୍କ ଏହି ଆନ୍ଦୋଳନ ଯୋଗୁ ଛାତ୍ରୀଛାତ୍ରମାନେ ପାଠପଢାରୁ ବଞ୍ଚିତ ରହୁଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ପଚାରିବାରୁ ଆମ ହାତରେ କିଛି ନାହିଁ, ସରକାରଙ୍କ ହାତରେ ଶିକ୍ଷକଙ୍କ ସମାଧାନ ରହିଛି ବୋଲି କହିଥିଲେ। ସେହିପରି କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ସଂଘ ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଧାରଣାସ୍ଥଳରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଧୀରେନ ପଟ୍ଟନାୟକ ଓ ଜିଲା କୋର କମିଟି ସଦସ୍ୟ ନିବାସ ଆଚାରୀ, ଯୋଗେଶ୍ୱର ମିଶ୍ର ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସରକାର କୌଣସି ସମାଧାନ କରୁ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣା ଓ ସମ୍ପାଦକ ସୁଦର୍ଶନ ସାହୁ କହିଛନ୍ତି। ବ୍ଲକର ୬୨ଟି ବିଦ୍ୟାଳୟରେ ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢା ଠପ୍ ହୋଇପଡିଛି।


ଜୁନାଗଡରେ ଅନୁଷ୍ଠିତ ଶିକ୍ଷକଙ୍କ ଆନ୍ଦୋଳନ।

**ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ**
■ କର୍ଲାମୁଣ୍ଡା ବ୍ଲକରେ ପାଠପଢ଼ା ଠପ୍

## ୧୬୯ ସ୍କୁଲର ପ୍ରାୟ ୫୦୦ ଶିକ୍ଷକଙ୍କ ଧାରଣା

## ପ୍ରାଥମିକ ଶିକ୍ଷକଙ୍କ ଧାରଣାରେ ସାମିଲ ଓଷ୍ଟା କର୍ମକର୍ତ୍ତା

ସିନାପାଲି, ୧୫।୯(ମନଫୁଲ ମେହେର)

ରାଜ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ ଜୋର ଧରିଥିବା ବେଳେ ନୂଆପଡ଼ା ଜିଲା ସିନାପାଲିରେ ମଧ୍ୟ ଜାରି ରହିଛି। ୩ ଦଫା ଦାବିରେ ସିନାପାଲି ବିଇଓ ଅଫିସ ସମ୍ମୁଖରେ ସଂଘ କର୍ମକର୍ତ୍ତାଙ୍କ ସହ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଧାରଣାରେ ବସିଥିବା ବେଳେ ଶୁକ୍ରବାର ମାଧମିକ ସ୍କୁଲ ଶିକ୍ଷକ ସଂଘ ଜିଲା ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ଯୋଷୀ, ରାଜକୁମାର ତାଣ୍ଡି, ନବକିଶୋର ଆଚାର୍ଯ୍ୟ, ନିରାକାର ସାହୁ ଧାରଣାରେ ସାମିଲ ହୋଇ ଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକଙ୍କ ଧାରଣା ଯୋଗୁ ପ୍ରାଥମିକ ଶିକ୍ଷା ଠପ ହୋଇପଡ଼ିଛି। ଏ ନେଇ ସିନାପାଲି ବିଇଓଙ୍କୁ ପଚାରିବାରୁ ବ୍ଲକର ୧୬୯ଟି ପ୍ରାଥମିକ ବିଦ୍ୟାଳୟର ୫୮୦ ମଧ୍ୟରୁ ପ୍ରାୟ ୫୦୦ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନରେ ବସିଥିବା କହିଛନ୍ତି। ବିଇଓଙ୍କ କହିବା ଅନୁସାରେ ଶିକ୍ଷକଙ୍କ ଧାରଣା ଯୋଗୁ ୭୯ଟି ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଧାରଣାକୁ ସଂଘ ସମ୍ପାଦକ ବାଲାଜୀ ହରିଜନ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସଭାପତି ପ୍ରସନ୍ନ ମାଝି ପ୍ରାରମ୍ଭିକ ବ୍ୟକ୍ତବ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସନ୍ତୋଷୀନୀ ମେହେର ଓ ପୁଷ୍ପାଞ୍ଜଳୀ ମେହେର ପ୍ରାର୍ଥନା ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ଗୁଆଲ, ଅସ୍ମିତା ପାଢ଼ୀ, ତରୁଣ କୁମାର ମେହେର, ସୁନାମା ପଣ୍ଡା, ଶିବ ପ୍ରସାଦ ମେହେର ପ୍ରମୁଖ ଉଦବୋଧନ ଦେଇଥିଲେ। ଲୋଚନ ମେହେର ସଭା ପରିଚାଳନା କରିଥିଲେ। ସରକାର ଦାବି ପୂରଣ ନ କଲା ଯାଏଁ ଧାରଣା ଜାରି ରହିବ ବୋଲି ଶିକ୍ଷକମାନେ ପ୍ରକାଶ କରିଛନ୍ତି।

## ସାର ଦୋକାନରେ କୃଷି ବିଭାଗର ଚଢ଼ାଉ

ଲୋଇସିଂହା, ୧୫।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ଭରସୁଜା ସ୍ଥିତ ଦିଲୀପ ପାତ୍ରଙ୍କ ବେଆଇନ ଭାବେ ଚାଲିଥିବା ସାର ଦୋକାନ ଉପରେ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇଛି। ବ୍ୟବସାୟୀ ଜଣକ ସାର ଓ କୀଟନାଶକ ବିକ୍ରି ସମ୍ବନ୍ଧୀୟ ଆବଶ୍ୟକ ଦସ୍ତାବିଜ ଅଧିକାରୀଙ୍କ ଆଗରେ ଉପସ୍ଥାପିତ କରି ପାରି ନ ଥିଲେ। ଆଗଲପୁର ତହସିଲଦାର ତଥା ମାଜିଷ୍ଟ୍ରେଟ ସରୋଜା ବେହେରାଙ୍କ ଉପସ୍ଥିତିରେ ବ୍ୟବସାୟିଙ୍କ ଦୋକାନକୁ ସିଲ୍ କରି ଦିଆଯାଇଛି। ଦୋକାନରେ ମହଜୁତ ଥିବା ସାମଗ୍ରୀ ନକଲି ସନ୍ଦେହ କରି ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ପଠାଯାଇଥିବା ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ପାଣିଗ୍ରାହୀ କହିଛନ୍ତି। ସୂଚନା ଅନୁଯାୟୀ, ଭରସୁଜାର ଦିଲୀପ ପାତ୍ର ବିନା ଲାଇସେନ୍ସରେ ସାର ଓ କୀଟନାଶକ କାରବାର କରୁଥିବା ନେଇ ଅଭିଯୋଗ ହୋଇଥିଲା। ନକଲି ସାମଗ୍ରୀକୁ ଚଢା ଦରରେ ବିକ୍ରି କରି ଚାଷୀଙ୍କୁ ଶୋଷଣ କରୁଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନର ନିର୍ଦ୍ଦେଶରେ ଆଗଲପୁର ପୋଲିସ ଏବଂ ତହସିଲଦାର ତଥା ମାଜିଷ୍ଟ୍ରେଟ ସରୋଜ ବେହେରାଙ୍କ ଉପସ୍ଥିତିରେ ଆଗଲପୁର ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ପାଣିଗ୍ରାହୀ, ସହକାରୀ କଷି ଅଧିକାରୀ ଅଭିଶେକ ପାଢୀ, ଦେବପ୍ରିୟ ପଣ୍ଡା ସମେତ ସିଡ୍ ଅଫିସର ପ୍ରମୁଖ ବ୍ୟବସାୟୀଙ୍କ ଦୋକାନ ଉପରେ ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚଢାଉ କରିଥିଲେ।

## କରାଟେ ବେଲ୍ଟ ପରୀକ୍ଷାରେ ୨୬ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ



ଲାଞ୍ଜିଗଡ଼, ୧୫।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ କଲୋନୀଠାରେ ଅନୁଷ୍ଠିତ କରାଟେ ବେଲ୍ଟ ପରୀକ୍ଷାରେ ୨୬ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲ ଫାଉଣ୍ଡର ସେଭେନ ଡନ ବ୍ଲାକ ବେଲ୍ଟ ହନସୀ ଡ଼. ହରି ପ୍ରସାଦ ପଟନାୟକଙ୍କ ଅନୁମୋଦନ କ୍ରମେ ଲାଞ୍ଜିଗଡ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ସେକେଣ୍ଡ ଡନ ବ୍ଲାକ ବେଲ୍ଟ ସେନପାଇ କ୍ଷମାନିଧି ମହାଖୁଡଙ୍କ ନେତୃତ୍ୱରେ ଲାଞ୍ଜିଗଡ ବେଦାନ୍ତ କଲୋନୀ ଲବିଠାରେ କରାଟେ କଲର ବେଲ୍ଟ ପରୀକ୍ଷା ହୋଇଥିଲା। ଏଥିରେ ୩୨ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୟେଲୋ ବେଲ୍ଟ ପରୀକ୍ଷାରେ ପ୍ରିୟଶ୍ରୀ ମୁଣ୍ଡ, ଅର୍ଥର୍ଭ ବର୍ମା, ରିୟାନ୍ସ ରାଜ, ଅରେଞ୍ଜ ବେଲ୍ଟ ଅର୍ଶିକା ପାଣ୍ଡେ, ବିଶ୍ୱଜିତ ବେହେରା, ସୋୟମ ଓଡିଆ, ମୋହିତ ବେମାଲ, ପୁଷ୍ପେନ୍ଦୁ ବିଶ୍ୱାଳ, ଶିବାନଶୀ ମିଶ୍ର, ସୋର୍ଣିମା ମହାପାତ୍ର, ହେମନ୍ତ ମଲ୍ଲିକ, ଦିବ୍ୟାନଶୁ ଯୋଶୀ, ଅଭିଷେକ କୁମାର, ସିଏଚ ସାଇ ସ୍ୱାଶତ, ଗ୍ରୀନ ବେଲ୍ଟ ପରୀକ୍ଷାରେ କାବ୍ୟଶ୍ରୀ ମହାପାତ୍ର, ଆରଧ୍ୟା ଆରଧନା, ରିୟାନ ମିଶ୍ର, ଲୋକେଶ ବିଶ୍ୱାଳ, ଅଭିଲିପ୍ସା ପଳେଇ, ବ୍ଲ୍ୟୁ ବେଲ୍ଟ ପରୀକ୍ଷାରେ ସୋନକ ସମଦର୍ଶୀ ସାହୁ, ଆୟୁଷ ଦୁବେ, ଆର୍ଶୀବାଦ ବାଡ଼ତିଆ, ଅର୍ପିତା ବାଡ଼ତିଆ, ଆଦ୍ୟାସା ପ୍ରିୟଦର୍ଶୀ ଦାସ, ଗଙ୍ଗାଧର ମଲ୍ଲିକ ଉତ୍ତୀର୍ଣ୍ଣ ହୋଇଥିଲେ। ସେନସାଇ ସୁରେଶ ଜାଲ ଯାଦବ ୫ଡନ ବ୍ଲାକ ବେଲ୍ଟ ତଥା ଜାତୀୟ କିଓ ରେଫରି ଓ ଜଜ୍ ଏହି ପରୀକ୍ଷା ପରିଚାଳନା କରିଥିବା ବେଳେ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପରୀକ୍ଷାରେ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝି, ବ୍ଲାକ ବେଲ୍ଟ କରାଟେ ଛାତ୍ର ହିତେଶ କୁମାର ମହାଖୁଡ, କିରଣ ବେମାଲ, ଲୋକେଶ କୁମାର ମହାଖୁଡ ପ୍ରମୁଖ ସହଯୋଗ କରିଥିଲେ।

## ଇପିଏଫ୍ ପେନ୍‌ସନଭୋଗୀଙ୍କ ଧାରଣା


ଇପିଏଫ୍ ପେନ୍‌ସନଭୋଗୀଙ୍କ ଧାରଣା।

ଭବାନୀପାଟଣା, ୧୫।୯(ଉତ୍ତମ କୁମାର ଦାଶ)

ରାଜ୍ୟରେ ଥିବା ୨ଲକ୍ଷ ୨୦ ହଜାର ଇପିଏଫ ପେନସନ ଭୋଗୀ ବରିଷ୍ଠ ନାଗରିକଙ୍କ ଆର୍ଥିକ ଦୂରାବସ୍ଥା ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ମାସିକ ଇପିଏଫ ପେନସନ ୫୦୦ ଟଙ୍କାରୁ ୩୫୦୦ ଟଙ୍କା ମଧ୍ୟରେ ପାଉଛନ୍ତି। ସେଥି ମଧ୍ୟରୁ ୧ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଇପିଏଫ ପେନସନ ଭୋଗୀ ସର୍ବନିମ୍ନ ପେନସନ ମାସକୁ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ମଧ୍ୟରେ ପେନସନ ପାଉଛନ୍ତି। ସର୍ବନିମ୍ନ ପେନସନ ମାସିକ ୯୦୦୦ ଟଙ୍କା ସହିତ ମହଙ୍ଗା ଭତ୍ତା ଦେବା ପାଇଁ ଆସୋସିଏଶନ ପକ୍ଷରୁ ଦୀର୍ଘବର୍ଷ ଧରି କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲେମଧ କେନ୍ଦ୍ର ସରକାର ସେଥି ପ୍ରତି ଦୃଷ୍ଟି ଦେଉନାହାନ୍ତି। ସେହିଭଳି ଓଡିଶାରେ ଥିବା ଇପିଏଫ ପେନସନ ଭୋଗୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ଦାବି ହୋଇଥିଲେ ମଧ୍ୟ ରାଜ୍ୟ ସରକାର ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଇପିଏଫ ପେନସନ ମାସିକ ୯୦୦୦ ଟଙ୍କା ସହିତ ମହଙ୍ଗା ଭତ୍ତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଇପିଏଫ ପେନସନ ଭୋଗୀମାନଙ୍କୁ ସାମିଲ କରିବା ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ବର୍ଦ୍ଧିତ ପେନସନ ଦେବା ଦାବିରେ ଅଲ ଓଡିଶା ଇପିଏଫ ପେନସନର ଆସୋସିଏଶନ କଳାହାଣ୍ଡି ଶାଖା ପକ୍ଷରୁ ଶୁକ୍ରବାର ଜିଲା ସଭାପତି ବୈଦ୍ୟନାଥ ଦାଶଙ୍କ ଆହାନରେ ଚକ୍ରଧର ପଣ୍ଡା, ଅଶୋକ କୁମାର ଦାଶ, କୃଷ୍ଣଚନ୍ଦ୍ର ସାହୁ, ଡମ୍ବରୁଧର ବାହିନୀପତି ପ୍ରମୁଖ ଭବାନୀପାଟଣାରେ ଗାନ୍ଧୀଛକଠାରେ ଥିବା ଗାନ୍ଧୀ ମୂର୍ତ୍ତି ସାମ୍ନାରେ ଧାରଣା ଦେଇଛନ୍ତି। ଆଗାମୀ ଦିନରେ ଆମର ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର କରିବା ପାଇଁ ବାଧ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଶେଷଦେବ


@ ସତ୍ୟବାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DIRECT ADMISSION NO DONATION
For
ARTS & SCIENCE
IMPERIAL PRESIDENCY (+2 COLLEGE)
HIGHER SECONDARY SCHOOL
Admission- 8th Sept. to 18 Sept.
For Arts- 15,000/- Per Year
For Science- 20,000/- Per Year
100% RESULT
Hostel Facility available for (Boys & Girls)
Contact- 8249908311, 9556711974

GANDHI INSTITUTE
B.Ed
BALANGIR
Rajendra University Chowk, Near Look At Me
Call No. 9777988852, 9777988870
www.gandhiinstitute.in

TPWODL
ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ନୂଆଁଖାଇ ଗଣପର୍ବ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ପୂଜା କମିଟିର କର୍ମକର୍ତ୍ତାଙ୍କୁ ଟିପିଡବ୍ଲୁଓଡିଏଲ୍ ର ଅନୁରୋଧ
ଆଗକୁ ଆସୁଛି ପୂଜା ପାର୍ବଣର ଉଲ୍ଲାସମୟ ଅବସର।
ପୂଜାମଣ୍ଡପରେ ଆଲୋକସଜ୍ଜା ପାଇଁ ଆଇନ୍ ସମ୍ମତ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
➤ ଏଥିପାଇଁ ଉତ୍ସବର ଯଥେଷ୍ଟ ପୂର୍ବରୁ ଅନ୍-ଲାଇନ୍ କିମ୍ବା ନିକଟସ୍ଥ ଜୁନିୟର ଇଞ୍ଜିନିୟର୍ / ଏସ୍.ଡି.ଓ.ଙ୍କ କାର୍ଯ୍ୟାଳୟରେ ଆବଶ୍ୟକ ଫର୍ମରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ନେବାପାଇଁ ଦରଖାସ୍ତ କରନ୍ତୁ । ଆବଶ୍ୟକୀୟ ନିୟମାବଳୀ ପୂରଣ କରିବାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଆପଣଙ୍କୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦିଆଯିବ ।
➤ OERC ଙ୍କ ଦ୍ୱାରା ଧାର୍ଯ୍ୟ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଶୁଳ୍କ ଦେୟ ଅନୁଯାୟୀ : ପ୍ରତି କିଲୋୱାଟ୍ ବିଦ୍ୟୁତ୍ ଶକ୍ତି ପାଇଁ ଧାର୍ଯ୍ୟ ସାଧାରଣ ବର୍ଗ (ବାଣିଜ୍ୟ) ଶୁଳ୍କ ସହିତ ୧୦% ଅତିରିକ୍ତ (GP+10% extra) ଏବଂ ବିଦ୍ୟୁତ୍ ନିରୀକ୍ଷଣ ବାବଦକୁ ଆବଶ୍ୟକ ଦେୟ ଚାଲାଣ ପୈଠ କରିବାକୁ ପଡିବ। ବିଦ୍ୟୁତ୍ ସଂଯୋଗ ପାଇଁ ଆବଶ୍ୟକ ସରଞ୍ଜାମ ସଂପୃକ୍ତ ଗ୍ରାହକ ଯୋଗାଇ ଦେବେ।
➤ ଆପଣ ଜାଣନ୍ତି କି ?-: ବେଆଇନ ଓ ଅସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର କଲେ ଟ୍ରାନ୍ସଫର୍ମର ଉପରେ ଅତ୍ୟଧିକ ଚାପଜନିତ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ, ଲୋଭୋଲ୍ଟେଜ୍, ବିଦ୍ୟୁତ୍ ଦୁର୍ଘଟଣାଜନିତ ଧନଜୀବନ ହାନୀ ଓ ଜେଲ୍ ଜୋରିମାନା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ ଓ ଏହା ପୂଜା ପାର୍ବଣର ଆନନ୍ଦ ମୁଖରିତ ପରିବେଶକୁ ନଷ୍ଟ କରିଥାଏ।
ଟିପିଡବ୍ଲୁଓଡିଏଲ୍ - ସର୍ବଦା ଆପଣଙ୍କ ପାଇଁ, ଆପଣଙ୍କ ସହିତ !
ବିଦ୍ୟୁତ୍ ସେବା ସମ୍ପର୍କିତ ସୂଚନା ଓ ଅଭିଯୋଗପାଇଁ ଟୋଲ-ଫ୍ରୀ ନଂ. ୧୮୦୦-୩୪୫୬-୭୯୮/୧୯୧୨ ରେ ଯୋଗାଯୋଗ କରନ୍ତୁ।
ଅସୁରକ୍ଷିତ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ, ତାର, ଟ୍ରାନ୍ସଫର୍ମର ଇତ୍ୟାଦି ଆପଣଙ୍କ ନଜରକୁ ଆସିଲେ ଆମର Whatsapp No. 8093049410 ରେ ପଠାନ୍ତୁ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
ACCOUNTANT (Talley)
DATA ENTRY OPERATOR
(Talley & MS Office)
Attend Interview at
NISHAMANI PALACE
Bomikhal, Bhubaneswar-10
On any day.
Ph.No. 7978586205 / 9338554697

ASRIBADA PANCHAKARMA
HERBAL SPA
Female therapist required
Kesarimall, Bhubaneswar
Contact:8926173473

VACANCY
OM Surgical and Chemicals
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax, (Salary negotiable).
Send CV at omsurgical@yahoo.co.in
Mob. No.: 9437014935

ସିକ୍ୟୁରିଟି ଗାର୍ଡ଼ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ଼ର ବଡ଼ ଧରଣର ନିଯୁକ୍ତି
ଓଡ଼ିଶାର ସବୁ ଜିଲ୍ଲାରେ ନିଯୁକ୍ତି
ଦରମା : ୧୨୦୦୦/- ରୁ ୧୮,୦୦୦/-
ରହିବା ପାଇଁ ଘର, ଖାଇବା ମେସ୍
Real King Security Service
8984433623

My Handloom My Pride
MINISTRY OF TEXTILES
ସିଲ୍କ ଫ୍ୟାବ
ସିଲ୍କ ହସ୍ତତନ୍ତ ବସ୍ତ୍ରଗୁଡ଼ିକର ପ୍ରଦର୍ଶନୀ ଏବଂ ବିକ୍ରୟ
୦୫ ରୁ ୧୮ ସେପ୍ଟେମ୍ବର ୨୦୨୩
ସକାଳ ୧୧.୦୦ ଘଟିକାରୁ ରାତି ୮.୦୦ ଘଟିକା ପର୍ଯ୍ୟନ୍ତ
ସ୍ଥାନ: ଏକାମ୍ର ହାଟ, ଆଇଡିସିଓ ପ୍ରଦର୍ଶନୀ ପଡ଼ିଆ, ମଧୁସୂଦନ ମାର୍ଗ, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
#MyHandloomMyPride
ଆକର୍ଷଣୀୟ ମୂଲ୍ୟର ଲାଭ ଉଠାନ୍ତୁ
ଉତ୍କୃଷ୍ଟ ସିଲ୍କ ଓ ସୂତା ଶାଢ଼ି
ସଲୱାର ସୁଟ୍
ଡ୍ରେସ୍ ମ୍ୟାଟେରିଆଲ୍ସ
ଓଢ଼ଣି
ଷ୍ଟୋଲ୍ସ
ସ୍ଥାନ ପାଇଁ ସ୍କାନ୍ କରନ୍ତୁ
ପ୍ରବେଶ ନିଃଶୁଳ୍କ
ସମସ୍ତ ପ୍ରମୁଖ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଏବଂ ଭୀମ/ୟୁପିଆଇ ପେମେଣ୍ଟ ଗ୍ରହଣଯୋଗ୍ୟ ।
Follow us on: SilkFab silkfabofficial /silkfabofficial SilkFab /silkfabofficial
ଭାରତର ସମୃଦ୍ଧ ଐତିହ୍ୟ - ହସ୍ତତନ୍ତ ବସ୍ତ୍ର ଗର୍ବର ସହିତ ପିନ୍ଧନ୍ତୁ

## ଆନ୍ତର୍ଜାତିକ ଆତ୍ମହତ୍ୟା ନିରାକରଣ ଦିବସ

ସମ୍ବଲପୁର,(ବି.ଶଙ୍କର): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଆତ୍ମହତ୍ୟା ନିରାକରଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ଉମାଶଙ୍କର ଦାଶ ଅଧକ୍ଷତା କରିଥିଲେ। ଆଲୋଚକ ଭାବରେ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ମନୋଚିକିତ୍ସକ ଡା. ସୁନୀତା ମିଶ୍ର ଓ ନମିତା ଗିରି ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ଆତ୍ମହତ୍ୟାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହାସହ ଚାପମୁକ୍ତ ଜୀବନ ପାଇଁ ସାହାଯ୍ୟ ନେବା ପାଇଁ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା।

# ୫ଥର ବାତିଲ ହେଲା ଜନଶୁଣାଣି

- ପ୍ଲାଣ୍ଟ ସ୍ଥାପନକୁ ବିରୋଧ କରି ୬୦ ଗିରଫ
- ଜଙ୍ଗଲ ନଷ୍ଟ କରି ବିଷର ପାହାଡ଼ ସୃଷ୍ଟି ଉଦ୍ୟମ

ସମ୍ବଲପୁର,୧୫।୯(ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବାଣ୍ଡିମରାଠାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପାଇଁ ରାମ୍‌କୀ ଏନ୍‌ଭିରୋ ସର୍ଭିସେସ ନାମକ କମ୍ପାନୀକୁ ଜମି ଦେବା ଲାଗି ଶୁକ୍ରବାର ପ୍ରଶାସନ ପକ୍ଷରୁ ଆୟୋଜିତ ଜନଶୁଣାଣି ବାତିଲ ହୋଇଛି। ଏହାକୁ ମିଶାଇ ଜନଶୁଣାଣି ୫ଥର ବାତିଲ ହୋଇଛି। ବାଣ୍ଡିମରା ସ୍କୁଲ ପଡିଆରେ ଜନଶୁଣାଣି ଆୟୋଜିତ ହେଉଥିବା ଖବର ପାଇ ହଜାର ସଂଖ୍ୟାରେ ମହିଳାପୁରୁଷ ପହଞ୍ଚି ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପୋଲିସ ଓ ଆନ୍ଦୋଳନକାରୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଏପରି କି ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ପ୍ରଶାସନିକ ଅଧିକାରୀ ଆୟୋଜନ ସ୍ଥଳକୁ ଯିବା ସମୟରେ ଲୋକମାନେ ସେମାନଙ୍କ ଗାଡିକୁ ଘେରି ଯାଇଥିଲେ। ପରେ ପୋଲିସ ସୁରକ୍ଷାରେ ଏଡିଏମ୍ ବ୍ରଜବନ୍ଧୁ ଭୋଇ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ହିରଣ୍ୟକ ନାୟକ ପ୍ରମୁଖ ଅଧିକାରୀ ପହଞ୍ଚିଥିଲେ। ଏହି ଘଟଣାରେ ପୋଲିସ ୬୦ଜଣଙ୍କୁ ଗିରଫ ପରେ ଥାନାକୁ ଆଣି ବ୍ୟକ୍ତିଗତ ଜାମିନରେ ଛାଡିଥିଲା।

ଲୋକଙ୍କ ତରଫରୁ ସାମାଜିକ କର୍ମୀ ବିରଞ୍ଚି ସାହୁ ଓ ଗୋପୀନାଥ ମାଝି ଅଭିଯୋଗ କରିଥିଲେ, କମ୍ପାନୀକୁ ୬୩ଏକର ଜମି ଦେବା ପାଇଁ ପ୍ରସ୍ତାବ ରହିଛି ଯେଉଁଠି ଘଞ୍ଚ ଜଙ୍ଗଲ ରହିଛି। ବନ ସୁରକ୍ଷା ସମିତି ଦାୟିତ୍ୱରେ ଏହି ଜଙ୍ଗଲ ରହିଛି। ସ୍ଥାନୀୟ ଲୋକେ ଜଙ୍ଗଲଜାତ ଦ୍ରବ୍ୟ, କାଠ ଆଣି ପରିବାର ପ୍ରତିପୋଷଣ କରୁଛନ୍ତି। ସବୁଜ ବାତାବରଣରେ ଆଖପାଖ ଏକାଧିକ ଗ୍ରାମବାସୀ ଜୀବନ ବିତାଉଛନ୍ତି। ଏଭଳି ପରିସ୍ଥିତିରେ ଜଙ୍ଗଲ କିସମ ଜମିକୁ କମ୍ପାନୀ ହାତକୁ ଦେବାକୁ ଯୋଜନା ଚାଲିଛି। କମ୍ପାନୀ ଘଞ୍ଚ ଜଙ୍ଗଲକୁ ନଷ୍ଟ କରି ପାଉଶଁର ବିଷାକ୍ତ ପାହାଡ ସୃଷ୍ଟି କରିବାକୁ ଯୋଜନା କରିଛି। ହେଲେ ଏଠାରେ ବର୍ଜ୍ୟବସ୍ତୁ ପ୍ଲାଣ୍ଟ କରିବାକୁ ଦିଆଯିବ ନାହିଁ। ଲୋକମାନେ ଦୀର୍ଘ ୪ ବର୍ଷ ହେବ ବିରୋଧ କରିଆସୁଛନ୍ତି। ହେଲେ ପ୍ରଶାସନ ଓ ରାଜ୍ୟ ସରକାର ବାରମ୍ବାର କାହିଁକି ଜନଶୁଣାଣି କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଥିଲେ। ପୋଲିସ ଲଗାଇ ବଳପୂର୍ବକ ମଞ୍ଜୁରୀ କରିଦେବାକୁ ଯୋଜନା ଚାଲିଛି। ଆଗାମୀ ଦିନରେ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ବିରୋଧ ସମାବେଶରେ ଦଳମତ ନିର୍ବିଶେଷରେ ଜନପ୍ରତିନିଧି, ନେତା, ଜନତା, ଜଙ୍ଗଲ ପ୍ରେମୀ, ବନସୁରକ୍ଷା ସମିତି ସଦସ୍ୟ ସାମିଲ ଥିଲେ।



ଜନଶୁଣାଣି ସ୍ଥଳରେ ବିରୋଧର ସମ୍ମୁଖୀନ ହେଉଛନ୍ତି ଅଧିକାରୀ।

## ସଂକ୍ଷେପରେ

### ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ସଂଘର ଧାରଣା

ସମ୍ବଲପୁର,୧୫।୯(ଶୁଭାଶିଷ ପାଢ଼ୀ) ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଧାରଣା ଦିଆଯାଇଥିଲା। ସଂଘର ପ୍ରତିନିଧିମାନେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ ଲାଗୁ, ସର୍ବନିମ୍ନ ମାସିକ ପେନ୍‌ସନ ୯୦୦୦ ଟଙ୍କା ସହ ମହଙ୍ଗା ଭତ୍ତା, ଇପିଏଫ୍ ପେନ୍‌ସନ ଭୋଗୀଙ୍କୁ ଚିକିତ୍ସା ଭତ୍ତା କିମ୍ବା ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ସୁବିଧା, ପେନ୍‌ସନଭୋଗୀ ବରିଷ୍ଠ ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଥିଲେ। ନାରାୟଣ ସୁବିଦ୍ଧି, ଟଙ୍କଧର ମାଝି, ବିଜୟ କୁମାର ଧର ପ୍ରମୁଖ ନେତୃତ୍ୱ ନେଇଥିଲେ।

### ବୋଲେରୋ ଚୋରି ଅଭିଯୋଗ

କୁଚିଣ୍ଡା,୧୫।୯(ବିରଞ୍ଚି ଦର୍ଶୀ): କୁଚିଣ୍ଡା ସହରର କୁଣ୍ଡାପୋଷି ମୁଣ୍ଡିମିଲ ରାସ୍ତା କଡରୁ ଗୁରୁବାର ବିଳମ୍ବିତ ରାତିରେ ଏକ ବୋଲେରୋ ଚୋରି ହୋଇଥିବା କୁଚିଣ୍ଡା ଥାନାରେ ଅଭିଯୋଗ ହୋଇଛି। କୁଣ୍ଡାପୋଷିର ବେଣୁଧର ପୃଷେଠଙ୍କ ଦୋକାନ ସମ୍ମୁଖରେ ତାଙ୍କ ବୋଲେରୋ (ନଂ.ଓଆର୍୧୫କ୍ୟୁ-୮୯୬୫)ଟି ଛିଡା କରି ରାତିରେ ଘରକୁ ଶୋଇବାକୁ ଯାଇଥିଲେ। ରାତିରେ କେହି ଦୁର୍ବୃତ୍ତ ଗାଡିକୁ ଚୋରି କରି ନେଇଥିବା ଜାଣି ସେ ଥାନାରେ ଲିଖିତ ରିପୋର୍ଟ କରିଥିଲେ। ଉକ୍ତ ଅଞ୍ଚଳ ସିସି କ୍ୟାମେରା ପରିସରରେ ଆସୁଥିବାରୁ ପୋଲିସ ସେହି ଫୁଟେଜ ଆଧାରରେ ତନାଘନା ଚଳାଇଛି। ଏ ନେଇ ଥାନାରେ କେସ୍ ନଂ.୧୮୦/୨୩ରେ ଏକ ମାମଲା ରୁଜୁ ହୋଇଛି।

# ଯୁବ ଇଞ୍ଜିନିୟର ଗବେଷଣା ପାଇଁ ପ୍ରେରିତ ହୁଅନ୍ତୁ

## ଭିସୁଟ୍‌ରେ ଇଞ୍ଜିନିୟର୍ସ ଦିବସ

ସମ୍ବଲପୁର,୧୫।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଭିସୁଟ୍) ଓ ଓଡ଼ିଶା ବିଜ୍ଞାନ ମଣ୍ଡଳଙ୍କ ସହଯୋଗରେ ଶୁକ୍ରବାର ଇ- ଲର୍ଣ୍ଣିଂ ସେଣ୍ଟରରେ ପ୍ରଦର୍ଶନୀ ଏକ୍ସୋ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ୨୦୨୩ ବ୍ୟାଚର ଶିକ୍ଷାନବୀଶ ଇଞ୍ଜିନିୟର୍ସଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ମୁଖ୍ୟଅତିଥି ସମ୍ବଲପୁର ମ୍ୟୁନିସିପାଲିଟି କମିଶନର ଓ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବେଦ ଭୂଷଣ କହିଥିଲେ। ଏହି ଅବସରରେ ପାଖାପାଖି ୧୦୦ଜଣ ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କ କୃତୀର ପୋଷ୍ଟର ପ୍ରଦର୍ଶନୀ ଅନାବରଣ ପୂର୍ବକ କୁଳପତି ପ୍ରଫେସର ବଂଶୀଧର ମାଝି କହିଥିଲେ, ବୈଜ୍ଞାନିକମାନଙ୍କ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଯୁବପିଢିଙ୍କ ପ୍ରେରଣାର ଉତ୍ସ ହେଉଛି। ଡ. ପୂର୍ଣ୍ଣ ବିନୟ ମିଶ୍ର ଯୁବ ଇଞ୍ଜିନିୟରମାନେ ଗବେଷଣା ପାଇଁ ପ୍ରେରିତ ହୁଅନ୍ତ ବୋଲି କହିଥିଲେ। କାର୍ଯ୍ୟକ୍ରମ ଆବାହକ ଡ. ବିଦ୍ୟାଧର ରାଉତ ଇଞ୍ଜିନିୟର୍ସ ଦିବସର ମହତ୍ତ୍ୱ ଦର୍ଶାଇଥିବା ବେଳେ ଯୁଗ୍ମ ଆବାହକ ଓ ମଣ୍ଡଳର ସହ ସଂଗଠନ ସମ୍ପାଦକ ଡ. ଗୌରୀଶଙ୍କର ସାହୁ, ଓଡ଼ିଶା ବିଜ୍ଞାନ ମଣ୍ଡଳ ଛାତ୍ରୀଛାତ୍ରଙ୍କ ମନରେ ବିଜ୍ଞାନ ମନସ୍କତାର ଉନ୍ମେଷ ପାଇଁ କିପରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ତା'ର ସମ୍ୟକ ସୂଚନା ଆଭାସୀ ମାଧ୍ୟମରେ ଦେଇଥିଲେ। ମଣ୍ଡଳର ଉପଦେଷ୍ଟା ଡ. ପଦ୍ମନାଭ ଯୋଶୀ ରାଷ୍ଟ୍ର ନିର୍ମାଣରେ ଓଡିଆ ଇଞ୍ଜିନିୟରମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଡ. ଲିଙ୍ଗରାଜ ଦୋରା, ଡ. ରାଜୀବ ଲୋଚନ ସାହୁ, ଡ. ସନ୍ତୋଷ କୁମାର ମାଝି, ଡ. ପ୍ରବୀର କୁମାର ଜେନା, ଡ. ଆନନ୍ଦ ବେହେରା, ପ୍ରଫେସର ଗଣେଶ୍ୱର ନାଥ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପ୍ରଶାସନ ପାଇଁ ସମସ୍ୟାରେ ସହରବାସୀ: ଭାଜପା

## ବିଜେଡି ପରେ ଭାଜପା କ୍ରିୟାଶୀଳ ଚର୍ଚ୍ଚା

ସମ୍ବଲପୁର,୧୫।୯ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ସହରବାସୀଙ୍କୁ ହେଉଥିବା ବିଭିନ୍ନ ସମସ୍ୟା ପାଇଁ ପ୍ରଶାସନର ଅବହେଳାକୁ ଦାୟୀ କରିଛି ଭାଜପା। କଚେରିସ୍ଥିତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ଦଳ କ୍ଷୋଭ ପ୍ରକାଶ କରିଛି। କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ହେଲେ ଅନ୍ୟ ଏକ ସମ୍ପ୍ରଦାୟ ଜବରଦଖଲ କରିଥିବା ଜମିକୁ ନୋଟିସ କରି ଉଚ୍ଛେଦ କରାଯାଉ ନାହିଁ। ରାସ୍ତା ନିର୍ମାଣ କିମ୍ବା ମରାମତି କରାଯାଉ ନାହିଁ। ପୋଲିସ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ଓ ସୁରକ୍ଷା ଦେବାରେ ବିଫଳ ହୋଇଛି। ଏଣୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ଆବଶ୍ୟକ ପରିମାଣର ପୋଲିସ ଫୋର୍ସ ମୁତୟନ କରି ଧାର୍ମିକ ଶୋଭାଯାତ୍ରାକୁ ଅନୁମତି ଦିଆଯାଉ ବୋଲି ଭାଜପା ଜିଲା ସଭାପତି ଗିରିଶ ପଟେଲ ଦାବି କରିଥିଲେ। ସମ୍ବଲପୁର ମହାନଗର ନିଗମର ବୁର୍ଲା, ହୀରାକୁଦରେ ହେଉଥିବା ଜବରଦଖଲ ଉଚ୍ଛେଦକୁ ସେ ନିନ୍ଦା କରିଥିଲେ। ଭାଜପା ବିକାଶକୁ ବିରୋଧ କରୁ ନାହିଁ, ହେଲେ ବିକାଶ ନାଁରେ ସାଧାରଣ ଗରିବ ଲୋକଙ୍କୁ ହଇରାଣ କରାଯିବା ଓ ଜବରଦଖଲ ଉଚ୍ଛେଦ ସମୟରେ ପାତରଅନ୍ତର ନୀତିକୁ ବିରୋଧ କରୁଛି। ପାର୍ବଣ ସମୟରେ ଏଭଳି କାର୍ଯ୍ୟ ଲୋକଙ୍କ ଆର୍ଥିକ, ସାମାଜିକ, ଧାର୍ମିକ ବ୍ୟବସ୍ଥାକୁ ଧରାଶାୟୀ କରିଦେବ। ତେଣୁ ଜବରଦଖଲକାରୀଙ୍କୁ ଥଇଥାନ କରିବାକୁ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା କ୍ଷେତ୍ରୀୟ ପ୍ରବକ୍ତା ତଥା ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି, ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଉପସ୍ଥିତ ଥିଲେ। ସହରବାସୀଙ୍କ ସମସ୍ୟା ନେଇ ଗୁରୁବାର ବିଜେଡି ପକ୍ଷରୁ ଆର୍‌ଡିସିଙ୍କୁ ଦାବିପତ୍ର ଦିଆଯାଇଥିବା ବେଳେ ଶୁକ୍ରବାର ଭାଜପା କ୍ରିୟାଶୀଳ ହୋଇଥିବା ସହରରେ ଆଲୋଚନା ହେଉଛି।

# କେନ୍ଦୁପତ୍ର ବୋଝେଇ ମିନିଟ୍ରକ୍ ଜବତ, ୨ ଗିରଫ

ରେଢ଼ାଖୋଲ,୧୫।୯(ଅଚ୍ୟୁତାନନ୍ଦ ପୁରୋହିତ) ରେଢାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ ଅଧୀନ କୁହ୍ଲିଆବାହାଲି ଓ ନିକଟ ଗ୍ରାମରେ ବନ କର୍ମଚାରୀ ଶୁକ୍ରବାର ଚଢାଉ କରି ଏକ କେନ୍ଦୁପତ୍ର ବୋଝେଇ ମିନିଟ୍ରକ୍ ଜବତ କରିବା ସହ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗ ମେଦିନିପୁରର ଉତ୍ପଳ ଦଲାଇ ଓ ପ୍ରଦୀପ ମାଇତି। ଅଭିଯୁକ୍ତମାନେ ୫୫ନଂ ଜାତୀୟ ରାଜପଥରେ ଫେରାର ହେବାକୁ ଉଦ୍ୟମ କରିଥିଲେ ହେଁ ବନ କର୍ମଚାରୀ ପିଛା କରି ଜିତୁ ଢାବା ନିକଟରେ ଧରିବାକୁ ସକ୍ଷମ ହୋଇଥିଲେ। ଜବତ ମିନିଟ୍ରକ୍ (ଡବ୍ଲ୍ୟୁବି୩୧ଏ-୬୭୪୮)ରେ ଚୋରା ଚାଲାଣ ହେଉଥିବା ୧୯୮ ବଣ୍ଡଲ କେନ୍ଦୁପତ୍ର ଜବତ ହୋଇଛି। ଏ ନେଇ ଚାରମାଳ ରେଞ୍ଜରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚଢାଉରେ ବଡମାଳ ରେଞ୍ଜର ପ୍ରଦୀପ ସେଠୀ, ଫରେଷ୍ଟର ବିଜୟ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ ଏସିଏଫ୍ ଦେବିପ୍ରସାଦ ରାଉତଙ୍କ ନେତୃତ୍ୱରେ ବନ କର୍ମଚାରୀ ଗତ ୫ଦିନ ମଧ୍ୟରେ ୩ଟି ଗାଡିସହ ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଜବତ କରିଛନ୍ତି।

# ଜାତୀୟ ରାଜପଥ ମରଣଯନ୍ତା


ଖାଲଖମାରେ ପରିପୂର୍ଣ୍ଣ ଜାତୀୟ ରାଜପଥ।

## ରାସ୍ତା ଗର୍ତ୍ତରେ ପଡ଼ି ମହିଳା ମୃତ

ଜମନକିରା,୧୫।୯(ରବୀନ୍ଦ୍ର ପ୍ରସାଦ ଦାନି)

୫୩ ନଂ. ଜାତୀୟ ରାଜପଥର ଗୌଡ଼ପାଲିଠାରୁ ଜମନକିରା ପର୍ଯ୍ୟନ୍ତ ୨୨ କି.ମି. ରାସ୍ତା ଶୋଚନୀୟ ହୋଇପଡ଼ିଛି। ଖାଲଖମାରେ ପରିପୂର୍ଣ୍ଣ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। କିଛିଦିନ ପୂର୍ବରୁ ରାସ୍ତା ଖାଲରେ ପଡ଼ି ଜଣେ ମହିଳା ଗୁରୁତର ହୋଇଥିବାବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଗନ୍ତାବ ଗାଁର କ୍ଷେତ୍ରବାସୀ ଭଇଁସା ତାଙ୍କ ମା'ଙ୍କୁ ନେଇ ବାଇକ୍ ଯୋଗେ କୁଚିଣ୍ଡା ପାଖ ଗାଁକୁ ଏକ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଯାଉଥିଲେ। ରାଜପଥର ପିଠାମାରେନଠାରେ ଏକ ଖାଲରେ ବାଇକ୍ ପଡ଼ିଯିବାରୁ ମହିଳା ଗୁରୁତର ହୋଇଥିଲେ। ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କ୍ଷେତ୍ରବାସୀ ଲିଖିତ ଅଭିଯୋଗ କରିବା ପରେ ଜମନକିରା ପୋଲିସ ଏକ ମାମଲା (ନଂ.୧୧୪/୨୩) ରୁଜୁକରି ତଦନ୍ତ ଜାରି ରଖିଛି। ସୂଚନାକ୍ରମେ ରାସ୍ତାର ଏଭଳି ଅବସ୍ଥା ଯୋଗୁ ଗତବର୍ଷ ମଧ୍ୟରେ ୨୧ ଜଣଙ୍କର ମୃତ୍ୟୁ ଘଟିଲାଣି। ଏହା ପରେ ମଧ୍ୟ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ରାସ୍ତା ଗର୍ତ୍ତରେ କେବଳ କ୍ରଶର ଗୁଣ୍ଡ ପୋତି ମରାମତି କାର୍ଯ୍ୟ ସାରି ଦେଉଛନ୍ତି। ଦିନେ ଦୁଇଦିନ ମଧ୍ୟରେ କ୍ରଶର ଗୁଣ୍ଡ ଉଠିଯିବା ପରେ ପଥଚାରୀ ସମାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ତ୍ତୃପକ୍ଷ ଏହାର ସ୍ଥାୟୀ ମରାମତି ନ କଲେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଶେଷଦେବ


@ ସତ୍ୟବାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


DIRECT ADMISSION NO DONATION
For ARTS & SCIENCE
IMPERIAL PRESIDENCY (+2 COLLEGE)
HIGHER SECONDARY SCHOOL
Admission- 8th Sept. to 18 Sept.
For Arts- 15,000/- Per Year
For Science- 20,000/- Per Year
100% RESULT
Hostel Facility available for (Boys & Girls)
Contact- 8249908311, 9556711974

GANDHI INSTITUTE
B.Ed
BALANGIR
Rajendra University Chowk, Near Look At Me
Call No. 9777988852, 9777988870
www.gandhiinstitute.in

ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ନୂଆଁଖାଇ ଗଣପର୍ବ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
TPWODL ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

ପୂଜା କମିଟିର କର୍ମକର୍ତ୍ତାଙ୍କୁ ଟିପିଡବ୍ଲୁଓଡିଏଲ୍ ର ଅନୁରୋଧ
ଆଗକୁ ଆସୁଛି ପୂଜା ପାର୍ବଣର ଉଲ୍ଲାସମୟ ଅବସର।
ପୂଜାମଣ୍ଡପରେ ଆଲୋକସଜ୍ଜା ପାଇଁ ଆଇନ୍ ସମ୍ମତ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
ଏଥିପାଇଁ ଉତ୍ସବର ଯଥେଷ୍ଟ ପୂର୍ବରୁ ଅନ୍-ଲାଇନ୍ କିମ୍ବା ନିକଟସ୍ଥ ଜୁନିୟର ଇଞ୍ଜିନିୟର୍ / ଏସ୍.ଡି.ଓ.ଙ୍କ କାର୍ଯ୍ୟାଳୟରେ ଆବଶ୍ୟକ ଫର୍ମରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ନେବାପାଇଁ ଦରଖାସ୍ତ କରନ୍ତୁ । ଆବଶ୍ୟକୀୟ ନିୟମାବଳୀ ପୂରଣ କରିବାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଆପଣଙ୍କୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦିଆଯିବ ।
OERC ଙ୍କ ଦ୍ୱାରା ଧାର୍ଯ୍ୟ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଶୁଳ୍କ ଦେୟ ଅନୁଯାୟୀ : ପ୍ରତି କିଲୋୱାଟ୍ ବିଦ୍ୟୁତ୍ ଶକ୍ତି ପାଇଁ ଧାର୍ଯ୍ୟ ସାଧାରଣ ବର୍ଗ (ବାଣିଜ୍ୟ) ଶୁଳ୍କ ସହିତ ୧୦% ଅତିରିକ୍ତ (GP+10% extra) ଏବଂ ବିଦ୍ୟୁତ୍ ନିରୀକ୍ଷଣ ବାବଦକୁ ଆବଶ୍ୟକ ଦେୟ ଚାଲାଣ ପୈଠ କରିବାକୁ ପଡିବ। ବିଦ୍ୟୁତ୍ ସଂଯୋଗ ପାଇଁ ଆବଶ୍ୟକ ସରଞ୍ଜାମ ସଂପୃକ୍ତ ଗ୍ରାହକ ଯୋଗାଇ ଦେବେ।
ଆପଣ ଜାଣନ୍ତି କି ?-: ବେଆଇନ ଓ ଅସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର କଲେ ଟ୍ରାନ୍ସଫର୍ମର ଉପରେ ଅତ୍ୟଧିକ ଚାପଜନିତ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ, ଲୋଭୋଲ୍ଟେଜ୍, ବିଦ୍ୟୁତ୍ ଦୁର୍ଘଟଣାଜନିତ ଧନଜୀବନ ହାନୀ ଓ ଜେଲ୍ ଜୋରିମାନା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ ଓ ଏହା ପୂଜା ପାର୍ବଣର ଆନନ୍ଦ ମୁଖରିତ ପରିବେଶକୁ ନଷ୍ଟ କରିଥାଏ।
ଟିପିଡବ୍ଲୁଓଡିଏଲ୍ - ସର୍ବଦା ଆପଣଙ୍କ ପାଇଁ, ଆପଣଙ୍କ ସହିତ !
ବିଦ୍ୟୁତ୍ ସେବା ସମ୍ପର୍କିତ ସୂଚନା ଓ ଅଭିଯୋଗପାଇଁ ଟୋଲ-ଫ୍ରୀ ନଂ. ୧୮୦୦-୩୪୫୬-୭୯୮/୧୯୧୨ ରେ ଯୋଗାଯୋଗ କରନ୍ତୁ।
ଅସୁରକ୍ଷିତ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ, ତାର, ଟ୍ରାନ୍ସଫର୍ମର ଇତ୍ୟାଦି ଆପଣଙ୍କ ନଜରକୁ ଆସିଲେ ଆମର Whatsapp No. 8093049410 ରେ ପଠାନ୍ତୁ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
ACCOUNTANT (Talley)
DATA ENTRY OPERATOR
(Talley & MS Office)
Attend Interview at
NISHAMANI PALACE
Bomikhal, Bhubaneswar-10
On any day.
Ph.No. 7978586205 / 9338554697

ASRIBADA PANCHAKARMA
HERBAL SPA
Female therapist required
Kesarimall, Bhubaneswar
Contact:8926173473

VACANCY
OM Surgical and Chemicals
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax. (Salary negotiable).
Send CV at omsurgical@yahoo.co.in
Mob. No.: 9437014935

ସିକ୍ୟୁରିଟି ଗାର୍ଡ଼ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ଼ର ବଡ଼ ଧରଣର ନିଯୁକ୍ତି
ଓଡ଼ିଶାର ସବୁ ଜିଲ୍ଲାରେ ନିଯୁକ୍ତି
ଦରମା : ୧୨୦୦୦/- ରୁ ୧୮,୦୦୦/-
ରହିବା ପାଇଁ ଘର, ଖାଇବା ମେସ୍
Real King Security Service
8984433623

My Handloom My Pride
ବସ୍ତ୍ର ମନ୍ତ୍ରାଳୟ MINISTRY OF TEXTILES
ସିଲ୍କ ଫ୍ୟାବ
ସିଲ୍କ ହସ୍ତତନ୍ତ ବସ୍ତ୍ରଗୁଡ଼ିକର ପ୍ରଦର୍ଶନୀ ଏବଂ ବିକ୍ରୟ
୦୫ ରୁ ୧୮ ସେପ୍ଟେମ୍ବର ୨୦୨୩
ସକାଳ ୧୧.୦୦ ଘଟିକାରୁ ରାତି ୮.୦୦ ଘଟିକା ପର୍ଯ୍ୟନ୍ତ
ସ୍ଥାନ: ଏକାମ୍ର ହାଟ, ଆଇଡିସିଓ ପ୍ରଦର୍ଶନୀ ପଡ଼ିଆ, ମଧୁସୂଦନ ମାର୍ଗ, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
#MyHandloomMyPride
ଆକର୍ଷଣୀୟ ମୂଲ୍ୟର ଲାଭ ଉଠାନ୍ତୁ
ଉତ୍କୃଷ୍ଟ ସିଲ୍କ ଓ ସୂତା ଶାଢ଼ି
ସଲୱାର ସୁଟ୍
ଡ୍ରେସ୍ ମ୍ୟାଟେରିଆଲ୍ସ
ଓଢ଼ଣି
ଷ୍ଟୋଲ୍ସ
ସ୍ଥାନ ପାଇଁ ସ୍କାନ୍ କରନ୍ତୁ
ପ୍ରବେଶ ନିଃଶୁଳ୍କ
ସମସ୍ତ ପ୍ରମୁଖ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଏବଂ ଭୀମ/ୟୁପିଆଇ ପେମେଣ୍ଟ ଗ୍ରହଣଯୋଗ୍ୟ ।
Follow us on: SilkFab silkfabofficial /silkfabofficial SilkFab /silkfabofficial
ଭାରତର ସମୃଦ୍ଧ ଐତିହ୍ୟ - ହସ୍ତତନ୍ତ ବସ୍ତ୍ର ଗର୍ବର ସହିତ ପିନ୍ଧନ୍ତୁ

## ସଂକ୍ଷେପରେ

### ବିଧାୟକଙ୍କୁ ୧୨ଦଫା ଦାବିପତ୍ର

ଖଡ଼ିଆଳ,୧୫।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳଠାରେ ଜିଲା ସମିତି ସଭ୍ୟ ସଭ୍ୟା ସଂଘ ପରିବାର ପକ୍ଷରୁ ଜିଲା ସଭାପତି ଟଙ୍କଧର ପଟେଲଙ୍କ ସଭାପତିତ୍ୱରେ ସମିତି ସଭ୍ୟ ସଭ୍ୟାମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ତଥା ସେମାନଙ୍କ ବିଭିନ୍ନ ସମସ୍ୟା ବିଧାନ ସଭାରେ ଉପସ୍ଥାପନା କରିବାକୁ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ୧୨ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଜିଲା ଉପ ସଭାପତି ନୀଳକମଲ ଚାନ୍ଦ୍ରକାର, କୋମନା ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଖଡ଼ିଆଳ ସଭାପତି ଡୋଲାମଣୀ ପଣ୍ଡା, ବୋଡେନ ବ୍ଲକ ସଭାପତି ବିଜୟ ବେହେରା, ଚିନ୍ତାମଣି ମାଝି, ଚୁରାନ ସିଂହ ମାଝି, ଅଶୋକ କୁମାର ଦଣ୍ଡସେନା, ନିରଜ କୁମାର ସାହୁ, ଲୋକନାଥ ମାଝି, ହରିଶ କୁମାର ମାଝି, ଭାନୁମତି ମାଝି, ହୀରାସିଂ ନାୟକ, ନମିତା ବିଶ୍ୱାଳ, ଲୀଳା ରାଉତ ରାୟ, ଲୋକେଶ ମାଝି, ଧନିରାମ ମାଝିଙ୍କ ସମେତ ବହୁ ସଂଖ୍ୟାରେ ସମିତି ସଭ୍ୟ ଓ ସଭ୍ୟା ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

### କୋକସରା ପଞ୍ଚାୟତ ସମିତି ବୈଠକ

କୋକସରା,୧୫।୯(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତିର ୨୨ ପଞ୍ଚାୟତ ନିର୍ବାଚିତ ଜନପ୍ରତିନିଧି ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଶୁକ୍ରବାର ବ୍ଲକ ସଭାଗୃହରେ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲଙ୍କ ସଭାପତିତ୍ୱରେ ବିଡ଼ିଓ ଉତ୍ତମ ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ବୈଜୟନ୍ତୀ ପୂଝାରୀ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ୨୨ ପଞ୍ଚାୟତର ସରପଞ୍ଚ ସମିତି ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମୀକ୍ଷା କରିବା ସହ ବିଭିନ୍ନ ପଞ୍ଚାୟତରେ ରହିଥିବା ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ୫-ଟି ଅଧୀନରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଠିକ ତଦାରଖ, ଚଳିତବର୍ଷ ବ୍ଲକର ବିଭିନ୍ନ ପଞ୍ଚାୟତରେ ଦେଖାଦେଇଥିବା ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ପରିଚାଳନା ଉପରେ ଆଲୋଚନା ହୋଇଛି। ସମିତି ସଂଘ ସଭାପତି ଘନଶ୍ୟାମ ନାଏକ ଓ ସରପଞ୍ଚ ସଂଘ ସଭାପତି ନକୁଳ ନାଏକ ବିଭିନ୍ନ ପଞ୍ଚାୟତର ସମସ୍ୟା ଉପରେ ବ୍ଲକ ଅଧ୍ୟକ୍ଷା ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମ ଭାରପ୍ରାପ୍ତ ଜିପିଇଓ ବିରଞ୍ଚି ଖର୍ସେଲ ପରିଚାଳନା କରିଥିଲେ।

### ଜଳବାୟୁ ପରିବର୍ତ୍ତନ ଆଲୋଚନାଚକ୍ର

ଖଡ଼ିଆଳ,୧୫।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ବିଷୟକୁ ଆଧାର କରି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ସୁରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଅଧ୍ୟକ୍ଷ ଡ. ତରୁଣ କୁମାର ପ୍ରଧାନ ସଭାପତିତ୍ୱ କରିବା ସହିତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସିନିୟର୍ କନସଲ୍ଟାଣ୍ଟ ୟୁନିସେଫ ଓଡ଼ିଶା ବିଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଛାତ୍ର ମଙ୍ଗଳ ଅଧିକାରୀ ଡ. ପଦ୍ମଲୋଚନ ବର୍ମା ଓ ମୁଖ୍ୟବକ୍ତା ଭାବେ ୟୁଥ ଫର୍ ୱାଟର ପ୍ଲସ ୟୁନିସେଫ ଇଣ୍ଡିଆ ଅଭିଷେକ ମାନି ଯୋଗଦେଇ ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ସହ ସ୍ୱଚ୍ଛ ଭାରତ, ପରିବେଶରୁ ରକ୍ଷା, ଜଳ ସଂରକ୍ଷଣ ଆଦି ବିଷୟରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଚନ୍ଦ୍ରଶେଖର ଚନ୍ଦ୍ର କାର, ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା ଓ ପ୍ରକୃତି ମିତ୍ର ନୂଆପଡ଼ା ମହେନ୍ଦ୍ର କୁମାର ଯୋଶୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କୁ ସମ୍ମାନ ପୂର୍ବକ ଗଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ସ୍ୱେଚ୍ଛାସେବୀ ତଥା ବହୁ ସଂଖ୍ୟକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ସୁରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନୁଷାଙ୍ଗିକ ସୁବିଧା ନାହିଁ, ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

ଭବାନୀପାଟଣା,୧୫।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଅନ୍ୟତମ ମୁଖ୍ୟ ପର୍ଯ୍ୟଟନସ୍ଥଳୀ ରୂପରେ ବେଶ ପରିଚିତ ଫୁର୍ଲିଝରଣ ଜଳପ୍ରପାତ। ଏଠାକୁ ବର୍ଷତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ବିଶେଷ କରି ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଓ ନୂତନ ବର୍ଷରେ ଭୋଜି ପାଇଁ ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଥାଏ ଏହି ଜଳପ୍ରପାତ। ହେଲେ ଆନୁଷାଙ୍ଗିକ ବ୍ୟବସ୍ଥା ନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ବର୍ତ୍ତମାନ ମୁହଁ ଫେରାଇବାକୁ ବସିଲେଣି। ସୂଚନା ଯେ, କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ରହିଛି ଫୁର୍ଲିଝରଣ ଜଳପ୍ରପାତ। ଭବାନୀପାଟଣା ମୁଖ୍ୟାଳୟରୁ ମାତ୍ର ୧୨ କି.ମି. ଦୂରରେ ଥିବା ଏହି ଜଳପ୍ରପାତରୁ ୪୯ ଫୁଟ ଉପରୁ ପଡୁଥିବା ଜଳଧାରା ଲୋକଙ୍କୁ ବେଶ ଆକର୍ଷିତ କରିଥାଏ। ସନ୍ଧ୍ୟାରେ ଝରଣାରେ ସୂର୍ଯ୍ୟକିରଣ ପଡି ସୃଷ୍ଟି ହେଉଥିବା ଇନ୍ଦ୍ରଧନୁ ଲୋକଙ୍କ ବେଶ ଦୃଷ୍ଟି ଆକର୍ଷଣ କରିଥାଏ। ପ୍ରତିବର୍ଷ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏହାର ସୌନ୍ଦର୍ଯ୍ୟକରଣରେ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥାଏ। ଏଠାରେ ଜଳପ୍ରପାତ ସାଙ୍ଗକୁ ଏକ ଚିତ୍ତାକର୍ଷକ ଗେଟ, ଛୋଟ ଶିଶୁମାନଙ୍କ



ଫୁର୍ଲିଝରଣ ଜଳପ୍ରପାତ।

ପାଇଁ ବିଭିନ୍ନ ଖେଳଣା ସାମଗ୍ରୀ ସହ ଏକ ଶିଶୁ ଉଦ୍ୟାନ, ବିଭିନ୍ନ ବନ୍ୟଜନ୍ତୁଙ୍କ ସିମେଣ୍ଟ ମୂର୍ତ୍ତି, ବାଉଁଶ ଘର, ଏକ ରେଷ୍ଟୁରାଣ୍ଟ, ପିଇବା ପାଇଁ ସ୍ୱଚ୍ଛ ପାଣିର ବ୍ୟବସ୍ଥା, ମହିଳା ଓ ପୁରୁଷଙ୍କ ପାଇଁ ଶୌଚାଳୟ, ଏକ ସେଲ୍ଫି ପଏଣ୍ଟ, ଏକ ପରିଦର୍ଶନ ଟାୱାର, ବିଶ୍ରାମ ନେବା ପାଇଁ ରେଷ୍ଟସେଡ ଭଳି ଅନେକ ଜିନିଷ ଏଠାରେ ତିଆରି କରାଯାଇଛି। ଯେଉଁଥି ପାଇଁ ଲୋକେ ଏଠାକୁ ଆସିବା ପାଇଁ ବେଶ ପସନ୍ଦ କରନ୍ତି। ଭିତରକୁ ଯିବା ପାଇଁ ଟିକଟ ବ୍ୟବସ୍ଥା ରହିଥିବା ଯୋଗୁ ବନ ବିଭାଗକୁ ବେଶ ଲାଭ ମଧ୍ୟ ହେଉଥାଏ। ଜଳପ୍ରପାତର ସୌନ୍ଦର୍ଯ୍ୟକରଣରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କିଛି କିଛି ମୌଳିକ ଅସୁବିଧା ପାଇଁ ବର୍ତ୍ତମାନ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଫୁର୍ଲିଝରଣ ଜଳପ୍ରପାତ ଅଭୟାରଣ୍ୟ ମଧ୍ୟରେ ଥିବା ବେଳେ ସେଠି କୌଣସି ନେଟୱର୍କର ସୁବିଧା ନାହିଁ। ଜଳପ୍ରପାତରେ ପ୍ରତିବର୍ଷ ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ଘଟେ। କୌଣସି ଅଘଟଣ ଘଟିଲେ ପୋଲିସ କିମ୍ବା ଆମ୍ବୁଲାନ୍ସ ଡାକିବା ପାଇଁ ମଧ୍ୟ ଲୋକଙ୍କ ପାଇଁ କଷ୍ଟକର

### ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଫୁର୍ଲିଝରଣ ଜଳପ୍ରପାତ

ହେଇ ପଡ଼େ। ମହିଳାମାନଙ୍କ ପାଇଁ ଥିବା ଶୌଚାଳୟ ଅନେକ ସମୟରେ ତାଲା ପଡି ରହିଥିବା ଯୋଗୁ ମହିଳାମାନେ ଅସୁବିଧାର ସାମ୍ନା କରିଥାନ୍ତି। ରେଷ୍ଟୁରାଣ୍ଟ ମଧ୍ୟ ପ୍ରାୟ ସମୟରେ ବନ୍ଦ ରହୁଥିବା ଯୋଗୁ ସେଠାରେ କୌଣସି ଖାଇବା ଜିନିଷ ମିଳେ ନାହିଁ। ବାହାରୁ ଖାଦ୍ୟ ନେଇ ସେଠାକୁ ଯିବା ପାଇଁ ମନା କରାଯାଉଥିବା ବେଳେ ଜଳପ୍ରପାତ ଜଙ୍ଗଲ ଭିତରେ ଥିବାରୁ ଆଖପାଖରେ କୌଣସି ଜିନିଷ ମିଳିବା କୌଣସି ସମ୍ଭାବନା ମଧ୍ୟ ନ ଥାଏ। ଯେଉଁଥିପାଇଁ ଲୋକେ ଭୋକ ଓପାସରେ ମଧ୍ୟ ଫେରି ଆସୁଥିବା ଦେଖାଯାଏ। ଜଳପ୍ରପାତ ପାଖରେ ଏକ ଲୁହା ରେଲିଂକୁ ଛାଡିଦେଲେ ଅନ୍ୟ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଲୋକେ ଅନେକ ସମୟରେ ପାଣିରେ ପଡି ପ୍ରାଣ ହରାଉଥିବା ଖବର ମଧ୍ୟ ସାମ୍ନାକୁ ଆସେ ଉପରୋକ୍ତ ସମସ୍ୟା ଗୁଡିକର ସମାଧାନ କରା ଗଲେ ପୁଣି ଥରେ ଏଠାକୁ ବହୁତ ସଂ ଖ୍ୟାରେ ପର୍ଯ୍ୟଟକ ଆସିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଥିପ୍ରତି ଜିଲା ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପଥର୍ଲା, ବାହାଦୁରପଦର, ପଲକାପଡ଼ାବାସୀଙ୍କ ନୂଆଁଖାଇ



ପଥର୍ଲାବାସୀ ନୂଆଁଖାଇ ନବାନ୍ନ ଭକ୍ଷଣ କରୁଛନ୍ତି।

କେସିଙ୍ଗା,୧୫।୯(ତୁମେଶ୍ୱର ସାହୁ)

ପଶ୍ଚିମ ଓଡିଶାର ମହାନ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପଥର୍ଲା, ବାହାଦୁରପଦର ସମେତ ପଲକାପଡାବାସୀ ଶୁକ୍ରବାର ପାଳନ କରିଛନ୍ତି। ପୂର୍ବରୁ ନିର୍ଦ୍ଧାରିତ ସମୟ କାଳରୁ ବା ଗଙ୍ଗ ବଂଶୀୟ ରାଜାରାଜୁଡ଼ି ସମୟରୁ ଚାରି ଦଶନ୍ଧିରୁ ଚାଲିଆସୁଥିବା ପ୍ରତିବର୍ଷ ଭାଦ୍ରବ ମାସ ସପ୍ତପୁରୀ ଅମାବାସ୍ୟା ପ୍ରତିପଦାରେ ପଥର୍ଲା ଗୌନ୍ତିଆଙ୍କ ଆଦେଶରେ ପଶ୍ଚିମ ଓଡିଶାର ଏହି ମହାନ ଗଣପର୍ବ ସର୍ବପ୍ରଥମେ ପଥର୍ଲା, ବହାଦୁରପଦର ସମେତ ପଲକାପଡା ବାସିନ୍ଦା ନୂଆଁଖାଇ ପାଳନ କରିଥାନ୍ତି। ପୂର୍ବରୁ ନିର୍ଦ୍ଧାରିତ ସମୟରେ ଏହି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବଦେବୀଙ୍କଠାରେ ନବାନ୍ନ ଭୋଗ ଯଥା ନୂଆ ଧାନର ନୂଆ ଚୁଡାକୁ କୁରେ ପତରର ଉପରେ ଗୁଡ଼, କଦଳୀ ସହିତ ନୂଆ ଚୁଡାକୁ ମିଶାଇ ଭୋଗ କରିଥାନ୍ତି ଗ୍ରାମର ମୁଖ୍ୟ ପୂଜକଙ୍କ ଘରେ ନୂଆ ଧାନ ନୂଆ ଚୁଡା ସମେତ କୁରେ ପତର ସହ କ୍ଷୀରି ପିଠାପଣା ଆଦି ଗ୍ରାମର ଇଷ୍ଟ ଦେବଦେବୀଙ୍କ ପାଖେ ଭୋଗ ଅର୍ପଣ ପରେ ଗ୍ରାମର ଘରେ ଘରେ ଲୋକେ ନୂଆଁଖାଇ ପାଳନ କରିଛନ୍ତି। ଘରେ ପ୍ରସ୍ତୁତ ନବାନ୍ନ ବୟୋଜ୍ୟେଷ୍ଠଙ୍କ ହାତରୁ ନବାନ୍ନ ପ୍ରସାଦ ଖାଇସାରିବା ପରେ ପ୍ରତ୍ୟେକ ଲୋକ ନୂଆ କପଡା ପିନ୍ଧି ଜୁହାର ଭେଟଘାଟ କାର୍ଯ୍ୟକ୍ରମ ହୋଇଥାଏ। ଏହି ଅବସରରେ ଦୂରଦୂରାନ୍ତରୁ ସମ୍ପର୍କୀୟମାନେ ନିଜ ଘରକୁ ଆସି ବେଶ ଖୁସି ମୌଜାରେ ନୂଆଁଖାଇ ପାଳନ କରିଥାନ୍ତି। ପଶ୍ଚିମ ଓଡିଶାରୁ ସର୍ବ ପ୍ରଥମେ ପଥର୍ଲା, ବହାଦୁପଦର, ପଲକାପଡା ଗ୍ରାମବାସୀ ନୂଆଁଖାଇ ସାରି ଛୋଟରୁ ବଡ଼ ସମସ୍ତେ ଖୁସିମତ ପ୍ରକାଶ କରୁଛନ୍ତି।

# ୨୫ରୁ ଫୁଟ୍‌ବଲ ମହାକୁମ୍ଭ, ଭାଗ ନେବେ ୭୦ ଟିମ୍




ଖବରଦତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଖଡ଼ିଆଳ,୧୫।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳଠାରେ ଆସନ୍ତା ୨୫ ତାରିଖଠାରୁ ଫୁଟବଲ ମହାକୁମ୍ଭ ଆରମ୍ଭ ହେବ। ଅକ୍ଟୋବର ୧୨ ତାରିଖ ସନ୍ଧ୍ୟା ୫ଟାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଭାଗ ନେଇଥିବା ସମସ୍ତ ଫୁଟବଲ ଟିମକୁ ସ୍ମାରକୀ ଟ୍ରଫି ପ୍ରଦାନ ସହିତ ଭଲ ଖେଳାଳିମାନଙ୍କୁ ପ୍ରତ୍ୟେକ ଦିନ ସମ୍ମାନିତ କରାଯିବ। ବିଜୟୀ ଟିମକୁ ୫୧ ହଜାର ଟଙ୍କା ଓ ଉପବିଜେତା ଦଳକୁ ୩୧ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ମହାକୁମ୍ଭରେ ଭାଗ ନେଇଥିବା ୭୦ଟି ଟିମରୁ ୩୦ଜଣ ଭଲ ଖେଳାଳି ଚୟନ କରି ରାଜ୍ୟ ତଥ୍ୟ ଜାତୀୟ ଖେଳ ପାଇଁ ତାଲିମ ପ୍ରଦାନ କରାଯିବା ଲକ୍ଷ୍ୟ ରଖାଯାଇଛି। ଖଡ଼ିଆଳ ଅଞ୍ଚଳରେ ଫୁଟବଲ ଖେଳର ବିକାଶ କରିବା ଏହି ଫୁଟବଲ ମହାକୁମ୍ଭର ଉଦ୍ଦେଶ୍ୟ ବୋଲି ଖଡ଼ିଆଳ କ୍ରିକେଟ ଆସୋସିଏଶନ (କେସିଏସଏ)

### ଖବରଦାତା ସମ୍ମିଳନୀରେ କେସିଏସ୍ଏ କମିଟିର ସୂଚନା

କମିଟି ପକ୍ଷରୁ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ସୂଚନା ଦିଆଯାଇଛି। ଫୁଟବଲ ମହାକୁମ୍ଭରେ ଜିଲାର ଖଡ଼ିଆଳ, ବୋଡ଼େନ ଓ ସିନାପାଲି ବ୍ଲକର ୭୦ଟି ପଞ୍ଚାୟତ ଭାଗ ନେବେ ଓ ୬୯ ଗୋଟି ମ୍ୟାଚ ହେବ। ଫୁଟବଲ ମହାକୁମ୍ଭ କେସିଏସଏ ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ହେବ। ସେପ୍ଟେମ୍ବର ୨୫ ଉଦଘାଟନୀ ଦିନ ସମଲେଶ୍ୱରୀ ମନ୍ଦିରରୁ ବିଶାଳ ମଶାଲ ଶୋଭାଯାତ୍ରାରେ ବାହାରି ଖେଳ ପଡିଆରେ ମଶାଲ ସ୍ଥାପନ କରାଯିବ। ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଘୁମୁରା, ଦୁଲଦୁଲି ବାଦ୍ୟ ସହିତ ସମ୍ବଲପୁରୀ ଗାଇକା ଅର୍ଚ୍ଚନା ପାଢ଼ୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମ୍ୟାଚର ପ୍ରତ୍ୟେକ ଦିନ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବେ। ଫୁଟବଲ ମହାକୁମ୍ଭରେ ଭାଗ ନେଇଥିବା ସମସ୍ତ ଟିମକୁ ଡ୍ରେସ ଓ ବୁଟ ପ୍ରଦାନ କରାଯିବ। ଏଥିରେ କେବଳ ନିଜ ପଞ୍ଚାୟତ ଖେଳାଳି ଭାଗ ନେଇ ପାରିବେ। ପ୍ରତ୍ୟକ ଦିନ ଅପରାହ୍ନ ସାଢେ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ଟି ଖେଳ ହେବ ଓ ଛୁଟି ଦିନଗୁଡିକରେ ୬ଟି ମ୍ୟାଚ ହେବ। ଫୁଟବଲ ମହାକୁମ୍ଭକୁ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସମ୍ପୂର୍ଣ୍ଣ ସହଯୋଗ କରିବେ। ଖବରଦତା ସମ୍ମିଳନୀରେ ବରିଷ୍ଠ ସଦସ୍ୟ ଜିତେନ୍ଦ୍ରନାଥ ପଟ୍ଟନାୟକ, କେସିଏସଏ ସମ୍ପାଦକ ଛବି ସାଗର, ଶିକ୍ଷାବିତ୍ତ ସତୀଶ ପଟ୍ଟନାୟକ, ଆଇନଜୀବୀ ଗିରିଧାରୀ ବିଭାର, ସନ୍ତୋଷ ପଟ୍ଟନାୟକ ଫିରୋଜ ଖାନଙ୍କ ସମେତ ଖଡ଼ିଆଳ କେସିଏସଏ ଫୁଟବଲ ଟିମର ବହୁ ସଦସ୍ୟ ଯୋଗଦେଇଥିଲେ।

### ଝାଲବାହାଲ ଗାଁରେ ବେଙ୍ଗୁଲୀବେଙ୍ଗ ବାହାଘର

ଖପ୍ରାଖୋଲ,୧୫।୯(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଝାଲବାହାଲ ଗାଁରେ ସପ୍ତପୁରି ତଥା ପୁରା ଅମାବାସ୍ୟା ଅବସରରେ ବେଙ୍ଗୁଲି ବେଙ୍ଗ ବାହାଘର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାରମ୍ପାରିକ ଭାବରେ ଦୀର୍ଘ ବର୍ଷ ଧରି ଗାଁରେ ବେଙ୍ଗୁଲି ବେଙ୍ଗ ବାହାଘର ପୁରା ଅମାବାସ୍ୟାରେ ପାଳିତ ହୋଇଆସୁଛି। ପୂର୍ବଦିନ କୁନିକୁନି ଝିଅମାନେ ଘରଘର ବୁଲି ବାହା ଘର ନିମନ୍ତ୍ରଣ ଦେଉଥିବାବେଳେ ଅମାବାସ୍ୟା ଦିନ ବେଙ୍ଗୁଲି ଓ ବେଙ୍ଗର ବାହାଘର କରିଥାନ୍ତି। ଦୁଇ ଜଣ ଝିଅଙ୍କୁ କନ୍ୟା ଓ ବର ବେଶରେ ସଜାଇ ବାହା କରିଥାନ୍ତି। ବେଙ୍ଗୁଲି ବାହା ଘର କଲେ ଭଲ ବର୍ଷା ହେବା ସହ ଫସଲ ଭଲ ହୋଇଥାଏ। ଗାଁରେ ରୋଗ ବ୍ୟାଧି ଆଦି ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। ପରେ ଗାଁ ପରିକ୍ରମା କରି ବେଙ୍ଗୁଲି ବେଙ୍ଗକୁ ବନ୍ଦାପନା କରିବା ସହ ପାଣିରେ ବିସର୍ଜନ କରିଥାନ୍ତି।

### ଜମାକାରୀ ଶିକ୍ଷା, ସଚେତନତା କର୍ମଶାଳା

ମଦନପୁର,୧୫।୯(ସନ୍ତୋଷ କୁମାର ଦଣ୍ଡସେନା)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଗ୍ରାମପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସହାୟତା ତଥା ସାଧନ ନୂଆଦିଲ୍ଲୀ ଓ ସମ୍ପର୍କ ଫିନ୍ ସର୍ଭିସେସ୍ ଭୁବନେଶ୍ୱର ମିଳିତ ସହଯୋଗରେ ଜମାକାରୀ ଶିକ୍ଷା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ, ମଦନପୁର ପୋଷ୍ଟ ମାଷ୍ଟର ନାଗେଶ୍ୱର ରଣା ଓ ମହାଶକ୍ତି ଫାଉଣ୍ଡେଶନ ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରୁ ପାଇଥିବା ଋଣର ଉଚିତ୍ ବିନିଯୋଗ, ବ୍ୟବସାୟ ପାଇଁ ଆବଶ୍ୟକତା ଅନୁଯାୟୀ ଋଣ ଦରଖାସ୍ତ, ରୋଜଗାର ଭିତ୍ତିକ ବ୍ୟବସାୟର ଆୟରୁ ଋଣ କିସ୍ତି ଫେରସ୍ତ ତଥା ଅତ୍ୟଧିକ ଋଣ ଭାରଗ୍ରସ୍ତ ନ ହେବା ଇତ୍ୟାଦି ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ଡିଜିଟାଲ ମାଧ୍ୟମରେ ଟଙ୍କା ଆଦାନ ପ୍ରଦାନ କରୁଥିଲେ ଆବଶ୍ୟକ ସର୍ତ୍ତକତାର ବିଭିନ୍ନ ଦିଗ ବିଷୟରେ ସମ୍ବଳ ବ୍ୟକ୍ତିମାନେ ଅଂଶ ଗ୍ରହଣକାରୀଙ୍କୁ ବୁଝାଇଥିଲେ। ଅଜଣା ନମ୍ବରରୁ ଆସୁଥିବା ଫୋନ୍‌ରେ ନିଜର କୌଣସି ଗୋପନୀୟ ତଥ୍ୟ ନ ଦେବା ପାଇଁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ସାହୁ, ନାଗେଶ୍ୱର ରଣା ଓ ସୁଶ୍ରୀ ମମିତା ପୂଝାରୀ ତାଲିମ୍ ପ୍ରଦାନ କରିଥିଲେ। କଳ୍ପନା ଦଣ୍ଡସେନା, ମୋହନପ୍ରିୟା ଭୋଇ, ସିମିନି କପାଟ ସହଯୋଗ କରିଥିଲେ। କର୍ମଶାଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଗୋଷ୍ଠୀ ସହାୟିକା, ଚାଷୀ ଗୋଷ୍ଠୀରୁ ୬୫ଜଣ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

# ଅଲେଖ ମହିମା ଆଶ୍ରମର ରୂପାନ୍ତରଣ ପାଇଁ ଆର୍ଥିକ ସହାୟତା ଦାବି



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭବାନୀପାଟଣା,୧୫।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମା' ଅଲେଖ ମହିମା ଆଶ୍ରମର ରୂପାନ୍ତର କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଦାବି ହୋଇଛି। ଏ ନେଇ ଶୁକ୍ରବାର ସାଇନିଙ୍ଗ କଳାହାଣ୍ଡି ଅଧ୍ୟକ୍ଷ ଡ଼. ଭବାନୀ ଶଙ୍କର ନିଆଲଙ୍କ ନେତୃତ୍ୱରେ ସାଧୁସନ୍ଥମାନଙ୍କ ଏକ ପ୍ରତିନିଧି ମଣ୍ଡଳୀ ଭବାନୀପାଟଣାରେ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ଅତିରିକ୍ତ ଜିଲାପାଳ ଗ୍ରହଣ କରିଥିଲେ। ଏଥିରେ ଆଶ୍ରମର ଧୂନିମଣ୍ଡପ ନିର୍ମାଣ, ଆଶ୍ରମ ପାଇଁ ଗୋଷ୍ଠୀକେନ୍ଦ୍ର ନିର୍ମାଣ, ଆଶ୍ରାମକୁ କଂକ୍ରିଟ ରାସ୍ତା ନିର୍ମାଣ, ଆଶ୍ରମ ପାଇଁ ଆଲୋକିକରଣ ବ୍ୟବସ୍ଥା, ଆଶ୍ରମ ପାଚେରି ନିର୍ମାଣ ଆଦି ଦାବି ରହିଛି। ସୂଚନାଯୋଗ୍ୟ ଯେ, ଏହି ଆଶ୍ରମରେ ପଶ୍ଚିମ ଓଡିଶା, ଜୋରନ୍ଦାଗାଦୀ,

### ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

କୋରାପୁଟର ଭକ୍ତ ଓ ସାଧୁମାନେ ବର୍ଷତମାମ ଆସିବାଯିବା କରିଥାନ୍ତି। ଏହାର ପୁନଉଦ୍ଧାର ଆବଶ୍ୟକତା ରହିଛି। ଜିଲାପାଳଙ୍କ ଜରିଆରେ ୫-ଟି ସଚିବଙ୍କୁ ଅନ୍ୟୁନ୍ୟ ୨୫ ଲକ୍ଷ ଟଙ୍କାର ଆର୍ଥିକ ବ୍ୟୟ ବରାଦ କରିବା ପାଇଁ ଦାବି କରାଯାଇଥିଲା। ଉକ୍ତ ପ୍ରତିନିଧି ମଣ୍ଡଳରେ ବ୍ରହ୍ମ ଅବଧୂତ ସଦାନନ୍ଦ ବାବା, ଭଗବାନ ବାବା, କପିଳେନ୍ଦ୍ର ବାବା, ଆନନ୍ଦ ବାବା, ଅମୃତ ବାବା, ବ୍ରହ୍ମଚାରୀ ବାବା, କାର୍ତ୍ତିକ ଦାସ, ଶଙ୍କର ଭକ୍ତ, ଗିରିଧାରୀ ତ୍ୟାଗୀ, ମହେଶ୍ୱର ଦାସ, ଗୋବିନ୍ଦ ଦାସ, ନନ୍ଦରାଜ ଦାସ, ବାଲି ଭକ୍ତ, ଉମାକାନ୍ତ ଭକ୍ତ, ମୁକୁନ୍ଦ ରଣା, ପରମାନନ୍ଦ ରଣା, ପରମେଶ୍ୱର ଭକ୍ତ, ଜଗଦୀଶ ମାଝି, ରଘୁ ଭକ୍ତ, ଘନ ଭକ୍ତ, ଋଷି ଭକ୍ତ ପ୍ରମୁଖ ଯୋଗଦେଇଥିଲେ।

# ପାଚିକା ସହାୟିକା ସଂଘ ପକ୍ଷରୁ ୬ଦଫା ଦାବିପତ୍ର

କେସିଙ୍ଗା,୧୫।୯(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପାଚିକା ସହାୟିକା ସଂଘ ଓ ଭାରତୀୟ ମଜଦର ସଂଘ ମିଳିତ ଭାବେ ଶୁକ୍ରବାର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ୨୬ଟି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ପ୍ରାୟ ୮୦ଜଣ ସ୍କୁଲ ପାଚିକା ସହାୟିକାମାନେ ୬ଦଫା ଦାବି ନେଇ କେସିଙ୍ଗା ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ଦାବିଗୁଡ଼ିକ ମଧ୍ୟରେ ସର୍ବନିମ୍ନ ମଜୁରୀ ପ୍ରଦାନ, ଇପିଏଫ ଲାଗୁ କରିବା ସହିତ ସାମାଜିକ ସୁରକ୍ଷା ପ୍ରଦାନ, ସମସ୍ତଙ୍କ ପାଇଁ ବୀମା ଲାଗୁ କରାଯାଉ ଏବଂ ଅବସର ନେବା ପରେ ଅବସରକାଳୀନ ଭତ୍ତା ପ୍ରଦାନ ଆଦି ଦାବି ରହିଛି। ଏଥିରେ ଜିଲା ସମ୍ପାଦକ ଭାରତୀୟ ମଜଦୁର ସଂଘ ବିଶ୍ୱରଞ୍ଜନ ସା, ଜିଲା ଉପ ସଭାପତି ନବୀନ ଛତ୍ରିଆ, ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ମୋହନ କର, ସନ୍ୟାସୀ ପ୍ରଧାନ, ଲୋଚନ ସାହୁ, ରାଧାକାନ୍ତ ବେହେରା, ବଳରାମ କର, ପାଚିକା ସହାୟିକା ସଂଘ ଜିଲା ସଭାନେତ୍ରୀ ବିମଳା ଗୌଡ, ସମ୍ପାଦିକା ତପସ୍ୱିନି ମହାରଣା, ବ୍ଲକ ସଭାନେତ୍ରୀ ରଶ୍ମିତା ହର୍ନା ଓ ସମ୍ପାଦିକା ମମତା ଗହିର ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଧର୍ମଗଡ଼ ଜିଲା ଗଠନ ପାଇଁ ଗର୍ଜିଲେ କୋକସରାବାସୀ

କୋକସରା/ଧର୍ମଗଡ଼,୧୫।୯ଦୁଷ୍ମନ୍ତ କୁମାର ପାଇଯୋଶୀ/ହିମାଂଶୁ ଶେଖର ପଣ୍ଡା)

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ନେଇ ଚାଲିଥିବା ଗଣଧାରଣା ଶୁକ୍ରବାର ୧୯ ଦିନରେ ପହଞ୍ଚିଛି। ଏହି ଗଣଆନ୍ଦୋଳନ ସାମିଲ ହୋଇ ଗର୍ଜିଥିଲେ କୋକସରା ବ୍ଲକବାସୀ। ଧର୍ମଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବିର ଯଥାର୍ଥତା ରହିଛି। ସରକାର ତୁରନ୍ତ ଏହା ଉପରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଗଣଧାରଣାରେ ଯୋଗଦେଇ କୋକସରା ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକ ସଂଘ ସମ୍ପାଦକ ମିନିକେତନ ପ୍ରଧାନୀ, ସରପଞ୍ଚ ସଂଘ ସଭାପତି ନକୁଳ ନାଏକ ଧର୍ମଗଡ ଉପଖଣ୍ଡର ସାମଗ୍ରିକ ବିକାଶ ପାଇଁ ଧର୍ମଗଡ ଜିଲା ଗଠନ ଅପରିହାର୍ଯ୍ୟ ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସଂଘ ସମ୍ପାଦକ




ଗଣଧାରଣାରେ କୋକସରାବାସୀ ସାମିଲ ହୋଇଛନ୍ତି।

### ୧୯ ଦିନରେ ପହଞ୍ଚିଲା ଧାରଣା

ଇଶରାମ କୋଲଥିଆ, ସାମାଜିକ କର୍ମୀ ପୁରୁଷୋତ୍ତମ ଗୁପ୍ତା, ଡହଗାଁ ପାକ୍ସ ସଭାପତି ବ୍ରଜରାଜ ନାଏକ, କହ୍ନେଇ ଚରଣ ଦାସ, ସମିତି ସଭ୍ୟ ସଂଘ ସଭାପତି ଘନଶ୍ୟାମ ନାଏକ, ସରପଞ୍ଚ ରୁକ୍ମଣୀ ବାଣୁଆ, ଯମୁନା ନାଏକ, ମାଧବୀ ଧରୁଆ, କୁରୁକ୍ଷେତ୍ର ବେହେରା, ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟା ଅଞ୍ଜନା ଦୁର୍ଗା, ଅନୁଶୟ ମାଝି, ଗୁପ୍ତେଶ୍ୱର ବାଗ, ଶିବାନୀ ଗଏନ୍ତା, ପାର୍ବତୀ ବାଗ, ମୁକ୍ତେଶର ନାଏକ, ଉଆଁସି ପାନ, ବୈଦେହି ବେଶ୍ରା ପ୍ରମୁଖ ଯୋଗଦେଇ ଧର୍ମଗଡ ଜିଲା ଗଠନ ଦାବିକୁ ସମର୍ଥନ ଦେଇଥିଲେ। ଧର୍ମଗଡ ଜିଲା ଦାବି କ୍ରିୟାନୁଷ୍ଠାନ କମିଟି ସଂଯୋଜକ ବରିଷ୍ଠ ଓକିଲ ତୁଷାର ରଞ୍ଜନ ପଟ୍ଟଯୋଷୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରିୟାନୁଷ୍ଠାନ କମିଟି ସଦସ୍ୟ ରାଜେନ୍ଦ୍ର କୁମାର ମୁନି, ସନ୍ତୋଷ କୁମାର ପାଢୀ, ରତନ ନାଏକ, ଦିଗାମ୍ବର ଦୁରିଆ, ପ୍ରସନ୍ନ ଅଗସ୍ତି, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରକ୍ତଦାନ ଶିବିର, ୩୧ ୟୁନିଟ୍ ସଂଗ୍ରହ

**ପାଇକମାଳ, ୧୫।୯(ବଢ ଶତପଥୀ):** ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ଏନ୍ଏସ୍ଏସ୍‌ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଲେଜ ପରିଚାଳନା କମିଟି ସଭାପତି ବିଜୟ କୁମାର ସ୍ୱାଇଁ, ଅଧ୍ୟକ୍ଷ ଲୋହିତ କୁମାର ବାରିକ, ପୂର୍ବତନ ତହସିଲଦାର ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ, ଦଶରଥ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପଦ୍ମପୁର ସରକାରୀ ଡାକ୍ତରଖାନା ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ସମୁଦାୟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ମେଳା

**ପଦ୍ମପୁର, ୧୫।୯(ପ୍ରଦୀପ୍ତ ଦାଶ):** ପଦ୍ମପୁର ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଲୋଭାଦିନୀ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜମରତଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ କୁମାର ଖମାରୀ, ସମ୍ମାନୀତ ଅତିଥି ଭାବେ ଶୁଶାନ୍ତ ଯୋଶୀ ଏବଂ ମୁଖ୍ୟବକ୍ତା ଭାବେ ମାନସ ରଞ୍ଜନ ଶତପଥି ଯୋଗ ଦେଇଥିଲେ। ଶିକ୍ଷକ ଅଭିଳାଷ ସାହୁଙ୍କ ସଂଯୋଜନାରେ ସଭା ପରିଚାଳିତ ହୋଇଥିଲା। କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ଅଭିନବ ଏବଂ ସୃଜନାତ୍ମକ ୩୨ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରୀତିରଶ୍ମୀ ସେଠ୍ ସାଇଫରୀର ତାତ୍ପର୍ଯ୍ୟ ସମ୍ବନ୍ଧରେ ପିଲାମାନଙ୍କୁ ଅବଗତ କରାଇଥିଲେ। ଜୁନିୟର ଏବଂ ସିନିୟର ଗ୍ରୁପ୍‌ରୁ ତିନୋଟି ଲେଖାଏଁ ପ୍ରକଳ୍ପ ବଛାଯାଇ ପୁରସ୍କୃତ କରାଯାଇଥିଲା। ପ୍ରଭାସିନୀ ସା, ରୁଦ୍ରାଙ୍ଗଦ ବାରିକ, ମଧୁସ୍ମିତା ବର୍ଗେ, ହରେକୃଷ୍ଣ ମେହେର, ଅମ୍ବିକା ରଥ, ଚନ୍ଦ୍ରଶେଖର ଭୋସାଗର, ସୁନୀତା ଖମାରୀ, ଦୀପକ କୁମାର ତିୱାରୀ ପ୍ରମୁଖ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ଝଗରା ଧନ୍ୟବାଦ ଅର୍ପଣ କରିଥିଲେ।

### ଲରମ୍ଭା କଲେଜରେ ରକ୍ତଦାନ ଶିବିର

**ଅତାବିରା, ୧୫।୯(ହୃଷୀକେଶ ଖମାରୀ)**

ବରଗଡ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁବ ରେଡକ୍ରସ, ଏନ୍ଏସ୍ଏସ୍, ଏନ୍‌ସିସି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣୀର ମିଳିତ ଉଦ୍ୟମରେ ଏହି ଶିବିର ହୋଇଥିଲା। କଲେଜର ବରିଷ୍ଠ ପ୍ରାଧ୍ୟାପକ ଅଶୋକ ମହାନ୍ତି ଶିବିରର ଶୁଭାରମ୍ଭ କରିଥିଲେ। ଏଥିରେ ଲରମ୍ଭା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁଶ୍ରୀ ସମ୍ପର୍ଣ୍ଣା ରଥ, ଆୟୁଷ ଡାକ୍ତର ତ୍ରିଲୋଚନ ବରାଳ, ଅଧ୍ୟାପକ ଡ. ଦିଗମ୍ବର ଚାନ୍ଦ, ମନୋରଞ୍ଜନ ତ୍ରିପାଠୀ, ମୁଖ୍ୟ କିରାଣୀ ପ୍ରମୋଦ ସେଟ, କଲ୍ୟାଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ପାଣ୍ଡବ କର୍ଣ୍ଣ ଉପସ୍ଥିତ ଥିଲେ। ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବରଗଡ ସରକାରୀ ଡାକ୍ତରଖାନା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କଲେଜ ଯୁବ ରେଡକ୍ରସ ଅଧିକାରୀ କାଦମ୍ବିନୀ ଗୁରୁ, ସୁନୀଲ କୁମାର ପ୍ରଧାନ, ହରିଶ ପାତ୍ର, ଏନ୍ଏସ୍ଏସ୍ ଅଧିକାରୀ ଡ. ଅଜିତ କୁମାର ନାଥ, ସଂଘମିତ୍ରା ମହାକୁର, ଗଣେଶ ସିଂ, ରିଙ୍କି ଖେତି, ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ପାଟମଞ୍ଜରୀ ସାହୁଙ୍କ ସମେତ ପ୍ରତ୍ୟେକ ବିଭାଗର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ପରେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଶୁକ୍ରବାର ବରଗଡ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଉଛି।

# ଶିକ୍ଷକ ଆନ୍ଦୋଳନ ଜାରି, ଛାତ୍ରୀଛାତ୍ର ନିରାଶ

**ବରଗଡ, ୧୫।୯(ପ୍ରେମାନନ୍ଦ ଖମାରୀ)**

ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମସ୍ତ ପ୍ରକାରର ଠିକା ନିଯୁକ୍ତି ଉଚ୍ଛେଦ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଦାବିରେ ରାଜ୍ୟବ୍ୟାପୀ ଶିକ୍ଷକଙ୍କ ଆନ୍ଦୋଳନ ଚାଲିଛି। ଏଥିରୁ ବରଗଡ ଜିଲା ମଧ୍ୟ ବାଦ୍ ପଡିନାହିଁ। ଗୁରୁବାର ଜିଲାର ୧୨ଟି ବ୍ଲକ ମଧ୍ୟରୁ ୧୦ଟି ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଶୁକ୍ରବାର ଅନ୍ୟ ୨ଟି ବ୍ଲକ ବରଗଡ ଏବଂ ସୋହେଲା ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି କ୍ରମରେ ସେମାନେ ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି। ସ୍କୁଲ ଛାଡି ଶିକ୍ଷୟିତ୍ରୀ ଶିକ୍ଷକ ଏଭଳି ଆନ୍ଦୋଳନକୁ ଓହ୍ଲାଇଥିବାରୁ ବରଗଡ ଜିଲାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲରେ ପାଠପଢା ଠପ୍ ହୋଇଯାଇଛି । ବହି ବସ୍ତାନି ଧରି ପିଲାମାନେ ସ୍କୁଲକୁ ପଢିବାକୁ ଯାଉଥିଲେ ମଧ୍ୟ ନିରାଶରେ ଘରକୁ ଫେରୁଥିବା ପରିଲକ୍ଷିତ ହେଉଛି। ଶୁକ୍ରବାର ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଧାରଣା ଆରମ୍ଭ ହୋଇଛି। ଫେଡେରେଶନ ସଭାପତି ନବୀନ କୁମାର ସାବତ, ଉପସଭାପତି ନମିତା ପଟ୍ଟନାୟକ, ଚୁଣୀଲାଲ ସେଠ, ସମ୍ପାଦକ ମୋହିତ କୁମାର ପତି, ଏନପିଏସ ଶିକ୍ଷକ ସଂଘ ସଭାପତି ବିରେନ୍ଦ୍ର ନାଥ କୁମ୍ଭାର, ଉପସଭାପତି ସୀତାରାମ ମହାପାତ୍ର ଏବଂ ସମ୍ପାଦକ ସାର୍ତ୍ତିକ ସାହୁଙ୍କ ନେତୃତ୍ୱରେ ବରଗଡ଼ ବ୍ଲକର ସମସ୍ତ ବର୍ଗର ୩୦୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏନ୍‌ପିଏସ୍ ସଂଘ ସଭାପତି ବିରେନ୍ଦ୍ର ନାଥ କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ସୋହେଲା (ଅଶ୍ୱିନୀ ପାତ୍ର):** ସୋହେଲା ବ୍ଲକର ୧୪୯ଟି ବିଦ୍ୟାଳୟର ୩୬୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସମୂହ ଛୁଟି ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ହଜାର ହଜାର ଛାତ୍ରୀଛାତ୍ରଙ୍କ ପାଠପଢାରେ ଘୋର ବାଧା ସୃଷ୍ଟି ହୋଇଛି। ସାରା ରାଜ୍ୟରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ଶିକ୍ଷକ ନେତା କୁବେର ମହାପାତ୍ର, ପ୍ରଶାନ୍ତ ବେହେରା, ଅରୁଣ ସାହୁ, ତୁଳସୀ ପାଣି, ସୁବୋଧ ନାୟକ, ବିକାଶ ପଧାନ, ସୁବ୍ରତ ନନ୍ଦ, ପ୍ରଫୁଲ୍ଲ ପଣ୍ଡା, ପ୍ରଦୋଷ ଭୋଇ ପ୍ରମୁଖ ସୂଚନା ଦେଇଛନ୍ତି। ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପ୍ରତ୍ୟହ ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଶିକ୍ଷକମାନେ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲାପ ଚାନ୍ଦ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଆଜି ୩୩ ଜଣ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇ ମଧ୍ୟାହ୍ନ ଭୋଜନ ବ୍ୟବ୍ୟସ୍ଥା କରାଯାଇଛି। ଆନ୍ଦୋଳନ ଯୋଗୁ ପାଠପଢା ବାଧାପ୍ରାପ୍ତ ହୋଇଥିବା ସେ ସ୍ୱୀକାର କରିଛନ୍ତି।

### ଆଦିବାସୀ ମହାସଂଘର ଅନଶନ ଜାରି

**ପଦ୍ମପୁର, ୧୫।୯(ପ୍ରଦୀପ୍ତ ଦାଶ )**

ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ନିଜର ହକ୍ ପାଇବା ପାଇଁ ୫ ଜଣ ଆମରଣ ଅନଶନରେ ବସିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୪ଜଣ ମହିଳା ଅସୁସ୍ଥ ହୋଇପଡିବାରୁ ସେମାନଙ୍କୁ ପଦ୍ମପୁର ସରକାରୀ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷେ ଆମରଣ ଅନଶନକୁ ୫ ଦିନ ବିତିଗଲା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ସଂଘର ନେତା ଗୋବର୍ଦ୍ଧନ ଭୋଏ, ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ସଭାପତି ଗୋବିନ୍ଦ ବରିହା, ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ, ପଦ୍ମପୁର ବ୍ଲକ ସଭାପତି ବାମନ ଧରୁଆ, ପୂର୍ବତନ ଜିଲା ସଭାପତି ପାଣ୍ଡବ ବରିହା, ଶଶିଭୂଷଣ ବରିହା, ଦୁର୍ଜନ ସିଂ ବରିହା, ଚୈତନ୍ୟ ପ୍ରସାଦ ବରିହା, ଧନଞ୍ଜୟ ବରିହା, ଚେରୁ ବରିହା, ସତ୍ୟାନନ୍ଦ ବୁଡ଼େକ, ପ୍ରକାଶ ବରିହା, ଭାସ୍କର ବରିହା, ସଞ୍ଜୟ ଜରଜରିଆ, ସୁରେନ୍ଦ୍ର ବରିହା ଏବଂ ନାରୀନେତ୍ରୀ ହରିପ୍ରିୟା ମେହେର ଉପସ୍ଥିତ ଥିଲେ।

### ରାସ୍ତା ମରଣଯନ୍ତା, ମରାମତି ଦାବି

**ପଦ୍ମପୁର, ୧୫।୯(ପ୍ରଦୀପ୍ତ ଦାଶ):** ପଦ୍ମପୁର ସହରର ଭେଉଁରିଆ ଛକରୁ ଜଗଦଳପୁର ଆଇସିଆଇସିଆଇ ବ୍ୟାଙ୍କ ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠି ଖାଲଖମା ହୋଇପଡିଛି। ପ୍ରତିଦିନ ଏହି ରାସ୍ତାରେ ସ୍କୁଲ ଯାଉଥିବା ଛାତ୍ରୀଛାତ୍ର, ପଥଚାରୀ ଦୁର୍ଘଟଣାରେ ଆହତ ହେଉଛନ୍ତି। ପ୍ରଶାସନ ତୁରନ୍ତ ଏହି ରାସ୍ତା ମରାମତି କରିବା ପାଇଁ ସହରବାସୀ ଦାବି ଜଣାଇଛନ୍ତି।

## ୬ ଶିକାରୀ ଗିରଫ, ଭାଲୁ ନଖ ଜବତ

**ବରଗଡ଼, ୧୫।୯(ପ୍ରେମାନନ୍ଦ ଖମାରୀ)**


ଗିରଫ ୬ ଅଭିଯୁକ୍ତ ।

ବନ୍ୟପ୍ରାଣୀଙ୍କ ବେଆଇନ କାରବାର ଅଭିଯୋଗରେ ବରଗଡ ବନ ବିଭାଗ ଭଟଲି ଫରେଷ୍ଟ ରେଞ୍ଜ୍ ପକ୍ଷରୁ ଶୁକ୍ରବାର ୬ ଶିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁରର ମନୋରଞ୍ଜନ ନନ୍ଦ(୨୪), ସଞ୍ଜୟ ଦାଶ(୩୮), ବରଗଡ ଜିଲା ବରପାଲି ଥାନା ଧୀରପୁରର ବ୍ୟାସଦେବ ମହାରଣା(୩୬), ମହାରାଷ୍ଟ୍ର ରାଜ୍ୟ ଉସମନାବାଦ ଜିଲା ଅଲିଖୁଦ ତୁଳଜାପୁରର ଗୁରୁନାଥ କିଶାନ କୁମ୍ଭାର(୩୦), ବରଗଡ ଜିଲା ଭଟଲି ଥାନା ସମ୍ବରଧରାର ପଞ୍ଚାନନ ପ୍ରଧାନ(୨୪) ଏବଂ ବରଗଡ ଭଟଲି ରାସ୍ତାର ଚନ୍ଦ୍ରଭାନୁ ନାୟକ(୪୦)। ସେମାନଙ୍କ ପାଖରୁ ଏକ ବୋଲେରୋ (ନଂ.ଓଡି୦୫ଏଲ/୮୧୧୮), ଏକ ପିସ୍ତଲ, ୭ଗୁଳି, ୩ମୋବାଇଲ ଫୋନ, ଏକ ଡିଜିଟାଲ କ୍ୟାମେରା, ୫ଟି ଭାଲୁନଖ, ପେଙ୍ଗୋଲିନର ୨୬ଟି କାତି ଜବତ ହୋଇଛି। ଏକ ଫାର୍ମହାଉସ ଉପରେ ବନ କର୍ମଚାରୀମାନେ ଚଢ଼ାଉ ସମୟରେ ଅଭିଯୁକ୍ତମାନେ ଜବତ ବୋଲେରୋରେ ଫେରାର ହେବାକୁ ଉଦ୍ୟମ କରିଥିଲେ। ସେମାନେ ବରଗଡ଼ ପଟକୁ ଆସୁଥିବା ବେଳେ ବରଗଡ଼ ଟାଉନ ଥାନାର ଏକ ଟିମ୍ ସେମାନଙ୍କୁ ବରଗଡ଼ ଭଟଲି ଛକ ସ୍ଥିତ ମଙ୍ଗଳମ ପ୍ୟାଲେସ ପାଖରେ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ଏ ନେଇ ଭଟଲି ଫରେଷ୍ଟ ରେଞ୍ଜରେ ଏକ ମାମଲା (ନଂ.୧୩/୨୩) ରୁଜୁ ହୋଇଛି।

### ସ୍କୁଲରେ ପଶିଲା ବର୍ଷା ପାଣି, ପାଠପଢ଼ା ବନ୍ଦ

**ପଦ୍ମପୁର, ୧୫।୯(ପ୍ରଦୀପ୍ତ ଦାଶ)**

ଗତ ଲଗାଣ ବର୍ଷାରେ ପଦ୍ମପୁର ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ଷାଜଳ ପଶିଯିବାରୁ ଶ୍ରେଣୀ କୋଠରୀ ଜଳମଗ୍ନ ହୋଇ ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ର ଶୁକ୍ରବାର ପଦ୍ମପୁର ସୋହେଲା ଓ ପଦ୍ମପୁର ଗାଇସିଲାଟ ରାସ୍ତା ଅବରୋଧ କରି ରାସ୍ତା ଉପରେ ପାଠ ପଢିବାକୁ ଅଡ଼ି ବସିଥିଲେ। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟକୁ ଯାଇ ସ୍ଥିତି ପରଖିଥିଲେ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ପରେ ଅଗ୍ନିଶମ ବହିନୀ ଆସି ବର୍ଷାଜଳ ନିଷ୍କାସନ କରିଥିଲେ ମଧ୍ୟ ପାଠପଢ଼ା ହୋଇ ପାରିବା ଭଳି ସ୍ଥିତି ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ପୁଟପୁଟପାଲି, ବଲିଟିକିରା ବିଜୟୀ

**ବରଗଡ, ୧୫।୯(ପ୍ରେମାନନ୍ଦ ଖମାରୀ)**

ବରଗଡ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲା ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚ୍‌ରେ ପୁଟପୁଟପାଲି ଓ ବଲିଟିକିରା ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ପୁଟପୁଟପାଲି ଦଳ ଓ ଡ୍ୟାମ୍ କଲୋନୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ପୁଟପୁଟପାଲି ଦଳ ୩–୦ ଗୋଲରେ ବିଜୟୀ ହୋଇଥିଲା। ପୁଟପୁଟପାଲି ଦଳ ପକ୍ଷରୁ ଲୋକନାଥ ସୁରଜାଲ, ହୃଦୟାନନ୍ଦ ବେହେରା, ସୁରଜ ମିର୍ଦ୍ଧା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହି ମ୍ୟାଚ୍‌କୁ ସନ୍ତୋଷ ପଟେଲ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଝସକେତନ ପ୍ରଧାନ, ଉମାଶଙ୍କର ବଣିଆ ସହଯୋଗ କରିଥିଲେ। ସ୍ୱର୍ଣ୍ଣଲତା ରାଉତ ଚତୁର୍ଥ ରେଫରୀ ଥିଲେ। ଦ୍ୱିତୀୟ ମ୍ୟାଚ୍ ବଲିଟିକିରା ଦଳ ଓ ନ୍ୟୁ ଫ୍ରେଣ୍ଡ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲିଟିକିରା ଦଳ ଏକତରଫା ଭାବେ ୫–୦ ଗୋଲରେ ବିଜୟୀ ହୋଇଥିଲା। ବଲିଟିକିରା ଦଳ ପକ୍ଷରୁ ତରଣୀ କୁମାର ଭୋଇ ତିନୋଟି ଗୋଲ ଦେଇଥିବା ବେଳେ ଶ୍ୟାମଲାଲ ବୁଡେକ ୨ଟି ଗୋଲ ଦେଇଥିଲେ। ମ୍ୟାଚ୍‌କୁ ଦୀପେଶ ଭୋଇ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସଚିନ ଭୁଏ ଓ ପିଣ୍ଟୁ ସାହୁ ସହଯୋଗ କରିଥିଲେ। ନାରାୟଣ ପଣ୍ଡା ଚତୁର୍ଥ ରେଫରୀ ଥିଲେ। ମ୍ୟାଚ୍ କମିଶନର ସଚ୍ଚିଦାନନ୍ଦ ପଣ୍ଡା ଓ କ୍ରୀଡା ସଂସଦ ଇଣ୍ଡୋର ଗେମ୍ସ ସମ୍ପାଦକ ରବି ପଣ୍ଡା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

## ବୁଣାକାର ଦକ୍ଷତା ବିକାଶ ଶିବିର ଉଦ୍‌ଘାଟିତ


ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

**ବରପାଲି, ୧୫।୯(ଚିତ୍ତରଞ୍ଜନ ସାହୁ)**

ବରପାଲି ସୁକାନ୍ତି ହ୍ୟାଣ୍ଡଲୁମ୍‌ରେ ବୁଣାକାରମାନଙ୍କ ପାଇଁ ଏକ ୪୫ ଦିନିଆ ଶିବିରକୁ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ବରପାଲି ବ୍ଲକ ଅଧକ୍ଷା ରୀନା ଥଇତ, ନଗରପାଳ ଦୀନେଶ ଗହୀର ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ବରଗଡ଼ ଖେଦାପାଲି ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ହ୍ୟାଣ୍ଡଲୁମ୍ ଟେକ୍ନୋଲୋଜି ପକ୍ଷରୁ ଆୟୋଜିତ ଏହି ଶିବିରରେ ୪୫ ଜଣ ବୁଣାକାରଙ୍କୁ ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯିବ। ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧଶିଳ୍ପୀ ସୁକାନ୍ତୀ ମେହେର ତାଲିମ ପ୍ରଦାନ କରିବେ। ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଏମ୍. ଆନନ୍ଦନ୍ ଶିବିରର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ସୁକାନ୍ତୀ ମେହେର ସ୍ୱାଗତ ଭାଷଣ ପ୍ରଦାନ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧ ଶିଳ୍ପୀ ମକରଧ୍ୱଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଜୈବିକ କୃଷି ଉପରେ ତାଲିମ

**ପଦ୍ମପୁର, ୧୫।୯(ପ୍ରଦୀପ୍ତ ଦାଶ):** ଗାୟତ୍ରୀ ଚାରିଟେବଲ ଏଜୁକେଶନାଲ ଟ୍ରଷ୍ଟ ଓ ନିଆମ୍ ଆନୁକୂଲ୍ୟରେ ପଦ୍ମପୁରରେ ତିନିଦିନିଆ ଜୈବିକ କୃଷି ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରାଜବୋଡାସମ୍ବର କୃଷକ ସଙ୍ଗଠନ ସଭାପତି ଅଶୋକ କୁମାର ସାହୁ, ପ୍ରଭାତୀ ସାହୁ, ଜିସିଇଟିର ନିର୍ଦ୍ଦେଶକ ହିମାଂଶୁ ରାଉତରାୟ, କାର୍ଯ୍ୟକର୍ତ୍ତା ପ୍ରଶାନ୍ତ ଦୋରା, ବାଲାଜୀ ରାଉତ, ରବିନ୍ଦ୍ର ରକ୍ସା, ଭାନୁ ପ୍ରତାପ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସିଦ୍ଧାର୍ଥ ମିଶ୍ର ଓ ଅଭିଳାଷ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ଦର୍ଲିଗୁଡା, ବୁବୁଡା, ମହୁଲପାଲି, ଘନାମାଲରୁ ପ୍ରାୟ ୩୦ ଚାଷୀ ଭାଗ ନେଇଥିଲେ।

## ବାଳକ ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳନ


ବୀରମହାରାଜପୁର ବାଳକ ହାଇସ୍କୁଲ ଛାତ୍ରଙ୍କ ଶୋଭାଯାତ୍ରା।

**ଅମରପାଲି, ୧୫।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହାର ଶେଷ ଦିବସରେ ଉଚ୍ଚ ବିଦ୍ୟାଳୟ ଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ଏହି ରାଲିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶିକ୍ଷକ ବୈକୁଣ୍ଠ ନାୟକ ଓ ଖେଳ ଶିକ୍ଷକ କିଶୋର ଡାଙ୍ଗ ସଚେତନତା ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ର ଓ ଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ଲୋଗାନ ଓ ସଙ୍ଗୀତ ମାଧ୍ୟମରେ ଛାତ୍ରମାନେ ଜନସାଧାରଣଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇଥିଲେ।

## ୩ ପୁଅ ଓ ବାପାଙ୍କୁ କୋର୍ଟ ଚାଲାଣ

**ଅମରପାଲି, ୧୫।୯(ପୀତାମ୍ବର ସାହୁ)**

**ଆମ୍ବଶରଭଟାରେ ହତ୍ୟା ଘଟଣା**

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ କମିରା ପଞ୍ଚାୟତର ଆମ୍ବଶରଭଟା ଗ୍ରାମରେ ଗୁରୁବାର ଦିନ ଚାଷ ଜମିରେ ପାଣି ମଡାଇବାକୁ ନେଇ ହତ୍ୟାକାଣ୍ଡ ଘଟିଥିଲା। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଆମ୍ବଶରଭଟା ଗ୍ରାମର କୁଞ୍ଜବିହାରୀ ସାହୁ(୬୦) ଏବଂ ତାଙ୍କର ତିନି ପୁଅ ରଞ୍ଜିତ(୩୫), ରଞ୍ଜନ(୩୦) ଓ ରାଜେନ୍ଦ୍ର (୩୭)। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଆମ୍ବଶରଭଟା ଗ୍ରାମର ମଝି ଦାଣ୍ଡରେ ସଂଘବଦ୍ଧ ଭାବେ ଗ୍ରାମର ବାସୁଦେବ ସାହୁ(ବଙ୍କା) ଓ ତାଙ୍କ ପୁଅ ସୁରେନ୍ଦ୍ର ସାହୁଙ୍କୁ ଆକ୍ରମଣ କରିଥିଲେ। ଫାର୍ସ ଚୋଟରେ ବାସୁଦେବଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସୁରେନ୍ଦ୍ର ଗୁରୁତର ହୋଇ ବୁର୍ଲା ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହାକୁ ନେଇ ବାସୁଦେବଙ୍କ ବଡ଼ ପୁଅ ମହର୍ଗୁଙ୍କ ଅଭିଯୋଗ ଆଧାରରେ ସୁବଳୟା ଥାନାରେ ଏକ ମାମଲା (ନଂ ୧୫୨/୨୩) ରୁଜୁ ହୋଇଥିଲା।

## ଟୋଲ ଟ୍ୟାକ୍ସ ଆଦାୟ ବନ୍ଦ ପାଇଁ ସ୍ମାରକପତ୍ର ପ୍ରଦାନ

**ସୋନପୁର, ୧୫।୯(ମୃତ୍ୟୁଞ୍ଜୟ ଶତପଥୀ)**


ନାଗରିକ ମଞ୍ଚର କର୍ମକର୍ତ୍ତା ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲା ସୋନପୁର–ବିନିକା ରାସ୍ତାର ଅଙ୍ଗନଦୀ ବ୍ରିଜ୍ ଓ ସୋନପୁର–ସମ୍ବଲପୁର ରାସ୍ତାର ମହାନଦୀ ବ୍ରିଜ୍ ପାଇଁ ଆଦାୟ କରାଯାଉଥିବା ଟୋଲ ଟ୍ୟାକ୍ସ ସମ୍ପୂର୍ଣ୍ଣ ବନ୍ଦ କରାଯାଉ । ଏ ନେଇ ସୁବର୍ଣ୍ଣପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହାର କପି ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କୁ ମଧ୍ୟ ଦିଆଯାଇଛି । ଜିଲାପାଳ ବିମଳେନ୍ଦୁ ରାୟଙ୍କ ଜରିଆରେ ମଞ୍ଚର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ଜିଲାର ୨ ବିଧାୟକଙ୍କୁ ଏହି ଅନୁରୋଧ କରିଛନ୍ତି । ପ୍ରକାଶ ଯେ, ଅଙ୍ଗନଦୀ ପୋଲ ନିର୍ମାଣ ୧୯୯୩ ମସିହା ପୂର୍ବରୁ ସରିଥିବା ବେଳେ ମହାନଦୀରେ ହାଇଲେଭଲ ବ୍ରିଜ୍ ନିର୍ମାଣ ୨୦୦୪ ମସିହାରେ ସରିଛି। ରାଜ୍ୟ ସରକାର ଓଡିଶା ବ୍ରିଜ୍ ଏଣ୍ଡ କନଷ୍ଟ୍ରକଶନ କର୍ପୋରେଶନ ଲିମିଟେଡ ଜରିଆରେ ୨ ବ୍ରିଜ୍ ପାଇଁ ଏ ପର୍ଯ୍ୟନ୍ତ ଟୋଲ ଟ୍ୟାକ୍ସ ଆଦାୟ କରି ଚାଲିଛନ୍ତି। ଅଙ୍ଗନଦୀ ବ୍ରିଜ୍ ପାଇଁ ଧଉରାଖମନଠାରେ ଦୀର୍ଘ ୩୦ ବର୍ଷ ଧରି ଟୋଲ ଟ୍ୟାକ୍ସ ଆଦାୟ ହେଉଛି । ସେହିପରି ମହାନଦୀ ବ୍ରିଜ୍ ପାଇଁ ହିକୁଡିଠାରେ ସରକାର ଗତ ୨୦ ବର୍ଷ ଧରି ଟୋଲ ଟ୍ୟାକ୍ସ ଆଦାୟ କରୁଛନ୍ତି । ସୁବର୍ଣ୍ଣପୁର ଜିଲାର ସଚେତନ ନାଗରିକ, ବିରୋଧୀ ଦଳ ଓ ଆଇନଜୀବୀମାନେ ଏ ସମ୍ପର୍କରେ ବାରମ୍ବାର ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମାତ୍ର ସରକାର ଏହି ଦାବି ପ୍ରତି ଅଣଦେଖା କରୁଛନ୍ତି । ଆସନ୍ତା ୧ ମାସ ଭିତରେ ଟୋଲ ଟ୍ୟାକ୍ସ ଆଦାୟ ସମ୍ପୂର୍ଣ୍ଣ ବନ୍ଦ ନ ହେଲେ ଜିଲାର ଜନସାଧାରଣ ରାଜରାସ୍ତାରେ ଆନ୍ଦୋଳନ କରିବା ସହ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି । ନାଗରିକ ମଞ୍ଚର ଆବାହକ ଶାମା ଓଁ ପ୍ରସାଦ ମିଶ୍ର, ବରିଷ୍ଠ ସଭ୍ୟ ଗୋବିନ୍ଦ ମହାରଣା, ପୁରୁଷୋତ୍ତମ ପାଣିଗ୍ରାହୀ, ଆର୍ତ୍ତତ୍ରାଣ ବାବୁ, ପିଣ୍ଟୁ ପଣ୍ଡା ଓ ମନୋଜ ବାରିକ ପ୍ରମୁଖ ଜିଲାପାଳଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

କୁତ୍ରା,୧୫।୯(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ତୁନମୁରା ପଞ୍ଚାୟତ ସିଆଳଯୋର ଗ୍ରାମରେ ଜଣେ କଲେଜ ଛାତ୍ରୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ ହୋଇଛି। ମୃତା ହେଲେ ସେହି ଗ୍ରାମର ପୁଷ୍ପାଞ୍ଜଳୀ ଭୋଇ(୨୦)। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, କୌଣସି କାରଣ ବଶତଃ ଶୁକ୍ରବାର ପୁଷ୍ପାଞ୍ଜଳୀ ନିଜ ଚୁନିରେ ଫାସି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ଦେଖି ତୁରନ୍ତ ତାଙ୍କୁ କୁତ୍ରା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମୋବାଇଲ ଚୋର କୋର୍ଟ ଚାଲାଣ

ଲହୁଣୀପଡ଼ା,୧୫।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଖୁଣ୍ଟୁଗାଁ ପଞ୍ଚାୟତ ନୂଆଡ଼ିହି ଗ୍ରାମର ଜଣେ ଲୁଗା ଦୋକାନୀଙ୍କ ମୋବାଇଲ ଚୋରି ହୋଇଥିବା ନେଇ ମହୁଲ ପଦା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। କେନ୍ଦୁଝର ଜିଲା ଘଷିପୁରା ଥାନା ଅନ୍ତର୍ଗତ କେସଦୁରା ପାଳ ଗ୍ରାମର ଲିଟୁନ ପାତ୍ର (୨୧) ମୋବାଇଲ ଚୋରି କରି ନେଇଥିବା ପୋଲିସ ଜାଣିବାକୁ ପାଇଥିଲା। ଶୁକ୍ରବାର ତାଙ୍କ ଘରେ ଚଢ଼ାଉ କରି ଚୋରି ମୋବାଇଲ ଜବତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

### ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ

ହେମଗିର,୧୫।୯(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଖାରପଲମଠାରୁ ପୁଡାଜଲଙ୍ଗାକୁ ସଂଯୋଗ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି। ଫଳରେ ଲୋକେ ଯା' ଆସରେ ସମସ୍ୟା ଭୋଗୁଛନ୍ତି। ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଥିବା ନଜର ରହିଛି। ତେଣୁ ରାସ୍ତା ନିର୍ମାଣ ଦାବିରେ ଶୁକ୍ରବାର ଖାରପଲମର, ଗିରିସିମା, ମେଣ୍ଡ୍ରା ଓ ଜାମକାନୀର ଲୋକେ ରାସ୍ତା ରୋକ କରିଥିଲେ। ରାସ୍ତା ରୋକୋ ଯୋଗୁ ଗାଡିମଟର ଅଟକି ରହିଥିଲା। ବିଜିଆର କମ୍ପାନି କର୍ମଚାରୀ ଓ ପୋଲିସ ଆନ୍ଦୋଳନ ସ୍ଥଳରେ ପହଞ୍ଚି ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରି ଥିଲେ। ସୂଚନାଯୋଗ୍ୟ ଯେ, ଭାରି ଯାନ ଯାତାୟତ ଯୋଗୁ ରାସ୍ତାର ଅବସ୍ଥା ଏଭଳି ଶୋଚନୀୟ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ଧରିତ୍ରୀରେ ଖବର ପ୍ରକାଶ ପରେ ଚେତିଲା ପ୍ରଶାସନ



**ହେମଗିର,୧୫।୯(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ବ୍ଲକ କେନ୍ଦୁଡିହି ପଞ୍ଚାୟତ ମୁଦିପଡାଠାରେ ପିଇବା ପାଣି ସମସ୍ୟାକୁ ନେଇ ଧରିତ୍ରୀ ଖବରକାଗଜରେ ଖବର ପ୍ରକାଶିତ ପରେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇଛି। ଶୁକ୍ରବାର ନଳକୂପ ସଜଡାଯିବା ସହ ସଫା ପାଣି ବାହାରୁଥିବାରୁ ଗ୍ରାମବାସୀ ଉପକୃତ ହୋଇଛନ୍ତି।



ଧାରଣାରେ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

# ଶିକ୍ଷକ ସଂଘ ଆନ୍ଦୋଳନକୁ ବିଧାୟକଙ୍କ ସମର୍ଥନ

**କୁତ୍ରା, ଲହୁଣୀପଡ଼ା,୧୫।୯ (ଦେବାଶିଷ ସାହୁ/ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଉତ୍କଳ ଶିକ୍ଷକ ଫେଡରେଶନ ପକ୍ଷରୁ ଗତ ୧୩ ତାରିଖରୁ ୩ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଧାରଣାରେ ବସିଛନ୍ତି। ବ୍ଲକର ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଆନ୍ଦୋଳନରେ ବସିଛନ୍ତି। ତେବେ ଶୁକ୍ରବାର ରାଜଗାଙ୍ଗପୁର ବିଧାୟକ ଡ.ସିଏସ୍ ରାଜନ ଏକ୍କା ଧାରଣା ସ୍ଥଳକୁ ଆସି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରି ତାଙ୍କୁ ପୂର୍ଣ୍ଣମାତ୍ରାରେ ସମର୍ଥନ ଜଣାଇଥିଲେ। ବ୍ଲକ ଏନପିଏସ ସଂଘ ସଭାପତି ପୁଲିନ୍ଦ୍ର ଦେହୁରି, ସେକ୍ରେଟାରୀ ଚିତ୍ତରଞ୍ଜନ ସାହୁଙ୍କ ସହିତ ବ୍ଲକର ଏହି ସଂଘ ଅନୁବନ୍ଧିତ ସମସ୍ତ ଶିକ୍ଷକ ସଂଘର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକ ସଂଘର ଧାରଣା ଅବ୍ୟାହତ ରହିଛି। ଶୁକ୍ରବାର ଦିନ ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଧାରଣା ସ୍ଥଳରେ ପହଞ୍ଚି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି। ଆସନ୍ତା ବିଧାନସଭାରେ ଦାବି ଗୁଡିକ ଉପସ୍ଥାପନ କରିବେ ବୋଲି ସେ କହିଛନ୍ତି। ସାମୂହିକ ଛୁଟି ଯୋଗୁଁ ବିଦ୍ୟାଳୟ ଗୁଡିକରେ ଅଚଳା ଅବସ୍ଥା ସୃଷ୍ଟି ଯୋଗୁଁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ବିଦ୍ୟାଳୟରେ ଜାରି ରହିବ ପାଠପଢ଼ା, ମଧ୍ୟାହ୍ନଭୋଜନ

ସୁନ୍ଦରଗଡ,୧୫।୯(ଜୟ ନାରାୟଣ ମେଣ୍ଡୁଲି)

ରାଜ୍ୟରେ ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ଜାରି ରହିଥିବା ବେଳେ ସୁନ୍ଦରଗଡ଼ ଜିଲାରେ ଶିକ୍ଷାଦାନ ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଜାରି ରଖିବାକୁ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଜିଲାପାଳ ଡ. ପରାଗ ହର୍ଷଦ ଗଭାଲି ସମସ୍ତ ବ୍ଲକ ଗୁଡ଼ିକର ସ୍ଥିତି ସମୀକ୍ଷା କରିବା ସହିତ ଜିଲାର ସମସ୍ତ ବିଦ୍ୟାଳୟଗୁଡିକରେ ନିରବଚ୍ଛିନ୍ନ ଶିକ୍ଷାଦାନ ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଜାରି ରଖିବା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଓ ଡିଆଇଇଟିର ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଜିଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ପୁରୁଣା ପେନସନ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ, ଏକ୍ସ କ୍ୟାଡର ଶିକ୍ଷକ, ବିଏଡ୍ ଶିକ୍ଷକ, ହାଇସ୍କୁଲ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ଦାନ ତଥା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଜାରି ରହିଛି। ଆବଶ୍ୟକ ସ୍ଥଳେ ଡିଆଇଇଟି ଏବଂ ବିଆଇଇଟିରେ ଅଧ୍ୟୟନରତ ପ୍ରଶିକ୍ଷାର୍ଥୀଙ୍କୁ ମଧ ଏହି ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ବିର୍ସା ମୁଣ୍ଡା କ୍ଲବକୁ ପରାସ୍ତ କରି ସିଙ୍ଗୁରୀ ଚାମ୍ପିୟନ

ଦେବଗଡ଼,୧୫।୯(ଶଶାଙ୍କ ଶେଖର ଝାଙ୍କର)

**ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ**

ବାରକୋଟ ବ୍ଲକ କାଦୋପଡା ଗ୍ରାମ ପଞ୍ଚାୟତ ସିଙ୍ଗୁରୀ ଗ୍ରାମରେ ମା' ଭବାନୀ ଯୁବକ ସଂଘ ଆନୁକୂଲ୍ୟରେ ଗତ ବୁଧବାର ଆରମ୍ଭ ହୋଇଥିବା ତ୍ରି ଦିବସୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସୁନ୍ଦରଗଡ ଜିଲାର ବିର୍ସା ମୁଣ୍ଡା କ୍ଲବ ଓ ଆୟୋଜକ ସିଙ୍ଗୁରୀ ମା' ଭବାନୀ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ବିର୍ସା ମୁଣ୍ଡା କ୍ଲବକୁ ୪-୦ ଗୋଲରେ ପରାସ୍ତ କରି ସିଙ୍ଗୁରୀ ମା' ଭବାନୀ ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ସାନି ମିଞ୍ଜ, ସରୋଜ ଗଡନାୟକ ଓ ପରେଶ ଭୋଇ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଦେବରାଜ ପାତ୍ର ଓ ଫକୀର ମୋହନ ଦଳବେହେରା ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ମା' ଭବାନୀ ଯୁବକ ସଂଘର ସଭାପତି ଯାଦବ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଈ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଫକୀର ମୋହନ ପ୍ରଧାନ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଯୁବକ ସଂଘର ସମ୍ପାଦକ ମନୋଜ କୁମାର ସାହୁ, ସଦସ୍ୟ ନାରାୟଣ ପାତ୍ର, ଚୁମନ ସାହୁ, ସୁମିତ ପ୍ରଧାନ ଓ ମୋହନ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ ।

# ଆମେ ଜାଣିଲେ ଆମେ ଜିଣିବା କାର୍ଯ୍ୟକ୍ରମ



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

**ଲହୁଣୀପଡ଼ା,୧୫।୯(ଦାଶରଥି ପଣ୍ଡା)**

ଲହୁଣୀପଡା ବ୍ଲକର ୪ଟି ବିଦ୍ୟାଳୟରେ ଆମେ ଜାଣିଲେ ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶସ୍ୟକଳା ପଞ୍ଚାୟତ ଟିଙ୍ଗୋ ସେବାଶ୍ରମଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ସେବକ ବାଣେଶ୍ୱର ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ତହସିଲଦାର ସୌଦାମିନୀ ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପିଏଆଇଟିଡିଏ ଏଡିଡବ୍ଲ୍ୟୁଓ ବାବୁଲ ମାଝି ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ମୋହରା ସେବାଶ୍ରମରେ ପ୍ରଧାନ ସେବକ ଜିତେନ୍ଦ୍ର ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏବିଇଓ ଇମାକ୍ରିପା ମିଞ୍ଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କୃଷିବିଭାଗ ଏଓ ବିଜୟ କୁମାର ବେହେରା, ଏସଏମ୍‌ସି କମିଟି ସଭାପତି ମାର୍କାସ ମୁଣ୍ଡା ଯୋଗ ଦେଇଥିଲେ। ବଡ ସାଜବାହାଲ ସେବାଶ୍ରମରେ ପ୍ରଧାନ ସେବିକା ଅନାମିକା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏଡିଡବ୍ଲ୍ୟୁଓ ଅଜୟ କୁମାର ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଦର୍ଜିଂ ସରପଞ୍ଚ ସିଙ୍ଗରାୟ ମୁଣ୍ଡା, ସ୍ୱାସ୍ଥ୍ୟ ବିଭାଗର ଡା. ଅରବିନ୍ଦ ସାହୁ, କୃଷିବିଭାଗ ଏଏଓ ସୁଶାନ୍ତ କୁମାର ମାଟି, ଉଦ୍ୟାନ ବିଭାଗ ଓଭରସିଅର ରମେଶ ଚନ୍ଦ୍ର ସାହୁ, ପ୍ରଥମ ଓଡ଼ିଶା ପକ୍ଷରୁ ମେଘରାଜ ବାରିକ ଓ ରାକେଶ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ବାମିଆ ମୁଣ୍ଡା ମଞ୍ଚାସୀନ ଥିଲେ। ଟକରାସ୍ଥିତ ସେବାଶ୍ରମର ପ୍ରଧାନ ସେବକ ଇଶ୍ୱର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲହୁଣୀପଡା (କ) ଜିଲାପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ସମ୍ମାନିତ ଅତିଥିଭାବେ ଲହୁଣୀପଡା ଡବ୍ଲ୍ୟୁଇଓ ଭଗବତ ଟୁଡୁ, ଗୌତମ ବାରିକ, ବକ୍ତା ଭାବେ ସରପଞ୍ଚ ଲେଲସନ ହେମ୍ବ୍ରମ ତଥା ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ବିଷୟରେ ଅଭିଭାବକ ଅବଗତ ହେବା ସହ ଯୋଜନା ଗୁଡିକର ଲାଭ ଉଠାଇବେ ବୋଲି ଅତିଥି ଏବଂ ବିଭିନ୍ନ ବିଭାଗର ଅଧିକାରୀ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯିବା ସହ ଅଭିଭାବକଙ୍କ ଦ୍ୱାରା ମଧ ପାରମ୍ପାରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଛାତ୍ରୀଛାତ୍ର ଏବଂ ଅଭିଭାବିକା ଅଭିଭାବକ ଭାଗ ନେଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଶିକ୍ଷକ, ପାଚିକା ତଥା କର୍ମଚାରୀ ସହଯୋଗ କରିଥିବା ଜଣାପଡିଛି।

### କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

କୁଆଁରମୁଣ୍ଡା,୧୫।୯(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ମେଡିକାଲ ପରିସରରେ ଥିବା ଏକ କୂଅରେ ପଡ଼ି ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତକ ହେଲେ ବୀରମିତ୍ରପୁର ବ୍ରାହ୍ମଣମରା ଅନ୍ତର୍ଗତ ବିଂଝିଆ ଟୋଲିର ମାଧବ ଜୟପୁରିଆ(୪୯)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗୁରୁବାର ରାତିରେ ମାଧବ ମେଡିକାଲ ପରିସରରେ ଥିବା କୂଅ ନିକଟକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ ଖସି ଯିବାରୁ ସେ କୂଅ ଭିତରେ ପଡ଼ିଯାଇଥିଲେ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ କୂଅରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ମୃତକଙ୍କ ପରିବାର ଲୋକେ ଜାଣିବା ପରେ ଥାନାରେ ଜଣାଇଥିଲେ।

### ବରହା ମାଂସ ଜବତ, ଜଣେ ଗିରଫ

ଲହୁଣୀପଡ଼ା,୧୫।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଦର୍ଜିଂ ପଞ୍ଚାୟତ ମଧୁପୁରୁ ଗ୍ରାମର ନୂଆସ ମୁଣ୍ଡା ବାଙ୍କୀ ରେଞ୍ଜ ଅନ୍ତର୍ଗତ କୁରାଡ଼ୀ ସଂରକ୍ଷିତ ଜଙ୍ଗଲରୁ ଏକ ଜଙ୍ଗଲି ବରହା ଶିକାର କରି ନିଜ ଘରେ ମାଂସ କାଟୁଥିବା ବେଳେ ବନ ବିଭାଗ କର୍ମଚାରୀ ଅତର୍କିତ ଚଢ଼ାଉ କରିଥିଲେ। ବରହା କଞ୍ଚା ମାଂସ, ରନ୍ଧା ମାଂସ ଓ ମାରଣାସ୍ତ୍ର ଜବତ କରିବା ସହିତ ନୂଆସଙ୍କୁ ଗିରଫ କରିଛନ୍ତି। ଏହି ଚଢ଼ାଉ ସମୟରେ ଏସିଏଫ ସଲବିନ୍ଦର ସିଂ, ରେଞ୍ଜର ଅଜୟ କୁମାର ଖେସ, ବାଙ୍କୀ ଓ କେ. ବଲାଙ୍ଗ ଫରେଷ୍ଟର କ୍ଷିତିଶ ଚନ୍ଦ୍ର ମହାନ୍ତ, କପିଳେଶ୍ୱର ବେହେରା, ବନରକ୍ଷୀ ପ୍ରବୀଣ କୁମାର ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ଠାକୁର,ବାସୁମତୀ ମିଞ୍ଜ ସମେତ ସ୍କ୍ୱାର୍ଡ ଦଳ ସାମିଲ ଥିଲେ।

# ରାଜ୍ୟ ମହିଳା ହକି: ସୁନ୍ଦରଗଡ଼ ଚାମ୍ପିୟନ

ଭୁବନେଶ୍ୱର, ୧୫।୯(ତପନ ସ୍ୱାଇଁ)

ହକି ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ସିନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ସୁନ୍ଦରଗଡ଼ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସୁନ୍ଦରଗଡ଼ ୬-୨ ଗୋଲରେ ଓଡ଼ିଶା ସେକ୍ରେଟାରିଏଟକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ କିଟ୍ ଓ କିସ୍‌କୁ ୫-୨ ଗୋଲରେ ପରାସ୍ତ କରି ଓଡ଼ିଶା ପୋଲିସ ବ୍ରୋଞ୍ଜ ପଦକ ପାଇଛି। ସୁନ୍ଦରଗଡ଼ର ନେହା ଲାକ୍ରା ଇମର୍ଜିଂ ପ୍ଲେୟର, ଓଡ଼ିଶା ପୋଲିସର ପ୍ରିୟଙ୍କା ଏକ୍କା ଶ୍ରେଷ୍ଠ ଡିଫେଣ୍ଡର, କିଟ୍ ଓ କିସ୍‌ର ସୁସ୍ମିତା ପାନ୍ନା ଶ୍ରେଷ୍ଠ ଷ୍ଟ୍ରାଇକର, ଓଡ଼ିଶା ସେକ୍ରେଟାରିଏଟର ପ୍ରେମାଞ୍ଜଳି ଟପ୍ପୋ ଶ୍ରେଷ୍ଠ ମିଡ୍ ଫିଲ୍ଡର ଓ ସୁନେଲି ଓରାମ ଶ୍ରେଷ୍ଠ ଗୋଲକିପର ଏବଂ ସୁନ୍ଦରଗଡ଼ର ଫିଲିସିଆ ଟପ୍ପୋ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ହକି ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଦିଲୀପ ତିର୍କୀ, ସମ୍ପାଦକ ଶାନ୍ତନୁ ସାହୁ, କୋଷାଧ୍ୟକ୍ଷ ପ୍ରଦିପ୍ତ କୁମାର ମହାନ୍ତି, କୋଚ୍ ଏଡଗାର ମାସ୍କାରେନହାସ, ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ୍ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

# ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କଲେ ତହସିଲଦାର



ତହସିଲଦାର ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରୁଛନ୍ତି।

**ବଡ଼ଗାଁ,୧୫।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ପ୍ରାୟ ସମସ୍ତ ଗ୍ରାମରେ ୧୦ ରୁ ୧୫ ଜଣ ବ୍ୟକ୍ତିଙ୍କ ନାମରେ ସିଲିଂ ଓ ଲିଜ୍ ଜମି ଦିଆଯାଇଥିଲେ ମଧ ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଏ ଯାଏଁ ସେମାନଙ୍କୁ ପଟ୍ଟା ଦିଆଯାଇନାହିଁ। ଏନେଇ ହିତାଧିକାରୀମାନେ ବାରମ୍ବାର ଦାବି ଜଣାଇ ନିରାଶ ହୋଇଥିଲେ। ଏହାକୁ ନେଇ ଗତ ୪ରେ କୋଶଳ ସମାଜ ମହା ସଚିବ ଦିଲ୍ଲୀପ କୁମାର ପଣ୍ଡା ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ତହସିଲ ଅଫିସ ଘେରାଉ କରାଯିବ ବୋଲି ପତ୍ରରେ ଦର୍ଶାଇଥିଲେ। ଗତ ୧୩ରେ କୋଶଳ ସମାଜ ଆନ୍ଦୋଳନ ସଚିବ ସନ୍ତୋଷ ଧନୁଆର ଏ ସମ୍ପର୍କରେ ତହସିଲଦାରଙ୍କୁ ଲିଖିତ ଦେଇଥିଲେ। ସେହି ଅନୁଯାୟୀ, ଶୁକ୍ରବାର କୋଶଳ ସମାଜ କର୍ମକର୍ତ୍ତା, ସିଲିଂ ଓ ଲିଜ ଜମି ପାଇଥିବା ହିତାଧିକାରୀ ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକତ୍ରିତ ହୋଇ ବୈଠକ କରିଥିଲେ। ଏହାପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ତହସିଲ ଅଫିସକୁ ଯାଇ ଘେରାଉ କରିଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀ ଦାବିପତ୍ର ନେବାକୁ ଆସିବାରୁ କୋଶଳ ସମାଜ କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରି ତହସିଲଦାର ଆସି ଦାବିପତ୍ର ଗ୍ରହଣ କରିବାକୁ ଅଡି ବସିଥିଲେ। ତହସିଲଦାର ସରୋଜ କୁମାର ପୃଷେଟ ପାମରା ଗାଁରେ ବିଭାଗୀୟ କାର୍ଯ୍ୟ ଛାଡ଼ି ତହସିଲ ଅଫିସକୁ ଆସି ଦାବିପତ୍ର ଗ୍ରହଣ କରିବା ସହିତ ୪୩ ଜଣଙ୍କ ପଟ୍ଟା ହୋଇଥିବା ସୂଚନା ଦେଇ ସେଠାରେ ଉପସ୍ଥିତ କେତେକ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥଲେ। ଯଥାଶୀଘ୍ର ଅନ୍ୟ ମାନଙ୍କୁ ପଟ୍ଟା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଛାତ୍ର ସଂସଦ ନିର୍ବାଚନ ଦାବିରେ ବିକ୍ଷୋଭ



**ସୁନ୍ଦରଗଡ,୧୫।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଛାତ୍ରସଂସଦ ନିର୍ବାଚନ ବନ୍ଦ କରାଯିବା ବିରୋଧରେ ଛାତ୍ରୀଛାତ୍ର ସରକାରୀ କଲେଜ ସମ୍ମୁଖରେ ଶୁକ୍ରବାର ବିରୋଧ ପ୍ରଦର୍ଶନ କରିଥିଲେ। ସରକାର ନିର୍ବାଚନ ବିଷୟରେ ପୁନଃବିଚାର କରି ଶୀଘ୍ର ତାରିଖ ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ। ସରକାର ଜାଣିଶୁଣି ଛାତ୍ରନେତୃତ୍ୱର ଭ୍ରୂଣ ହତ୍ୟା କରିବା ସହ ସମାଜରେ ନେତୃତ୍ୱ ସୃଷ୍ଟି କରିବାରେ ମଧ ବାଧା ସୃଷ୍ଟି କରିଛନ୍ତି ବୋଲି ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ସହ ସଂଯୋଜକ ଗୋବର୍ଦ୍ଧନ ବାରିକଙ୍କ ନେତୃତ୍ୱରେ ଛାତ୍ରନେତା ସୁବ୍ରତ ଜେନା, ବୃନ୍ଦାବନ ମହାନନ୍ଦିଆ, ସୁମନ୍ତ ଭୋଇ, ସୁରଜ ସାହା ପ୍ରମୁଖ ଉପସ୍ଥିତ ଥିଲେ ।

# କଲେଜର ସୁବିଧା ଅସୁବିଧାରେ ଛିଡ଼ାହେବାକୁ ପ୍ରତିଶ୍ରୁତି

**ବଣାଇଁ, ୧୫।୯(ପ୍ରଦୀପ ତ୍ରିପାଠୀ)**

- ୫୩ତମ ପ୍ରତିଷ୍ଠା ଦିବସ
- ଶ୍ରମମନ୍ତ୍ରୀଙ୍କ ବଣାଇଁଗଡ଼ କଲେଜ ଗସ୍ତ




ବୈଠକରେ ମନ୍ତ୍ରୀ ନିଜ ଅଭିଭାଷଣ ଦେଉଛନ୍ତି।

ସୁନ୍ଦରଗଡ଼ ଜିଲା ବଣାଇଁଗଡ କଲେଜର ୫୩ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅଧକ୍ଷ ଜେନାମଣି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମ ଓ ଇଏସ ଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷାବିତ ଶୁଭେନ୍ଦ୍ର ନାଥ ମଲ୍ଲିକ, ସମ୍ମାନିତ ଅତିଥି କଲେଜ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ଭୂପେନ୍ ଚନ୍ଦ୍ର ବେହେରା, ଉପଜିଲାପାଳ ସୁରଞ୍ଜନ ସାହୁ, ଜିଲା ସମବାୟ ସମିତି ସଭାପତି ତଥା ବିଜୁ ଜନତା ଦଳ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷାବିତ ଗୌରାଙ୍ଗ ପ୍ରସାଦ ସିଂ ପ୍ରମୁଖ ଯୋଗଦେଇଥିଲେ । ଏହି ଅନୁଷ୍ଠାନ ଆଦିବାସୀ ଅଧୁଷିତ ବଣାଇଁ ଉପଖଣ୍ଡର ପ୍ରଥମ ଉଚ୍ଚ ଶିକ୍ଷାନୁଷ୍ଠାନ ହୋଇଥିବାରୁ ଏଥିପ୍ରତି ରାଜ୍ୟସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଥିବା ମନ୍ତ୍ରୀ କହିଥିଲେ। ନିକଟ ଅତିତରେ ୫- ଟି ସଚିବ ଭି.କେ ପାଣ୍ଡିଆନ ବଣାଇଁ ଗସ୍ତ ସମୟରେ କଲେଜ ସ୍ଥିତି ଦେଖି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୧ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ପୁନର୍ବାର ଯାହା ଦରକାର ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ନିଜ ଫୋନ ନମ୍ବର ପ୍ରଦାନ କରି କଲେଜ ସମସ୍ୟା ସହ ନିଜ ଅଞ୍ଚଳର ଯେ କୌଣସି ସମସ୍ୟା ସମ୍ପର୍କରେ ଜଣାଇପାରିବେ ବୋଲି କହିଥିଲେ। ଯେଉଁ ଅଭିଭାବକ ଶ୍ରମିକ ଶ୍ରେଣୀର ଏବଂ ଶ୍ରମ କାର୍ଡ ଥିବ ତାଙ୍କ ପିଲା ଯଦି କଲେଜରେ ପଢିବେ ତେବେ ସରକାର ଯୁକ୍ତ ୨ ପିଲା ହେଇଥିଲେ ବାର୍ଷିକ ୫ହଜାର ଟଙ୍କା ଓ ଯୁକ୍ତ ୩ ହୋଇଥିଲେ ବାର୍ଷିକ ୭ହଜାର ଟଙ୍କା ପ୍ରଦାନ କରିବା ନିୟମ ରହିଛି। ଏ ସଂକ୍ରାନ୍ତରେ ଶିକ୍ଷାନୁଷ୍ଠାନ ପକ୍ଷରୁ ସରକାରଙ୍କୁ ଅବଗତ କରାଇବା ନିର୍ଦ୍ଦେଶ ରହିଛି । ସେହିପରି ଯେଉଁ ଛାତ୍ରୀଛାତ୍ରଙ୍କ ଅଭିଭାବକ କଳ କାରଖାନାର କର୍ମଚାରୀ ହୋଇଥିବେ ଏବଂ ଇଏସ୍‌ଆଇ କାର୍ଡ ଥିବ ତାଙ୍କ ପିଲା ଯଦି ଡାକ୍ତରୀ ପଢିବାକୁ ଚାହିଁବେ ତେବେ ତାଙ୍କ ପାଇଁ ବାର୍ଷିକ ୨୫ହଜାର ଟଙ୍କା ଦେଇ (ଇ ଏସ୍ ଆଇ) ମେଡିକାଲ କଲେଜରେ ପଢିବା ନିୟମ ରହିଥିବା ସେ କହିଛନ୍ତି। ଶେଷରେ ସେ ନିଜ ଖର୍ଚ୍ଚରେ ପିଲାଙ୍କ ସ୍ପୋକନ୍ ଇଂଲିଶ କ୍ଲାସ ଆରମ୍ଭ କରିବା ପ୍ରତିଶ୍ରୁତି ଦେଇ ଯାହା ଖର୍ଚ୍ଚ ହେବ ସେ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ଅଧ୍ୟାପକ ଡ.ସତ୍ୟବ୍ରତ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ନୂଆଖାଇ ତିହାର ପାଇଁ ଘର ସଫାବେଳେ ଅଘଟଣ**

ବେଲପଡ଼ା,୧୫।୯(ମନୋଜ କୁମାର ମିଶ୍ର)

ଆଉ ୪ଦିନ ପରେ ନୂଆଖାଇ ତିହାର ରହିଥିବାବେଳେ ମହିଳାମାନେ ଘରକୁ ଲିପାପୋଛା ସଫାସୁତୁରା କରିବାରେ ବ୍ୟସ୍ତ ରହିଛନ୍ତି। ହେଲେ ଶୁକ୍ରବାର ଜଣେ ମହିଳା ଘର ଲିପାପୋଛା କରୁଥିବାବେଳେ ବିଦ୍ୟୁତ୍ ସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ରାଡବାହାଲ ଗାଁର ରାଧାମୋହନ ନାଗଙ୍କ ସ୍ତ୍ରୀ ମାୟାବତୀ (୪୦)। ସେ ତାଙ୍କ ଘରକୁ ମଧାହ୍ନ ପ୍ରାୟ ୨ଟାରେ ଲିପାପୋଛା କରି ସାଜସଜା କରୁଥିଲେ। ସେହି ସମୟରେ ବିଦ୍ୟୁତ୍ ସ୍ପର୍ଶରେ ଆସି ତଳେ ପଡିଥିଲେ। ପରିବାର ଲୋକେ ତାଙ୍କୁ ଦେଖି ଉଦ୍ଧାର କରି ଏକ ବାଇକ୍ ଯୋଗେ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିଥିଲେ।

### ଆନ୍ଦୋଳନରତ ଶିକ୍ଷକଙ୍କୁ ଭେଟିଲେ ବିଇଓ

ଲୋଇସିଂହା,୧୫।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଶୁକ୍ରବାର ଧାରଣାର ତୃତୀୟ ଦିବସରେ ବିଇଓ ରୀନା କୁମାରୀ ବେହେରା ସେଠାରେ ପହଞ୍ଚି ଶିକ୍ଷକଙ୍କସହ ଆଲୋଚନା କରିଥିଲେ। ଏହା ବ୍ୟତୀତ ସରକାରଙ୍କ ଦ୍ୱାରା ଶିକ୍ଷକମାନଙ୍କ ଧାରଣା ପ୍ରତ୍ୟାହୃତ କରିବା ସମ୍ବନ୍ଧୀୟ ଚିଠି ବିଷୟରେ ଶିକ୍ଷକମାନଙ୍କୁ ଅବଗତ କରିଥିଲେ। ଆନ୍ଦୋଳନରୁ ବିରତ ରହି ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ଶିକ୍ଷଣ କାର୍ଯ୍ୟରେ ସହାୟକ ହେବାକୁ ନିବେଦନ କରିଥିଲେ। ହେଲେ ଆନ୍ଦୋଳନରତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଜିଦରେ ଅଟଳ ରହିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ନ ଓହରିବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ରୋକଠୋକ ଶୁଣାଇଥିଲେ।

### ବୁର୍ଡା ଦୁର୍ଗାପୂଜା କର୍ମକର୍ତ୍ତା ଚୟନ

ଲୋଇସିଂହା, ୧୫।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ପ୍ରାରମ୍ଭରେ ଗତବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ସର୍ବସମ୍ମତିକ୍ରମେ ପ୍ରହ୍ଲାଦ ସାହୁ ସଭାପତି, ପ୍ରଦୀପ କୁମାର ସାହୁ ଉପସଭାପତି, ନାରାୟଣ ସାହୁ ସମ୍ପାଦକ, ବ୍ୟୋମକେଶ ଥନାପତି ସହସମ୍ପାଦକ, ରାମଚନ୍ଦ୍ର ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏହାବ୍ୟତୀତ ପୂଜାମଣ୍ଡପ ପରିଚାଳନା, ଅଭ୍ୟର୍ଥନା, ସାଂସ୍କୃତିକ, ପୂଜାମଣ୍ଡପ ସାଜସଜା ଆଦି କମିଟି ଗଠନ କରାଯାଇଛି। ସରପଞ୍ଚ ସୁଦୀପ ସା, ଗୋପବନ୍ଧୁ ସାହୁ, ବିଜୟ ରଣା, ସହଦେବ ସା, ହୃଷିକେଶ ବାରିକ, ଛନ୍ଦାଚରଣ ଖମାରୀ, ହରେରାମ ସାହୁ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି।

# ଦୁର୍ଦ୍ଦଶାରେ ବର୍ଷା ପ୍ରଭାବିତ ଲୋକେ

ବଲାଙ୍ଗୀର, ୧୫।୯
(ବୀରେନ୍ଦ୍ର କୁମାର ଝାଙ୍କର)

- ବର୍ଷା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ନରସିଂହ
- ପୌର ପରିଷଦର ଅଦୂରଦର୍ଶିତା ଯୋଗୁ ଘରକୁ ବର୍ଷାପାଣି ପଶୁଛି
- ସମସ୍ୟା ସମାଧାନ ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବେ


ବିଧାୟକ ନରସିଂହ ମିଶ୍ର ମାଲପଡାବାସୀଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଶୁକ୍ରବାର ବଲାଙ୍ଗୀର ସହରର ବର୍ଷା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ। ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟରୁ ସମସ୍ୟା ସୃଷ୍ଟି ହେଉଛି ମାତ୍ର ଅନେକ ସମୟରେ ବଲାଙ୍ଗୀର ପୌର ପରିଷଦର ଅଦୂରଦର୍ଶିତା ଯୋଗୁ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ବିଧାୟକ ମିଶ୍ର ଗଣମାଧମକୁ କହିଛନ୍ତି। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଗେଟସରୋବର ପଡା, ଠିକାଦାରପଡା ଓ ମାଲପଡା ବର୍ଷା ପ୍ରଭାବିତ ତଳି ଅଞ୍ଚଳର ଲୋକଙ୍କୁ ବିଧାୟକ ମିଶ୍ର ଭେଟି ସେମାନଙ୍କ ଅବସ୍ଥା ପଚାରି ବୁଝିଥିଲେ। ମୁଖ୍ୟତଃ ପୌର ପରିଷଦ ଦ୍ୱାରା ନିର୍ମିତ ନିମ୍ନମାନର ଡ୍ରେନ, ରାସ୍ତା ଓ ଡ୍ରେନ ପରିଚାଳନାରେ ଅବ୍ୟବସ୍ଥା ଯୋଗୁଁ ବର୍ଷା ହେଲେ ଲୋକଙ୍କ ଘରକୁ ପାଣି ପଶୁଥିବା ଲୋକେ ଅଭିଯୋଗ କରିଥିଲେ। ବର୍ଷା ପ୍ରଭାବିତ ଲୋକେ ଦୁର୍ଦ୍ଦଶାରେ ରହିଥିବା ଦେଖିବା ପରେ ବିଧାୟକ ମିଶ୍ର କହିଥିଲେ ଯେ, ବଲାଙ୍ଗୀର ପୌର ପରିଷଦ ଦୀର୍ଘବର୍ଷ ଧରି ବିଜେଡି ଦଳ କବ୍‌ଜାରେ ରହିଛି। ମାତ୍ର ଏମାନେ ସହରର ସର୍ବନିମ୍ନ ଡ୍ରେନେଜ ବ୍ୟବସ୍ଥାରେ ମଧ ସୁଧାର ଆଣିପାରିନାହାନ୍ତି। ଏମାନଙ୍କ ଚରମ ଅବହେଳା ପାଇଁ ଲୋକେ ଅସୁବିଧା ଭୋଗୁଛନ୍ତି। ତେଣୁ ଲୋକେ ଏମାନଙ୍କୁ ପ୍ରଶ୍ନ ପଚାରିବା ଦରକାର। ଏହା ଏମାନଙ୍କ ଅଦୂରଦର୍ଶିତାର ପ୍ରମାଣ ବୋଲି ବିଧାୟକ ମିଶ୍ର କହିଥିଲେ। ୱାର୍ଡ ବୁଲିବା ସମୟରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଡ୍ରେନର ବୈଷୟିକ ତ୍ରୁଟି ଥିବା ଲୋକେ ଅଭିଯୋଗ କରିବା ସହ ତାହା ଯୋଗୁ ମଧ କିଛି ଅଞ୍ଚଳ ଜଳବନ୍ଦୀ ହେଉଥିବା ଅଭିଯୋଗ କରିଥିଲେ। ବିଧାୟକ ମିଶ୍ର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ଏପରିକି ପୌର ପରିଷଦର ଅବହେଳା ଯୋଗୁ ପ୍ରଭାବିତ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ପୌର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବେ ବୋଲି ଲୋକଙ୍କୁ କହିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନରେ ଅନ୍ୟମାନଙ୍କ ସହ ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ସୂର୍ଯ୍ୟ ମିଶ୍ର, ଜୁଲୁ ପଟ୍ଟନାୟକ, ସୌମ୍ୟଦୀପ ସରାଫ, କାଉନସିଲର ଅରବିନ୍ଦ ପରୁଆ, ପ୍ରତ୍ୟୁଷ ଖୁଆସ, କୈଳାସ ମିଶ୍ର, ଜୟନାରାୟଣ ବହିଦାର, ନାସିର ଖାନ୍ ଉପସ୍ଥିତ ଥିଲେ।

## ଇଚ୍ଛାପଡ଼ା ଓ ଲେବଡ଼ାଠାରେ କୁକୁଡ଼ା, ଛେଳି ବଜାର


ମିଶନ ଶକ୍ତି ପକ୍ଷରୁ କୁକୁଡ଼ା ଓ ଛେଳି ବଜାର।

ମୁରିବାହାଲ,୧୫।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ମିଶନ ଶକ୍ତି ବିଭାଗ ତରଫରୁ ଶୁକ୍ରବାର ଇଛାପଡା ଓ ଲେବଡା ସାପ୍ତାହିକ ବଜାର଼ଠାରେ କୁକୁଡ଼ା ଓ ଛେଳି ବଜାର ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ବିକାଶ କରିବା ଉଦ୍ଦେଶ୍ୟରେ ମିଶନଶକ୍ତି ବିଭାଗ ଦ୍ୱାରା ଛେଳି ଓ କୁକୁଡ଼ା ବଜାର଼ ଆରମ୍ଭ କରାଯାଇଛି। ଉକ୍ତ ୨ଟି ବଜାରରେ ପ୍ରାୟ ୧୨ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି ବୋଲି ଆୟୋଜକମାନଙ୍କ ଠାରୁ ପ୍ରକାଶ। ପ୍ରଥମ ଦିନରେ ଏହିପରି ବ୍ୟବସାୟ ହୋଇଥିବାରୁ ମହିଳାମାନେ ଖୁସି ବ୍ୟକ୍ତ କରିଛନ୍ତି। ଆଗକୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ କୁକୁଡ଼ା ଓ ଛେଳିର ବହୁତ ଚାହିଦା ଥିବା ଯୋଗୁ ମିଶନ ଶକ୍ତି ପକ୍ଷରୁ ଏହି ଯୋଜନା କରାଯାଇଛି। ଏହି ପ୍ରକାର ବଜାର ଆସନ୍ତା ୧୯ ରେ ମଧ କରାଯିବା ପାଇଁ ଯୋଜନା କରାଯାଇଛି ବୋଲି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଗୋପାଳ କୃଷ୍ଣ ଦୀପ ସୂଚନା ଦେଇଛନ୍ତି।

# କୁଳତା ସମାଜର ଆଞ୍ଚଳିକ କର୍ମକର୍ତ୍ତା ଚୟନ


ଜିଲା କୁଳତା ସମାଜର ଏକ ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର, ୧୫।୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକର ଘଷିଏନ୍ ଶିବମନ୍ଦିର ପ୍ରାଙ୍ଗଣରେ ଜିଲା କୁଳତା ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଛି। ଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାପାଠ କରି ଡାଙ୍ଗବାହାଲ ଆଞ୍ଚଳିକ କେନ୍ଦ୍ରର ଜିଲା ସଭାପତି ବେଲାର ସିଂ ଭୋଇଙ୍କ ନେତୃତ୍ୱରେ କେନ୍ଦ୍ର ଜିଲା ଯୁବ କୁଳତା ସମାଜ ସଭାପତି ଉମେଶ ଚନ୍ଦ୍ର ଗଡତ୍ୟା, ଆଞ୍ଚଳିକ କେନ୍ଦ୍ର ଗଡଶଙ୍କର ଡୁଙ୍ଗୁରିପାଲି ସଭାପତି ସଞ୍ଜୟ ଗଡତ୍ୟାଙ୍କ ଉପସ୍ଥିତିରେ ଡାଙ୍ଗବାହାଲ ଆଞ୍ଚଳିକ କେନ୍ଦ୍ରର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଆଞ୍ଚଳିକ ସଭାପତି ଭାବେ ଖୁଟୁଲା ବାରିକ, ଉପସଭାପତି ମୀନିକେତନ ପଧାନ, ସମ୍ପାଦକ ଦେବରାଜ ସାହୁ, ସହ ସମ୍ପାଦକ ଦୀପକ ଭୋଇ, କୋଷାଧକ୍ଷ କୁଳମଣି ପଧାନ, ପୂଜକ ବଲ୍ଲଭ ପଧାନ, ବାର୍ତ୍ତାବହ ସୁପାଲ ବଡେଇ, ଯୁବ କୁଳତା ସଭାପତି ଶକ୍ତି ବିଶ୍ୱାଳଙ୍କୁ ଚୟନ କରାଯାଇଥିବା ଜଣାପଡିଛି। କୁଳତା ସମାଜର ବିକାଶ ଧାରା କିପରି ଆହୁରି ଆଗକୁ ଅଗ୍ରଗତି ହେବ ତାହା ଉପରେ ଆଲୋଚନା ହୋଇଥିଲା । ବର୍ତ୍ତମାନ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଆସୁଥିବାରୁ ସମାଜ ପକ୍ଷରୁ ଏକ ନୂଆଁଖାଇ ଭେଟଘାଟ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଡାଙ୍ଗବାହାଲ ଆଞ୍ଚଳିକ କେନ୍ଦ୍ରର କୁଳତା ସମାଜ ଜାତିଭାଇ ଉପସ୍ଥିତ ଥିଲେ ।

## ଇଞ୍ଜିନିୟର ଦିବସ ପାଳନ ଅବସରରେ ରୋଗୀଙ୍କୁ ଫଳବଣ୍ଟନ

ବେଲପଡ଼ା,୧୫।୯(ମନୋଜ କୁମାର ମିଶ୍ର)

ବେଲପଡ଼ା ବ୍ଲକ ଇଞ୍ଜିନିୟରିଂ ହଲଠାରେ ଶୁକ୍ରବାର ଇଞ୍ଜିନିୟରିଂ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବେଲପଡା ବିଡିଓ ଭିକ୍ଟର ସୋରେନ ଯୋଗଦେଇ କେକ୍ କାଟି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଡ଼ିଓ ସୁରଥ ସାହୁ ଯୋଗଦେଇଥିଲେ। ବିଡ଼ିଓ ଭାରତୀୟ ଇଞ୍ଜିନିୟରିଂ ବ୍ୟବସ୍ଥାର ମହାନ ନାୟକ ଏମ.ବିଶ୍ୱେଶରୀୟାଙ୍କ ଜନ୍ମ ଦିନକୁ ଇଞ୍ଜିନିୟରିଂ ଦିବସ ପାଳନ କରାଯାଇଥିବା ଅବସରରେ ଏମ.ବିଶ୍ୱେଶରୀୟା ଭାରତକୁ ଆଧୁନିକ ପ୍ରଣାଳୀରେ ବିଶେଷ ଯୋଗଦାନ ସହ ସମାଜ ନିର୍ମାଣରେ ତାଙ୍କର ଅବଦାନ ବିଷୟରେ କହିଥିଲେ। ଏହି ଅବସରରେ ବ୍ଲକର କାର୍ଯ୍ୟରତ ସମସ୍ତ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ପରେ ଏହି ଅବସରରେ ଡାକ୍ତରଖାନା ପରିସରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ଛାତ୍ରୀଛାତ୍ର ଦେଶ, ରାଜ୍ୟର ଯଶ ରକ୍ଷା କର

ମୁରିବାହାଲ, ୧୫।୯(ଶ୍ରୀବତ୍ସ ବେହେରା)

**ସିରୋଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପୋଷାକ ବଣ୍ଟନ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଶିରୋଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ପରିଧାନ ଯୋଜନା ମଧମରେ ଶୁକ୍ରବାର ନବମ ଓ ଦଶମ ଶ୍ରେଣୀର ୧୯୮ ଜଣ ଛାତ୍ରୀଛାତ୍ରଙ୍କୁ ଦୁଇ ଯୋଡା ଲେଖାଏଁ ପୋଷାକ ବଣ୍ଟନ କରାଯାଇଥିଲା। ଉକ୍ତ ପୋଷାକ ବଣ୍ଟନ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ରଣା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ହଂସରାଜ ଜୈନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିବା ସହିତ ଉତ୍ତମ ଭାବରେ ଶିକ୍ଷା ଗ୍ରହଣ କରି ଦେଶ ଓ ରାଜ୍ୟର ଯଶ ରକ୍ଷା କରିବା ପାଇଁ ଉଦବୋଧନ ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଲିଲୁ ମୋହନ ପଧାନ, ମୋତିରାମ ମାଝୀ, ରୋହିତ ନାଗ, ଜଗଦୀଶ ସୁନା, ଶୁଭ୍ରାଂଶୁ ତାଣ୍ଡି, ଗାୟତ୍ରୀ ତାଣ୍ଡି, ଆଶିଷ କୁମାର ତ୍ରିପାଠୀ, ଅନୁପ୍ରିୟା ତାଣ୍ଡି, ସରସ୍ୱତୀ ହୋତା, ମୋହନ ପ୍ରଧାନୀ, ସୁଶାନ୍ତ ନାଏକ, ଅର୍ପିତା ପ୍ରିୟଦର୍ଶନୀ ମିଶ୍ରଙ୍କ ସହିତ ଶ୍ରୀପୁରୁଷୋତ୍ତମ ବନଛୋର, ମନୋଜ ଦୀପ, ପିଣ୍ଟୁ ଦୀପ ଯୋଗଦାନ କରି ସାହାଯ୍ୟ ଓ ସହଯୋଗ କରିଥିଲେ।

## ମାଛ ଧରିବାକୁ ଯାଇ ଭାସି ଯାଇଥିଲେ ଯୁବକ

# ୩୬ ଘଣ୍ଟା ପରେ ବି ନିଖୋଜଙ୍କ ପତ୍ତା ମିଳୁନି

ଲୋଇସିଂହା,୧୫।୯(ସୁଶାନ୍ତ ବାରକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ କୁଲାରୀ ନାଳକୁ ମାଛ ଧରିବାକୁ ଯାଇଥିବାବେଳେ ପାଣିରେ ପିପିଲିପାଲି ଗ୍ରାମର ରଜନୀ ପୋଢ ଓ ପ୍ରମୋଦ ପୋଢ ଗୁରୁବାର ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବିଭାଗ ରଜନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ପାଣି ସୁଅରେ ଭାସି ଯାଇ ନିଖୋଜ ଥିବା ପ୍ରମୋଦଙ୍କ ପତ୍ତା ମିଳୁନାହିଁ। ସ୍ଥାନୀୟ ଅଗ୍ନିଶମ ବିଭାଗ ଓ ବଲାଙ୍ଗୀର ଓଡ୍ରାଫ ଟିମର ୩୬ ଘଣ୍ଟା ସର୍ଚ୍ଚ ଅପରେସନ ପରେ ମଧ୍ୟ ପ୍ରମୋଦଙ୍କ ସନ୍ଧାନ ମିଳିନି। ଏହାକୁ ନେଇ ତାଙ୍କ ପରିବାର ଏବଂ ଅଞ୍ଚଳବାସୀ ଶଙ୍କାରେ ରହିଛନ୍ତି। ଅପରପକ୍ଷେ ଭାସି ଯାଉଥିବା ରଜନୀ ଓ ପ୍ରମୋଦଙ୍କୁ ଉଦ୍ଧାର କରିବାକୁ ଯାଇ ଗ୍ରାମର ଗୋଲେଖ ପୋଢଙ୍କ ମୃତ୍ୟୁ ଘଟିଥିଲା । ମୃତ ଦେହ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଦାହ କରାଯାଇଛି। ପୋଲିସ ସୂଚନାମତେ, ପିପିଲିପାଲି ଗ୍ରାମର ରଜନୀ, ପ୍ରମୋଦ ଏବଂ ଗୋଲେଖ କୁଲାରୀ ନାଳର ରେଢା ଚେକଡ୍ୟାମ ନିକଟକୁ ମାଛ ଧରିବାକୁ ଯାଇଥିଲେ। ପ୍ରବଳ ବର୍ଷା ଯୋଗୁ ନାଳର ପ୍ରଖର ସ୍ରୋତରେ ରଜନୀ ଓ ପ୍ରମୋଦ ଭାସି ଯାଇଥିଲେ। ସାଙ୍ଗରେ ଥିବା ଗୋଲେଖ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଭାସି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଆଗଲପୁର ପୋଲିସ ଓ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସୌଭାଗ୍ୟକୁ ରଜନୀ ପାଣି ମାଡରେ କୂଳରେ ଲାଗି ଯିବାରୁ ବର୍ତ୍ତି ଯାଇଥିଲେ। ଅଗ୍ନିଶମ ବାହିନୀ ଗୋଲେଖଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ପ୍ରମୋଦଙ୍କ ପତ୍ତା ମିଳି ନ ଥିଲା। ପରବର୍ତ୍ତି ସମୟରେ ବଲାଙ୍ଗୀରରୁ ଓଡ୍ରାଫ ଟିମ ପହଞ୍ଚି ଅଗ୍ନିଶମ ବାହିନୀ ସହ ସର୍ଚ୍ଚ ଅପରେସନରେ ସାମିଲ ହୋଇଥିଲେ। ଗୁରୁବାର ସନ୍ଧ୍ୟା ହୋଇଯିବାରୁ ସର୍ଚ୍ଚ ଅପରେସନକୁ ବନ୍ଦ କରି ଦିଆଯାଇଥିଲା। ଶୁକ୍ରବାର ସକାଳୁ ପୁଣି ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ ଖୋଜାଖୋଜି ଆରମ୍ଭ କରିଥିଲେ। ନାଳ ପାଣିରେ ପାଣ୍ଡେସରା ପର୍ଯ୍ୟନ୍ତ ସେମାନେ ଖୋଜାଖୋଜି କରିଥିଲେ ସୁଦ୍ଧା ସଫଳତା ପାଇ ପାରି ନ ଥିଲେ। ପ୍ରଖର ସ୍ରୋତରେ ବହୁ ଦୂରକୁ ଭାସି ଯାଇଥିବା କିମ୍ବା ଲଟାବୁଦା ଓ ପଥର ଖୋଲରେ ଛନ୍ଦି ହୋଇ ରହିଥିବା ନେଇ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।

## ଟୁଷୁରାରେ ଭାଜପାର ସାଙ୍ଗଠନିକ ବୈଠକ


ବୈଠକରେ ଉପସ୍ଥିତ ଭାଜପା ନେତା, କର୍ମୀ।

ଗୁଡ଼ଭେଲା,୧୫।୯(ମନୋଜ କୁମାର ଜୈନ)

ଟୁଷୁରା ସହର ସ୍ଥିତ କେଡିଆ ଭବନଠାରେ ଶୁକ୍ରବାର ଭାରତୀୟ ଜନତା ପାର୍ଟି (ଭାଜପା)ର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାଜପାର ଜିଲା ସାଧାରଣ ସମ୍ପାଦକ ମୁକେଶ କୁମାର ଜୈନ ଯୋଗଦେଇ ସଙ୍ଗଠନକୁ ସୁଦୃଢ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଟୁଷୁରା ଏନ୍‌ଏସିରେ ଦୁର୍ନୀତି ଲାଗିରହିଥିବା ବେଳେ ଆଗାମୀ ଦିନରେ ଜୋରସୋର ଆନ୍ଦୋଳନ କରାଯିବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଏନଏସି କାଉନସିଲର ମିତାଲି ସାହୁ, ବବିତା ସାହୁ, ଭାଜପାର ଗୁଡ଼ଭେଲା ବ୍ଲକ ସଭାପତି ଦୀନବନ୍ଧୁ ବେହେରା, ସନ୍ତୋଷ ସାହୁ, ମକରଧ୍ୱଜ ରଣା ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବର୍ଷାରେ ରାସ୍ତା ଅବସ୍ଥା ବେହାଲ

ଲାଠୋର, ୧୫।୯(ଭୁବନେଶ୍ୱର ବାରିକ)


ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି।

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଖଇରାପଡ଼ା ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ରହିଛି। ଏଥିପ୍ରତି କେହି ନଜର ଦେଉ ନାହାନ୍ତି। ଫଳରେ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ଏହି ଲଗାଣ ଲଘୁଚାପ ବର୍ଷାରେ ପରିସ୍ଥିତି ସଙ୍ଗୀନ ହୋଇପଡ଼ିଛି। ବାରମ୍ବାର ଲୋକ ରାସ୍ତା ନିର୍ମାଣ ପାଇଁ ଦାବିକଲେ ମଧ ଦାବିକୁ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ବିଭିନ୍ନ ଗ୍ରାମର ଲୋକ ଯିବା ଆସିବା କରୁଛନ୍ତି। ଯିବା ଆସିବା ବେଳେ ଲୋକ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ଗତବର୍ଷ କାମ ହେବ ବୋଲି ପଞ୍ଚାୟତ ପକ୍ଷରୁ ମୋରମ ବିଛା ଗଲା ହେଲେ ସେଠାରେ କଂକ୍ରିଟ କରାଗଲା ନାହିଁ। ଗାଡ଼ିମୋଟର ଯିବା ଆସିବା ଯୋଗୁ ମୋରମ ଧୀରେ ଧୀରେ ଦବି ଖାଲଖମା ସୃଷ୍ଟି ହୋଇଛି। ଟିକିଏ ବର୍ଷା ହେଲେ ସେଠାରେ ପାଣି ଜମାହୋଇ ସମସ୍ୟା ସୃଷ୍ଟି ହେଉଛି। ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲଙ୍କୁ ପଚାରିବାରେ ଖୁବଶୀଘ୍ର ଆମେ ସେହି ରାସ୍ତା ନିର୍ମାଣ କରିବା ବ୍ୟବସ୍ଥା କରିବୁ ବୋଲି କହିଛନ୍ତି। ତେବେ ଯଥାଶୀଘ୍ର ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରାଯାଉ: ଏଆଇଡିଏସ୍‌ଓ

ବଲାଙ୍ଗୀର, ୧୫।୯
(ବୀରେନ୍ଦ୍ର କୁମାର ଝାଙ୍କର)


ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଆଇଡିଏସ୍‌ଓ ବଲାଙ୍ଗୀର ପ୍ରତିନିଧି ଦାବିପତ୍ର ପ୍ରଦାନ କରୁଛନ୍ତି।

ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ୟ ସରକାର ଏକାଡେମିକ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି। କିନ୍ତୁ ସେଥିରେ ଛାତ୍ର ସଂସଦ ନିର୍ବାଚନ ନେଇ କିଛି ଉଲ୍ଲେଖ ନାହିଁ। ଏଣୁ ଏହାର ପ୍ରତିବାଦରେ ଶୁକ୍ରବାର ଏଆଇଡିଏସ୍‌ଓ ପକ୍ଷରୁ ସାରା ଓଡିଶାରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ବଲାଙ୍ଗୀରରେ ମଧ ଏଆଇଡିଏସ୍‌ଓ ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ଗତ ୫ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନରେ ବିଶୃଙ୍ଖଳା ଓ ଅନ୍ୟାନ ଯୁକ୍ତି ଆଳରେ ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ବନ୍ଦ କରିଥିବା ଅଭିଯୋଗ କରାଯାଇଛି। ଛାତ୍ରୀଛାତ୍ରମାନଙ୍କ ଗଣତାନ୍ତ୍ରିକ ଦାବି ଉତ୍ଥାପନ କରିବା ତଥା ଶିକ୍ଷାନୁଷ୍ଠାନମାନଙ୍କରେ ବିଭିନ୍ନ ଶୈକ୍ଷିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବା ଏବଂ ଶିକ୍ଷା ସମସ୍ୟାଗୁଡିକୁ କର୍ତ୍ତୃପକ୍ଷ ଓ ସରକାରଙ୍କ ନିକଟରେ ଉପସ୍ଥାପନ କରିବାରେ ଛାତ୍ର ସମାଜର ହତିଆର ଭାବେ ଛାତ୍ର ସଂସଦର ଐତିହାସିକ ଭୂମିକା ରହିଆସିଛି। ନିର୍ବାଚିତ ଛାତ୍ର ସଂସଦ ଗଠନ କରିବା ଛାତ୍ରୀଛାତ୍ରଙ୍କ ଏକ ସଂଗ୍ରାମ ଲବ୍ଧ ଅଧିକାର । ମାତ୍ର ଏହି ଅଧିକାରକୁ ସ୍ୱାଧୀନ ଦେଶରେ ଆମ ରାଜ୍ୟରେ ଅତ୍ୟନ୍ତ ଅଗଣତନ୍ତ୍ରିକ ଭାବରେ କ୍ଷୁର୍ଣ୍ଣ କରାଯାଉଥିବା ଅଭିଯୋଗ କରାଯାଇଛି। ଯେତେବେଳେ ଶିକ୍ଷା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କର ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଓ ନ୍ୟାୟ ସଙ୍ଗତ ଦାବି ଆଦାୟର ଗଣତାନ୍ତ୍ରିକ ମାଧ୍ୟମ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଏଆଇଡିଏସ୍‌ଓ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ଏକ ଦାବିପତ୍ର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଜରିଆରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରକୁ ଜିଲାପାଳଙ୍କ ଜରିଆରେ ମଧ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦିଆଯାଇଥିବା ଏଆଇଡିଏସ୍‌ଓ ରାଜ୍ୟ ଉପସଭାପତି ସୁନିଲ ଭୋଇ, ତ୍ରିଲୋଚନ ସାହୁ, ଗୌରୀ ରାଉତ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ଘଣ୍ଟାପଡ଼ା,୧୫।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଗତ ଦୁଇ ଦିନ ଧରି ପ୍ରବଳ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ବର୍ଷାରେ ଅନେକ ରାସ୍ତାରେ ପାଣି ଜମି ରହିଥିବା ବେଳେ ବହୁ ପରିବାର ପ୍ରଭାବିତ ହୋଇଥିଲେ । ଏପରି କି ଅଧିକାଂଶ ଛପର ଘରେ ବର୍ଷାପାଣି ଗଳିବାରୁ ଅନେକ ପରିବାର ରୋଷେଇ କରି ପାରି ନ ଥିବା ଦେଖିବାକୁ ମିଳିଥିଲା । ଶୁକ୍ରବାର ପଲସାଗୋରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୁଆବାହାଲ ଗ୍ରାମରେ ବନ୍ୟା ପ୍ରଭାବିତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ନୂତନ ଭାବରେ ଯୋଗଦାନ କରିଥିବା କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହ ଚୁଡ଼ା, ଚାଉଳ, ଗୁଡ଼, ତେଲ, ଡାଲି, ଆଳୁ ଆଦି ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଏହି ଗସ୍ତ ସମୟରେ ବିଡ଼ିଓଙ୍କ ସହିତ ସହକାରୀ ଯନ୍ତ୍ରୀ ଜୟ ମହନ୍ତ, ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦ ମେଣ୍ଡିଲି, ସାମାଜିକ କର୍ମୀ ମୁନା ମିଶ୍ରଙ୍କ ସମେତ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସତର୍କ କରାଇଲା ପ୍ରଶାସନ

**ବୌଦ୍ଧ ଜିଲା**

■ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

ବୌଦ୍ଧ,୧୫।୯(ଅଜିତ କୁମାର ବାରିକ)




ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

ହୀରାକୁଦର ଉପର ମୁଣ୍ଡରେ ଭୀଷଣ ବର୍ଷା ଯୋଗୁ ଜଳସ୍ତର ବୃଦ୍ଧି ପାଇବା ଫଳରେ ୨୨ ଗୋଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ କରାଯାଉଛି । ତେଣୁ ମହାନଦୀର ତଳମୁଣ୍ଡରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ନେଇ ରାଜ୍ୟ ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ବୈଠକରେ ଜିଲାପାଳ ସ୍ୱାଇଁ ଜିଲାରେ ସମସ୍ତ ଅଧିକାରୀମାନଙ୍କୁ ଯେ କୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ଏଥିସହିତ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ, ସମସ୍ତ ବର୍ଗର ବ୍ୟକ୍ତିବିଶେଷ ଓ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ସହିତ ଯୋଗାଯୋଗ ରଖି ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲାରେ ଅଗ୍ନିଶମ ବିଭାଗ, ଓଡ୍ରାଫ ଟିମ୍, ୫ମ ଆଇଆରବି ବାଟାଲିୟନ,ଏନସିସି ଛାତ୍ରୀଛାତ୍ର, ଯୁବ ରେଡକ୍ରସ ଓ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରାଇ ବନ୍ୟା ପୀଡିତଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚାଇବାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଏହାଛଡା ଜିଲା ଓ ବ୍ଲକ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା, ବର୍ଷା ଓ ନଦୀର ଜଳସ୍ତର ରେକର୍ଡ କରାଯିବା, ନିରନ୍ତର ବିଦ୍ୟୁତ ସେବା ଯୋଗାଇ ଦେବା, ପାଟ୍ରୋଲିଂ କରାଯିବା, ଆବଶ୍ୟକ ସ୍ଥଳେ ତଳି ଅଞ୍ଚଳରେ ରହୁଥିବା ପରିବାରଙ୍କୁ ସୁରକ୍ଷିତ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା, ବନ୍ୟା ଆଶ୍ରୟସ୍ଥଳଗୁଡିକରେ ଖାଦ୍ୟ, ପାନୀୟ ଜଳ, ପାଇଖାନା ବ୍ୟବସ୍ଥା କରାଇବା, ଗୃହପାଳିତ ପଶୁମାନଙ୍କ ସୁରକ୍ଷା ଓ ଖାଦ୍ୟ ବ୍ୟବସ୍ଥା, ବିଶୁଦ୍ଧ ପାନୀୟଜଳ ଯୋଗାଇବା,ସାପ କାମୁଡା ଇଞ୍ଜେକସନ ମହଜୁଦ ରଖିବା ସହ ମା ଓ ଶିଶୁମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ବୈଠକରେ ଆଲୋଚନା କରାଯାଇଥିଲା । ଦୁର୍ବଳ ନଦୀବନ୍ଧ, କେନାଲ ଓ ନଦୀଜଳ ପ୍ରବେଶ ଆଶଙ୍କା ଥିବା ସ୍ଥାନଗୁଡିକରେ ବାଲିବସ୍ତା ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାସହ ସନ୍ଧ୍ୟାରେ ବନ୍ୟା ଆଶଙ୍କା ନେଇ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ନଦୀକୂଳିଆ ଗାଁଗୁଡିକର ଲୋକଙ୍କୁ ସତର୍କ କରାଯାଇଛି । ବୈଠକରେ ସମସ୍ତ ତହସିଲଦାର,ଏନଏସି ନିର୍ବାହୀ ଅଧିକାରୀ, ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଫୁଲୁଛି ମହାନଦୀ, ବନ୍ୟା ଆଶଙ୍କା

ବୌଦ୍ଧ,୧୫।୯(ଅଜିତ କୁମାର ବାରିକ)

**ଜଗନ୍ନାଥ ସଡ଼କରେ ଯୋଗଯୋଗ ବିଚ୍ଛିନ୍ନ**



ବୌଦ୍ଧ ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ଆଶଙ୍କା ଦେଖାଦେଇଛି । ଜିଲାର ହରଭଙ୍ଗା ବ୍ଲକରେ ଥିବା ଜଗନ୍ନାଥ ସଡକ ବିଚ୍ଛିନ୍ନ ହୋଇପଡିଛି । ଉପରେ ମୁଣ୍ଡରେ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ୨୨ ଗୋଟି ଗେଟ ଖୋଲା ଯାଇଥିବା ଯୋଗୁ ଜିଲାର ମହାନଦୀ କୂଳରେ ଥିବା ତଳିଆ ଗାଁଗୁଡିକ ଜଳମଗ୍ନ ହୋଇଛି । ଏହା ହେଉଛି ମହାନଦୀରେ ଚଳିତବର୍ଷର ଦ୍ୱିତୀୟ ବନ୍ୟା । ହରଭଙ୍ଗା ବ୍ଲକର କୃଷ୍ଣମୋହନପୁର, କରଡି, ହାଟଗାଁ, ମଙ୍ଗଳପୁର, ଝରାସାହି, ରାମଗଡ, ଧଳପୁର, ଖଣ୍ଡିଧଳପୁର, ପାଣିଘରା, ହରଭଙ୍ଗା, କୁମ୍ଭାରୀ, ଅତଳସରା, ମାରଡା ଆଦି ଅଞ୍ଚଳର ଚାଷ ଜମି ଜଳମଗ୍ନ ହୋଇପଡିଛି । ଚାଷଜମିଗୁଡିକରେ ୩ ଫୁଟ ଉଚ୍ଚର ପାଣି ରହିଥିବା ଦେଖିବାକୁ ମିଳିଛି । ବୌଦ୍ଧ ହରଭଙ୍ଗା ଜଗନ୍ନାଥ ସଡକରେ ୩ ଫୁଟର ପାଣି ପ୍ରବାହିତ ହେଉଛି । ତୁରନ୍ତ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

## କେନ୍ଦ୍ରୀୟ ଟିମ୍‌ର ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ

ଅମରପାଲି,୧୫।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ପଞ୍ଚାୟତର କାନପୁର ଓ ଟିଠିପାଲି ଜଳ ଯୋଗାଣ ପ୍ରକଳ୍ପର ସଫଳ ରୂପାୟନର ମୂଲ୍ୟାଙ୍କନ ପାଇଁ ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ ଜଳ ଜୀବନ ମିଶନରୁ ଟିମ୍ ସଦସ୍ୟ ଇଂ.ବଳବନ୍ତ ସିଂ ଭାଟିଆ ଓ ଡ. ଦିନେଶ ଚାନ୍ଦ କ୍ଷେତ୍ର ପରିଦର୍ଶନ କରିଥିବା ଜଣାଯାଇଛି । ସରପଞ୍ଚ ଶ୍ରୀୟା କର୍ମୀ ସେମାନଙ୍କ ସହ ଆଲୋଚନା କରିଥିଲେ । ପଞ୍ଚାୟତର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଜଳଯୋଗାଣ ସୁନିଶ୍ଚିତ କରିବା ବିଷୟରେ ଆଲୋଚନା ହୋଇଥିଲା । ଟିଠିପାଲି ଓ ରଥପୁର ଜଳଯୋଗାଣ ପ୍ରକଳ୍ପରେ ପାଖାପାଖି ୧ କୋଟି ୪୫ ଲକ୍ଷ ଖର୍ଚ୍ଚ ହୋଇଥିଲେ ମଧ୍ୟ ଗ୍ରାମବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ନେଇ ୱାର୍ଡ ସଭ୍ୟ ଶ୍ରୀକାନ୍ତ ପଣ୍ଡା, ଘାସିରାମ ବାଦି, ସୁଦାମ ଭୋଇଙ୍କ ସମେତ ସରପଞ୍ଚ କର୍ମୀ କେନ୍ଦ୍ରୀୟ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ । ଉପସ୍ଥିତ ବିଭାଗୀୟ ଏସଡିଓ ୧୫ ଦିନ ମଧ୍ୟରେ ଟିଠିପାଲି ଜଳ ଯୋଗାଣ ପ୍ରକଳ୍ପରୁ ଜଳଯୋଗାଣ ସଠିକ ଭାବେ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଟିମ୍ ସହ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଜଳଯୋଗାଣ ପ୍ରକଳ୍ପ ବୁଲି ଦେଖିଥିଲେ ।

## ଯୁବକଙ୍କ ମୃତଦେହ ଜବତ

**ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ**

ତଳଗାଁ,୧୫।୯(କୁନା ବେହେରା)

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ-ନୟାଗଡ ସୀମାନ୍ତରୁ ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି । ଯୁବକଙ୍କ ପରିଚୟ ମିଳିପାରିନାହିଁ । ମୃତଦେହ ପଡିଥିବା ଖବର ପାଇ ବାଣିଗୋଛା ପୋଲିସ ଓ ବାଣିଗୋଛା ବନ୍ୟପ୍ରାଣୀ ରେଞ୍ଜ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ । ତେବେ ମୃତଦେହ ପଡିଥିବା ସ୍ଥାନ ବୌଦ୍ଧ ଜିଲା ପରୁଣାକଟକ ଏରିଆରେ ହୋଇଥିବାରୁ ଆଡେଣୀଗଡ ଫାଣ୍ଡି କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ । ପ୍ରଥମେ କେହି ହାତୀ ଆକ୍ରମଣ ଯୋଗୁ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ । କିନ୍ତୁ ଆଡେଣୀଗଡ ପୋଲିସ କୌଣସି ଗାଡି ଧକ୍କା ଯୋଗୁ ଯୁବକଙ୍କ ମୃତ୍ୟୁ ଘଟିଥିବା ଜାଣିପାରିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପଇଁ ବୌଦ୍ଧ ମେଡିକାଲକୁ ପଠାଇଛି । ଏନେଇ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ କହିଛନ୍ତି, ଯୁବକଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହ ମେଡିକାଲ ପରିସରରେ ଥିବା ଶବାଗାରରେ ରଖାଯାଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି ।

# ସୋନପୁର ରାମଧୁନ କ୍ଲବ ବିଜୟୀ




ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ ।

ସୋନପୁର,୧୫।୯(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ସିନିୟର ଫୁଟବଲ ଲିଗ୍**

ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ପକ୍ଷରୁ ସୋନପୁର ରୟାଲ ପଡିଆଠାରେ ଚାଲିଥିବା ସୁବର୍ଣ୍ଣପୁର ସିନିୟର ଫୁଟବଲ ଲିଗ୍‌ର ଶେଷ ଲିଗ୍ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଚାମ୍ପିୟନ ରାମଧୁନ କ୍ଲବ ଓ ତରଭା ବ୍ଲକ ଚାମ୍ପିୟନ ବାଲିଖମାର ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ସୋନପୁର ରାମଧୂନ କ୍ଲବ ୩-୦ ଗୋଲରେ ବିଜୟୀ ହୋଇଛି । ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଲିନା ପ୍ରଧାନ, ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ବରିଷ୍ଠ ଫୁଟବଲ ଖେଳାଳି ଲକ୍ଷ୍ମୀ ବାଗ, ବାବୁଲା ବେବର୍ତ୍ତା ଓ ଆଶରାମ ନାଏକ ଅତିଥି ଭାବରେ ଯୋଗ ଦେଇଥିଲେ । ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରାମଧୂନ କ୍ଲବର ଚନ୍ଦନ ବେହେରା ଓ ବିକ୍ରମ ନାଏକଙ୍କୁ ପୁରସ୍କୃତ କରାଯାଇଥିଲା । ଅଜିତ ନାଏକ, ପ୍ରଶାନ୍ତ ସେଠ୍, ସମୀର ସାହୁ ଓ ରାଜେଶ ଥନାପତି ରେଫେରି ଦାୟିତ୍ୱ ନିର୍ବାହ କରିଥିଲେ । ଜିଲା କ୍ରୀଡା ସଂଘର ସମ୍ପାଦକ ପିୟୁଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମ୍ୟାଚ୍ ଆୟୋଜନ ହୋଇଥିଲା । ମନୋରଞ୍ଜନ ତ୍ରିପାଠୀ, ସଞ୍ଜୟ ସାହୁ ଓ ଦିଗାମ୍ବର ଶତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ସଂସ୍କୃତ ସଂସ୍କୃତିକୁ କରିଥାଏ ରକ୍ଷା

**ଅମରପାଲି ହାଇସ୍କୁଲରେ ବିଶ୍ୱ ସଂସ୍କୃତ ଦିବସ ପାଳନ**

ଅମରପାଲି,୧୫।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀ ଶ୍ରଦ୍ଧାସୁମନ ପ୍ରଧାନ ବେଦପାଠ କରିଥିବା ବେଳେ ମୁସ୍କାନ ପ୍ରଧାନ ଶ୍ଳୋକ ପାଠ କରିଥିଲେ । ସଂସ୍କୃତ ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ, ପଦ୍ମନାଭ ପ୍ରଧାନ, ସମ୍ମିତ ପ୍ରଧାନ ପ୍ରମୁଖ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ କହିଥିଲେ । ଏହାସହିତ ଅନ୍ୟ ଭାଷା ଶିକ୍ଷା କରିବା ପାଇଁ ସଂସ୍କୃତ ଭାଷା ସହାୟକ ହୋଇଥାଏ ବୋଲି ବକ୍ତାମାନେ କହିବା ସହିତ ସଂସ୍କୃତ ହିଁ ସଂସ୍କୃତିକୁ ରକ୍ଷା କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ସମ୍ମିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ ।

## ଆଶୀର୍ବାଦ ଯୋଜନାରେ ହିତାଧିକାରୀଙ୍କ ଯତ୍ନ ଓ ସୁରକ୍ଷା ନେଇ ତାଲିମ ଶିବିର




ତାଲିମ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

ଡୁଙ୍ଗୁରିପାଲି,୧୫।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହଠାରେ ଆର୍ଶୀବାଦ ଯୋଜନାରେ ହିତାଧିକାରୀଙ୍କ ଯତ୍ନ ଓ ସୁରକ୍ଷା ସମ୍ବନ୍ଧୀୟ ଏକ ଦିବସୀୟ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଓ ସମ୍ମାନିତ ଅତିଥି ଭାବେ ବିଡିଓ ତ୍ରିପୁର ମହାନନ୍ଦ, ସିଡିପିଓ ଜୟନ୍ତୀ ଗଡତ୍ୟା ଯୋଗ ଦେଇଥିଲେ । ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ବିଶାଳ ଶିବିରରେ ଯୋଗଦେଇ କହିଥିଲେ, କୋଭିଡ ସମୟରେ ମାତାପିତା ହରାଇଥିବା ପିଲାଙ୍କ ପାଇଁ ରାଜ୍ୟ ସରକାର ଆର୍ଶୀବାଦ ଯୋଜନା ପ୍ରଣୟନ କରିଥିଲେ । ଏପ୍ରିଲ ୨୦୨୦ରୁ ୧୫ ସେପ୍ଟେମ୍ବର ୨୦୨୧ଭିତରେ ମାଆବାପା ଉଭୟ ହରାଇଥିବା ପିଲାମାନେ ଏହି ଯୋଜନାରେ ମାସିକ ୨୫୦୦ ଟଙ୍କା ପାଉଛନ୍ତି । ସେହିପରି ବାପା କିମ୍ବା ମାଆ ଜଣଙ୍କୁ ହରାଇଥିବା ଶିଶୁମାନେ ୧୫୦୦ ଟଙ୍କା ଲେଖାଏ ପାଉଛନ୍ତି । ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ଭଳି ମୌଳିକ ଆବଶ୍ୟକତା ଯାହା ରହିଛି ପୂରଣ ହୋଇପାରୁଛି । ଏହାବ୍ୟତୀତ ସରକାରଙ୍କ ଅନେକ ସୁବିଧା ସୁଯୋଗ ଅଛି । ଶିଶୁମାନେ ତାଙ୍କର ଯତ୍ନ, ସୁରକ୍ଷା, ତାଲିମ ନେଇପାରିବେ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ କରାଯାଉଛି ବୋଲି ଶିଶୁ ସୁରକ୍ଷା ଅଧିକାରୀ କହିଥିଲେ । ସୁବର୍ଣ୍ଣପୁର ଜିଲା ସଖୀ ଅନୁଷ୍ଠାନର ତାଲିମଦାତା ଓମିନୀ ଜେନା ଆର୍ଶୀବାଦ ଯୋଜନାରେ ସରକାରଙ୍କ ପକ୍ଷରୁ ଶିଶୁମାନଙ୍କୁ ଦିଆଯାଉଥିବା ବିଭିନ୍ନ ଯୋଜନା ଉପରେ ତାଲିମ ପ୍ରଦାନ କରିଥିଲେ । ଶିବିରରେ ବଦ୍ରିନାରାୟଣ ପାଣ୍ଡିଆ, ଧର୍ମେନ୍ଦ୍ର ବିଶ୍ୱାଳ,ସୁପରଭାଇଜର ସୀତା ମେହେର, ଏସ.ନାଗଙ୍କ ସମେତ ୭୦ ଜଣରୁ ଊର୍ଦ୍ଧ୍ୱ ହିତାଧିକାରୀ ଅଂଶଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ୟୁନିଟ ସାମାଜିକ କର୍ମୀ ରୁଦ୍ର ପ୍ରସନ୍ନ ମିଶ୍ର ଶିଶୁ ସୁରକ୍ଷା ଯୋଜନା ବିଷୟରେ କହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାର୍ହା ଆକ୍ରମଣରେ ମୃତକଙ୍କ ପରିବାରକୁ ମିଳିଲା ସହାୟତା

ସୋନପୁର,୧୫।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଧୀନ ପାପୀ ଗ୍ରାମର ରେଖା ବାଘ(୫୭)ଙ୍କ ବାର୍ହା ଆକ୍ରମଣରେ ମୃତ୍ୟୁ ହୋଇଥିଲା । ବନ୍ୟଜନ୍ତୁଙ୍କ ଆକ୍ରମଣରେ ମୃତ୍ୟୁ ହୋଇଥିବାରୁ ସରକାରଙ୍କ ଅନୁମୋଦନ କ୍ରମେ ବନବିଭାଗ ପକ୍ଷରୁ ମୃତ ରେଖାଙ୍କ ପରିବାରକୁ ୬ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ରେଖାଙ୍କ ସ୍ୱାମୀ ଭକ୍ତରାମଙ୍କ ଆକାଉଣ୍ଟରେ ଏହି ସହାୟତା ରାଶି ଶୁକ୍ରବାର ଜମା ହୋଇଥିବା ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଗତ ଜୁନ ୨୯ ତାରିଖରେ ରେଖା ଓ ତାଙ୍କ ପୁଅ ବଳଦେବ(୩୭) କ୍ଷେତକୁ ଧାନ ତଳି ରୋଇବା ପାଇଁ ଯାଇଥିଲେ । ଏହି ସମୟରେ ବୁଦା ମୂଳରେ ଲୁଚିଥିବା ଏକ ବାର୍ହା ମା' ଓ ପୁଅଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ମା' ପୁଅଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା । ତେବେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ରେଖାଙ୍କ ମୃତ୍ୟୁ ହୋଇଥିଲା । ପରେ ବଳଦେବଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିଲା ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୧୫।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ବୀରମହାରାଜପୁର ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏସିଡ ପୀଡ଼ିତାଙ୍କ ପାଇଁ କ୍ଷତିପୂରଣ ଯୋଜନା-୨୦୧୬ ଏବଂ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରାଯାଇଥିଲା । କମିଟିର ଅଧ୍ୟକ୍ଷା ତଥା ବରିଷ୍ଠ ଦେୱାନୀ ବିଚାରପତି ସରୋଜିନୀ ସାହୁ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ଏସଡିଜେଏମ ରାଜଶ୍ରୀ ପଟ୍ଟନାୟକ , ଆଡଭୋକେଟ ସନ୍ତୋଷ କୁମାର ଚାନ୍ଦ ଓ ଯତୀନ ପାଣିଗ୍ରାହୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦାମ ଚରଣ ସାହୁ, ଡ. ହିମାଂଶୁ ଶେଖର ପାଢ଼ୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ କର୍ମଚାରୀ ସଞ୍ଜୀବ କୁମାର ବାରିକ, ରାଜେଶ ବଡେଇ, ରବି ଅମାତ, ଜିତେନ୍ଦ୍ର ବେହେରା, ସୁଦାମ ବେହେରା ଓ ଶେଷଦେ ପ୍ରମୁଖ ସହଯୋଗ କରିଥିଲେ ।




ଆଇନ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ପ୍ରାଚୀନ ଭାରତରେ ନାରୀର ସ୍ଥାନ ଥିଲା ମହତ୍ତ୍ୱପୂର୍ଣ୍ଣ

ଅମରପାଲି,୧୫।୯(ପୀତାମ୍ବର ସାହୁ)




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

**ବୀରମହାରାଜପୁର କଲେଜରେ ଇତିହାସ ବିଭାଗର ଆଲୋଚନାଚକ୍ର**

କେଉଁ ଆବାହମାନ କାଳରୁ ଭାରତୀୟ ସଂସ୍କୃତିରେ ନାରୀକୁ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି । ସିନ୍ଧୁ ସଭ୍ୟତାରେ ମାତୃ ଉପାସନା ପ୍ରଚଳିତ ଥିଲା । ଋକ ବୈଦିକ ସମାଜରେ ନାରୀକୁ ପ୍ରଭୂତ ସମ୍ମାନ ମିଳୁଥିଲା । ସେମାନଙ୍କୁ ଶିକ୍ଷା ଗ୍ରହଣ କରିବା ପାଇଁ ଉତ୍ସାହିତ କରାଯାଉଥିଲା । ଏପରି କି ସେମାନଙ୍କୁ ସ୍ୱାମୀ ନିର୍ବାଚନ କରିବାର ଅଧିକାର ମିଳୁଥିଲା । ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନାରୀମାନଙ୍କୁ ନିଜର ଅଙ୍ଗରକ୍ଷୀ ଭାବରେ ନିଯୁକ୍ତ କରୁଥଲେ । ଗୁପ୍ତଯୁଗରେ ମଧ୍ୟ ସେମାନଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ମିଳୁଥିଲା ବୋଲି ବୀରାମହାରାଜପୁର ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଆଲୋଚନାଚକ୍ରରେ ଇତିହାସ ବିଭାଗ ମୁଖ୍ୟ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼ ହିମାଂଶୁ ଶେଖର ପାଢ଼ୀ ସଭାପତିତ୍ୱ କରିଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପକ ଶିବ କୁମାର ପୁରୋହିତ ମୁଖ୍ୟଅତିଥି, ଶିକ୍ଷା ବିଭାଗ ଅଧ୍ୟାପକ ବିଜୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଓ ଇତିହାସ ବିଭାଗ ଅଧ୍ୟାପକ ସତ୍ୟ ନାରାୟଣ ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ । ଡ଼ ବନ୍ଦିତା ବିଶ୍ୱାଳ ସଂଯୋଜନା କରିବା ସହିତ ବିଷୟ ଭିତ୍ତିକ ଆଲୋଚନା କରିଥିଲେ । ଛାତ୍ରୀ ସୋନାଲି ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି ଅବସରରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା । ଆଲୋଚନାଚକ୍ରରେ ସୋନାଲି ମେହେର, ପୂଜାରାଣୀ ହୋତା, ସୁଧୀର ହୋତା, ସୀତା ସାହୁ ଓ ଦେବେନ୍ଦ୍ର ଭୋଇ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ଲକ୍ଷ୍ମୀପ୍ରିୟା ଦେହୁରୀ, ସୁଶୀଲ ନାଏକ, ଶାଶ୍ୱତୀ ପଣ୍ଡା, ରଶ୍ମି ମେହେର ଓ ସସ୍ମିତା ପ୍ରଧାନ ବକ୍ତବ୍ୟ ରଖିଥିଲେ ।

## ସଂକ୍ଷେପରେ

### ନିର୍ବାହୀ ଯନ୍ତ୍ରୀ ସମ୍ବର୍ଦ୍ଧିତ

**ରାଉରକେଲା, ୧୫।୯ (ଦିନେଶ ମିଶ୍ର):** ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ କଟକଠାରେ ଚଳିତ ବର୍ଷ ଯନ୍ତ୍ରୀ ଦିବସ ଶୁକ୍ରବାର ପାଳିତ ହୋଇଛି। ଏହି ଅବସରରେ ରାଉରକେଲା ପିଡବ୍ଲ୍ୟୁଡିରେ କାର୍ଯ୍ୟରତ ନିର୍ବାହୀ ଯନ୍ତ୍ରୀ ଇଂ. ମନୋଜ କୁମାର ମହାନନ୍ଦଙ୍କୁ ଆଦର୍ଶ ଯନ୍ତ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। କଟକର ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲାରୁ ଇଂ. ମହାନନ୍ଦ ଯୋଗ ଦେଇଥିଲେ। ଉତ୍ସବରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ଜଷ୍ଟିସ ବୀର କିଶୋର ମିଶ୍ର ଉଦ୍‌ଘାଟକ, ଓଡ଼ିଶା ଲୋକସେବା ଆୟୋଗ ପୂର୍ବତନ ଅଧ୍ୟକ୍ଷ ଡ. ସତ୍ୟକାମ ମିଶ୍ର ମୁଖ୍ୟ ଅତିଥି, ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ.ରାଜେନ୍ଦ୍ର ଚନ୍ଦ୍ର ମହାନ୍ତି, ଇଂ. ପୂର୍ଣ୍ଣଚନ୍ଦ୍ର ରଥ, ଦେବାଶିଷ ନାୟକ, ଇଂ. ରମାବଲ୍ଲଭ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### ଛେଣ୍ଡ ଥାନାରେ ନୂତନ ଥାନାଧିକାରୀ

**ରାଉରକେଲା, ୧୫।୯ (ଦିନେଶ ମିଶ୍ର)**

ରାଉରକେଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ସୁରଜ କୁମାର ଝାଙ୍କରଙ୍କୁ ଛେଣ୍ଡ ଥାନାଧିକାରୀ ଭାବେ ବଦଳି ହୋଇଛି। ଏହା ପୂର୍ବରୁ ଛେଣ୍ଡ ଥାନାରେ ବିଜୟ ବିହାରୀ ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ଗତ କିଛିମାସ ହେବ ବିଜୟ ବିହାରୀଙ୍କ କେନ୍ଦୁଝର ଜିଲା ବଦଳି ହୋଇଯାଇଥିବାରୁ ଏହି ଥାନାରେ ଅଧିକାରୀ ପଦବୀ ଖାଲି ପଡିଥିଲା। ଆସନ୍ତା ୧୮ ତାରିଖରେ ସୁରଜ ଛେଣ୍ଡ ଥାନାରେ ଅଧିକାରୀ ଭାବେ ଯୋଗଦେବା ପାଇଁ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ଏକ ବିଜ୍ଞପ୍ତି ଶୁକ୍ରବାର ପ୍ରକାଶ କରିଥିବା ଜଣାପଡିଛି।

### ସାଇକେଲ ଚୋରି ଅଭିଯୋଗ

**ରାଉରକେଲା, ୧୫।୯ (ଦିନେଶ ମିଶ୍ର)**

ସେକ୍ଟର-୩ ଥାନା ଅନ୍ତର୍ଗତ ୪ନମ୍ବର ଅଞ୍ଚଳରୁ ଜଣଙ୍କ ଘର ଦୁଆର ମୁହଁରୁ ସାଇକେଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସେକ୍ଟର-୩ ପୋଲିସ ଏକ ମାମଲା (ନଂ.୧୦୬।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସେକ୍ଟର-୪ ଘର ନଂ ଇ-୭୫ରେ ଜୟ ସିଂ ପରିବାର ସହ ବାସ କରନ୍ତି। ସେ ସିଆଇଏସ୍‌ଏଫ ଯବାନ ଭାବେ କାମ କରନ୍ତି। ଜୟ ସିଂ ଗୁରୁବାର ପୂର୍ବାହ୍ନ ସାଢ଼େ ୨ଟାରେ ନିଜ ଡ୍ୟୁଟି ସାରି ଘର ଦୁଆର ମୁହଁରେ ସାଇକେଲ ରଖିଥିଲେ। ପରେ କେହି ଦୁର୍ବୃତ୍ତ ତାଙ୍କ ଦୁଆର ମୁହଁରୁ ଉକ୍ତ ସାଇକେଲଟି ଚୋରି କରି ନେଇଥିଲେ। ସନ୍ଧ୍ୟା ସମୟରେ ଜୟ ସିଂ ଘର ଦୁଆର ମୁହଁରେ ସାଇକେଲ ନ ଥିବା ଦେଖି ବହୁ ଖୋଜାଖୋଜି କରିଥିଲେ। ସାଇକେଲ ନ ପାଇବାରୁ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ରାଉରକେଲା ବନ୍ଧମୁଣ୍ଡା-ଜରେଇକେଲା ୨୫ କି.ମି. ଜାତୀୟ ରାଜପଥ ନିର୍ମାଣ ପାଇଁ ବନ୍ଧମୁଣ୍ଡା ପଟୁ ରାସ୍ତା ପାର୍ଶ୍ୱସ୍ଥ ଗଛଗୁଡିକୁ କଟାଯାଉଛି।

# ବଳି ପଡ଼ିବ ୧୭୨୩ ଗଛ

**ରାଉରକେଲା, ୧୫।୯ (ବିପ୍ଳବ ରଞ୍ଜନ ଦାଶ)**

**ବନ୍ଧମୁଣ୍ଡା-ଜରେଇକେଲା ଏନ୍‌ଏଚ୍**

ରାଉରକେଲା ବନ୍ଧମୁଣ୍ଡା-ଜରେଇକେଲା ୨୫ କି.ମି. ରାସ୍ତା ଜାତୀୟ ରାଜପଥ ବିଭାଗ ଅଧୀନକୁ ଯିବା ପରେ ଏହାର ସମ୍ପ୍ରସାରଣ ପାଇଁ ତତ୍ପରତା ପ୍ରକାଶ ପାଇଛି। ପୂର୍ବରୁ ଭୂମି ଅଧିଗ୍ରହଣ, ଗଛକଟା, ହାତୀ ଚଲାପଥ ଆଦିକୁ ନେଇ ରହିଥିବା ସମସ୍ୟା ଦୂର ହେବା ପରେ ଗୁରୁବାରଠାରୁ ବନ୍ଧମୁଣ୍ଡା ମୁଖ୍ୟମାର୍ଗରୁ ଗଛକଟା ଆରମ୍ଭ ହୋଇଛି।

ସୂଚନା ଅନୁସାରେ, ଦୀର୍ଘ ୮/୧୦ ବର୍ଷ ବାଦବିବାଦ ପରେ ବନ୍ଧମୁଣ୍ଡା-ଜରେଇକେଲା ଏନଏଚ-୩୨୦ଡି ଜାତୀୟ ରାଜପଥ ବିଭାଗ ଅଧୀନକୁ ଆସିଥିଲା। ମାତ୍ର ନିର୍ମାଣ କାର୍ଯ୍ୟରେ ବନ ବିଭାଗର ସର୍ତ୍ତାବଳୀ ବାଧକ ସାଜିଥିଲା। ବନ ବିଭାଗ ଦେଇଥିବା ସର୍ତ୍ତ ଉପରେ ଜାତୀୟ ରାଜପଥ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ରାସ୍ତାକାମ ଆରମ୍ଭ ହୋଇପାରି ନ ଥିଲା। ଶେଷରେ ବନ ବିଭାଗର ସମସ୍ତ ସର୍ତ୍ତାବଳୀ ଜାତୀୟ ରାଜପଥ ବିଭାଗ ମାନିନେବା ପରେ ବର୍ତ୍ତମାନ ରାସ୍ତା ପାର୍ଶ୍ୱସ୍ଥ ବୃକ୍ଷକଟା ଆରମ୍ଭ ହୋଇଛି। ରାସ୍ତା ନିର୍ମାଣରେ ସମୁଦାୟ ୧୭୨୩ ବୃକ୍ଷ କଟାଯିବାକୁ ଥିବାବେଳେ ସବୁ ବୃକ୍ଷର ମାର୍କିଂ ସରିଯାଇଛି। ୧୧ଶହରୁ ଊର୍ଦ୍ଧ୍ୱ ବିଶାଳକାୟ ଆମ୍ବ, ଲିମ୍ବ, ତେନ୍ତୁଳି ପ୍ରଜାତି ବୃକ୍ଷ କଟାଯିବ ବୋଲି ଜଣାପଡିଛି। ଏ ନେଇ ରାଉରକେଲାସ୍ଥିତ ଜାତୀୟ ରାଜପଥ ବିଭାଗର କନିଷ୍ଠ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ଏନ୍‌ଏଚ-୩୨୦ଡି ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଯାଇଥିଲା। କେବଳ ଭୂମି ଅଧିଗ୍ରହଣ ଓ ବନ ବିଭାଗ ମଞ୍ଜୁରୀ ବାକି ରହିଥିଲା। ବର୍ତ୍ତମାନ ବନ ବିଭାଗର ସମସ୍ତ ସର୍ତ୍ତ ସ୍ୱୀକାର କରାଯିବା ପରେ ବୃକ୍ଷକଟା ଆରମ୍ଭ ହୋଇଛି । ଖୁବ୍‌ଶୀଘ୍ର ରାଜପଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହେବ ବୋଲି ସେ କହିଥିଲେ। ଏ ନେଇ ଡିଏଫ୍‌ଓ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ ଆମର ଯାହା କିଛି ସର୍ତ୍ତ ଥିଲା ତାହା ସବୁ ବିଭାଗ ପକ୍ଷରୁ ପୂରଣ କରିବାକୁ ରାଜି ହେବାରୁ ଗଛକାଟ ପାଇଁ ମଞ୍ଜୁରୀ ଦିଆଯାଇଛି ବୋଲି ସେ କହିଥିଲେ।

# ରୋଗୀଙ୍କୁ ଶିଡ଼ି ଭରସା

**ରାଉରକେଲା, ୧୫।୯ (ଦିନେଶ ମିଶ୍ର)**

**ଆର୍‌ଜିଏଚ୍ ଇନ୍‌ଡୋର ବିଭାଗ**

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ସହରର ଏକ ପ୍ରମୁଖ ଡାକ୍ତରଖାନା। ଏହି ଡାକ୍ତରଖାନାକୁ ରାତି ପାହିଲେ ହଜାର ହଜାର ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି। ଡାକ୍ତରଖାନା ଉପରେ ଜିଲା ତଥା ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡରୁ ରୋଗୀ ନିର୍ଭର କରିଥାନ୍ତି। ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଡାକ୍ତରଖାନାରେ ପୋଡାଜଳା, ଅସ୍ଥିଶଲ୍ୟ, ଚକ୍ଷୁ, ନିଦାନ ଭଳି ବିଭିନ୍ନ ବିଭାଗ ରହିଛି। ତେବେ ଆର୍‌ଜିଏଚ୍‌ର ଅନ୍ତଃ ବିଭାଗରେ ଏବେ ନାନା ସମସ୍ୟା ଦେଖିବାକୁ ମିଳିଛି। ଏହି ବିଭାଗରେ ପ୍ରଥମ ମହଲାକୁ ଯିବା ପାଇଁ ୧୫ଟି ପାହାଚ ବିଶିଷ୍ଟ ଶିଡ଼ି ରହିଛି। ଯଦି ଗୁରୁତର ରୋଗୀ ଉପର ମହଲାରେ ଭର୍ତ୍ତି ହେବାକୁ ଯାଆନ୍ତି ତେବେ ତାଙ୍କୁ ଟେକି କରି ନେଇଯିବାକୁ ପଡିଥାଏ। ଡାକ୍ତରଖାନାର ଅନ୍ତଃ ବିଭାଗକୁ ଭେଷଜ ଚିକିତ୍ସା, ଅସ୍ତ୍ରୋପଚାର ରୋଗୀମାନେ ଆସିଥାନ୍ତି। ଏହି ବିଭାଗକୁ ରେଫର ହେଉଥିବା ରୋଗୀଙ୍କ ସମ୍ପର୍କୀୟମାନେ ଡାକ୍ତରଖାନା ହ୍ୱିଲ ଚେୟାର ନଚେତ ଷ୍ଟ୍ରେଚର ସାହାଯ୍ୟରେ ରୋଗୀଙ୍କୁ ଶିଡିରେ ବହୁ କଷ୍ଟରେ ନେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଅନ୍ତଃ ବିଭାଗରେ ହଜାର ହଜାର ରୋଗୀଙ୍କ ପାଇଁ ମାତ୍ର



ଜଣେ ରୋଗୀଙ୍କୁ ଶିଡ଼ିରେ ଟେକି ତଳକୁ ଅଣାଯାଉଛି।

୪ଟି ଷ୍ଟ୍ରେଚର ଥିବାବେଳେ ୬ଟି ହ୍ୱିଲ ଚେୟାର ରହିଛି। ଯଦି କୌଣସି ରୋଗୀ ଏହି ବିଭାଗରେ ଭର୍ତ୍ତି ହେବାକୁ ଆସନ୍ତି ସେ ଷ୍ଟ୍ରେଚର ସୁବିଧା ପାଉନାହାନ୍ତି। ସେହିପରି ଦିନବେଳା ଆଉଟ୍‌ଡୋରରେ ଡାକ୍ତରମାନେ ବସୁଥିବାବେଳେ ରାତି ୯ଟା ପରେ ଇନ୍‌ଡୋରରେ ବସନ୍ତି। ଫଳରେ ଅନ୍ତଃ ବିଭାଗରେ ବାଧ୍ୟହୋଇ ରାତିରେ ଆସୁଥିବା ରୋଗୀମାନେ ଡାକ୍ତରଙ୍କୁ ପରାମର୍ଶ କରିଥାନ୍ତି। ଡାକ୍ତରଙ୍କୁ ଦେଖାଇବା ପରେ ଔଷଧ ପାଇଁ ଉପର ମହଲାକୁ ଯିବାକୁ ପଡିଥାଏ। ଫଳରେ ବହୁ ରୋଗୀ ଏହି ଶିଡିଦେଇ କଷ୍ଟରେ ଔଷଧ ଆଣିଥାନ୍ତି । ଏ ନେଇ ଅନ୍ତଃ ବିଭାଗରେ ଚିକିତ୍ସାଧୀନ ଜଣେ ରୋଗୀ ମଣିଲାଲ କେରକେଟ୍ଟା କୁହନ୍ତି, ଆର୍‌ଜିଏଚ୍‌ର ଅନ୍ତଃ ବିଭାଗରେ ଥିବା ଶିଡିରେ ବୃଦ୍ଧ ଓ ମହିଳା ରୋଗୀମାନଙ୍କୁ ଯାତାୟାତରେ ଅସୁବିଧା ହେଉଛି। ଯଦି ଡାକ୍ତରଖାନା କର୍ତ୍ତୃପକ୍ଷ ଶିଡି ବଦଳରେ ର‌୍ୟାମ୍ପ୍ ବ୍ୟବସ୍ଥା କରନ୍ତେ ତାହେଲେ ଏଠାକୁ ଆସୁଥିବା ରୋଗୀ ଉପକୃତ ହୁଅନ୍ତେ। ଏ ନେଇ ଡାକ୍ତରଖାନାର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ଡାକ୍ତରଖାନାର ଅନ୍ତଃ ବିଭାଗ ପଛପଟ ଦେଇ ର‌୍ୟାମ୍ପ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହା ବୁଲାଣି ପଡୁଥିବାରୁ ଏହାକୁ ବହୁ ଲୋକ ବ୍ୟବହାର କରୁନାହାନ୍ତି। ତଥାପି ଆମେ ଆଗାମୀ ଦିନରେ ଏହି ର‌୍ୟାମ୍ପ ଦେଇ ରୋଗୀ ଓ ବରିଷ୍ଠ ବ୍ୟକ୍ତିଙ୍କ ପାଇଁ ସୂଚନା ଫଳକ ଲଗାଇ ଏହାକୁ ଅଧିକ ବ୍ୟବହାର କରିବା ପାଇଁ ଅବଗତ କରିବୁ । ଫଳରେ କୌଣସି ଗୁରୁତର ରୋଗୀ ଶିଡି ବ୍ୟବହାର ନ କରି ଏହି ର‌୍ୟାମ୍ପ ବ୍ୟବହାର କରିବେ ବୋଲି ସ୍ୱାଇଁ ସୂଚନା ଦେଇଥିଲେ।

# ଗଣତାନ୍ତ୍ରିକ ବ୍ୟବସ୍ଥାର ସୁଦୃଢ଼ୀକରଣରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା, ୧୫।୯ (ବିପ୍ଳବ ରଞ୍ଜନ ଦାଶ)**

**ସରକାରୀ ସ୍ୱୟଂଶାସିତ କଲେଜରେ ଗଣତନ୍ତ୍ର ଦିବସ**

ରାଉରକେଲା ସହରର ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ପକ୍ଷରୁ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ହଜାର ହଜାର ବର୍ଷ ଧରି ଭାରତର ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥା ବିଶ୍ୱବାସୀଙ୍କ ପାଇଁ ଉଦାହରଣ ବୋଲି ପ୍ରଫେସର ବେହେରା କହିଥିଲେ। ୨୦୧୮ ସେପ୍ଟେମ୍ବର ମାସରୁ ପାଳିତ ହେଉଥିବା ଏହି ଦିବସ ମାଧ୍ୟମରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ଗଣତନ୍ତ୍ର ବ୍ୟବସ୍ଥାର ପ୍ରଚାର ଓ ପ୍ରସାର ସମ୍ପର୍କରେ ପ୍ରଫେସର ବେହେରା ଆଲୋଚନା କରିଥିଲେ। ଏଥିରେ ବେଦବ୍ୟାସ ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧ୍ୟାପିକା କରମଜିତ କୌର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାର ସୁଦୃଢ଼ୀକରଣ ତଥା ପ୍ରଚାର ଓ ପ୍ରସାର ଦିଗରେ ଯୁବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଚୌଧୁରୀ ପ୍ରଦୋଷ ରଞ୍ଜନ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଯୁବକମାନଙ୍କ ସଚେତନତାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ରାମେଶ୍ୱରୀ ଭୋଇ ଦିବସ ପାଳନର ଆବଶ୍ୟକତା, ଗୁରୁତ୍ୱ ଓ ଉପଯୋଗିତା ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଏଥିରେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ଯୋଗ ଦେଇଥିଲେ। ଶେଷରେ ରାଜନୀତି ବିଜ୍ଞାନର ଅଧ୍ୟାପିକା ରଞ୍ଜିତା ବଡ଼ାଇକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ସ୍ଥାନରେ ଗଣତନ୍ତ୍ର, ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମ୍ପ୍ରସାରଣ ସମ୍ପର୍କିତ ସଚେତନତା ମୂଳକ ପ୍ରଚାରପତ୍ର ପ୍ରଦର୍ଶନ କରାଯାଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ସ୍ନାତକ କଲେଜରେ ନବାଗତଙ୍କୁ ସ୍ୱାଗତ

**ବଡ଼ଗାଁ, ୧୫।୯ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ପଞ୍ଚାୟତ ସମିତି ସ୍ନାତକ କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟକ୍ଷା ବନଜା ରାଣୀ ଷଡ଼ଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ହେମନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

### କମ୍ୟୁନିଟି ହଲ୍ ଅନ୍ନପୂର୍ଣ୍ଣା ଭବନ ଲୋକାର୍ପିତ

**ରାଉରକେଲା, ୧୫।୯ (ବିପ୍ଳବ ରଞ୍ଜନ ଦାଶ)**

ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ନିର୍ମିତ ଅନ୍ନପୂର୍ଣ୍ଣା ଭବନକୁ ଶୁକ୍ରବାର ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଲୋକାର୍ପଣ କରିଛନ୍ତି। ଏଥିସହିତ ବିଧାୟକ ଏକ କମ୍ୟୁନିଟି ହଲ ପାଇଁ ଶୁଭ ଦେଇଛନ୍ତି। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ହରିହର ରାଉତରାୟ ବିଧାୟକଙ୍କୁ ଉପଢୌକନ ଏବଂ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କମିଟିର ଲୋକସମ୍ପର୍କ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଉଦଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର ସୁନ୍ଦର ରାୟ, ରଘୁନାଥପାଲ୍ଲୀ ବିଜେଡି ମହିଳା ସଭାନେତ୍ରୀ ଇନ୍ଦିରା ନାୟକ, ମିଡିଆ ସେଲ ସଂଯୋଜକ ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସେକ୍ଟର-୭ ପାହାଡପୁର ମୁଣ୍ଡାରୀ ବସ୍ତି ସ୍ଥିତ ପାହାଡପୁର ପ୍ରାଥମିକ ବିଦ୍ୟାଳୟର ପାଚେରି ଓ ଫାଟକ ନିର୍ମାଣ ପାଇଁ ବିଧାୟକ ତରାଇ ଭୂମିପୂଜନ କରିଥିଲେ। ଏଥିପାଇଁ ବିଧାୟକ ପାଣ୍ଠିରୁ ୧୨ଲକ୍ଷ ଟଙ୍କା ଦିଆଯାଇଛି। ଭୂମିପୂଜନ କାର୍ଯ୍ୟକ୍ରମରେ

### ସାମୂହିକ ରାଜଭାଷା ସଂକଳ୍ପ ଗ୍ରହଣ



ଆର୍‌ଏସ୍‌ପି ଅଧିକାରୀ ଓ କର୍ମଚାରୀ ଶପଥପାଠ କରୁଛନ୍ତି।

**ରାଉରକେଲା, ୧୫।୯ (ବିପ୍ଳବ ରଞ୍ଜନ ଦାଶ)**

ଆରଏସପିରେ ସାମୂହିକ ରାଜଭାଷା ସଂକଳ୍ପ ଗ୍ରହଣ ସହ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ତ୍ରିପାଠୀ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବି.କେ. ହୋତା, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟାଳୟ ଓ ୟୁନିଟରେ ସମାରୋହ ମାନ ଅନୁଷ୍ଠିତ ହୋଇଥିଲା। ଅଧିକାରୀ ଓ କର୍ମଚାରୀମାନେ ବିଭାଗୀୟ ହିନ୍ଦୀ ଅଧିକାରୀଙ୍କ ସହିତ ସଂକଳ୍ପ ଗ୍ରହଣ କରିଥିଲେ। ଜାତୀୟ ଏକତାକୁ ମଜବୁତ କରିବା, ଦେଶପ୍ରେମ ଭାବନା ପ୍ରଜ୍ୱଳିତ କରିବା ଓ ରାଜଭାଷା ଯୋଗେ ସମ୍ବିଧାନ ନିର୍ମାତାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଓଡ଼ିଆ ଓ ହିନ୍ଦୀରେ ଏହି ସଂକଳ୍ପ ନିଆଯାଇଥିଲା। ସରକାରୀ କାର୍ଯ୍ୟରେ ରାଜଭାଷାର ଅଗ୍ରଗତି ପାଇଁ ଉତ୍ସର୍ଗୀକୃତ ପ୍ରୟାସ କରିବା ଓ ଏ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବା ନେଇ ମଧ୍ୟ ସଂକଳ୍ପ ମାଧ୍ୟମରେ ଗୁରୁତ୍ୱାରୋପ କରାଯାଇଥିଲା।

# ଥଇଥାନ ଧର୍ମକୁ ଆଖିଠାର

**ରାଉରକେଲା, ୧୫।୯ (ବିପ୍ଳବ ରଞ୍ଜନ ଦାଶ)**

**ଜେଲ୍ ରୋଡ୍ ଭେଣ୍ଡିଂ ଜୋନ-୨**

ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ମାର୍ଟସିଟି ଅଭିଯାନରେ ସହରକୁ ଅଧିକରୁ ଅଧିକ ସରସ ସୁନ୍ଦର କରିବା ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ସ୍ମାର୍ଟସିଟି ନାଁରେ ହେଉଥିବା ବିପୁଳ ଖର୍ଚ୍ଚ ନା ସହରକୁ ସରସ ସୁନ୍ଦର କରିପାରୁଛି ନା ଲୋକମାନଙ୍କୁ ଉପକୃତ କରୁଛି ବୋଲି ରାଉରକେଲା ଡିଏଭି ଛକ ଜେଲରୋଡ ଭେଣ୍ଡିଂ ଜୋନ-୨ର ବ୍ୟବସାୟୀ ଅଭିଯୋଗ କରିଛନ୍ତି।

ଗରିବ ଖୁଚୁରା ବ୍ୟବସାୟୀଙ୍କ ଅର୍ଥନୈତିକ ଅଭିବୃଦ୍ଧି, ଟ୍ରାଫିକ ସମସ୍ୟା ସମାଧାନ, ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ରାଉରକେଲା ଜେଲ୍ ରୋଡ ରାସ୍ତାକଡରେ ଭେଣ୍ଡିଂ ଜୋନ-୨ ନିର୍ମାଣ କରାଯାଇଛି। ଏହି ଭେଣ୍ଡିଂ ଜୋନରେ ମୋଟ ୧୩୦ କ୍ୟାବିନ ନିର୍ମାଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ୮ଟି କ୍ୟାବିନ ଖୋଲାଯାଉଛି। ଏହି ଥଇଥାନ କେବଳ ଧର୍ମକୁ ଆଖିଠାର ସଦୃଶ ବୋଲି ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି। ଆମିଷ ବ୍ୟବସାୟୀ ମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର କ୍ୟାବିନ ନିର୍ମାଣ ହୋଇଥିଲେ ମଧ୍ୟ ଆମିଷ ବ୍ୟବସାୟୀ ଥଇଥାନ ହୋଇପାରିନାହାନ୍ତି। ବ୍ୟବସାୟୀମାନଙ୍କ କହିବା ଅନୁସାରେ, ସ୍ମାର୍ଟସିଟି ପକ୍ଷରୁ ସ୍ମାର୍ଟସହର ପାଇଁ ଯେଉଁ ପ୍ରକାର ଭେଣ୍ଡିଂ ଜୋନ ନିର୍ମାଣ ହୋଇଛି ତାହା ଅତ୍ୟନ୍ତ ଦୟନୀୟ। ଦୋକାନମାନଙ୍କରେ ସଟର ନ ଲଗାଇ ଚଦର କବାଟ ଲଗାଇ ଦିଆଯାଇଛି। ଫଳରେ ଦୋକାନ ଖୋଲିବା ବେଳେ କବାଟ ପାର୍ଶ୍ୱସ୍ଥ ଦୋକାନୀଙ୍କୁ ସମସ୍ୟା ହେଉଛି। ଏହାବ୍ୟତୀତ ଆରଏମସି ପକ୍ଷରୁ ସଫେଇ ମଧ୍ୟ ହେଉନାହିଁ। ଭେଣ୍ଡିଂ ଜୋନ ସମ୍ମୁଖରେ ବେଆଇନ ଦୋକାନ ଖୋଲା ହେଉଛି । ଏହାଦ୍ୱାରା ଭେଣ୍ଡିଙ୍ଗ ଜୋନ ଦୋକାନୀଙ୍କ କାରବାର ପ୍ରଭାବିତ ହେଉଛି। ସେହିପରି ଉଚ୍ଛେଦ ହୋଇଥିବା ଖୁଚୁରା ଦୋକନୀଙ୍କୁ ଭେଣ୍ଡିଙ୍ଗ ଜୋନରେ ଦୋକାନ ଖୋଲିବା ପ୍ରମାଣପତ୍ର ପ୍ରଦାନରେ ମଧ୍ୟ ଅହେତୁକ ବିଳମ୍ବ କରାଯାଉଛି। ତୁରନ୍ତ ଭେଣ୍ଡିଙ୍ଗ ଜୋନ ସମ୍ମୁଖରେ ଖୋଲା ଯାଇଥିବା ଦୋକାନ ଉଚ୍ଛେଦ କରାଯିବା ସହ ରକ୍ଷଣାବେକ୍ଷଣ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବ୍ୟବସାୟୀ ଭାଗିରଥି ଧଳ, ସୁକାନ୍ତୀ ମଲ୍ଲିକ, ସସ୍ମିତା ନାୟକ, ଉତ୍ତମ ଦାସ, ଏସ୍. କେ. ମୁସ୍ତାକ ଅଲ୍ଲୀ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ଜେଲ ରୋଡ୍‌ର ୧୦୦ ମିଟର ରାସ୍ତା ନିକଟରେ ଖୋଲିଥିବା ଖୁଚୁରା ଦୋକାନୀମାନଙ୍କୁ ଥଇଥାନ ପାଇଁ ଭେଣ୍ଡିଂ ଜୋନ-୨ ନିର୍ମାଣ କରାଯାଇଛି। ପ୍ରମାଣପତ୍ର ଆଧାରରେ ପର୍ଯ୍ୟାୟ କ୍ରମେ ଲଟେରୀ ମାଧ୍ୟମରେ ଦୋକାନୀମାନଙ୍କୁ ଥଇଥାନ ବ୍ୟବସ୍ଥା ଚାଲିଛି। ଭେଣ୍ଡିଂ ଜୋନ ସମ୍ମୁଖରେ ଥିବା ଦୋକାନୀଙ୍କୁ ହଟାଯିବା ସହିତ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଭୋଇ କହିଥିଲେ।



ଅଭିଯୋଗ କରିଥିବା ଭେଣ୍ଡିଂ ଜୋନ୍‌ର ବ୍ୟବସାୟୀ।

# ବ୍ଲକସ୍ତରୀୟ ସାହିତ୍ୟ ସୃଜନୀ ଶିକ୍ଷକ ତାଲିମ ଶିବିର




ସୃଜନୀ ଶିକ୍ଷକ ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

**ଖଡ଼ିଆଳ,୧୫।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଖଡ଼ିଆଳ, ସିନାପାଲି ଓ ବୋଡେନ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଦ୍ୱିଦିବସୀୟ ସାହିତ୍ୟ ସୃଜନୀ ଶିକ୍ଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମଳ ଶିକ୍ଷକ ଭାବେ ପଞ୍ଚାୟତ ହାଇସ୍କୁଲ ଗୋଡାଲର ଶିକ୍ଷକ ରମେଶ କୁମାର ପଟେଲ, ବୁଢ଼ାଦେଓ ହାଇସ୍କୁଲ ଫରସରାର ଶିକ୍ଷକ ରମେଶ କୁମାର ପଣ୍ଡା ଓ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସାଗର ବାଗ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ତାଲିମରେ ମୋଟ ୭୯ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଦିଲୀପ କୁମାର ନାଏକ, ଦକ୍ଷ ବନ୍ଦିଛୋର, ଧରଣୀଧର ଦେ, ବିଶ୍ୱନାଥ ସ୍ୱାଇଁ,ସଞ୍ଜୟ କୁମାର ତ୍ରିପାଠୀ ଓ ଗଜେନ୍ଦ୍ର ହରିଜନ ତାଲିମ ସମ୍ବନ୍ଧୀୟ ଅନୁଭୂତି ଉପସ୍ଥାପନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ମୁଖ୍ୟ ଅତିଥିଙ୍କୁ ସ୍ୱାଗତ ଜ୍ଞାପନ କରିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜେ କରିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପୁସ୍ତକ ଆକାରରେ ସଂକଳିତ କରିଥିଲେ, ଯାହା ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ।

# ନ୍ୟାୟ ପାଇଁ ପଦଯାତ୍ରା, ଦାବିପତ୍ର

## ବୁଢାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା

**ଖଡ଼ିଆଳ,୧୫।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ବୋଡ଼େନ ଥାନା ଅନ୍ତର୍ଗତ ବୁଢାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ମୃତ୍ୟୁ ଘଟଣାକୁ ନେଇ ପୀଡିତ ପରିବାର ନ୍ୟାୟ ଓ ସହାୟତା ପାଇଁ ଦାବି କରାଯାଇଛି। ଏ ନେଇ ନୂଆପଡା ଦଳିତ ଅଧିକାର ମଞ୍ଚ ପକ୍ଷରୁ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ବୁଢ଼ାପଡା ଗ୍ରାମଠାରୁ ଖଡ଼ିଆଳ ପର୍ଯ୍ୟନ୍ତ ୧୦ କି.ମି. ପଦଯାତ୍ରା କରି ଖଡ଼ିଆଳ ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଅଗଷ୍ଟ ୨୧ ତାରିଖରେ ବୋଡ଼େନ ଥାନା ଅନ୍ତର୍ଗତ ବୁଢାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୃତୀୟ ଶ୍ରେଣୀ ଛାତ୍ର କେଶବ ଜଗତ (୯) ରୁଦ୍ରମଧବ ଜଗତଙ୍କ ପୁଅ ସ୍କୁଲ ନିକଟସ୍ଥ ନାଳକୁ ଯାଇ ପାଣିରେ ବୁଡି ଯାଇ ମୃତ୍ୟୁ ଘଟିଥିଲା। ପୀଡିତ ପରିବାରକୁ ସହାୟତା, ଦୋଷୀ ଶିକ୍ଷକମାନଙ୍କୁ ଚାକିରୀରୁ ବହିଷ୍କାର, ଦୋଷୀ ଶିକ୍ଷକଙ୍କୁ ଅଟ୍ରୋସିଟି ଆଇନରେ ଗିରଫ କରିବା, ପୀଡିତ ପରିବାରକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରୀ ପ୍ରଦାନ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ପଦଯାତ୍ରାରେ ନିମାଇଁ ଚରଣ ତାଣ୍ଡି, ଜ୍ୟୋତିଲାଲ ବଞ୍ଜାରେ, ହେମନ୍ତ ମାନହରେ, ପଦ୍ମନାଭ ଜଗତ, ମାୟାଧର ସୁନାନୀ, ଲିଙ୍ଗରାଜ ଜାଲ, ଅଜାମ୍ବର ତାଣ୍ଡି, ହେମନ୍ତ ତାଣ୍ଡି, ରଞ୍ଜନ ସେନାପତି, ମୁଖା ସୁନାନୀ, କିଶୋର ସାଗର, ରାଜେଶ ବେହେରା, ବିଶ୍ୱ ବେହେରା, ପିଣ୍ଟୁ ନେତାମ, ବୁଦ୍ଧ ପନକା ଓ ନନ୍ଦଲାଲ ପାଣ୍ଡେଙ୍କ ସମେତ ଶତାଧିକ ମହିଳା ପୁରୁଷ ପଦଯାତ୍ରାରେ ସାମିଲ ହୋଇ ଥାନାଠାରେ ବିକ୍ଷୋଭ ପ୍ରଦର୍ଶନ କରି ଏସ୍‌ଡିପିଓ ଅରୁପ ଅଭିଷେକ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ପ୍ରଦାନ କରାଯାଉଛି।

# ବର୍ଷାରେ ଘର ଭାଙ୍ଗି ମହିଳା ମୃତ୍ୟୁ ଘଟଣା: ତଦନ୍ତ କଲା ରାଜସ୍ୱ ବିଭାଗ

**ଲାଞ୍ଜିଗଡ଼,୧୫।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛତ୍ରପୁର ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମରେ ଲଗାଣ ବର୍ଷାରେ ଘର ଭାଙ୍ଗି ଗତ ମଙ୍ଗଳବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପରେ ରାଜସ୍ୱ ବିଭାଗ ପକ୍ଷରୁ ନଙ୍ଗଳବେ ଆରଆଇ ସରୋଜ କୁମାର ସାହୁ ହରେକୃଷ୍ଣପୁର ଯାଇ କ୍ଷୟକ୍ଷତି ଆକଳନ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ହରେକୃଷ୍ଣପୁର ଗ୍ରାମର ବନିତା ଘରେ ରୋଷେଇ କରୁଥିବା ସମୟରେ ମାଟିକାନ୍ଥ ଛପର ଭାଙ୍ଗି ପଡିଥିଲା। ଏହା ତଳେ ସେ ରହି ଯାଇଥିଲେ। ପରିବାର ଓ ଗାଁ ଲୋକଙ୍କ ସହଯୋଗରେ ଉଦ୍ଧାର କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଲାଞ୍ଜିଗଡ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବିଶାଖାପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ଅଧାରାସ୍ତାରେ ମୃତ୍ୟୁ ଘଟିଥିଲା । ସ୍ୱର୍ଗତ ଶ୍ୟାମ ପରାଭୋଇ ହରେକୃଷ୍ଣପୁର ଗ୍ରାମର ମୂଳ ବାସିନ୍ଦା ହୋଇଥିବାବେଳେ ଆଜକୁ ୧୫ ବର୍ଷ ହେଲା ଘର ଖଣ୍ଡିଏ ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହୋଇଥିଲେ। ଘର ପାଇଁ ଅପେକ୍ଷା କରି କରି ଗତ ଜୁଲାଇରେ ଶ୍ୟାମ ପରାଭୋଇଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ଭୂମିସୁତା ପରାଭୋଇ ପୁଅ ହରିବନ୍ଧୁ ପରାଭୋଇ, ଯୋଗୀ ପରାଭୋଇ, ବସନ୍ତ ପରାଭୋଇ, କୈଳାସ ପରାଭୋଇ, ମଣ୍ଟୁ ପରାଭୋଇ ପ୍ରମୁଖ ଏହି ଭଙ୍ଗା କୁଡ଼ିଆ ଘରେ ନିଜ ଗୁଜୁରାଣ ମେଣ୍ଟାଉଥିଲେ। ବନିତା ୨ ବର୍ଷ ତଳେ କେସିଙ୍ଗା ବ୍ଲକ ଲୋଇତରା ଗ୍ରାମର ପପୁ ପରାଭୋଇକୁ ବିବାହ ଦେଇଥିଲେ। କିଛିଦିନ ହେଲା ସ୍ୱାମୀ ଓ ଦେଢ଼ ବର୍ଷର ଶିଶୁପୁତ୍ର ସହିତ ବାପଘରକୁ ବନିତା ଆସିଥିଲେ। ରୋଷେଇ କରୁଥିବା ସମୟରେ ଘର ଭୁଶୁଡ଼ି ପଡିବାରୁ ଏଭଳି ଦୁଃଖଦ ଘଟଣା ଘଟିଛି। ପ୍ରଶାସନ ତୁରନ୍ତ ସହାୟତା ଯୋଗାଇଦେବା ସହ ଆବାସ ଯୋଜନାରେ ଘର ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଲଙ୍ଗଳବେଡା ଆରଆଇ ସରୋଜ କୁମାର ସାହୁଙ୍କୁ ପଚାରିବାରୁ ହଁ ମୁଁ ଯାଇ ତଦନ୍ତ କରିଛି। ପ୍ରକୃତରେ ସେମାନେ ଅତି ଗରିବ। ତାଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି। ଆମ ବିଭାଗ ପକ୍ଷରୁ ଯାହା ସରକାରଙ୍କ ସୁବିଧା ଅଛି ଯୋଗାଇଦେବୁ ବୋଲି ପ୍ରକାଶ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ




କାର୍ଯ୍ୟକ୍ରମରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି ।

**କର୍ଲାମୁଣ୍ଡା,୧୫।୯(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପଗୁଡିକ ଶିଳାନ୍ୟାସ ଓ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ ବ୍ଲକର ରିଷିଡାସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜ ଗସ୍ତକରି ପ୍ରାୟ ୨ କୋଟି ଟଙ୍କାର ନିର୍ମାଣ ହେବାକୁ ଥିବା ପ୍ରେକ୍ଷାଳୟର ଶିଳାନ୍ୟାସ କରିବା ସହ ନବନିର୍ମିତ କଲେଜର ଅତିଥି ଭବନ ଉଦଘାଟନ କରିଥିଲେ। ବିଧାୟଙ୍କ ସହ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ବିଡିଓ ସୁଚରିତା ମୁଗ୍ରୀ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସରପଞ୍ଚ ସେବତୀ ରଣା, କଲେଜ ପରିଚାଳନା କମିଟି ସଭାପତି ଜଗମୋହନ ରଣା ଉପସ୍ଥିତ ଥିଲେ। ପରେ କଲେଜ ନବାଗତ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ସିଂ ଯୋଗଦେଇ କଠିନ ଅଧ୍ୟବସାୟ ଓ ଲକ୍ଷ୍ୟଯୁକ୍ତ ଶିକ୍ଷା ଆହରଣ କଲେ ସଫଳତା ନିଶ୍ଚିତ ବୋଲି ପରାମର୍ଶ ଦେଇଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ଗଦାଧର ପଧାନ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ହିରୋଜ ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଘନଶ୍ୟାମ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ଶରତ କୁମାର ସାହୁ ମଞ୍ଚାସୀନ ଥିଲେ। ମକୁନ୍ଦ ରଣା, ଡାଲଟନ ରଣା, କ୍ଷୀରୋଦ୍ର ସାହୁ, ନବୀନ ରଣା, ଶିବପ୍ରସାଦ ରଣା, ଭଗବାନ ରଣା ସହଯୋଗ କରିଥିଲେ। ପରେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷା ରିଷିଡାର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ପାଣ୍ଠିରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର କମିଟି ସଭାପତି ଶିବଲାଲ କେଡିଆ, ଉପସଭାପତି କ୍ଷୀରସାଗର ରଣା, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଯୁଗ୍ମସମ୍ପାଦକ ନନ୍ଦକିଶୋର ରଣା, ସରପଞ୍ଚ ସେବତୀ ରଣା, ନାରାୟଣ ରଣା, ଅଶୋକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେଦାନ୍ତ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

**ଲାଞ୍ଜିଗଡ଼,୧୫।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ପକ୍ଷରୁ ରାୟଗଡା ଜିଲାର ମୁନିଗୁଡା ବ୍ଲକର ସିବପଦର ଗ୍ରାମରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ଶିବିରରେ ଡାକ୍ତରଙ୍କ ଦ୍ୱାରା ଚେକ ଅପ, ମାଗଣା ଔଷଧ ଏବଂ ରକ୍ତଚାପ, ରକ୍ତ ଶର୍କରା ଏବଂ ହିମୋଗ୍ଲୋବିନ ଉପରେ ପରୀକ୍ଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରକାଶ କାରସିକା, ଶିକ୍ଷକ ଏବଂ ଏହି ଅଞ୍ଚଳର ସାମାଜିକ କର୍ମୀମାନେ ଅଂଶଗ୍ରହଣ କରିଥିଲେ। ଭବାନୀପାଟଣାର ବିଶେଷଜ୍ଞ ଡାକ୍ତରମାନେ ଅସ୍ତ୍ରୀଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଆମର ସ୍ୱାସ୍ଥ୍ୟ ପଦକ୍ଷେପ ବିଶେଷ ଭାବେ ସମ୍ପ୍ରଦାୟର କଲ୍ୟାଣ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ବେଦାନ୍ତ ଡେପୁଟି ସିଇଓ ଜିଜି ପାଲ କହିଛନ୍ତି। ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଆମେ ଦୁର୍ଗମ ଅଞ୍ଚଳକୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଚିକିତ୍ସା ଆଣିବାକୁ ଚେଷ୍ଟା କରୁଛୁ, ଯାହା ଦ୍ୱାରା ଏହି ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଉନ୍ନତି ହୋଇପାରିବ। ସିବପଦର ସରପଞ୍ଚ ପ୍ରକାଶ କାରସିକା କହିଛନ୍ତି ଏହାର ପ୍ରତିଷ୍ଠା ପରଠାରୁ ବେଦାନ୍ତ ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଥିବା ବ୍ୟବଧାନକୁ ଦୂର କରିବା ଦିଗରେ କାର୍ଯ୍ୟ କରିଛି। ମୋବାଇଲ ହେଲଥ୍ ୟୁନିଟ ପରିଦର୍ଶନ ଏବଂ ଜରୁରୀକାଳୀନ ପରିସ୍ଥିତି ପାଇଁ ୨୪ ଘଣ୍ଟା ମାଗଣା ଆମ୍ବୁଲାନ୍ସ ସେବା ଅନେକଙ୍କ ଜୀବନ ରକ୍ଷା କରିବାରେ ସାହାଯ୍ୟ କରିଛି। ଲାଞ୍ଜିଗଡ଼ ବେଦାନ୍ତ ଡାକ୍ତରଖାନା ବାର୍ଷିକ ୬୦,୦୦୦ରୁ ଅଧିକ ଲୋକଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇଥାଏ।


**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTION OF MEDICAL SCIENCES & RESEARCH, BURLA, SAMBALPUR, ODISHA-768017**
E-mail: vimsarsuptd@gmail.com
No.19059/VIMSAR, Burla, Dated 13.09.2023

**CANCELLATION OF TENDER CALL NOTICE NO.19236 VIMSAR, BURLA, DT.16.12.2022**

**No.E-413:**This office Tender Call Notice No.19236/VIMSAR, Burla, Dt.16.12.2022 inviting Tender for outsourcing of diet service provider i.e. (Dry, Liquid & Cooked) for the hospital for 2023-24 is hereby cancelled due to some unavoidable circumstances.

Sd./- Superintendent
VSS IMSAR, Burla
OIPR-10187/11/0021/2324

No.CAD-2064
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR**
Tender Call Notice No.HO/CIVIL/T&E/E-4956/04/2023 (Part-II)/28832 Dt.12.09.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work: 1) Supply, installation, testing and commissioning of 2 nos. 1010KVA 415V Silent type Diesel Generator sets for providing emergecy power supply to Athletics, Tennis Court and Staff Hostel of KHPC in Kalinga Stadium complex, Bhubaneswar.**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID No. CIVIL/ EST/24/2023-24 | 17.00 Hours of dt.18.09.2023 | 17.00 Hours of dt.03.10.2023 |

Further details can be seen from the e-Procurement Portal **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in the **e-procurement portal** as well as in **IDCO website**.

Sd./- Chief General Manager (Civil)
IDCO, Bhubaneswar
OIPR-14003/11/0210/2324

No.C-1411
WATCO www.watcoodisha.in
**GOVERNMENT OF ODISHA**
**WATER CORPORATION OF ODISHA**
**OFFICE OF THE GENERAL MANAGER, WATCO DIVISION, SAMBALPUR**
Phone No.: (0663)-2412135; Email ID: eephdsbp@gmail.com

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. GMWATCOSBP-06/2023-24 Dt.11.09.2023**

| | | | |
|---|---|---|---|
| 01. | Name of the Work | : | 16 Nos. Works. |
| 02. | Type of Bid | : | Single Bid System |
| 03. | Estimated Cost | : | Rs.7.05 lakhs to Rs.47.87 lakhs |
| 04. | Period of Completion | : | 1 (One) Calendar Months. |
| 05. | Date & Time of availability of bid document in the portal | : | From 11.00 AM of dt.16.09.2023 to 5.00 PM of 26.09.2023 |
| 06. | Last date/time of receipt of bids in the portal | : | 5.00 PM of 26.09.2023 |
| 07. | Date & Time of opening of technical bids | : | At 11.30 AM of 27.09.2023 |
| 08. | Name and Address of the Officer Inviting Bid | : | General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist.- Sambalpur-768001 |

**Further details can be seen from the website http://tenders.ori.nic.in or www.tendersorissa.gov.in**

Sd./- General Manager, WATCO Division, Sambalpur
OIPR-13247/11/0009/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO.II,SAMBALPUR**
E-mail:eesbprnbdivision2@gmail.com, Phone-0663-2410104
BID IDENTIFICATION No. SE/RandB/SBP II/09 (Online)/2023-24

**E-Procurement Notice**
No.3401/ Dated 8.9.2023

**No.B-894:**The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate Bids in Single/Double Cover System in ONLINE MODE.
1.No. of Work: **03 (Three) Nos. (Road Works) & 01 (One) (Building Work)**. 2. Tender Cost: **Rs.6,000/- & 10,000/-**. 3. Class of Contractor: **"B", "C" & "D" Class Contractors**. 4. Availability of bid document in the website: **18.00 Hours of 16.09.2023 to 17.00 Hours of 30.09.2023**. 5. Date of Opening of Tenders: **11.30 Hours on Dt.01.10.2023**. 6. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. only. Any Corrigendum/ Addendum/ Cancellation of tender will be displayed in the website said only.

Sd./- Superintending Engineer
Sambalpur (R&B) Division No.II
OIPR-34136/11/0013/2324

No.CAD-2062
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No. File No. BBSR/ELECT/E-4505/23-24/2316 Date: 11.09.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work** :- Supply, installation, testing & commissioning of village Electrification Works with Service Connection to Un-electrified Households under BGJY (20-21) in three villages; Jodguma Paiksahi of Sunger GP, Kakani Chowk of Khurigaon GP & Kakudipadar Nuasahi of Maikanch GP in KASHIPUR Block in Rayagada District.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-39/ 23-24 | 17.00 Hours of 18.09.2023 | 17.00 Hours of 28.09.2023 |

Further details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect.)
IDCO, Bhubaneswar
OIPR-14003/11/0214/2324

**Startup Odisha**
Startup Odisha (2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar-751024)
**Ref.No:** **Date:**

**REQUEST FOR PROPOSAL**
**FOR SELECTION OF LEGAL SERVICE PROVIDERS**

**No.h-21:**Startup Odisha invites sealed proposals from eligible law firms/organizations/ bidders to provide legal services to Startup Odisha. Bidders fulfilling the prescribed eligibility criteria of the RFP can access and download the complete RFP document and other details from the website www.startupodisha.gov.in. The last date of receipt of proposals is 18.10.2023 by 5.00 PM. Interested bidders are further advised to keep referring to Startup Odisha website for any updates or corrigendum in reference to this advertisement. Startup Odisha reserves all rights to reject any or all proposals without assigning any reason thereof.

**Sd./- Chief Administrative Officer**
**OIPR-43001/11/0002/2324**

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.7153/P.S.C., Dt.14.9.2023**
**1E-12-2023-24 (DR-III)**

No.D-132:- It is for information of all concerned that the Commission have decided to conduct the written examination for recruitment to the post of **Assistant Director of Textiles, Group-B** under Handlooms, Textiles & Handicrafts Department pursuant to **Advt. No. 02 of 2022-23 and Advt. No. 12 of 2023-24** to be held **on 08.10.2023 (Sunday)** at Cuttack Zone only. The programme of examination is indicated below:

**TIME TABLE**

| Date | Session | Paper | Time |
|---|---|---|---|
| 08.10.2023 (Sunday) | 1st Session | Paper - I (MCQ Pattern) | 10.00 A.M. to 12.00 Noon<br>10.00 A.M. to 12.40 P.M. for PwD candidates |
| | 2nd Session | Paper - II (MCQ Pattern) | 1.30 P.M. to 3.30 P.M.<br>1.30 P.M. to 4.10 P.M. for PwD candidates |

The Centre of the examination will be published shortly. The caniddates are advised to go through the website of the Commission **http://www.opsc.gov.in** from time to time for further information.

OIPR-12002/11/0094/2324
**Sd./- Secretary**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-2081
**E-Procurement Notice**
**Bid Document No. OMC/E-PROC/C&P/75/2023, Dated 14.09.2023**

| | | |
|---|---|---|
| 1 | Name of the Work/ Service | Operating Pharmacy Outlets on consignment basis at different Locations of OMC |
| 2 | Availability of tender documents | Date:15.09.2023 |
| 3 | Bid Due Date | Date:06.10.2023, Time: 03.00 PM |

All other details can be seen from the Tender document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0123/2324
Sd./- Head (C&P)

**ODISHA LIFT IRRIGATION CORPORATION LTD**
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12
Phone: (0674) 2390195, Fax: (0674) 2395844; E-mail: olicltd123@bsnl.com, olicltd@ymail.com
**No.4P-16/2023/6476/OLIC, Dated: 14.09.2023**

**NATIONAL COMPETITIVE BIDDING THROUGH e-Procurement**

No. CAD-2074:- The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Control Panel with DOL Starter in conformity with detail tender call notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | Bid Security Declaration to be submitted for EMD (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-15 (E) 2022-23 | Control Panel with DOL starter suitable for 3.0 HP submersible pump sets coupled with induction motor | 12619 | 517.2932 | 5.17293 | 10,000/-+ GST 18% on reverse charge basis |

**1. Period of Completion:-** 60 days from the date of issue of purchase order. **2. Date & Time of availability of bid document in the portal:-** From Dt.15.09.2023 to Dt.05.10.2023. **3. Last date/Time for receipt of bids in the portal:-** Dt.05.10.2023 upto 17.00 hrs. **4. Last date of seeking clarification:** Dt.25.09.2023 upto 17.00 hrs. **5. Name and address of the Officer inviting Bid:-** M.D., OLIC, Plot No. N-17/2, Nayapalli, P.B. No. 155, Bhubaneswar-751012, 6. Further details can be seen from the e-procurement portal **https://tendersodisha.gov.in**. Any Addendum/corrigendum/cancellation of tender will be available in the said website. Authority reservs the right to reject any or all the tenders without assigning any reason thereof.

OIPR-32432/11/0034/2324
Sd./- MANAGING DIRECTOR

**OFFICE OF THE DIVISIONAL FOREST OFFICER, SUNDARGARH FOREST DIVISION**
ଓଡ଼ିଶା ସରକାର
Phone No. 06622-272243, E-mail: dfo.sundargarh@odisha.gov.in
**INVITATIONS FOR BIDS THROUGH e-PROCUREMENT**
No. MM-157
**e-Procurement Notice**
Letter No. 4839 — Bid Identification No. DFO/SNG-04/2023-24 — Dated: 13.09.2023

| | | | |
|---|---|---|---|
| 1. | The Divisional Forest Officer, Sundargarh on behalf of Governor of Odisha inviting percentage rate bid in Single Cover System on ONLINE mode from eligible contractors with valid licences for execution of **Checkdam & Building Works** as detailed in DTCN | | |
| 2. | Nature of Work | : | Checkdam and Building Works |
| 3. | No. of works | : | 08 (Eight) Nos. |
| 4. | Tender Paper Cost | : | Rs.6000/- |
| 5. | Class of Contractor | : | D, C & B |
| 6. | Availability of Bid document in the website | : | From 11.00 A.M. Date: 16.09.2023 to 05.00 P.M. of Date: 25.09.2023. |
| 7. | Date of Opening of Bid | : | 11.00 A.M. on Dt.26.09.2023. |
| 8. | The bidders have to participate in ONLINE bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the said website only. | | |

OIPR-08034/11/0010/2324
Sd./- Divisional Forest Officer, Sundargarh Forest Division

## ହିନ୍ଦୀ ଭାଷାର ଐତିହ୍ୟ, ପରମ୍ପରା ବିଶ୍ୱବିଦିତ

**ସମ୍ବଲପୁର,(ବି.ଶଙ୍କର):** ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦୀ ପ୍ରାଧାପକ ଡ. ଜୟନ୍ତ କୁମାର କରଶର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇ ହିନ୍ଦୀ ଭାଷାର ଐତିହ୍ୟ ଓ ପରମ୍ପରା ବିଶ୍ୱ ବିଦିତ ବୋଲି କହିଥିଲେ। ହିନ୍ଦୀ ବିଭାଗ ଅଧକ୍ଷ ପ୍ରଫେସର ପୁରୁଷୋତ୍ତମ କୁମ୍ଭ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ଅଭିପ୍ସା ପଣ୍ଡା ସଭା ସଂଯୋଜନା କରିଥିଲେ। ଛାତ୍ରୀମାନେ ସ୍ୱରଚିତ ହିନ୍ଦୀ କବିତା ପାଠ କରିଥିଲେ।

## ସଂକ୍ଷେପରେ

### ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଚେତନତା ଶିବିର

କୁଚିଣ୍ଡା,୧୫।୯(ବିରଞ୍ଚି ଦର୍ଶା): ବାମରା ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ବ୍ଲକସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଆକାଉଣ୍ଟ୍ସ ଅଫିସର ସୁନିଲ ବାର୍ଲାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ସମ୍ବଲପୁର ଓଏସ୍‌ଡିଏମ୍‌ଏର ଜିଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ମୁକାବିଲା କରିହେବ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ସିଡିପିଓ ମିନତୀ ମିଶ୍ର, ବିଇଓ ବିନୟ ପ୍ରକାଶ ସଏ, ଜିପିଇଓ ରଞ୍ଜନ ରାମଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ସାମିଲ ହୋଇଥିଲେ।

### ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ହିନ୍ଦୀ ଦିବସ

ସମ୍ବଲପୁର,୧୫।୯(ବି.ଶଙ୍କର)– ହୀରାକୁଦ ହିଣ୍ଡାଲ୍‌କୋ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଅଧକ୍ଷତା କରିଥିଲେ। ହିଣ୍ଡାଲ୍‌କୋ ଏଫ୍‌ଆର୍‌ପିର ମୁଖ୍ୟ ସୌମିତ୍ର ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ହିନ୍ଦୀ ବିଭାଗର ଅଧକ୍ଷ ପ୍ରଫେସର ଜୟନ୍ତ କରଶର୍ମା ମୁଖ୍ୟବକ୍ତା, ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ ଓ ସ୍ନାତକୋତର ସମୂହ ଅଧକ୍ଷ ପ୍ରଫେସର ସଂଯୁକ୍ତା ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଡିମାର୍କେଶନ ଦାବିରେ ମହିଳାଙ୍କ ଅନଶନ

ନାକଟିଦେଉଳ,୧୫।୯(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ କଞ୍ଚନପୁର ଗ୍ରାମର ମନ୍ଦଦୋରୀ ପ୍ରଧାନ ନାମ୍ନୀ ମହିଳା ତାଙ୍କ ଶ୍ୱଶୁରଙ୍କ ନାମରେ ଥିବା ରେକର୍ଡଭୁକ୍ତ ଜମିକୁ ସରପଞ୍ଚ ତଥା ସେହି ଗ୍ରାମର ଶୁଭେନ୍ଦ୍ର ପ୍ରଧାନ ହଡ଼ପ କରିଥିବା ଅଭିଯୋଗ କରି ଶୁକ୍ରବାର ନାକଟିଦେଉଳ ତହସିଲ ଅଫିସ ସମ୍ମୁଖରେ ଅନଶନରେ ବସିଥିଲେ। ଅଭିଯୋଗ ଅନୁସାରେ ତାଙ୍କ ଶ୍ୱଶୁରଙ୍କ ନାମରେ କଞ୍ଚନପୁର ଗ୍ରାମରେ ଖାତା ନଂ.୬୪, ପ୍ଲଟ ନଂ.୪୩୮ରେ ୨ ଏକର ୮୭ ଡ଼େସିମିଲ ଜମି ରହିଛି। ତେବେ ଏଥିରୁ ପ୍ରାୟ ୪୦/୫୦ଡ଼େସିମିଲ ଜମିକୁ ଗତ ଜୁନ ୧୦ରେ ତାଙ୍କ ବଂଶର ପୁତୁରା ଶୁଭେନ୍ଦ୍ର ଅକ୍ତିଆର କରିଥିଲେ। ମନ୍ଦଦୋରୀ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସରପଞ୍ଚ ଶୁଭେନ୍ଦ୍ର ଶୁଣି ନ ଥିଲେ। ଏ ନେଇ ସେ କିସିଣ୍ଡା ଥାନାର ଦ୍ୱାରସ୍ଥ ହୋଇ ଜମିର ଡ଼ିମାର୍କେସନ କରାଇବାକୁ ଅନୁରୋଧ କରିଥିଲେ। ପୋଲିସ ଜୁନ




ତହସିଲ ଅଫଇସ ଆଗରେ ଅନଶନରତ ମନ୍ଦଦୋରୀ।

୨୭ରେ ନାକଟିଦେଉଳ ତହସିଲକୁ ଚିଠି କରିଥିଲେ। ତହସିଲଦାର ଏଥିପାଇଁ କିସିଣ୍ଡା ଆର୍‌ଆଇଙ୍କୁ ଏକ ଚିଠି କରିଥିଲେ। ଜୁଲାଇ ୧୩ରେ ଡ଼ିମାର୍କେସନ କରିବାକୁ ଆର୍‌ଆଇ ଚିଠି କରି ଉଭୟ ପକ୍ଷଙ୍କୁ ଅବଗତ କରାଇଥିଲେ। ତେବେ ଉକ୍ତ ଦିନ ଶୁଭେନ୍ଦ୍ର ଅନୁପସ୍ଥିତ ଥିବାରୁ ଡ଼ିମାର୍କେସନ ହୋଇପାରି ନ ଥିଲା। ପରେ ମନ୍ଦଦୋରୀ ସେପ୍ଟେମ୍ବର ୨ରେ ରେଢାଖୋଲ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ତେବେ ସୁଫଳ ନ ମିଳିବାରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସେ ଶୁକ୍ରବାର ସକାଳ ୧୦ଟା ସମୟରେ ତହସିଲ ଅଫିସ ସମ୍ମୁଖରେ ଅନଶନରେ ବସିଥିଲେ। ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗ ସେଠାରେ ପହଞ୍ଚି ଅନଶନରତ

### ସରପଞ୍ଚଙ୍କ ଦ୍ୱାରା ରେକର୍ଡ ଜମି ହଡ଼ପ ଅଭିଯୋଗ

ମନ୍ଦଦୋରୀଙ୍କ ସହ ଆଲୋଚନା କରିବା ସହ ଆସନ୍ତା ୨୯ରେ ପୋଲିସ ଉପସ୍ଥିତିରେ ଡ଼ିମାର୍କେସନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମନ୍ଦଦୋରି ମଧ୍ୟାହ୍ନ ପ୍ରାୟ ୧୨ଟାରେ ଅନଶନ ପ୍ରତ୍ୟାହାର କରି ନେଇଥିଲେ। ଏ ସମ୍ପର୍କରେ ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ଜମିକୁ ସେମାନଙ୍କର ୪ପିଢି ହେଲା ଖଳା ଭାବେ ବ୍ୟବହାର କରିଆସୁଛନ୍ତି। ଗତ କିଛିମାସ ତଳେ ସେ ଏହି ଜମିକୁ ଜେସିବି ସାହାଯ୍ୟରେ ଚାଷ ଜମିରେ ପରିଣତ କରିଛନ୍ତି। ପଡ଼ିଆ ଜମି ଚାଷ ଜମି ହେବା ପରେ ମନ୍ଦଦୋରୀ ଲୋଭରେ ପଡ଼ି ଏପରି କରୁଥିବା କହିବା ସହ ତାଙ୍କ ଶ୍ୱଶୁର କିମ୍ବା ସ୍ୱାମୀ କାହିଁକି ଅନଶନରେ ବସିଲେ ନାହିଁ ବୋଲି ପ୍ରକାଶ କରିଥିଲେ।

# ଛାତ୍ରସଂସଦ ନିର୍ବାଚନ ଦାବିରେ ଏବିଭିପିର ରାଲି



ବିକ୍ଷୋଭରେ ସାମିଲ ହୋଇଥିବା ଏବିଭିପି କର୍ମକର୍ତ୍ତା।

**ସମ୍ବଲପୁର ,୧୫।୯(ଶୁଭାଶିଷ ପାଢ଼ୀ):** ଛାତ୍ରସଂସଦ ନିର୍ବାଚନ ବନ୍ଦ ନେଇ ତେଜୁଛି ଅସନ୍ତୋଷ। ବିଭିନ୍ନ ସ୍ଥାନରେ ଛାତ୍ର ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଉଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସମ୍ବଲପୁରରେ ମଧ୍ୟ ଶୁକ୍ରବାର ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମକର୍ତ୍ତା ଜିଏମ୍‌ୟୁ ଛକରୁ ଏକ ଶୋଭାଯାତ୍ରାରେ ଯାଇ ଆର୍‌ଡିସି ଅଫିସରେ ପହଞ୍ଚିଥିଲେ। ସେମାନେ ଅଭିଯୋଗ କରିଥିଲେ, ରାଜ୍ୟ ସରକାର ଜାଣିଶୁଣି ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ଦେଇଛନ୍ତ। ଏହା ହେଲେ କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ନଷ୍ଟ ହୁଏ ନାହିଁ ବରଂ ଛାତ୍ରୀଛାତ୍ର ନେତୃତ୍ୱ ନେବା ଶିଖିବେ। ତେଣୁ ତୁରନ୍ତ ଏହି ନିର୍ବାଚନ କରିବାକୁ ଦାବି କରିଥିଲେ। ପରେ ଆର୍‌ଡିସିଙ୍କ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯସବର୍ଦ୍ଧନ ତିୱାରୀ, ପ୍ରିତିଶ କର, ଅମନ ପ୍ରତିକ ଦାସ, ସୁମନ ପ୍ରସାଦ ମିଶ୍ର, ଶ୍ରୀୟାଂଶୁ ମେହେର, କିର୍ତ୍ତିମୟୀ ସାହୁ, ସିମରନ ପ୍ରଧାନ, ବିଜୟ କଲତା ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ। ରାଜ୍ୟ ସହ ସମ୍ପାଦକ ସେତାଂଶୁ ଶେଖର ବରେଇଙ୍କ ନେତୃତ୍ୱରେ ବିକ୍ଷୋଭ ଶୋଭାଯାତ୍ରା ହୋଇଥିଲା।

### ଶହୀଦ ମଧୁ ଗଡତିଆ ସ୍ମୃତି କମିଟି ବୈଠକ

# ତିରୋଧାନ ଦିବସ ପାଳନ ପାଇଁ ଆହ୍ୱାନ

ସମ୍ବଲପୁର,୧୫।୯(ଶୁଭାଶିଷ ପାଢ଼ୀ)

ସଂଗ୍ରାମୀ ଶହୀଦ ମଧୁଗଡତିଆ କେବଳ ଝୁଝୁମୁରା ନୁହେଁ ଅଞ୍ଚଳବାସୀଙ୍କ ଗୌରବ। ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିଲେ। ନଭେମ୍ବର ୧୭ରେ ତାଙ୍କ ତିରୋଧାନ ଦିବସ। ଏହି ଦିନରେ ଝୁଝୁମୁରା ତାଙ୍କ ଜନ୍ମସ୍ଥାନରେ ଏକ ଭବ୍ୟ କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ଅଞ୍ଚଳବାସୀଙ୍କ ସହଯୋଗ ଆବଶ୍ୟକତା ରହିଛି। ଗଣ୍ଡ ସମାଜର ପ୍ରତୀକ ସାଜିଥିବା ଏହି ସଂଗ୍ରାମୀଙ୍କ ପାଇଁ ତାଙ୍କ ସମାଜ ଆଗେଇ ଆସୁ। ଅଞ୍ଚଳର ସ୍କୁଲ, କଲେଜ, ଅଙ୍ଗନୱାଡି ଭଳି ଶିକ୍ଷାନୁଷ୍ଠାନରେ ସୂଚନା ଦିଆଯାଉ ବୋଲି ଝୁଝୁମୁରା ରାଜୀବ ଭବନଠାରେ ଶୁକ୍ରବାର ଶହୀଦ ମଧୁ ଗଡତିଆ ସ୍ମୃତି କମିଟି ବୈଠକରେ ମତପ୍ରକାଶ ପାଇଥିଲା। କମିଟି ସଭାପତି କିରଣ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ମା’ ସମଲେଶ୍ୱରୀ ଓ ଶହୀଦ ମଧୁ ଗଡତିଆଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସଙ୍ଗଠନର ଉପସଭାପତି ତଥା ସ୍ଥାନୀୟ ସମିତିସଭ୍ୟ ଜୟନ୍ତ କୁମାର ପ୍ରଧାନ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାରେ ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା ଶହୀଦ ମଧୁ ଗଡତିଆଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମରେ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ନାୟକ ଓ ପୂର୍ବତନ ବ୍ଲକ ଅଧକ୍ଷ ଅଶ୍ୱିନୀ କୁମାର କୁମୁରା ବକ୍ତବ୍ୟ ରଖିଥିଲେ। ସଭାରେ ଝୁଝୁମୁରା, କେଶପାଲି, ଲିପିଣ୍ଡା, ଗଡଲୋଇସିଂ, କୟାକୁଦ, କଂସର, ମେଘପାଲ, ବୀର ସିଂଗଡ ଓ ଛାମୁଣ୍ଡା ପଞ୍ଚାୟତର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ। ଶେଷରେ ରତ୍ନାକର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସେବାଶ୍ରମ ସ୍କୁଲରେ ଅଭିଭାବକ ଆମ ଅଂଶୀଦାର ବୈଠକ

ଜମନକିରା,୧୫।୯(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ସରକାରୀ ସେବାଶ୍ରମ ବିଦ୍ୟାଳୟରେ ଶୁକ୍ରବାର ‘ଅଭିଭାବକ ଆମ ଅଂଶୀଦାର’ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ପଙ୍କଜ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତାପିତା କିପରି ଶିକ୍ଷକମାନଙ୍କ ସହ ଯୋଗାଯୋଗକରି ପିଲାଙ୍କ ଅସୁବିଧା ଦୂର କରିପାରିବେ ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରୋହିତ ଭୋଇ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁବୋସ ସାହୁ, ଗୋଷ୍ଠୀ ମଙ୍ଗଳ ଅଧିକାରୀ ଐଶ୍ୱର୍ଯ୍ୟ ନାୟକ, ପରିଚାଳନା କମିଟିର ସଭାନେତ୍ରୀ ପଦ୍ମିନୀ ପ୍ରଧାନ, ଉପସଭାପତି ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଜଙ୍ଗଲ ଅଧିକାର ବୈଠକ

**କୁଚିଣ୍ଡା,୧୫।୯(ବିରଞ୍ଚି ଦର୍ଶା):** ବାମରା ବ୍ଲକ ରବଗା ପଞ୍ଚାୟତ ମଝାପଡ଼ାଠାରେ ଶୁକ୍ରବାର ଲୋକମୁକ୍ତି ସଂଗଠନ ପକ୍ଷରୁ ଜଙ୍ଗଲ ଅଧିକାର ଆଇନ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨, ନୂତନ ସଂଶୋଧିତ ଜଙ୍ଗଲ ସଂରକ୍ଷଣ ଆଇନ ୨୦୨୩, ପେସା ଆଇନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ବାମରା ବ୍ଲକର ପ୍ରତ୍ୟେକ ଗ୍ରାମରେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା ନିମନ୍ତେ ଲୋକମୁକ୍ତି ସଂଗଠନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଲୋକମୁକ୍ତି ସଂଗଠନର ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ, ସଂଯୋଜକ ଜିନିତ ସାମାଦ, କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ ଗ୍ରେଗୋରୀ ସାମାଦ, କୋଷାଧ୍ୟକ୍ଷ ଫୁଲଦେଓ ସାମାଦ, ବାମରା ବ୍ଲକ କମିଟି ସଦସ୍ୟ ରବୀନ୍ଦ୍ର ନାଏକ, ମିନକୁ ଲାକ୍ରା, ପ୍ରଫୁଲ୍ଲ ଏକ୍କାଙ୍କ ସମେତ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ଯୋଗଦାନ କରିଥିଲେ।

### ମହିଳା ଯୌନ ଉତ୍ପୀଡନ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ

ଦେବଗଡ, ୧୫।୯(ଶଶାଙ୍କ ଶେଖର ଝାଙ୍କର)– ଦେବଗଡ଼ ଜିଲା କୋର୍ଟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ମହିଳା ଯୌନ ଉତ୍ପୀଡନ ପ୍ରତିକାର (ପ୍ରତିରୋଧ, ନିଷେଧ ଏବଂ ପ୍ରତିକାର) ଅଧିନିୟମ, ୨୦୧୩ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଗୌତମ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବାର ଅଦାଲତର ଜଜ ଶ୍ରୀନିବାସ ପ୍ରତିହାରି, ଅତିରିକ୍ତ ଜିଲା ଜଜ୍ ସନ୍ତୋଷ କୁମାର ନାୟକ, ସିଭିଲ ଜଜ୍ ସ୍ୱୟଂ ପ୍ରକାଶ ଦାସ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅପୂର୍ବା ଚୌଧୁରୀ, ଏସ୍‌ଡିଜେଏମ ଲିଙ୍କି ପ୍ରିୟା ସାହୁ, ଜେଏମ୍‌ଏଫସି କ୍ରୀଷ୍ଣା ସୁବୁଧି ପ୍ରମୁଖ ଉପସ୍ଥିତ ରହିଥିଲେ। ଦେବଗଡ଼ ଜିଲା କୋର୍ଟ ଏବଂ ଜିଲା ଆଇନସେବା ପ୍ରାଧିକରଣର ସମସ୍ତ କର୍ମଚାରୀଙ୍କୁ ଉପରୋକ୍ତ ଅଧିନିୟମ ଏବଂ ଏହି ନିୟମ ବଳରେ ଗଠିତ ହୋଇଥିବା ଆଭ୍ୟନ୍ତରୀଣ ଅଭିଯୋଗ ସମିତି ଓ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରିମାଣ୍ଡ ଆଡଭୋକେଟ ଦିଲ୍ଲୀପ କୁମାର ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅପୂର୍ବା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**SAMBALPUR (R&B) DIVISION NO.II, SAMBALPUR**
E-mail:eesbprnbdivision2@gmail.com, Phone-0663-2410104
BID IDENTIFICATION No. SE/RandB/SBP II/09 (Online)/2023-24

**E-Procurement Notice**
No.3401/ Dated 8.9.2023

**No.B-894:** The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate Bids in Single/Double Cover System in ONLINE MODE. 1. No. of Work: **03 (Three) Nos. (Road Works) & 01 (One) (Building Work)**. 2. Tender Cost: **Rs.6,000/- & 10,000/-**. 3. Class of Contractor: **"B", "C" & "D" Class Contractors**. 4. Availability of bid document in the website: **18.00 Hours of 16.09.2023 to 17.00 Hours of 30.09.2023**. 5. Date of Opening of Tenders: **11.30 Hours on Dt.01.10.2023**. 6. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. only. Any Corrigendum/ Addendum/ Cancellation of tender will be displayed in the website said only.

Sd./- Superintending Engineer
Sambalpur (R&B) Division No.II
OIPR-34136/11/0013/2324

**ODISHA PUBLIC SERVICE COMMISSION**
**CUTTACK**
**NOTICE**
No.7153/P.S.C., Dt.14.9.2023
1E-12-2023-24 (DR-III)

No.D-132:- It is for information of all concerned that the Commission have decided to conduct the written examination for recruitment to the post of **Assistant Director of Textiles, Group-B** under Handlooms, Textiles & Handicrafts Department pursuant to **Advt. No. 02 of 2022-23 and Advt. No. 12 of 2023-24** to be held on **08.10.2023 (Sunday)** at Cuttack Zone only. The programme of examination is indicated below:

**TIME TABLE**

| Date | Session | Paper | Time |
|---|---|---|---|
| 08.10.2023 (Sunday) | 1st Session | Paper - I (MCQ Pattern) | 10.00 A.M. to 12.00 Noon<br>10.00 A.M. to 12.40 P.M. for PwD candidates |
| | 2nd Session | Paper - II (MCQ Pattern) | 1.30 P.M. to 3.30 P.M.<br>1.30 P.M. to 4.10 P.M. for PwD candidates |

The Centre of the examination will be published shortly. The candidates are advised to go through the website of the Commission **http://www.opsc.gov.in** from time to time for further information.

OIPR-12002/11/0094/2324 Sd./- Secretary

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTION OF MEDICAL SCIENCES & RESEARCH, BURLA, SAMBALPUR, ODISHA-768017**
E-mail: vimsarsuptd@gmail.com
No.19059/VIMSAR, Burla, Dated 13.09.2023

**CANCELLATION OF TENDER CALL NOTICE**
**NO.19236 VIMSAR, BURLA, DT.16.12.2022**

**No.E-413:** This office Tender Call Notice No.19236/VIMSAR, Burla, Dt.16.12.2022 inviting Tender for outsourcing of diet service provider i.e. (Dry, Liquid & Cooked) for the hospital for 2023-24 is hereby cancelled due to some unavoidable circumstances.

Sd./- Superintendent
VSS IMSAR, Burla
OIPR-10187/11/0021/2324

idco Your power to grow | ODISHA NEW OPPORTUNITIES — No.CAD-2062

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No. File No. BBSR/ELECT/E-4505/23-24/2316 Date: 11.09.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work** :- Supply, installation, testing & commissioning of village Electrification Works with Service Connection to Un-electrified Households under BGJY (20-21) in three villages; Jodguma Paiksahi of Sunger GP, Kakani Chowk of Khurigaon GP & Kakudipadar Nuasahi of Maikanch GP in KASHIPUR Block in Rayagada District.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-39/ 23-24 | 17.00 Hours of 18.09.2023 | 17.00 Hours of 28.09.2023 |

Further details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in the e-procurement portal as well as in IDCO website.

Sd./- Divisional Head (Elect.)
IDCO, Bhubaneswar
OIPR-14003/11/0214/2324

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
No.CAD-2081

**E-Procurement Notice**
**Bid Document No. OMC/E-PROC/C&P/75/2023, Dated 14.09.2023**

| | | |
|---|---|---|
| 1 | Name of the Work/ Service | Operating Pharmacy Outlets on consignment basis at different Locations of OMC |
| 2 | Availability of tender documents | Date:15.09.2023 |
| 3 | Bid Due Date | Date:06.10.2023, Time: 03.00 PM |

All other details can be seen from the Tender document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0123/2324 Sd./- Head (C&P)

idco Your power to grow | ODISHA NEW OPPORTUNITIES — No.CAD-2064

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR**
Tender Call Notice No.HO/CIVIL/T&E/E-4956/04/2023 (Part-II)/28832 Dt.12.09.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work: 1) Supply, installation, testing and commissioning of 2 nos. 1010KVA 415V Silent type Diesel Generator sets for providing emergecy power supply to Athletics, Tennis Court and Staff Hostel of KHPC in Kalinga Stadium complex, Bhubaneswar.**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID No. CIVIL/ EST/24/2023-24 | 17.00 Hours of dt.18.09.2023 | 17.00 Hours of dt.03.10.2023 |

Further details can be seen from the e-Procurement Portal **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in the **e-procurement portal** as well as in **IDCO website**.

Sd./- Chief General Manager (Civil)
IDCO, Bhubaneswar
OIPR-14003/11/0210/2324

**ODISHA LIFT IRRIGATION CORPORATION LTD**
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12
Phone: (0674) 2390195, Fax: (0674) 2395844; E-mail: olicltd123@bsnl.com, olicltd@ymail.com
No.4P-16/2023/6476/OLIC, Dated: 14.09.2023

**NATIONAL COMPETITIVE BIDDING THROUGH e-Procurement**

No. CAD-2074:- The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Control Panel with DOL Starter in conformity with detail tender call notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | Bid Security Declaration to be submitted for EMD (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-15 (E) 2022-23 | Control Panel with DOL starter suitable for 3.0 HP submersible pump sets coupled with induction motor | 12619 | 517.2932 | 5.17293 | 10,000/-+ GST 18% on reverse charge basis |

**1. Period of Completion:-** 60 days from the date of issue of purchase order. **2. Date & Time of availability of bid document in the portal:-** From Dt.15.09.2023 to Dt.05.10.2023. **3. Last date/Time for receipt of bids in the portal:-** Dt.05.10.2023 upto 17.00 hrs. **4. Last date of seeking clarification:** Dt.25.09.2023 upto 17.00 hrs. **5. Name and address of the Officer inviting Bid:-** M.D., OLIC, Plot No. N-17/2, Nayapalli, P.B. No. 155, Bhubaneswar-751012, 6. Further details can be seen from the e-procurement portal **https://tendersodisha.gov.in**. Any Addendum/corrigendum/cancellation of tender will be available in the said website. Authority reservs the right to reject any or all the tenders without assigning any reason thereof.

OIPR-32432/11/0034/2324 Sd./- MANAGING DIRECTOR

**GOVERNMENT OF ODISHA** No.C-1411
**WATER CORPORATION OF ODISHA**
**OFFICE OF THE GENERAL MANAGER, WATCO DIVISION, SAMBALPUR**
www.watcoodisha.in
Phone No.: (0663)-2412135; Email ID: eephdsbp@gmail.com

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. GMWATCOSBP-06/2023-24 Dt.11.09.2023**

| | | |
|---|---|---|
| 01. | Name of the Work | 16 Nos. Works. |
| 02. | Type of Bid | Single Bid System |
| 03. | Estimated Cost | Rs.7.05 lakhs to Rs.47.87 lakhs |
| 04. | Period of Completion | 1 (One) Calendar Months. |
| 05. | Date & Time of availability of bid document in the portal | From 11.00 AM of dt.16.09.2023 to 5.00 PM of 26.09.2023 |
| 06. | Last date/time of receipt of bids in the portal | 5.00 PM of 26.09.2023 |
| 07. | Date & Time of opening of technical bids | At 11.30 AM of 27.09.2023 |
| 08. | Name and Address of the Officer Inviting Bid | General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist.- Sambalpur-768001 |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- General Manager, WATCO Division, Sambalpur
OIPR-13247/11/0009/2324

**Startup Odisha**
(2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar-751024)
Ref.No: Date:

**REQUEST FOR PROPOSAL**
**FOR SELECTION OF LEGAL SERVICE PROVIDERS**

**No.h-21:** Startup Odisha invites sealed proposals from eligible law firms/organizations/ bidders to provide legal services to Startup Odisha. Bidders fulfilling the prescribed eligibility criteria of the RFP can access and download the complete RFP document and other details from the website www.startupodisha.gov.in. The last date of receipt of proposals is 18.10.2023 by 5.00 PM. Interested bidders are further advised to keep referring to Startup Odisha website for any updates or corrigendum in reference to this advertisement. Startup Odisha reserves all rights to reject any or all proposals without assigning any reason thereof.

Sd./- Chief Administrative Officer
OIPR-43001/11/0002/2324

**OFFICE OF THE DIVISIONAL FOREST OFFICER, SUNDARGARH FOREST DIVISION**
Phone No. 06622-272243, E-mail: dfo.sundargarh@odisha.gov.in
**INVITATIONS FOR BIDS THROUGH e-PROCUREMENT**
ଓଡ଼ିଶା ସରକାର
No. MM-157
**e-Procurement Notice**
Letter No. 4839 Bid Identification No. DFO/SNG-04/2023-24 Dated: 13.09.2023

| | | |
|---|---|---|
| 1. | The Divisional Forest Officer, Sundargarh on behalf of Governor of Odisha inviting percentage rate bid in Single Cover System on ONLINE mode from eligible contractors with valid licences for execution of **Checkdam & Building Works** as detailed in DTCN | |
| 2. | Nature of Work | : Checkdam and Building Works |
| 3. | No. of works | : 08 (Eight) Nos. |
| 4. | Tender Paper Cost | : Rs.6000/- |
| 5. | Class of Contractor | : D, C & B |
| 6. | Availability of Bid document in the website | : From 11.00 A.M. Date: 16.09.2023 to 05.00 P.M. of Date: 25.09.2023. |
| 7. | Date of Opening of Bid | : 11.00 A.M. on Dt.26.09.2023. |
| 8. | The bidders have to participate in ONLINE bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the said website only. | |

OIPR-08034/11/0010/2324 Sd./- Divisional Forest Officer, Sundargarh Forest Division

# ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ କାମ କରିବାକୁ ପରାମର୍ଶ




ଭୁବନେଶ୍ୱର, ୧୫।୯ (ଅସମାପିକା ସାହୁ)

ନବନିଯୁକ୍ତ ଶିକ୍ଷକ ପ୍ରଶିକ୍ଷକଙ୍କୁ ସମଗ୍ର ଶିକ୍ଷାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଓସେପା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଅଧ୍ୟକ୍ଷତା କରିଥିଲେ। ସେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷକ ପ୍ରଶିକ୍ଷକଙ୍କୁ ଓସେପାର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସମ୍ୟକ୍ ଧାରଣା ଦେବା ସହ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ନିଷ୍ଠାର ସହିତ କାମ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଭଗବାନ ବେହେରା ଓସେପା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟାବଳୀ ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓସେପାର ବିଭିନ୍ନ ପଦାଧିକାରୀ ପରିଚାଳନା କରିଥିଲେ। ଆଲୋଚନା ସମୟରେ ଶିକ୍ଷକ ପ୍ରଶିକ୍ଷକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷକ ପ୍ରଶିକ୍ଷକମାନେ ଓସେପା କାର୍ଯ୍ୟାଳୟର ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ। ଓସେପାର ଯୁଗ୍ମ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀ ପୌରପାଳିକା ଲିଜ୍ ଜମି ନିୟମିତ ହେବ

## ପୁରୀ, ନୟାଗଡ଼ ଜିଲାର ଅଭିଯୋଗ ସମୀକ୍ଷା

- ୨୦ ଦିନ ମଧ୍ୟରେ ସର୍ଭେ କାମ ସାରିବାକୁ ୫-ଟି ସଚିବଙ୍କ ନିର୍ଦ୍ଦେଶ
- ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ସେପ୍ଟେମ୍ବର ଶେଷ ସୁଦ୍ଧା ଟେଣ୍ଡର

ଭୁବନେଶ୍ୱର, ୧୫।୯ (ଅନିଲ ଦାସ)

ପୁରୀ ପୌରପାଳିକା ଦ୍ୱାରା ପୌରପାଳିକା ନିୟମ ଓ ଉପଯୁକ୍ତ ଲିଜ୍ ସର୍ତ୍ତାବଳୀ ଅନୁଯାୟୀ ଦିଆଯାଇଥିବା ଲିଜ୍‌ଗୁଡ଼ିକୁ ନିୟମିତ କରାଯିବ। ଶୁକ୍ରବାର ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିସ୍ତୃତ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି।

ଏହି କାର୍ଯ୍ୟକୁ ଧାର୍ଯ୍ୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆବଶ୍ୟକ ସର୍ଭେ କାମକୁ ୨୦ଦିନ ମଧ୍ୟରେ ଶେଷ କରିବା ପାଇଁ ୫-ଟି ସଚିବ ଭି.କେ. ପାଣ୍ଡିଆନ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ଜିଲାପାଳଙ୍କୁ ଆବଶ୍ୟକ ଅତିରିକ୍ତ ରାଜସ୍ୱ ଅଧିକାରୀ ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ପୁରୀ ପୌରପାଳିକା ବହୁ ବର୍ଷ ଧରି ବିଭିନ୍ନ ଅନୁଷ୍ଠାନ ଓ ଲୋକମାନଙ୍କୁ ଲିଜ୍ ସୂତ୍ରରେ ପ୍ରାୟ ୫୦୪ ଏକର ଜମି ଦେଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଉପଯୁକ୍ତ ଲିଜ୍ ସର୍ତ୍ତାବଳୀ ଓ ପୌରପାଳିକା ନିୟମ ଅନୁସାରେ ଆବଣ୍ଟିତ ଲିଜ୍ ନିୟମିତ କରିବା ପାଇଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କ ଉପରେ ଉପଯୁକ୍ତ ଦେୟ ଧାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବଙ୍କ ପୁରୀ ଓ ନୟାଗଡ଼ ଜିଲା ଗସ୍ତ ସମୟରେ ଜନସାଧାରଣଙ୍କଠାରୁ ବିଭିନ୍ନ ଅଭିଯୋଗ ଗ୍ରହଣ କରାଯାଇଥିଲା। ଏ ସମ୍ପର୍କରେ ୫-ଟି ସଚିବ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ୫-ଟି ସଚିବଙ୍କ ଗସ୍ତ ସମୟରେ ପୁରୀ ପୌରପାଳିକା ଜମି ସମସ୍ୟା ସମ୍ପର୍କରେ ଜନସାଧାରଣ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ନୟାଗଡ ଜିଲାର ମଞ୍ଜରୀ ଗ୍ରାମ ନିକଟରେ ବୃତ୍ତଙ୍ଗ ନଦୀ ଉପରେ ଜଳଭଣ୍ଡାର ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ପରିବେଶ ତଥା ଅନ୍ୟାନ୍ୟ ଆବଶ୍ୟକ ମଞ୍ଜୁରୀ ମିଳିବା ପରେ ପ୍ରକଳ୍ପ ପାଇଁ ତୁରନ୍ତ ଟେଣ୍ଡର ଆହ୍ୱାନ କରିବା ସକାଶେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜସ୍ୱ ବିଭାଗ ଅଧିକାରୀ ସଂଗ୍ରାମ କେଶରୀ ଗିରଫ

## ଆୟଠାରୁ ୧୮୭ ପ୍ରତିଶତ ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର, ୧୫।୯ (ସତ୍ୟଜିତ୍ ରାଉତ)


ସଂଗ୍ରାମ କେଶରୀ ଜେନା

ଚଢ଼ାଉ ଓ ଯାଞ୍ଚ ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ତଥା ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକର ପୂର୍ବତନ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୮୭ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ଏହି ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ସଂକ୍ରାନ୍ତରେ ସଂଗ୍ରାମ ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ତେଣୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଶୁକ୍ରବାର ସଂଗ୍ରାମଙ୍କ ନାମରେ ମାମଲା (ନଂ.୨୪/୨୦୨୩) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ପରେ ସଂଗ୍ରାମଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ଟିମ୍ ଗୁରୁବାର ସଂଗ୍ରାମଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ୪ଟି ସ୍ଥାନରେ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ଭିଜିଲାନ୍ସର ୪ଟି ଟିମ୍‌ରେ ୩ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଥିଲେ। ଚଢ଼ାଉ ବେଳେ ବାଲୁଗାଁ ଜେନା କଲୋନୀରେ ପ୍ରାୟ ୧.୩୬ କୋଟି ଟଙ୍କାର ୩ ମହଲା କୋଠା, ଟାଙ୍ଗୀ ଥାନା ଅନ୍ତର୍ଗତ ହରିପୁରରେ ଗୋଟିଏ କୋଠା, ବାଣପୁର ଟାଉନ୍‌ରେ ୪ଟି ପ୍ଲଟ୍ ଠାବ ହୋଇଥିଲା। ଏଥିସହ ରାମପୁର ମୌଜାରେ ଏକ ବେନାମୀ ପ୍ଲଟ୍ କିଣିବାକୁ ୧୧ ଲକ୍ଷ ଟଙ୍କା ଅଗ୍ରିମ ଦେଇଥିବା ଜଣାପଡିଥିଲା। ସେହିପରି ନଗଦ ୮୫ ହଜାର ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୨୧.୪୬ ଲକ୍ଷ, ୩୮.୨୯ ଲକ୍ଷ ଟଙ୍କାର ୩ ଚାରିଚକିଆ ଯାନ, ୨ଟି ବାଇକ୍, ୧୧.୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଏବଂ ଘରୋଇ ସାମଗ୍ରୀ ଠାବ କରିଥିଲା ଭିଜିଲାନ୍ସ ଟିମ୍।

# ଉପକୂଳ, ସମୁଦ୍ର ସ୍ୱଚ୍ଛତାରେ ସମର୍ପିତ ଦୁଇ ଯୁବକ

## ଆଜି ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ


ବାପି ଗୋଚ୍ଛାୟତ


ରାହୁଲ ମହାରଣା

ଭୁବନେଶ୍ୱର, ୧୫।୯ (ଅସମାପିକା ସାହୁ)

ପ୍ରତିବର୍ଷ ସେପ୍ଟେମ୍ବର ତୃତୀୟ ଶନିବାରକୁ ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ଭାବେ ପାଳନ କରାଯାଉଛି। ବେଳାଭୂମି ସହ ସମୁଦ୍ରକୁ ପ୍ରଦୂଷଣରୁ ସୁରକ୍ଷା ଦେବା ପାଇଁ ଲୋକଙ୍କ ମଧ୍ୟରେ ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାରେ ବହୁ ସାମାଜିକ ସଂସ୍ଥା ଓ ଅନୁଷ୍ଠାନ ଆମ ରାଜ୍ୟର ଉପକୂଳକୁ ସଫା କରିଥାନ୍ତି। କିନ୍ତୁ କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧାର ଦୁଇଜଣ ଯୁବକ ଉପକୂଳ ଅଞ୍ଚଳରେ ସ୍ୱଚ୍ଛତା ପାଇଁ ନିଜକୁ ସମର୍ପିତ କରିଛନ୍ତି। ପରିବେଶ ସହ ସମୁଦ୍ରକୁ ସୁରକ୍ଷା ଦେବାରେ ଅଣ୍ଟା ଭିଡ଼ିଥିବା ଏହି ଦୁଇ ଯୁବକ ସେମାନଙ୍କ କାର୍ଯ୍ୟ ପାଇଁ ଏବେ ଜାତୀୟ ସ୍ତରରେ ପ୍ରଶଂସା ସାଉଣ୍ଟିଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଓରତ ଗ୍ରାମର ବାପି ଗୋଚ୍ଛାୟତ। ୨୭ବର୍ଷୀୟ ବାପି ଜୀବିକା ନିର୍ବାହ ପାଇଁ ପାରାଦୀପର ଏକ ଶିକ୍ଷାନୁଷ୍ଠାନରେ କାମ କରୁଛନ୍ତି। ହେଲେ ସମୟ ମିଳିଲେ ସେ ବେଳାଭୂମି ଓ ଆଖପାଖ ଅଞ୍ଚଳକୁ ସଫେଇ କରନ୍ତି। ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଲକ୍ଷ୍ୟ ନେଇ ୨ବର୍ଷ ହେବ ସେ ଏଭଳି କାର୍ଯ୍ୟ କରୁଛନ୍ତି। ପାରାଦୀପ ଉପକୂଳରୁ ସେ ଏ ପର୍ଯ୍ୟନ୍ତ ୩ ଟନ୍‌ରୁ ଊର୍ଦ୍ଧ୍ୱ ଏକକ ବ୍ୟବହୃତ ପ୍ଲାଷ୍ଟିକ ସଂଗ୍ରହ କରି ପାରାଦୀପ ପୌରପାଳିକାକୁ ହସ୍ତାନ୍ତର କରିଛନ୍ତି। ନିଜେ ସଫା କରିବା ସହିତ ଉପକୂଳକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଏଥିପାଇଁ ସେ ସଚେତନ କରାଇଥାନ୍ତି। ବେଳାଭୂମି ସହିତ ମହାନଦୀ କୂଳ ମଧ୍ୟ ସଫେଇ କରନ୍ତି ବାପି। ଏ ସମ୍ପର୍କରେ ସେ କୁହନ୍ତି, ପରିବେଶକୁ ସୁରକ୍ଷା ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପରିବେଶ ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା। ସମୁଦ୍ର କୂଳକୁ ବହୁ ପର୍ଯ୍ୟଟକ ବୁଲିବାକୁ ଆସନ୍ତି ଏବଂ ପ୍ଲାଷ୍ଟିକ ସମେତ ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ପକାଇଥାନ୍ତି। ପ୍ଲାଷ୍ଟିକ ସାମୁଦ୍ରିକ ପରିସଂସ୍ଥାକୁ ଏହା ନଷ୍ଟ କରିଥାଏ। ସାମୁଦ୍ରିକ ଜୀବ ଏଥିରେ ପ୍ରଭାବିତ ହୁଅନ୍ତି। ଏମାନଙ୍କ ସୁରକ୍ଷା ଆମ ହାତରେ ରହିଛି। ତେଣୁ ଆମେ ସମସ୍ତେ ମିଳିମିଶି ଉପକୂଳକୁ ସଫା କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ବାପି କୁହନ୍ତି।

ବାପି ଭଳି ଆଉ ଜଣେ ଯୁବକ ହେଉଛି ଖୋର୍ଦ୍ଧା ବାଲିପାଟଣାର ରାହୁଲ ମହାରଣା। ଯୁକ୍ତ୨ ପଢ଼ିବା ସମୟରୁ ସେ ଉପକୂଳ ସଫେଇ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ପରିବେଶ ସୁରକ୍ଷା ପ୍ରତି ନିଜକୁ ସମର୍ପି ଦେଇଥିବା ରାହୁଲ ୨୦୧୮ରୁ ଏହି କାର୍ଯ୍ୟ କରି ଆନନ୍ଦ ପାଉଛନ୍ତି। ଉପକୂଳ ସଫା କରିବା ସହିତ ସେ ଏବେ ହେନ୍ତାଳ ବଣର ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ଗତ କିଛିମାସ ହେବ ସେ ଅସୁସ୍ଥତା ଯୋଗୁ ଏହି କାମ କରିପାରୁ ନ ଥିବାବେଳେ ଆଗକୁ ପୁଣି ଏଥିରେ ନିୟୋଜିତ ହେବେ ବୋଲି ରାହୁଲ କହିଛନ୍ତି।

# ଚାକିରି ଆଳରେ ଠିକାଦାରଙ୍କୁ ୩.୬୦ ଲକ୍ଷ ଠକେଇ

## ଇରାନୀଙ୍କ ହନିଟ୍ରାପ୍ ମାୟାଜାଲର ଖୋଲୁଛି ଗୁମର

- ଆଜି ସ୍ୱାମୀଙ୍କୁ ରିମାଣ୍ଡରେ ଆଣିବାକୁ ହେବ ଆବେଦନ
- ସିଡିଆର୍‌ରୁ ମିଳିବ ଗୁରୁତ୍ୱପୂର୍ଣ୍ଣ ତଥ୍ୟ

ଭୁବନେଶ୍ୱର, ୧୫।୯ (ସତ୍ୟଜିତ୍ ରାଉତ)


ଇରାନୀ


ଶଶିକାନ୍ତ

ହନିଟ୍ରାପ୍ କୁଇନ୍ ଇରାନୀଙ୍କ ଗ୍ୟାଙ୍ଗ୍ ବିଷୟରେ ତମାଣ୍ଡୋ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଇରାନୀ କେବଳ ପ୍ରେମ ଜାଲରେ ଫସାଉ ନ ଥିଲେ, ସେ ଚାକିରି ଆଳରେ ମଧ୍ୟ ଏକାଧିକ ଲୋକଙ୍କୁ ଠକିଛନ୍ତି। ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ଠିକାଦାର ସୌଭାଗ୍ୟ କେତନ ଜେନା ତମାଣ୍ଡୋ ଥାନାରେ ଇରାନୀ ଏବଂ ତାଙ୍କ ସ୍ୱାମୀ ଶଶିକାନ୍ତ ଓରଫ ବାପିଙ୍କ ବିରୋଧରେ ଠକେଇ ଅଭିଯୋଗ ଆଣିଛନ୍ତି। ସୌଭାଗ୍ୟଙ୍କ ସହ ସମ୍ପର୍କ ହେବା ପରେ ଇରାନୀ ତାଙ୍କୁ ମାୟାଜାଲରେ ଫସାଇଥିଲେ। ସୌଭାଗ୍ୟଙ୍କ ସ୍ତ୍ରୀଙ୍କୁ ଭୁବନେଶ୍ୱର ଏମ୍ସରେ ପେସେଣ୍ଟ ସର୍ଭିସ୍ ପଦବୀରେ ଚାକିରି କରାଇଦେବାକୁ କହିଥିଲେ। ଏଥିପାଇଁ ୨ ବର୍ଷ ତଳେ ଇରାନୀ ତାଙ୍କ ପାଖରୁ ମୋଟ୍ ୩ ଲକ୍ଷ ୬୦ ହଜାର ଟଙ୍କା ନେଇଥିଲେ। ଫୋନପେରେ ୧ ଲକ୍ଷ ୬୦ ହଜାର ଏବଂ ନଗଦ ଆକାରରେ ୨ ଲକ୍ଷ ଥିଲା। ଏପରିକି ବିଶ୍ୱାସ ଜନ୍ମାଇବା ପାଇଁ ବଡ଼ ଅଧିକାରୀଙ୍କ ସହ ସମ୍ପର୍କ ଥିବା ତାଙ୍କୁ କହିଥିଲେ। ଏହି ଚାକିରି ମାସେ ମଧ୍ୟରେ କରାଇଦେବାକୁ କହିଥିଲେ ମଧ୍ୟ ଦିନ ଗଡ଼ାଇ ଚାଲିଥିଲେ। ସୌଭାଗ୍ୟ ଟଙ୍କା ମାଗିବାରୁ ଇରାନୀ ଏବଂ ତାଙ୍କ ସ୍ୱାମୀ ତାଙ୍କୁ ଧମକ ଓ ଗାଳିଗୁଲଜ ଦେଉଥିଲେ। ଏପରିକି ମିଛ ବଳାତ୍କାର ମାମଲାରେ ଫସାଇଦେବାକୁ ଇରାନୀ ତାଙ୍କୁ ଧମକାଇଥିଲେ। ତେବେ ଇରାନୀ ଏଭଳି ଚାକିରି ଆଳରେ ଏକାଧିକ ଲୋକଙ୍କୁ ଫସାଇଥିବା ପୋଲିସ ସନ୍ଦେହ କରୁଛି। ସୌଭାଗ୍ୟଙ୍କ ଏତଲାକୁ ଆଧାରକରି ପୋଲିସ ଏକ ମାମଲା ରୁଜୁ କରିଛି। ଇରାନାଙ୍କ ଗ୍ୟାଙ୍ଗ ବିରୋଧରେ ମାମଲା ସଂଖ୍ୟା ୪ରେ ପହଞ୍ଚିଛି। ସେପଟେ ଲୋକ ଲଜ୍ଜା ଭୟରେ ଇରାନୀଙ୍କ ଦ୍ୱାରା ଲୁଟ୍ ଓ ଠକେଇର ଶିକାର ହୋଇଥିବା ଅନେକ ଲୋକ ଅଭିଯୋଗ କରୁ ନ ଥିବା ଜଣାପଡ଼ିଛି। ଇରାନୀ ସୋସିଆଲ ମିଡିଆରେ ବଡ଼ବଡ଼ିଆଙ୍କ ସହ ବନ୍ଧୁତା ସ୍ଥାପନ କରୁଥିଲେ। ସେ ତମାଣ୍ଡୋ ନାରଗୋଦା ଅଞ୍ଚଳରେ ଏକ ଡୁପ୍ଲେକ୍ସ ଘରକୁ ଭଡ଼ା ନେଇ ସମସ୍ତଙ୍କୁ ଡାକି ଗୃହବନ୍ଦୀ କରି ଫସାଉଥିଲେ। ଡିନର୍ ପାଇଁ ସମ୍ପୃକ୍ତ ବ୍ୟକ୍ତି ଘରକୁ ଆସିବା ପରେ ସ୍ୱାମୀ ଓ ସହଯୋଗୀମାନେ ତାଙ୍କୁ ଘେରି ମାଡ଼ ମାରୁଥିଲେ। ଟଙ୍କା ଦେବା ପାଇଁ ମନା କଲେ ଇରାନୀ ତାଙ୍କୁ ବଳାତ୍କାର ମାମଲାରେ ଫସାଇ ଦେବାକୁ କହି ବ୍ଲାକ୍‌ମେଲ୍ କରୁଥିଲେ। ତେବେ ଇରାନୀଙ୍କ ଜବତ ୨ ମୋବାଇଲକୁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପୋଲିସ ପଠାଇଛି। ସେଥିରେ ମେସେଞ୍ଜର, ହ୍ୱାଟସଆପ୍ ଚାଟ୍ ଓ ସିଡିଆର୍ ଆଦିର ତଥ୍ୟ ହାସଲ ଚାଲିଛି। ଏହି ତଥ୍ୟରୁ ବହୁ ଗୁମର ପଦାକୁ ଆସିବ ବୋଲି ପୋଲିସ ଆଶା ରଖିଛି। ସେପଟେ ଶନିବାର ସ୍ୱାମୀ ନିଶାକାନ୍ତଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିବ ପୋଲିସ। ଏହାପରେ ଇରାନୀଙ୍କୁ ମଧ୍ୟ ରିମାଣ୍ଡରେ ଆଣି ଜେରା କରି ହନିଟ୍ରାପ୍ ମାୟାଜାଲ ବିଷୟରେ ବହୁ ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି।

# ନନ୍ଦନକାନନରେ ୨ ନୀଳଗାଈ ମୃତ

ବାରଙ୍ଗ, ୧୫।୯ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ନୀଳଗାଇ ଶାବକ ଓ ଅନ୍ୟ ଏକ ନୀଳଗାଈର ଶୁକ୍ରବାର ମୃତ୍ୟୁ ଘଟିଛି। ୬୫ ନମ୍ବର ଏନ୍‌କ୍ଲୋଜରରେ ଥିବା ଏକ ନୀଳଗାଈ ଗୁରୁବାର ଗୋଟିଏ ଶାବକ ଜନ୍ମ ଦେଇଥିଲା। ତେବେ ଅତ୍ୟଧିକ ଥଣ୍ଡା ଯୋଗୁ ଶାବକଟିର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟ ଏକ ବୟସ୍କା ନୀଳଗାଇ କିଛିଦିନ ହେବ ଅସୁସ୍ଥ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ଚିକିତ୍ସା କରୁଥିବାବେଳେ ଶୁକ୍ରବାର ତା'ର ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।


**GOVERNMENT OF ODISHA** No. B-902
**OFFICE OF THE SUPERINTENDING ENGINEER**
**PHULBANI (R&B) DIVISION, PHULBANI**
e-mail-eeplbrb@gmail.com
**INVITATIONS FOR BIDS (IFB)**
**'e' procurement Notice**
**Bid Identification No.SE-R&B-PLB-16-2023-24**

| | | |
|---|---|---|
| 1) (a) Name of the work | : | Building Work and Road Work - 3 (Three) Nos. |
| 2) Estimated Cost | : | Rs.85.05 lakhs - Rs.14.44 lakhs |
| 3) Period of Completion | : | As notified in Tender Call Notice. |
| 4) Date & Time of availability of Bid documents in the portal | : | From 22.09.2023, 10.00 A.M. to 03.10.2023, 5.00 P.M. |
| 5) Last date / time for receipt of bids in the portal | : | Up to 5.00 P.M. of dated 03.10.2023. |
| 6) Name and address of the O.I.T. | : | Superintending Engineer, Phulbani (R&B) Division. |

Further details can be seen from the website www.tendersodisha.gov.in
Corrigendum if any shall be published only in the above website.
Sd./- Superintending Engineer
Phulbani (R&B) Division
OIPR-34066/11/0008/2324

**OFFICE OF THE DISTRICT MAGISTRATE & COLLECTOR, PURI**
(Welfare Section)
Phone No. (06752) 296021, email: dwopri.1234 @gmail.com
Letter No. 1856/SSD Dt.15.09.2023
**SHORT TENDER NOTICE**
No. V-46:- **SEALED TENDERS** are invited from eligible SERVICE PROVIDING AGENCIES to provide MANPOWER i.e. **02 (two) nos. of Cell Coordinator & 02 (two) nos. of MIS Assistant for the Forest Right Cells under Mo Jungle Jami Yojana** as per the terms & conditions provided in the website www.puri.nic.in of **PURI** District **up to 05 PM of Dt. 30.09.23.** The bids shall be received **through Regd. Post/ Speed Post** only addressed to **District Welfare Officer, Puri At/PO/Dist-Puri PIN- 752001** during the office hours and will be **opened on 04.10.23 at 11 AM** in the presence of the bidders or their authorized agents **in the Chamber of ADM (Revenue), PURI**.
The interested agencies should clearly mention on the top of envelope as **"Tender documents for Selection of Outsourcing Agency to provide MAN POWER"**. The Agencies who have applied are requested to remain present (or their Authorized Agent) in the venue for tender opening on the date of opening.
The detailed Terms & Conditions and list of documents to be submitted is available in Puri district website **www.puri.nic.in.**
The Authority reserves the right for cancellation / modification of the Tender without assigning any reason thereof.
By order of Collector, Puri
Sd./- District Welfare Officer, Puri
OIPR-19331/11/0002/2324

**GOVERNMENT OF ODISHA** No.A-566
**DEPARTMENT OF WATER RESOURCES**
**Office of the Executive Engineer, Lower Indra R&R C&B Division,**
At/Po: Khariar, Dist.: Nuapada, e-mail ID- eelirrcbdivision@gmail.com
**e-Procurement Notice No.- EELIRRCBD-03/2023-24 Dated: 14.09.2023**
**Bid Identification No. EELIRRCBD-01/2023-24 Dt. 14.09.2023**
1. Type/Nature of work: **Civil/Road Works.** 2. Total No. of works: **01 (One) No.** 3. Approx. value of works: **Rs.63.81 Lakhs (Excluding GST).** 4. Period of completion: **6 (Six) Calendar months.** 5. Classification of bidders: **"B" Class Contractor only. Other details as follows:**

| Procurement Officer | e-Procurement Notice No. | Availability & Submission of bids in online | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, LI R&R C&B Division, Khariar, Dist. Nuapada | LIRRCB-03/2023-24 Date-14.09.2023 | 18.09.2023 from 10.00 AM | 03.10.2023 upto 5.00 PM | 04.10.2023 at 11.00 AM |

N.B: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in
Executive Engineer, Lower Indra R&R C&B Division, Khariar, Dist- Nuapada
OIPR-32189/11/0005/2324

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, BALASORE**
E-mail – eelidvnbls@yahoo.com
**e - Procurement Notice**
No. 3125 DT. 14.09.2023
**Tender Cancellation Notice**
No. CAD-2091:- In pursuance to Tender Call Notice No.04/2023-24 dt.23.08.2023 is hereby cancelled due to error in creation of tender (EMD through BG/ST or EMD exemption not allowed).
The details are available in the Government Tender Web site i.e. www.tenderodisha.gov.in.
Sd./- Er. S.K. Choudhary,
OIPR-32152/11/0001/2324 Executive Engineer, L.I. Division, Balasore

**GOVT. OF ODISHA** No. O-1056
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BHAWANIPATNA**
Ph. 06670-235504; E-Mail: serwbpt@yahoo.com
Bid identification No.:- BPT/Online-26/2023-24
Date:14.09.2023
**NOTICE INVITING TENDERS FOR BUILDING WORKS IN ODISHA NATIONAL COMPETITIVE BIDDING THROUGH e-Procurement**

| | | | |
|---|---|---|---|
| 1. | Name of the Work | : | Construction of Building Works in the district of Kalahandi. |
| 2. | No of Works | : | 01 No. |
| 3. | Location details | : | Kalahandi District |
| 4. | Estimated Cost | : | As per NIT. |
| 5. | Period of Completion | : | As per NIT. |
| 6. | Cost of tender paper | : | Rs.10,000/- per set. |
| 7. | Other details | : | |

| Availability of tender for online bidding | | last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 22.09.2023 11.00 A.M. | 06.10.2023 5.00 P.M. | 05.10.2023 | 07.10.2023 at 11.00 A.M. |

Further details can be seen from the website "www.tendersorissa.gov.in"
Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0035/2324

obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No.8518
File:SMT-1950
No.CAD-2104:
**NOTICE INVITING TENDER** Date:15.09.2023

| | | |
|---|---|---|
| 1. | Name of Work | Development of Samaleswari Temple area Management and Local Economic Initiative Plan- Phase-II at Sambalpur, Odisha on Turnkey basis. |
| 2. | Bid Identification No. | 42/Tender/OBCC/2023-24 |
| 3. | Bid Security Amount | Rs.72,00,000/- |
| 4. | Date of availability of bid document in e-procurement portal | From 26.09.2023 |
| 5. | Last date and time of receipt of online bid | 16.10.2023 till 5.30 PM |
| 6. | Bid Processing Fee (Online Mode) | Rs.72,000.00 (including GST) |
| 7. | Period of Completion | 18 (Eighteen) Calendar Months |
| 8. | Class of Contractor | Super Class |

9. Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in.
10. OBCC has the right to accept or reject the Notice/RFP without assigning any reasons thereof.
Sd./- Chief General Manager-III
OIPR-34161/11/0054/2324

No.B-903
**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email- eedklpwd@gmail.com
**INVITATION FOR BIDS THROUGH e-Procurement**
**Bid Identification No. SEDKL (R&B) 23/2023-24**
**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work & Electrical work as detailed below. | | |
| 2. | Nature of work | : | Electrical Works |
| 3. | No. of work | : | 02 Nos. |
| 4. | Bid Cost | : | 6,000/- |
| 5. | Class of Contractor | : | MV / HT License |
| 6. | Availability of Bid Documents in the website | : | From 10.00 AM of 21.09.2023 to 5.00 PM of 05.10.2023 |
| 7. | Date of Opening of Bid | : | Dt.06.10.2023 at 11.00 A.M. |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0022/2324

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩ Bhubaneswar, Saturday, September 16/ 2023



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଭୈରବ ଚନ୍ଦ୍ର ମହାନ୍ତି ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଖେଳାଳିଙ୍କ ସହ ଅତିଥିମାନେ।

# ଗିଲ୍‌ଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

**କଲମ୍ବୋ, ୧୫।୯**

ଶୁବମନ ଗିଲଙ୍କ ଲଢୁଆ ଶତକ ସତ୍ତ୍ୱେ ଭାରତ ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ସୁପର-୪ ମ୍ୟାଚରେ ବାଂଲାଦେଶଠାରୁ ୬ ରନରେ ହାରି ଯାଇଛି। ବାଂଲାଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୨୬୫ ରନ କରିଥିଲା। ଜବାବରେ ଭାରତ ୪୯.୫ ଓଭରରେ ୨୫୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ତେବେ ଏହି ପରାଜୟ ଭାରତର ଫାଇନାଲ ଖେଳିବାରେ ପ୍ରତିବନ୍ଧକ ସାଜିନାହିଁ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ।

ବାଂଲାଦେଶ ଶାକିବ ଅଲ୍ ହାସନଙ୍କ ୮୦ (୬ ଚୌକା, ୩ ଛକା) ଏବଂ ତୌହିଦ ହ୍ରିଦୟଙ୍କ ୫୪ ରନ ବଳରେ ସମ୍ମାନ ଜନକ ସ୍କୋର କରିଥିଲା। ଜାଡେଜା ଦିନିକିଆରେ ୨୦୦ ଉଇକେଟ ପୂରଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୨୬୫/୮ (ଶାକିବ ଅଲ୍ ହାସନ-୮୦, ତୌହିଦ ହ୍ରିଦୟ-୫୪, ନସୁମ ଅହମଦ-୪୪, ଶାର୍ଦ୍ଦୁଳ ଠାକୁର-୩/୬୫, ମହମ୍ମଦ ଶାମି-୨/୩୨, ପ୍ରସିଦ୍ଧ କ୍ରିଷ୍ଣା-୧/୪୩, ଅକ୍ଷର ପଟେଲ-୧/୪୭, ରବୀନ୍ଦ୍ର ଜାଡେଜା-୧/୫୩)। ଭାରତ ୪୯.୫ ଓଭରରେ ୨୫୯/ଅଲ୍‌ଆଉଟ (ଶୁବମନ ଗିଲ୍-୧୨୧, ଅକ୍ଷର ପଟେଲ-୪୨, ମୁସ୍ତାଫିଜୁର ରହମନ-୩/୫୦, ତନଜିମ ହାସନ ସକିବ-୨/୩୨, ମେହେଦି ହାସନ-୨/୫୦, ଶାକିବ ଅଲ୍ ହାସନ-୧/୪୩, ମେହିଦି ହାସନ ମିରାଜ-୧/୨୯)।



ଶତକ ହାସଲ ପରେ ଶୁଭମନ ଗିଲ୍।

# ଉତ୍ତର ପ୍ରଦେଶ ଚାମ୍ପିୟନ

**ଭୁବନେଶ୍ୱର, ୧୫।୯**
**(ବିଜୟ ରଣା)**

ରଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ମିଳିତ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଜୁନିୟର ବାଳକ ଫୁଟ୍‌ବଲ ଚାମ୍ପିୟନଶିପ୍ ବି.ସି. ରୟ ଟ୍ରଫି ୨୦୨୩ର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ରାଜ୍ୟ ଦଳ ଭାଗ ନେଇଥିଲେ। ସ୍ଥାନୀୟ କ୍ୟାପିଟାଲ ଫୁଟ୍‌ବଲ ଆରେନାଠାରେ ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପଶ୍ଚିମବଙ୍ଗଙ୍କୁ ୨-୧ ଗୋଲ୍‌ରେ ପରାସ୍ତ କରି ଉତ୍ତର ପ୍ରଦେଶ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ନିରଞ୍ଜନ ଜଙ୍ଗ ଶାହି (୩୧ତମ ମିନିଟ) ଓ କୁଲଦୀପ ସିଂ (୮୦ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ପଶ୍ଚିମବଙ୍ଗ ପକ୍ଷରୁ ତନବୀର ଦେ ଏକମାତ୍ର ଗୋଲ୍ ୭୦ତମ ମିନିଟ୍‌ରେ ସ୍କୋର କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟଅତିଥି ଏବଂ ବିଭାଗୀୟ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓର କର୍ମକର୍ତ୍ତାଗଣ ଯଥା ଉପସଭାପତି ବିଜୟ ଦାସ ଓ ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଓ ଶହିଦ ଜବାର, ବୈଷୟିକ ନିର୍ଦ୍ଦେଶକ ସୁରଜିତ ଘୋଷ ଏବଂ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

# ଆଶିଷ ସ୍ମାରକୀ ୧୦ ରେଡ୍ ସ୍ନୁକର

**ଭୁବନେଶ୍ୱର, ୧୫।୯**
**(ତପନ ସ୍ୱାଇଁ)**

ଆଶିଷ ପଣ୍ଡା ସ୍ମାରକୀ ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାର ଏକ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରି ଶାରଦା ବେହେରା ତାରକା ଖେଳାଳି ଜୀତେନ ଷଡ଼ଙ୍ଗୀଙ୍କୁ ୩-୦ରେ ହରାଇ ଦେଇଛନ୍ତି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ରାକେଶ ରୋଶନ ପ୍ରଧାନ ୩-୦ରେ ଅମିୟ ନାୟକ, ଅନୁଜ ପଣ୍ଡା ୩-୧ରେ ସୁଦୀପ ଦାଶ, ସିଦ୍ଧାର୍ଥ ସେନ୍ ୩-୦ରେ ରଣଜୀତ ପତି, ନିଶାନ୍ତ ବିଶ୍ୱାଳ ୩-୦ରେ ଆକ୍ରମ ଖାଁ ଓ ଆକାଶ ମହାପାତ୍ର ୩-୧ରେ କୁନାଲ ଅଗ୍ରୱାଲଙ୍କୁ ପରାସ୍ତ କରିଛନ୍ତି।





ବି.ସି. ରୟ ଟ୍ରଫି ଚାମ୍ପିୟନ ଉତ୍ତର ପ୍ରଦେଶ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ହିମାଚଳକୁ ହରାଇଲା ହାଇଦ୍ରାବାଦ

**କଟକ,୧୫।୯**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି ଭୈରବ ଚନ୍ଦ୍ର ମହାନ୍ତି ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ। ସନ୍ଧ୍ୟାରେ ଷ୍ଟାଡିୟମ ପରିସରରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରାଯାଇଥିଲା। ସ୍ୱର୍ଗତଃ ଭୈରବ ଚନ୍ଦ୍ର ମହାନ୍ତିଙ୍କ ପୁତ୍ର ଡ. ଖାରବେଳ ମହାନ୍ତି ଓ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶା କ୍ରିକେଟ ଆସୋସିଏସନ ସଭାପତି ପ୍ରଣବ ପ୍ରକାଶ ଦାସ, ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତଃ ମହାନ୍ତିଙ୍କ ଫଟୋରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା।

ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ୍ ୭ ଉଇକେଟରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି। ହାଇଦ୍ରାବାଦ୍ ଅଧିନାୟକ ତନ୍ମୟ ଅଗ୍ରୱାଲ ଟସ୍ ଜିତି ହିମାଚଳକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ମୟଙ୍କ ଡଗରଙ୍କ ନେତୃତ୍ୱାଧୀନ ହିମାଚଳପ୍ରଦେଶ ସମସ୍ତ ଉଇକେଟ ହରାଇ ୧୨୪ରନ କରିଥିଲା। ଇନେଶ ମହାଜନ ସର୍ବାଧିକ ୪୫ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଟି. ରବି ତେଜା ୪ଟି, ରକ୍ଷଣ ରେଡୀ ୩ଟି, ଜି ଅନିକେତ ରେଡୀ ୨ଟି ଏବଂ ତନୟ ତ୍ୟାଗରାଜନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

**ବିସି ମହାନ୍ତି ସ୍ମାରକୀ ଟି୨୦ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ରୋହିତ ରାୟୁଡୁ ୮୦ ରନର ଦ୍ରୁତ ଇନିଂସ୍ ଖେଳି ହାଇଦ୍ରାବାଦକୁ ପ୍ରଥମ ବିଜୟ ପ୍ରଦାନ କରିଥିଲେ । ୪୬ଟି ବଲରୁ ୬ଟି ଚୌକା ଏବଂ ୫ଟି ଛକା ସହାୟତାରେ ସେ ଏହି ମ୍ୟାଚ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ୧୫.୨ ଓଭରରେ ୩ ଉଇକେଟ ହରାଇ ହାଇଦ୍ରାବାଦ୍ ମ୍ୟାଚ୍ ଜିତିଥିଲା । ପ୍ରକାଶ ଥାଉକି, ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଆୟୋଜିତ ଏହି ଟର୍ନାମେର ପ୍ରାୟୋଜକ ହେଉଛି ଏମଜିଏମ୍ ମିନେରାଲ୍ସ ଲିମିଟେଡ୍।ମୋଟ୍ ୮ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଖେଳାଯାଉଛି।

# ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ: କିସ୍ ଚାମ୍ପିୟନ



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଚାମ୍ପିୟନ କିସ୍ ଦଳର ଖେଳାଳି।

**ଭୁବନେଶ୍ୱର, ୧୫।୯**
**(ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ କିସ୍ ସ୍କୁଲ ୧-୦ ଗୋଲରେ ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲକୁ ହରାଇ ଚାମ୍ପିୟନ ହୋଇଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ମ୍ୟାଚର ୧୩ଶ ମିନିଟରେ କିସ୍‌ର ଅଭିଷେକ ଓରାମ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ କିସ୍‌ର ଗୋବିନ୍ଦ୍ର ହେମ୍ବ୍ରମ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ଶ୍ରେଷ୍ଠ ଗୋଲକିପର, ଡିଫେଣ୍ଡର, ମିଡ୍ ଫିଲ୍ଡର ଓ ଫରୱାର୍ଡ ଭାବେ ସତ୍ୟମ ସିଂ, କହ୍ନର ଟୁଡୁ, ଅଭିଷେକ ଓରାମ ଏବଂ ଅମର ସମଦ ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପରତୁଆଲ ଟେଟେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ୟୁନିଟ-୬ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୁପାଲି ସେନାପତି, କର୍ପୋରେଟର ପୁଷ୍ପା ରାଉତ, ୟୁନିଟ-୬ ଆଲୁମନିର ଚେୟାରମ୍ୟାନ ସୂର୍ଯ୍ୟ ନାରାୟଣ ଦାସ ଓ ସାମାଜିକ କର୍ମୀ ମଧୁସୂଦନ ରେଙ୍ଗୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ଉପଦେଷ୍ଟା ତଥା ବିଧାୟକ ପଦ୍ମନାଭ ବେହେରା, ସଭାପତି ତପନ କୁମାର ମହାନ୍ତି ଓ ସମ୍ପାଦକ ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲିମ୍ପିକ ଓ ଆଥ୍‌ଲେଟିକ ସଂଘର କାଉନସିଲ ବୈଠକ

**କଟକ,୧୫।୯**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମ ଗେଷ୍ଟ ହାଉସ୍‌ରେ ଓଡ଼ିଶା ଅଲିମ୍ପିକ ସଂଘର କାଉନସିଲ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଜଗମୋହନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୨୦୨୨-୨୩ ବର୍ଷର ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଗତ ବର୍ଷର ଆୟବ୍ୟୟ ୨ କୋଟି ୮୨ ଲକ୍ଷ ୮୩ହଜାର ୧୭୩ ଟଙ୍କା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ୨୦୨୩-୨୪ ବର୍ଷର ବଜେଟ୍ ହେଉଛି ୪ କୋଟି ୮୩ଲକ୍ଷ ୯୯ହଜାର ୫୨୮ ଟଙ୍କା। ଉକ୍ତ ରିପୋର୍ଟ ଅନୁମୋଦନ ଲାଭ କରିଥିବା ବେଳେ ସଂଘର ଆସନ୍ତା ସାଧାରଣ ପରିଷଦ ବୈଠକରେ ଏ ନେଇ ଆଲୋଚନା କରାଯିବ। ଅକ୍ଟୋବର ୧୫ରେ ସଂଘର ସାଧାରଣ ପରିଷଦ ବୈଠକ ରହିଛି। କାଉନସିଲ ବୈଠକରେ ସାଧାରଣ ସମ୍ପାଦକ ଅଭିଜିତ ପାଲ, ଉପସଭାପତି ନଳିନୀ କୁମାର ଦାସ, ଅନୁପ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଅଧୀପ ଦାସଙ୍କ ସମେତ କାଉନସିଲ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଜନାର୍ଦ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଆଥଲେଟିକ ସଂଘର କାଉନସିଲ ବୈଠକ ଅନୁଷ୍ଠିତ ହୋଇଛି। ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ତାପସ କୁମାର ରାୟ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ରବି ନାୟକ, କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇଥିଲେ।

# ସର୍ବଭାରତୀୟ ଟେନିସ: ସାନ୍‌ଭି ଚାମ୍ପିୟନ





ପୁରସ୍କାର ସହ ସାନ୍‌ଭି ମହାନ୍ତି।

**ଭୁବନେଶ୍ୱର, ୧୫।୯**
**(ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ଏଆଇଟିଏ ୧୪ ବର୍ଷରୁ କମ୍ ଚ୍ୟାଲେଞ୍ଜ ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ସାନ୍‌ଭି ମହାନ୍ତି ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସାନ୍‌ଭି ନିଜ ରାଜ୍ୟର ମରିଶା ରାଉତଙ୍କୁ ୬-୪, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ସର୍ବଭାରତୀୟ ସ୍ତରରେ ସାନ୍‌ଭିଙ୍କର ଏହା ପ୍ରଥମ ଟାଇଟଲ। କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଟେନିସ ଏକାଡେମୀରେ ସେ ପ୍ରତିଷ୍ଠିତ କୋଚ୍ ସନ୍ତୋଷ କୁମାର ମଲିକଙ୍କଠାରୁ ଟ୍ରେନିଂ ନେଉଛନ୍ତି। ସାନ୍‌ଭି ସମ୍ପ୍ରତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଷ୍ଟାଣ୍ଡାର୍ଡ-୭ରେ ଅଧ୍ୟୟନ କରୁଛନ୍ତି। ନିଜର ଏହି ସଫଳତାର ଶ୍ରେୟ ସେ ମା' ସ୍ମୃତି ଓ ବାପା ସଂଗ୍ରାମ ମହାନ୍ତିଙ୍କୁ ଦେଇଛନ୍ତି। ପ୍ରତିଯୋଗିତାର ବାଳକ ବିଭାଗ ଫାଇନାଲ ଶନିବାର ଅନୁଷ୍ଠିତ ହେବ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ